# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ପ୍ରତିବେଦନ

# ରାଜ୍ୟରେ ଉଚ୍ଚଶିକ୍ଷାର ଫଳାଫଳ

**लोकहितार्थ सत्यनिष्ठा**

**Dedicated to Truth in Public Interest**

## ଓଡ଼ିଶା ସରକାର

## ପ୍ରତିବେଦନ ସଂଖ୍ୟା 03 ବର୍ଷ 2021

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ

ପ୍ରତିବେଦନ

# ରାଜ୍ୟରେ ଉଚ୍ଚଶିକ୍ଷାର ଫଳାଫଳ

ଓଡ଼ିଶା ସରକାର

*ପ୍ରତିବେଦନ ସଂଖ୍ୟା 03 ବର୍ଷ 2021*

## ସୂଚୀପତ୍ର


| ରାଜ୍ୟରେ ଉଚ୍ଚଶିକ୍ଷାର ଫଳାଫଳର ସମ୍ପାଦନ ସମୀକ୍ଷା | *ପ୍ରସଙ୍ଗସୂଚନା* | |
|---|---|---|
| | *ଅନୁଚ୍ଛେଦ* | *ପୃଷ୍ଠା* |
| ମୁଖବନ୍ଧ | | iii |
| କାର୍ଯ୍ୟନିର୍ବାହ ସାରାଂଶ | | v |
| **ଅଧ୍ୟାୟ 1** | | |
| **ଉପକ୍ରମ** | | |
| ଓଡ଼ିଶା ଓ ଜାତୀୟ ସ୍ତରର ଏକ ତୁଳନାତ୍ମକ ଚିତ୍ର | 1.1 | 1 |
| ସାଂଗଠନିକ ରୂପରେଖ | 1.2 | 2 |
| ଉଚ୍ଚଶିକ୍ଷା ପାଇଁ ଫଳାଫଳ ସାଧାରଣ ରୂପରେଖଗୁଡ଼ିକର ଚିହ୍ନଟକରଣ | 1.3 | 2 |
| ଅଡିଟ୍‌ର ଉଦ୍ଦେଶ୍ୟ | 1.4 | 3 |
| ଅଡିଟ୍‌ର ମାନଦଣ୍ଡ | 1.5 | 4 |
| ଅଡିଟ୍‌ର ପରିସର ଓ ପଦ୍ଧତି | 1.6 | 4 |
| ସ୍ୱୀକାରୋକ୍ତି | 1.7 | 6 |
| **ଅଧ୍ୟାୟ 2** | | |
| **ନିୟୋଜନ ଏବଂ ଉଚ୍ଚ ଅଧ୍ୟୟନ ପାଇଁ ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି** | | |
| ଉଚ୍ଚତର ଶିକ୍ଷା ପାଇଁ ଛାତ୍ରଛାତ୍ରୀମାନଙ୍କର ପ୍ରଗତି ଏବଂ ନିଯୁକ୍ତି | 2.1 | 7 |
| ପ୍ଲେସମେଣ୍ଟ ସେଲ୍, କ୍ୟାରିୟର କାଉନସେଲିଂ ସେଲ୍, ଆଲୁମିନି ଆସୋସିଏସନ୍ ଏବଂ ଚାକିରି ମେଳା | 2.1.1 | 8 |
| ସୂଚକ ମାଧ୍ୟମରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ମୂଲ୍ୟାଙ୍କନ | 2.1.2 | 13 |
| ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ | 2.2 | 16 |
| **ଅଧ୍ୟାୟ 3** | | |
| **ଉଚ୍ଚଶିକ୍ଷାର ଗୁଣବତ୍ତା** | | |
| ପ୍ରଭାବଶାଳୀ ପାଠ୍ୟକ୍ରମ ଏବଂ ଶିକ୍ଷାଦାନ-ଶିକ୍ଷା ପ୍ରକ୍ରିୟା ମାଧ୍ୟମରେ ଜ୍ଞାନ ପ୍ରଦାନ କରି ସମାଜର ଉନ୍ନତି | 3.1 | 19 |
| ପାଠ୍ୟକ୍ରମ ପରିକଳ୍ପନା ବିକାଶ ଏବଂ କାର୍ଯ୍ୟାନ୍ୱୟନ | 3.1.1 | 19 |
| ପ୍ରଭାବଶାଳୀ ଶିକ୍ଷାଦାନ ପ୍ରକ୍ରିୟା | 3.1.2 | 27 |
| ପ୍ରଭାବଶାଳୀ ଗବେଷଣା ମାଧ୍ୟମରେ ନୂତନ ଜ୍ଞାନ ସୃଷ୍ଟି କରି ସମାଜର ପ୍ରଗତି | 3.2 | 37 |
| ଗବେଷଣା ସହଯୋଗ | 3.2.1 | 38 |
| ଗବେଷଣା ଫଳାଫଳ | 3.2.2 | 39 |
| ସହଯୋଗୀ କାର୍ଯ୍ୟକଳାପ | 3.2.3 | 42 |
| **ଅଧ୍ୟାୟ 4** | | |
| **ଉଚ୍ଚଶିକ୍ଷାରେ ଉପଲବ୍ଧତା ଏବଂ ସମାନତା** | | |
| ଉଚ୍ଚଶିକ୍ଷାର ଉପଲବ୍ଧତା | 4.1 | 45 |
| ଓଡ଼ିଶାରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନ | 4.1.1 | 46 |
| ଆଞ୍ଚଳିକ ଉପଲବ୍ଧତା | 4.1.2 | 46 |
| ମୋଟ ନାମଲେଖା ଅନୁପାତ | 4.1.3 | 48 |
| ଉଚ୍ଚଶିକ୍ଷାରେ ସମାନତା ସୁନିଶ୍ଚିତ କରିବା | 4.2 | 49 |
| ଅବହେଳିତ ଗୋଷ୍ଠୀର ମୋଟ ନାମଲେଖା ଅନୁପାତ | 4.2.1 | 50 |
| ଅବହେଳିତ ଗୋଷ୍ଠୀଙ୍କୁ ସହାୟତା ପ୍ରଦାନ ପାଇଁ ଆନୁଷ୍ଠାନିକ ପଦ୍ଧତି | 4.2.2 | 52 |

| ରାଜ୍ୟରେ ଉଚ୍ଚଶିକ୍ଷାର ଫଳାଫଳର ସମ୍ପାଦନ ସମୀକ୍ଷା | ପ୍ରସଙ୍ଗସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ଲିଙ୍ଗଗତ ସମାନତା ପ୍ରୋତ୍ସାହନ କ୍ରାର୍ଯ୍ୟକ୍ରମ ଏବଂ ଲିଙ୍ଗ ସମ୍ବେଦନଶୀଳ ସୁବିଧା | 4.2.3 | 53 |
| ସାମର୍ଥ୍ୟ | 4.3 | 53 |
| ଏକକ ଦେୟ ପ୍ରଣାଳୀ | 4.3.1 | 54 |
| ଛାତ୍ରବୃତ୍ତି ମୁକ୍ତ ଛାତ୍ରବୃତ୍ତି | 4.3.2 | 55 |
| ଉତ୍ତମ ଭିତ୍ତିଭୂମି | 4.4 | 56 |
| ଆଇସିଟିର ସୁବିଧା ଉପଲବ୍ଧତା | 4.4.1 | 56 |
| କୋଠା, ପାଠାଗାର ଇତ୍ୟାଦିର ଉପଲବ୍ଧତା | 4.4.2 | 57 |
| ଭିତ୍ତିଭୂମି ପାଇଁ ଅର୍ଥ ପ୍ରଦାନ | 4.4.3 | 59 |
| **ଅଧ୍ୟାୟ 5** | | |
| **ଶାସନ ଏବଂ ପପରିଚାଳନା** | | |
| ଶାସନ | 5.1 | 63 |
| ରାଜ୍ୟ ସ୍ତରୀୟ ଶାସନ | 5.1.1 | 64 |
| ଅନୁଷ୍ଠାନ ସ୍ତରର ଶାସନତନ୍ତ୍ର | 5.1.2 | 66 |
| ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ସ୍ୱୟଂଶାସନ | 5.2 | 69 |
| ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ ଚାପ ହ୍ରାସ | 5.3 | 70 |
| ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକର ରାଙ୍କିଂଙ୍ ଏବଂ ମାନ୍ୟତା | 5.4 | 71 |
| ଜାତୀୟ ଅନୁଷ୍ଠାନ ରାଙ୍କିଂଙ୍ ଫ୍ରେମଓ୍ୱାର୍କ (ଏନଆଇଆରଏଫ୍) ସ୍ଥିତି | 5.4.1 | 72 |
| ଅଣ ଶିକ୍ଷକ କର୍ମଚାରୀ | 5.5 | 73 |
| ଆର୍ଥିକ ପରିଚାଳନା | 5.6 | 74 |
| ରାଜ୍ୟ ବଜେଟ୍ ଅଧିନରେ ପାଣ୍ଠି | 5.6.1 | 74 |
| ରୁସା ଅଧିନରେ ପାଇଥିବା ପାଣ୍ଠି | 5.6.2 | 75 |
| ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ବାର୍ଷିକ ହିସାବ ପ୍ରସ୍ତୁତ ନକରିବା | 5.6.3 | 76 |

| ପରିଶିଷ୍ଟ | | |
|---|---|---|
| **ପରିଶିଷ୍ଟ ସଂଖ୍ୟା** | **ବିଷୟ** | **ପୃଷ୍ଠା** |
| 1 | ଉଚ୍ଚଶିକ୍ଷାର ଫଳାଫଳ ସମୀକ୍ଷାର ପ୍ରମୁଖ ଫଳାଫଳ ସୂଚକାଙ୍କ ତାଲିକା | 79 |
| 2 | ଉଚ୍ଚଶିକ୍ଷାର ଫଳାଫଳ ସମୀକ୍ଷାର ଇନପୁଟ୍-ଆଉଟପୁଟ୍ ସୂଚକାଙ୍କ ତାଲିକା | 80 |
| 3 | ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ ଗୁଡ଼ିକରେ କମ୍ପ୍ୟୁଟରର ଉପଲବ୍ଧତା ଓ ଛାତ୍ରଛାତ୍ରୀ କମ୍ପ୍ୟୁଟର ଅନୁପାତର ବିବରଣ | 82 |
| 4 | ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ରାଜ୍ୟ ସରକାରଙ୍କ ଦ୍ୱାରା ରୁସା ପାଣ୍ଠି ପ୍ରଦାନ କରିବାରେ ବିଳମ୍ବ ସମ୍ବନ୍ଧୀୟ ବିବରଣ | 83 |
| -- | ଶବ୍ଦକୋଷ | 85 |

# ମୁଖବନ୍ଧ

ଏହି ପ୍ରତିବେଦନଟି ରାଜ୍ୟ ବିଧାନସଭାରେ ଉପସ୍ଥାପନ ନିମିତ୍ତ ଭାରତୀୟ ସମ୍ବିଧାନର ଧାରା 151 ଅନୁଯାୟୀ ଓଡ଼ିଶା ରାଜ୍ୟପାଳଙ୍କ ନିକଟରେ ଦାଖଲ ପାଇଁ ପ୍ରସ୍ତୁତ କରାଯାଇଅଛି ।

ଏହି ପ୍ରତିବେଦନରେ ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ସମ୍ବନ୍ଧରେ ରାଜ୍ୟରେ ଉଚ୍ଚଶିକ୍ଷାର ଫଳାଫଳ ଉପରେ ସମ୍ପାଦନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳଗୁଡ଼ିକୁ ସ୍ଥାନିତ କରାଯାଇଅଛି ।

ଏହି ପ୍ରତିବେଦନରେ 2014-15 ରୁ 2018-19 ଅବଧି ପାଇଁ ସମୀକ୍ଷା ଯାଞ୍ଚ ସମୟରେ ଲକ୍ଷ୍ୟ କରାଯାଇଥିବା ଦୃଷ୍ଟାନ୍ତ ଗୁଡ଼ିକ ଉଲ୍ଲେଖ କରାଯାଇଅଛି ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନାଦର୍ଶ ଅନୁଯାୟୀ ଏହି ସମୀକ୍ଷା ପରିଚାଳନା କରାଯାଇଅଛି ।

ଅନୁଦିତ ପାଠାନ୍ତରରେ ଯଦି କୌଣସି ସନ୍ଦେହ ଉପୁଜେ ତେବେ ଇଂରାଜୀ ପାଠାନ୍ତରକୁ ପ୍ରମାଣିକ ଭାବେ ଗ୍ରହଣ କରିବା ବିଧେୟ ।

# କାର୍ଯ୍ୟନିର୍ବାହ ସାରାଂଶ

ବ୍ୟକ୍ତିବିଶେଷଙ୍କ ଅଭିବୃଦ୍ଧି ଏବଂ ବିକାଶ ପାଇଁ ଉଚ୍ଚଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯାହାକି ଏକ ସମାଜର ବିକାଶରେ ସହାୟକ ହୋଇଥାଏ । ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷାର ପ୍ରାଥମିକ ଫଳାଫଳ ଭାବରେ ନିଯୁକ୍ତି ଏବଂ ଉଚ୍ଚଶିକ୍ଷା ଚାହୁଁଥିବାବେଳେ ସମାଜ ଉଚ୍ଚଶିକ୍ଷା 'ଅନୁସନ୍ଧାନ' ମାଧ୍ୟମରେ ନୂତନ ଜ୍ଞାନ ସୃଷ୍ଟି ଏବଂ ପ୍ରଭାବୀ ଶିକ୍ଷାଦାନ/ ଶିକ୍ଷା ପ୍ରକ୍ରିୟା ମାଧ୍ୟମରେ ଜ୍ଞାନର ବିସ୍ତାର ଦିଗରେ ସହଯୋଗ ଚାହିଁଥାଏ । ଅନ୍ୟପକ୍ଷରେ, ସରକାର ଏକ ଉଚ୍ଚ ଗୁଣାତ୍ମକ ଉଚ୍ଚଶିକ୍ଷା ବ୍ୟବସ୍ଥା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥାନ୍ତି ଯାହା ସମାଜର ସମସ୍ତ ବର୍ଗଙ୍କ ପାଇଁ ସହଜରେ ଉପଲବ୍ଧ ହେବ । ସାମଗ୍ରିକ ଭାବରେ ଉପରୋକ୍ତ ଫଳାଫଳ ହାସଲ କରିବାରେ ଏକ ଦୃଢ଼ ଏବଂ ଶକ୍ତିଶାଳୀ ଶାସନ ପ୍ରଣାଳୀ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହି ସମ୍ପାଦନ ସମୀକ୍ଷା ମାଧ୍ୟମରେ ଏହି ଫଳାଫଳଗୁଡ଼ିକର ସଫଳତାର ପରିମାଣକୁ ଯେତେଦୂର ସମ୍ଭବ ବାସ୍ତବ ମୂଲ୍ୟାଙ୍କନ କରିବାକୁ ଏକ ପ୍ରୟାସ କରାଯାଇଥିଲା ।

ଅକ୍ଟୋବର 2019 ରୁ ଜାନୁଆରୀ 2020 ମଧ୍ୟରେ ସମ୍ପାଦନ ସମୀକ୍ଷା 2014-15 ରୁ 2018-19 ପର୍ଯ୍ୟନ୍ତ ସମୟକୁ ନେଇ କରାଯାଇଥିଲା । ସାଧାରଣ ଷ୍ଟ୍ରିମ୍ (ବିଜ୍ଞାନ/କଳା/ବାଣିଜ୍ୟ) ରେ ଶିକ୍ଷା ପ୍ରଦାନ କରୁଥିବା ନଅଟି ରାଜ୍ୟ ବିଶ୍ୱବିଦ୍ୟାଳୟ ମଧ୍ୟରୁ ଦୁଇଟି ବିଶ୍ୱବିଦ୍ୟାଳୟ (22 ପ୍ରତିଶତ) ଯଥା, ଉତ୍କଳ ବିଶ୍ୱବିଦ୍ୟାଳୟ (ୟୁୟୁ) ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ (ଏନ୍‌ଓୟୁ) ସମୀକ୍ଷା ଯାଞ୍ଚ ପାଇଁ ଚୟନ କରାଯାଇଥିଲା । ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଅଧିନରେ ଥିବା 299 ଟି ମହାବିଦ୍ୟାଳୟର ସମୁଦାୟ ପରିସର ମଧ୍ୟରୁ 32 ଟି ପରୀକ୍ଷା ଯାଞ୍ଚ ପାଇଁ ଚୟନ କରାଯାଇଥିଲା ।

ଜଟିଳ ପାରାମିଟରଗୁଡ଼ିକ ସହିତ ଜଡ଼ିତ ତଥ୍ୟର ରକ୍ଷଣାବେକ୍ଷଣ ପ୍ରଣାଳୀ ଯେପରିକି ବିଦାୟୀ ଛାତ୍ରଛାତ୍ରୀମାନଙ୍କର ଚାକିରି, ଉଭୟ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଉଚ୍ଚ ଅଧ୍ୟୟନର ଅଗ୍ରଗତି ଦୃଢ଼ ହେବା ଆବଶ୍ୟକ ।

ୟୁୟୁର ହାରାହାରି 26.10 ପ୍ରତିଶତ (2014-19) ଛାତ୍ର ଏବଂ ଏନଓୟୁର 3.79 ପ୍ରତିଶତ (2014-19) ଛାତ୍ରଛାତ୍ରୀମାନେ ପ୍ଲେସ୍‌ମେଣ୍ଟ ସେଲ୍/ ଚାକିରି ମେଳା ମାଧ୍ୟମରେ ନିୟୋଜିତ ହୋଇଥିଲେ । ନମୁନା ଯାଞ୍ଚ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ କ୍ୟାରିଅର କାଉନସେଲିଂ ସେଲଗୁଡ଼ିକ ସାମାନ୍ୟ ଭାବରେ କାର୍ଯ୍ୟକ୍ଷମ ନଥିଲା ଏବଂ ଅନେକ କ୍ଷେତ୍ରରେ କ୍ୟାରିଅର କାଉନସେଲିଂ ଓ ନିୟୋଜନ ମେଳାର ସମ୍ପୂର୍ଣ୍ଣ ଅଭାବ ଥିଲା । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ କୋଚିଂ ଦେବା ପାଇଁ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନେବାର ଆବଶ୍ୟକତା ଥିଲା ।

ରାଜ୍ୟର ଉଚ୍ଚଶିକ୍ଷା ବିଭାଗରୁ ଛାତ୍ରଛାତ୍ରୀମାନଙ୍କ ପାଇଁ ନିରନ୍ତର ସହାୟତା ପ୍ରଣାଳୀ ଯୋଗାଇବା ଏବଂ ଉଦ୍ଧୃତ ଫଳାଫଳକୁ ହାସଲ କରିବା ପାଇଁ କୌଣସି ଦୀର୍ଘକାଳୀନ ଯୋଜନା ନଥିଲା ।

ପାଠ୍ୟକ୍ରମ ଦିଗଗୁଡ଼ିକରୁ ଯଥା ପାଠ୍ୟକ୍ରମର ଡିଜାଇନ୍, ବିକାଶ, ସମୃଦ୍ଧତା, ଯୋଜନା ଏବଂ କାର୍ଯ୍ୟକାରିତା ଯେକୌଣସି ଶିକ୍ଷାନୁଷ୍ଠାନର ମୂଳଦୁଆ ଅଟେ । ସମୀକ୍ଷା ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର 42 ଟି ବିଷୟ ମଧ୍ୟରୁ 18 ଟି ପାଠ୍ୟକ୍ରମ ଯାଞ୍ଚ କରି ଜାଣିବାକୁ ପାଇଲା ଯେ 15 ଟି ବିଷୟର ପାଠ୍ୟକ୍ରମ ସଂଶୋଧିତ ହୋଇନାହିଁ, ଯଦିଓ ସଂଶୋଧନ ପାଇଁ ସମୟ ପୂରଣ ହୋଇଯାଇଥିଲା । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ କେବଳ ଏକ ଚତୁର୍ଥାଂଶ ପାଠ୍ୟକ୍ରମ ନିଯୁକ୍ତି ଉପରେ ଧ୍ୟାନ ଦେଇଥିଲା ଏବଂ କୌଣସି ନମୁନା ଯାଞ୍ଚ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଗୋଟିଏ ମଧ୍ୟ ମୂଲ୍ୟଯୁକ୍ତ ପାଠ୍ୟକ୍ରମ ପ୍ରବର୍ତ୍ତିତ ହୋଇନଥିଲା ।

ଅତିରିକ୍ତ ଭାବରେ, ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ଆଇସିଟି) ଭିତ୍ତିଭୂମି ଉପଲବ୍ଧତା, ଯେପରିକି ଶ୍ରେଣୀଗୃହ ଏବଂ ପରୀକ୍ଷଣରେ ଆଇସିଟି ଉପକରଣ ବ୍ୟବହାର କରୁଥିବା ଅଧ୍ୟାପକଙ୍କ ସଂଖ୍ୟା କମ୍ ରହିଥିଲା (8 ରୁ 58 ପ୍ରତିଶତ ଶ୍ରେଣୀଗୃହ) ।

ଗୁଣୀ ଅଧ୍ୟାପକଙ୍କ ଅଭାବ ସହିତ ସମଗ୍ର ଅଞ୍ଚଳରେ ଅଧ୍ୟାପକଙ୍କ ଗତିଶୀଳତାର ଅଭାବ ଏକ ପ୍ରମୁଖ ପ୍ରତିବନ୍ଧକ ଥିଲା । 2018-19 ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଖାଲିଥିବା ପଦବୀ ଯଥାକ୍ରମେ 38 ପ୍ରତିଶତ ଏବଂ 34 ପ୍ରତିଶତ ଥିଲା ଏବଂ ଉଭୟ ବିଶ୍ୱବିଦ୍ୟାଳୟରେ କ୍ରମାଗତ ଭାବରେ ପଦବୀ ଖାଲି ପଡ଼ିଥିଲା । ଏଚ୍‌ଇଆଇ ଗୁଡ଼ିକରେ, ବିଶେଷ କରି ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀ ଶିକ୍ଷକର ନିର୍ଦ୍ଧାରିତ

ଅନୁପାତ ନିୟମ (20:1) ପାଳନ କରାଯାଇନଥିଲା । ବୃତ୍ତିଗତ ବିକାଶ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶିକ୍ଷକମାନଙ୍କୁ ପର୍ଯ୍ୟାପ୍ତ ସଂଖ୍ୟକ ସୁଯୋଗ ପ୍ରଦାନ କରାଯାଇ ନଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟରେ ଗବେଷଣା କାର୍ଯ୍ୟ ସମାପ୍ତ ହେବାର ପ୍ରତିଶତ ବହୁତ କମ୍ ରହିଥିଲା (16 ପ୍ରତିଶତ) । ଉଭୟ ବିଶ୍ୱବିଦ୍ୟାଳୟରେ ପେଟେଣ୍ଟଗୁଡ଼ିକର ବିକାଶ ଶୂନ୍ୟ ଥିଲା ଏବଂ ନମୁନା ଯାଞ୍ଚ ମହାବିଦ୍ୟାଳୟ ଗୁଡ଼ିକରେ ଏହାର କୌଣସି ଅସ୍ତିତ୍ୱ ନଥିଲା । ନମୁନା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟ ଗୁଡ଼ିକର ଶିଳ୍ପ ସହିତ କୌଣସି ସହଯୋଗୀ କାର୍ଯ୍ୟକଳାପ ନଥିଲା ଏବଂ କୌଣସି ବୁଝାମଣାପତ୍ର ସାକ୍ଷରିତ ହୋଇନଥିଲା ।

2014-19 ଅବଧିରେ ଓଡ଼ିଶାର ମହାବିଦ୍ୟାଳୟ ସାନ୍ଦ୍ରତା 23 ରେ ଅଟକି ଥିଲା । ନୂତନ ମହାବିଦ୍ୟାଳୟ ଖୋଲିବା ପାଇଁ ଓଡ଼ିଶା ସରକାର କୌଣସି ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିନଥିଲେ ଏବଂ ପର୍ଯ୍ୟାପ୍ତ ଉଚ୍ଚଶିକ୍ଷା ଅଭାବ ଥିବା ଅଞ୍ଚଳ/ ବ୍ଲକଗୁଡ଼ିକୁ ଚିହ୍ନଟ କରାଯାଇନଥିଲା । ରାଜ୍ୟରେ 19 ଟି ବ୍ଲକ୍ କୌଣସି ପ୍ରକାରର ଉଚ୍ଚଶିକ୍ଷା ପ୍ରତିଷ୍ଠାନରୁ ବଞ୍ଚିତ ଥିଲା ଏବଂ କେବଳ 12 ପ୍ରତିଶତ ସରକାରୀ ମହାବିଦ୍ୟାଳୟ ଗ୍ରାମାଞ୍ଚଳରେ ଉପଲବ୍ଧ ଥିଲା ।

ଭିନ୍ନକ୍ଷମଙ୍କ (ପିଡବ୍ଲୁଡି) ପାଇଁ ଭିତ୍ତିଭୂମି ସୁବିଧା ଯେପରିକି ରାମ୍ପ କେବଳ ଆଠଟି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ ଉପଲବ୍ଧ ଥିଲା ଏବଂ କୌଣସି ନମୁନା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟରେ ବ୍ରେଲି ସାଇନବୋର୍ଡ, ଅଡିଓ ବୁକ୍, ସାଇନ୍ ଭାଷା, ସୁଗମ ୱେବସାଇଟ୍ ଇତ୍ୟାଦି ଉପଲବ୍ଧ ନଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟରେ କେବଳ 80 ପ୍ରତିଶତ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ କେବଳ 60 ପ୍ରତିଶତ ଅଟ୍ଟାଳିକା ଭିନ୍ନକ୍ଷମ ଅନୁକୂଳ ଥିଲା ।

ରାଜ୍ୟରେ ଥିବା ମହାବିଦ୍ୟାଳୟଗୁଡ଼ିକର କ୍ରମାଗତ ସ୍ୱଳ୍ପ ମାନ୍ୟତା (20:50 ପ୍ରତିଶତ) ଅତିକ୍ରମ କରିବା ପାଇଁ ରାଜ୍ୟ ସ୍ତରୀୟ ଗୁଣବତ୍ତା ନିଶ୍ଚିତତା ସେଲ୍ (ଏସ୍ଏଲ୍କ୍ୟୁଏସି) କୁ ମଜବୁତ୍ କରିବା ଆବଶ୍ୟକ । ନମୁନା ଯାଞ୍ଚ 20 ଟି ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରୁ 14 ଟି ମହାବିଦ୍ୟାଳୟ ସ୍ୱୟଂଶାସିତ ସ୍ଥିତି ହରାଇଥିଲେ ଓ ତାହା ନବୀକରଣ ହୋଇନଥିଲା । ମାର୍ଚ୍ଚ 2019 ସୁଦ୍ଧା ରାଜ୍ୟରେ ନାକ୍ ସ୍ୱୀକୃତିପ୍ରାପ୍ତ ଉଚ୍ଚଶିକ୍ଷା ଅନୁଷ୍ଠାନ ମାନଙ୍କର ସ୍ଥିତି ମଧ୍ୟ ଖରାପ ଥିଲା, କାରଣ ମାର୍ଚ୍ଚ 2019 ସୁଦ୍ଧା କେବଳ 20:50 ପ୍ରତିଶତ ମହାବିଦ୍ୟାଳୟ ନାକ୍ ସ୍ୱୀକୃତିପ୍ରାପ୍ତ ହୋଇଥିଲେ । ଅଧିକନ୍ତୁ, ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକର ମାତ୍ର 4.42 ପ୍ରତିଶତ (181 ମଧ୍ୟରୁ 8) 'ଏ' ଗ୍ରେଡ ହାସଲ କରିଛନ୍ତି ଯାହା ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ଶିକ୍ଷାର ଗୁଣବତ୍ତା ବୃଦ୍ଧି ପାଇଁ ଅଧିକ ପ୍ରୟାସର ଆବଶ୍ୟକତାକୁ ଦର୍ଶାଉଛି ।

ମୋଟ ନାମଲେଖା ଅନୁପାତ (ଜିଇଆର) 2014-15 ରୁ 2018-19 ମଧ୍ୟରେ କେବଳ ସାମାନ୍ୟ ବୃଦ୍ଧି (4.4) ପଞ୍ଜିକୃତ ହୋଇଛି, ଯାହା ଦର୍ଶାଉଛି ଯେ ରାଜ୍ୟ ସରକାର ଏବଂ ଉଚ୍ଚ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ସମାନ ଉନ୍ନତି ପାଇଁ ଅଧିକ ନିରନ୍ତର ପ୍ରୟାସ ଆବଶ୍ୟକ । ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଜିଇଆର ରାଜ୍ୟ ଜିଇଆର (22.1) ଠାରୁ କମ୍ ରହିଥିଲା ।

# ଅଧ୍ୟାୟ 1

# ଉପକ୍ରମ

# ଅଧ୍ୟାୟ 1
# ଉପକ୍ରମ

ବ୍ୟକ୍ତିବିଶେଷର ଅଭିବୃଦ୍ଧି ଏବଂ ବିକାଶ ପାଇଁ ଉଚ୍ଚଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯାହାକି ସମାଜର ବିକାଶରେ ସହାୟକ ହୋଇଥାଏ । ବିଭାଗୀୟ ତଥା ସାମାଜିକ ଅସନ୍ତୁଳନକୁ ସୁଧାରିବା, ଅନୁଷ୍ଠାନଗୁଡ଼ିକୁ ପୁନଃଜୀବିତ କରିବା, ଆନ୍ତର୍ଜାତୀୟ ସ୍ତରର ଉତ୍କର୍ଷତା ହାସଲ କରିବା ଏବଂ ଜ୍ଞାନର ସୀମା ବିସ୍ତାର କରିବା ପାଇଁ ସମସ୍ତ ଆଶାୟୀଙ୍କୁ ଗୁଣାତ୍ମକ ଉଚ୍ଚଶିକ୍ଷା ପାଇଁ ସମାନ ସୁଯୋଗ ପ୍ରଦାନ ଉଚ୍ଚଶିକ୍ଷା କ୍ଷେତ୍ରର ଆହ୍ୱାନ ହୋଇ ରହିଥାଏ ।

ଭାରତ ସରକାରଙ୍କ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାର (ଏଫ୍‌ୱାଇପି) ଷ୍ଟ୍ରାଟେଜିକ୍ ଢାଞ୍ଚା, ଉପରୋକ୍ତ ଆହ୍ୱାନ ଗୁଡ଼ିକୁ ସ୍ୱୀକୃତି ଦେଇ ଉଚ୍ଚଶିକ୍ଷା କ୍ଷେତ୍ର ପାଇଁ ତିନିଟି ମୁଖ୍ୟ ଫଳାଫଳ ଚିହ୍ନଟ କରେ ଯଥା ଉପଲବ୍ଧତା ବୃଦ୍ଧି, ଗୋଷ୍ଠୀ ଅସମାନତାକୁ ସଂକୀର୍ଣ୍ଣ କରିବା ଏବଂ ଶିକ୍ଷାଦାନ ଏବଂ ଗବେଷଣାରେ ଉନ୍ନତି ଆଣିବା ।

ବିଶ୍ୱ ସ୍ତରରେ, ବିକାଶ କାର୍ଯ୍ୟସୂଚୀ ଲକ୍ଷ୍ୟ ରଖୁଛି ଯେ ବ୍ୟାପକ, ସମାନ ତଥା ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ଏବଂ 2030 ସୁଦ୍ଧା ସମସ୍ତଙ୍କ ପାଇଁ ଆଜୀବନ ଶିକ୍ଷା ସୁଯୋଗକୁ ପ୍ରୋତ୍ସାହିତ କରିବା ଯେପରି ପୋଷଣୀୟ ବିକାଶ ଲକ୍ଷ୍ୟ (ଏସଡିଜି 4) ରେ ବ୍ୟାଖ୍ୟା କରାଯାଇଛି ।

## 1.1 ଓଡ଼ିଶା ଓ ଜାତୀୟ ସ୍ତରର ଏକ ତୁଳନାତ୍ମକ ଚିତ୍ର

ଭାରତରେ ଉଚ୍ଚଶିକ୍ଷାରେ ସବୁ ସ୍ତରରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ସଂଖ୍ୟା ବୃଦ୍ଧି, ନାମ ଲେଖା ବୃଦ୍ଧି ତଥା ସାର୍ବଜନିକ ନିବେଶର ଏକ ଉଲ୍ଲେଖନୀୟ ବିସ୍ତାର ପରିଲକ୍ଷିତ ହୋଇଛି । ତଥାପି, ଓଡ଼ିଶା ଏବଂ ସମଗ୍ର ଦେଶ ମଧ୍ୟରେ କରାଯାଇଥିବା ଏକ ତୁଳନାତ୍ମକ ବିଶ୍ଳେଷଣ, ଯାହା ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ(ଏମ୍‌ଏଚ୍‌ଆର୍‌ଡି) ଦ୍ୱାରା ପ୍ରକାଶିତ 2014-19 ମଧ୍ୟରେ ସର୍ବଭାରତୀୟ ଉଚ୍ଚଶିକ୍ଷା ସର୍ଭେ (ଏଆଇଏସ୍‌ଏଚ୍‌ଇ) ରିପୋର୍ଟରେ ଉପଲବ୍ଧ, ଦର୍ଶାଏ ଯେ ଓଡ଼ିଶା ସାରଣୀର ନିମ୍ନ ପ୍ରାନ୍ତ ଆଡ଼କୁ ସ୍ଥାନିତ । ସାଧାରଣ ରୂପରେଖ ଗୁଡ଼ିକ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ସଂଖ୍ୟା, ମହାବିଦ୍ୟାଳୟ ସାନ୍ଦ୍ରତା[1] ଏବଂ ମୋଟ ନାମଲେଖା ଅନୁପାତକୁ[2](ଜିଇଆର)ଅନ୍ତର୍ଭୁକ୍ତ କରେ ।

***1.1 ସାରଣୀ: ସର୍ବଭାରତୀୟ ହାରାହାରି ସହ ଓଡ଼ିଶାର ତୁଳନା***

| ବର୍ଷ | ବିଶ୍ୱବିଦ୍ୟାଳୟ ସଂଖ୍ୟା (ଉଭୟ ସହକାରୀ ଓ ବେସରକାରୀ) | | ମହାବିଦ୍ୟାଳୟ ସଂଖ୍ୟା (ଉଭୟ ସହକାରୀ ଓ ବେସରକାରୀ) | | ମହାବିଦ୍ୟାଳୟ ସାନ୍ଦ୍ରତା | | ମୋଟ ନାମଲେଖା ଅନୁପାତ | | ମୋଟ ନାମଲେଖା ଅନୁପାତ: ଜାତୀୟ ସ୍ତରରେ ଓଡ଼ିଶାର ସ୍ଥାନ |
|---|---|---|---|---|---|---|---|---|---|
| | ଓଡ଼ିଶା | ସର୍ବ ଭାରତୀୟ | ଓଡ଼ିଶା[3] | ସର୍ବ ଭାରତୀୟ | ଓଡ଼ିଶା | ସର୍ବ ଭାରତୀୟ | ଓଡ଼ିଶା | ସର୍ବ ଭାରତୀୟ | |
| 2014-15 | 21 | 760 | 705 | 38,498 | 23 | 27 | 17.70 | 24.30 | 26 |
| 2018-19 | 28 | 993 | 883 | 39,931 | 23 | 28 | 22.10 | 26.30 | 24 |
| *ପ୍ରତିଶତ (ବୃଦ୍ଧି/ ହ୍ରାସ)* | 33 | 31 | 25 | 4 | - | 4 | 25 | 8 | 8 |

*(ଉତ୍ସ: ସର୍ବଭାରତୀୟ ଉଚ୍ଚଶିକ୍ଷା ରିପୋର୍ଟ 2018-19 ଏବଂ ଛାତ୍ରଛାତ୍ରୀ ସୂଚନା ଏବଂ ନାମଲେଖା ବ୍ୟବସ୍ଥା (ଏସ୍‌ଏଏମ୍‌ଏସ୍) ଡାଟାବେସ୍)*

ଉପରୋକ୍ତ ସାରଣୀ ଦର୍ଶାଏ ଯେ 2014-15 ରୁ 2018-19 ବର୍ଷ ମଧ୍ୟରେ, ଜାତୀୟ ସ୍ତରରେ 31 ପ୍ରତିଶତ ତୁଳନାରେ ଓଡ଼ିଶାର ବିଶ୍ୱବିଦ୍ୟାଳୟ ସଂଖ୍ୟା 33 ପ୍ରତିଶତ ବୃଦ୍ଧି ଘଟିଛି । ଜାତୀୟ ସ୍ତରରେ ମହାବିଦ୍ୟାଳୟର ସାନ୍ଦ୍ରତାରେ ଚାରି ପ୍ରତିଶତ ଉନ୍ନତି ହୋଇଥିବାବେଳେ ରାଜ୍ୟରେ ମହାବିଦ୍ୟାଳୟର ସାନ୍ଦ୍ରତା ସ୍ଥିର ରହିଛି ।

---

1 ମହାବିଦ୍ୟାଳୟ ସାନ୍ଦ୍ରତା=18-23 ବର୍ଷ ବୟସ ବର୍ଗର ଏକ ଲକ୍ଷ ଜନସଂଖ୍ୟା ପ୍ରତି ମହାବିଦ୍ୟାଳୟ ସଂଖ୍ୟା

2 ଭାରତରେ ଉଚ୍ଚଶିକ୍ଷାରେ ମୋଟ ନାମଲେଖା ଅନୁପାତ ଏକ ନିର୍ଦ୍ଦିଷ୍ଟ ଶିକ୍ଷାବର୍ଷରେ ଯୋଗ୍ୟ ସରକାରୀ ଜନସଂଖ୍ୟା (18-23 ବର୍ଷ) ମଧ୍ୟରୁ ଉଚ୍ଚଶିକ୍ଷାରେ ମୋଟ ନାମଲେଖାର ଶତକଡ଼ା ହିସାବ

3 2012-13 ରୁ ୱେବ୍ ଆଧାରିତ ଛାତ୍ରଛାତ୍ରୀ ସୂଚନା ଏବଂ ନାମଲେଖା ବ୍ୟବସ୍ଥା (ଏସଏଏମଏସ)ରୁ ଓଡ଼ିଶାର ମହାବିଦ୍ୟାଳୟ ସଂଖ୍ୟା ନିଆଯାଇଛି

ଓଡ଼ିଶାର ଜିଇଆର ଯାହାକି 2014-15 ରେ 17.7 ଥିଲା, 2018-19 ରେ 22.1 କୁ ବୃଦ୍ଧି ପାଇଲା ଏବଂ ପଞ୍ଜିକରଣରେ 25 ପ୍ରତିଶତ ବୃଦ୍ଧି ଘଟିଥିଲା । ତଥାପି ଏହି ସମୟ ମଧ୍ୟରେ ଏହା ଜାତୀୟ ଜିଇଆର(26.30) ଠାରୁ ନିମ୍ନରେ ରହିଥିଲା । ଏଥି ସହିତ, 2014-19 ମଧ୍ୟରେ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପାଇଁ ଦୁଇଟି ସ୍ତରରେ (26 ରୁ 24) ମଧ୍ୟରେ ସାମାନ୍ୟ ଉନ୍ନତି ଘଟିଥିଲା ।

2018-19 ରେ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ରାଙ୍କିଙ୍ଗ୍ ଫ୍ରେମ୍ୱାର୍କ (ଏନଆଇଆରଏଫ୍) ଅନୁଯାୟୀ, କୌଣସି ସରକାରୀ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ବିଶ୍ୱବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟ) ଦେଶର ଶ୍ରେଷ୍ଠ 100 ଅନୁଷ୍ଠାନ ମଧ୍ୟରେ ନଥିଲା । ପ୍ରକାଶ ଥାଉକି, ରାଜ୍ୟରେ ଦୁଇଟି ବେସରକାରୀ ବିବେଚିତ ବିଶ୍ୱବିଦ୍ୟାଳୟ ଯଥା-ଶିକ୍ଷା ଓ ଅନୁସନ୍ଧାନ (ଏସ୍ଓଏ) ଏବଂ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କେଆଇଆଇଟି) ଯଥାକ୍ରମେ 24 ଏବଂ 31 ତମ ସ୍ଥାନରେ ରହିଛନ୍ତି ।

ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଓଡ଼ିଶାର ଉଚ୍ଚଶିକ୍ଷାର ଫଳାଫଳକୁ ଆକଳନ ଏବଂ ମୂଲ୍ୟାଙ୍କନ କରିବା ପାଇଁ ଓଡ଼ିଶାରେ ଉଚ୍ଚଶିକ୍ଷାରେ ଫଳାଫଳର ସମ୍ପାଦନ ସମୀକ୍ଷା କରାଯାଇଥିଲା ।

## 1.2 ସାଂଗଠନିକ ରୂପରେଖ

ଉଚ୍ଚଶିକ୍ଷା ବିଭାଗ (ଡିଏଚଇ), ଓଡ଼ିଶା ସରକାର, କମିଶନର ଓ ସଚିବଙ୍କ ନେତୃତ୍ୱରେ ସାଧାରଣ ଶିକ୍ଷା କ୍ଷେତ୍ରରେ ଉଚ୍ଚଶିକ୍ଷା ପ୍ରଦାନ କରୁଥିବା ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକର କାର୍ଯ୍ୟ ସମ୍ପାଦନ କରେ । ଉଚ୍ଚଶିକ୍ଷାର ବିକାଶ, ସମ୍ପ୍ରସାରଣ ତଥା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକର ପ୍ରଶାସନିକ, ଶିକ୍ଷାଗତ ତଥା ଆର୍ଥିକ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ପାଇଁ ଅତିରିକ୍ତ ସଚିବ, ଯୁଗ୍ମ ସଚିବ ଏବଂ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ତଥା ରାଜ୍ୟର ଆଞ୍ଚଳିକ ନିର୍ଦ୍ଦେଶକମାନେ କମିଶନର ଓ ସଚିବଙ୍କୁ ସହାୟତା କରନ୍ତି ।

ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତି(ଭିସି) ସିନେଟ୍, ସିଣ୍ଡିକେଟ୍ ଏବଂ ଏକାଡେମିକ୍ କାଉନସିଲର ପଦପ୍ରଯୁକ୍ତ ଚେୟାରମ୍ୟାନ୍, ତଥା ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ଏକାଡେମିକ୍ ଅଧିକାରୀ ଅଟନ୍ତି । କୁଳପତିଙ୍କୁ କୁଳସଚିବ, ବିତ୍ତ ନିୟନ୍ତ୍ରକ (ସିଓଏଫ୍), ପରୀକ୍ଷା ନିୟନ୍ତ୍ରକ (ସିଓଇ), ସ୍ନାତକୋତ୍ତର ପରିଷଦର ଅଧକ୍ଷ ଏବଂ ବିଭାଗୀୟ ମୁଖ୍ୟମାନେ (ଏଚଓଡି) ଇତ୍ୟାଦି ସାହାଯ୍ୟ କରନ୍ତି ।

ସିନେଟ୍ ଏକ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଶାସକ ପରିଷଦ ଏବଂ ବିଶ୍ୱବିଦ୍ୟାଳୟର ବିଭିନ୍ନ ଶାସନ ପ୍ରସଙ୍ଗରେ ସଂକଳ୍ପ ପାରିତ କରିବା ଏବଂ ନିଷ୍ପତ୍ତି ନେବା ପାଇଁ ଉତ୍ତରଦାୟୀ ସିଣ୍ଡିକେଟ୍ ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ସଂସ୍ଥା, ଯାହାକି ନିୟମ ଗଠନ, ସଂଶୋଧନ ଏବଂ ବାତିଲ କରିବା ଏବଂ ଶିକ୍ଷକ ତଥା ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତି ପାଇଁ ଉତ୍ତରଦାୟୀ ଅଟେ । ଅଧିକନ୍ତୁ ବିଶ୍ୱବିଦ୍ୟାଳୟଗୁଡ଼ିକ ସେମାନଙ୍କ ଅଧୀନରେ ଥିବା ଅଧକ୍ଷଙ୍କ ନେତୃତ୍ୱରେ ଥିବା ସରକାରୀ ଏବଂ ଅଣ-ସରକାରୀ କଲେଜଗୁଡ଼ିକୁ ଅନୁବନ୍ଧିତ କରନ୍ତି ।

## 1.3 ଉଚ୍ଚଶିକ୍ଷା ପାଇଁ ଫଳାଫଳ ସାଧାରଣ ରୂପରେଖଗୁଡ଼ିକ ଚିହ୍ନଟକରଣ

ଛାତ୍ରଛାତ୍ରୀ, ସମାଜ ଏବଂ ସରକାର, ଉଚ୍ଚଶିକ୍ଷାରୁ ଭିନ୍ନ ଆଶା ପୋଷଣ କରନ୍ତି । ଉଚ୍ଚଶିକ୍ଷା କ୍ଷେତ୍ରରେ ବିଭିନ୍ନ ହିତାଧିକାରୀ ଯଥା ଛାତ୍ରଛାତ୍ରୀ, ନୀତି ନିର୍ମାତା, ସ୍ୱୀକୃତି ନିୟାମକ ସଂସ୍ଥା, ବିଶ୍ୱବିଦ୍ୟାଳୟ, ସରକାରୀ ଶିକ୍ଷା ବିଭାଗ ଇତ୍ୟାଦିର ବିଶେଷଜ୍ଞମାନଙ୍କ ସହିତ ବିସ୍ତୃତ ଆଲୋଚନାରୁ ଜଣାପଡ଼ିଲା ଯେ-

- ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷାର ପ୍ରାଥମିକ ଫଳାଫଳ ଭାବରେ 'ନିଯୁକ୍ତି ଏବଂ ଉଚ୍ଚଶିକ୍ଷା' ଆଶା କରନ୍ତି ।
- ମାନବ ସମାଜ ଗବେଷଣା ମାଧ୍ୟମରେ 'ନୂତନ ଜ୍ଞାନ ସୃଷ୍ଟି' ଏବଂ 'ପ୍ରଭାବଶାଳୀ ଶିକ୍ଷାଦାନ/ ଶିକ୍ଷଣ ପ୍ରକ୍ରିୟା' ମାଧ୍ୟମରେ ଜ୍ଞାନର ବିସ୍ତାର ଦିଗରେ ଉଚ୍ଚଶିକ୍ଷାର ଅବଦାନ ଆଶା କରେ ।

- ଏକ ଉଚ୍ଚ-ଗୁଣାତ୍ମକ ଉଚ୍ଚଶିକ୍ଷା ବ୍ୟବସ୍ଥା ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ଯାହା ସମାଜର ସମସ୍ତ ବର୍ଗଙ୍କ ପାଇଁ ସହଜରେ ଉପଲବ୍ଧ ହେବ।

ଉଚ୍ଚଶିକ୍ଷାର ଏହି ବ୍ୟାପକ ଫଳାଫଳଗୁଡ଼ିକ ଏକ ପ୍ରଭାବଶାଳୀ ଉଚ୍ଚଶିକ୍ଷା ବ୍ୟବସ୍ଥା ପ୍ରତିଷ୍ଠା ଏବଂ ପରିଚାଳନାରେ ଆବଶ୍ୟକ ହେଉଥିବା ବିଭିନ୍ନ ଇନପୁଟ୍ ଏବଂ ଆଉଟପୁଟ୍ ସହିତ ସଂଯୁକ୍ତ।

ଏହା ମଧ୍ୟ ଦେଖାଗଲା ଯେ ଏହି ଫଳାଫଳ ହାସଲ କରିବାରେ ଏକ ଦୃଢ଼ ଓ ପ୍ରଭାବଶାଳୀ ଶାସନ ବ୍ୟବସ୍ଥାର ପରମ ଆବଶ୍ୟକତା ଥିଲା। ତେଣୁ, ଅଡିଟ୍ ମଧ୍ୟ ବିଭିନ୍ନ ଉତ୍ତମ ଶାସନ ପାଇଁ ଆବଶ୍ୟକ ମାପଦଣ୍ଡଗୁଡ଼ିକର ଚିହ୍ନଟ ଏବଂ ମୂଲ୍ୟାଙ୍କନ କରିଥିଲା।

ସମସ୍ତ ତିନିଟି ପ୍ରମୁଖ ଚିହ୍ନିତ ଫଳାଫଳ ଏବଂ ସେମାନଙ୍କର ସଂଯୋଗୀକରଣ ସହିତ ଇନପୁଟ୍ ଏବଂ ଆଉଟପୁଟ୍ ଉପାଦାନଗୁଡ଼ିକ ନିମ୍ନଚାର୍ଟରେ ଚିତ୍ରିତ ହୋଇଛି:

*ଚାର୍ଟ 1: ଉଚ୍ଚଶିକ୍ଷାର ଫଳାଫଳ ଏବଂ ସେମାନଙ୍କ ସମ୍ବନ୍ଧୀୟ ଇନପୁଟ୍ ଏବଂ ଆଉଟପୁଟ୍ ମଧ୍ୟରେ ସମ୍ପର୍କର ଆଲେଖୀକ ଉପସ୍ଥାପନା*




## 1.4 ଅଡିଟ୍‌ର ଉଦ୍ଦେଶ୍ୟ

ନିମ୍ନଲିଖିତ ଦସ୍ତାବିଜଗୁଡ଼ିକରୁ ପ୍ରାପ୍ତ ମାନଦଣ୍ଡ ଆଧାରରେ ସମ୍ପାଦନା ସମୀକ୍ଷା କରାଯାଇଥିଲା:

1. ଉଚ୍ଚଶିକ୍ଷାର ବ୍ୟବସ୍ଥା ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ଛାତ୍ରଛାତ୍ରୀମାନଙ୍କ ପାଇଁ ନିଯୁକ୍ତି ଏବଂ ଉଚ୍ଚଶିକ୍ଷା ପ୍ରାପ୍ତି ହୋଇଥିଲା;
2. ଉଚ୍ଚଶିକ୍ଷା ବ୍ୟବସ୍ଥା ଦ୍ୱାରା ଶିକ୍ଷାଦାନ/ ଶିକ୍ଷଣ ପ୍ରକ୍ରିୟା ଏବଂ ଉଚ୍ଚମାନର ଗବେଷଣା ମାଧ୍ୟମରେ ସମାଜର ଉନ୍ନତି ହୋଇଥିଲା;
3. ସମସ୍ତଙ୍କ ପାଇଁ ଗୁଣାତ୍ମକ ଉଚ୍ଚଶିକ୍ଷାର ପାଇଁ ସମାନ ସୁବିଧା ସୁନିଶ୍ଚିତ କରାଯାଇଥିଲା; ଏବଂ
4. ଉଚ୍ଚଶିକ୍ଷା ବ୍ୟବସ୍ଥାର ଶାସନ ଏବଂ ପରିଚାଳନା ପର୍ଯ୍ୟାପ୍ତ ଏବଂ ପ୍ରଭାବୀ ଥିଲା ।

## 1.5 ଅଡିଟ୍‌ର ମାନଦଣ୍ଡ

ନିମ୍ନଲିଖିତ ଦସ୍ତାବିଜଗୁଡ଼ିକରୁ ପ୍ରାପ୍ତ ମାନଦଣ୍ଡ ଆଧାରରେ ସମ୍ପାଦନା ସମୀକ୍ଷା କରାଯାଇଥିଲା:

- ଉଚ୍ଚଶିକ୍ଷାର ଅନ୍ତର୍ଭୁକ୍ତ ଏବଂ ଗୁଣାତ୍ମକ ବିସ୍ତାର-ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା (2012-17);
- ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ / ମାନୁଆଲ ନିୟମାବଳୀ;
- ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ଆରୟୁଏସଏ) ନିର୍ଦ୍ଦେଶାବଳୀ;
- ନୀତି (ଏନଆଇଟିଆଇ) ଆୟୋଗର ତିନି ବର୍ଷର କାର୍ଯ୍ୟ ଯୋଜନା (2017-18 ରୁ 2019-20);
- ଜାତୀୟ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପରିଷଦ (ନାକ୍) ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଏବଂ ମାନୁଆଲ;
- ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଜାରି ହୋଇଥିବା ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ରାଙ୍କିଙ୍ଗ୍ ଫ୍ରେମୱାର୍କ (ଏନ୍ଆଇଆରଏଫ୍) ମାନୁଆଲ;
- ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଜାରି କରାଯାଇଥିବା ସର୍କୁଲାର/ ନିର୍ଦ୍ଦେଶ;
- ଆତ୍ମ-ଅଧ୍ୟୟନ ରିପୋର୍ଟ, ସ୍ୱୀକୃତି/ ପୁନଃ-ସ୍ୱୀକୃତି ରିପୋର୍ଟ, ସୂଚନା ବୁଲେଟିନ୍, ସର୍କୁଲାର ଏବଂ ମନୋନୀତ ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ୱାରା ନିର୍ଦ୍ଦେଶାବଳୀ, ଏବଂ ମନୋନୀତ ବିଶ୍ୱବିଦ୍ୟାଳୟଗୁଡ଼ିକର ସିନେଟ, ସିଣ୍ଡିକେଟ୍, ଏକାଡେମିକ୍ କାଉନସିଲ, ବୋର୍ଡ ଅଫ୍ ଷ୍ଟଡିଜ୍, ଫାଇନାନ୍ସ କମିଟି ଇତ୍ୟାଦିର କାର୍ଯ୍ୟବିବରଣୀ ।

## 1.6 ଅଡିଟ୍‌ର ପରିସର ଓ ପଦ୍ଧତି

### *1.6.1 ଅଡିଟ୍‌ର ପରିସର*

ସମ୍ପାଦନା ସମୀକ୍ଷା ଅକ୍ଟୋବର 2019 ରୁ ଜାନୁଆରୀ 2020 ମଧ୍ୟରେ 2014-15 ରୁ 2018-19 ପର୍ଯ୍ୟନ୍ତ ସମୟକୁ ନେଇ କରାଯାଇଥିଲା । ସାଧାରଣ ପାଠ୍ୟକ୍ରମ (ବିଜ୍ଞାନ/ କଳା/ ବାଣିଜ୍ୟ) ରେ ଶିକ୍ଷା ପ୍ରଦାନ କରୁଥିବା ନଅଟି ରାଜ୍ୟ ବିଶ୍ୱବିଦ୍ୟାଳୟ ମଧ୍ୟରୁ ଦୁଇଟି ବିଶ୍ୱବିଦ୍ୟାଳୟ (22 ପ୍ରତିଶତ) ଯଥା-ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ[4] ଅଡିଟ୍ ଯାଞ୍ଚ ପାଇଁ ଚୟନ କରାଯାଇଥିଲା । ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ

[4] ଓଡ଼ିଶାରେ28 ଟି ବିଶ୍ୱବିଦ୍ୟାଳୟ ଅଛି, ସେଥିମଧ୍ୟରୁ 11 ଟି ସାଧାରଣ ବିଶ୍ୱବିଦ୍ୟାଳୟ । ସାଧାରଣ ବିଶ୍ୱବିଦ୍ୟାଳୟଗୁଡ଼ିକରୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟକୁ ବାଦ୍ ଦିଆଯାଇଛି କାରଣ ଏଗୁଡ଼ିକରେ ବିଜ୍ଞାନ/ କଳା/ ବାଣିଜ୍ୟ ପାଠ୍ୟକ୍ରମ ନାହିଁ । ଆହୁରି ମଧ୍ୟ, 2015-16 ରେ ପ୍ରତିଷ୍ଠିତ ହୋଇଥିବାରୁ ତିନିଟି ବିଶ୍ୱବିଦ୍ୟାଳୟକୁ (ଖଲ୍ଲିକୋଟ, ରମାଦେବୀ ଏବଂ ଗଙ୍ଗାଧର ମେହେର) ବାଦ୍ ଦିଆଯାଇଥିଲା । ଅବଶିଷ୍ଟ ଛଅ ଗୋଟି ବିଶ୍ୱବିଦ୍ୟାଳୟରୁ ଉତ୍କଳ ବିଶ୍ୱବିଦ୍ୟାଳୟ ସର୍ବ ପୁରାତନ ଏବଂ ବୃହତ୍ତମ ଭାବରେ ମନୋନୀତ ହୋଇଥିଲା । ଅବଶିଷ୍ଟ ପାଞ୍ଚଟି ବିଶ୍ୱବିଦ୍ୟାଳୟରୁ ଗୋଟିଏ ବିଶ୍ୱବିଦ୍ୟାଳୟ (ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ) ବିନା ରିପ୍ଲେସମେଣ୍ଟ(ଏସ୍ଆର୍ଏସ୍ଡବ୍ଲୁଓଆର) ପଦ୍ଧତି ବ୍ୟବହାର କରି ସରଳ ରାଣ୍ଡମ ନମୁନା ସଂଗ୍ରହରେ ଚୟନ କରାଯାଇଥିଲା

ଅଧୀନରେ ଥିବା 299 ଟି ମହାବିଦ୍ୟାଳୟର ସମୁଦାୟ ପରିସର ମଧ୍ୟରୁ 32 ଟି ପରୀକ୍ଷା ଯାଞ୍ଚ ପାଇଁ ଚୟନ କରାଯାଇଥିଲା, ଯାହାକି ନିମ୍ନରେ ବିସ୍ତୃତ ଭାବରେ ବର୍ଣ୍ଣିତ:

ଉତ୍କଳ ବିଶ୍ୱବିଦ୍ୟାଳୟ ସହିତ ଜଡ଼ିତ 227 ଟି ସାଧାରଣ ସ୍ନାତକ ମହାବିଦ୍ୟାଳୟ ମଧ୍ୟରୁ 23 ଟି ମହାବିଦ୍ୟାଳୟ (10 ପ୍ରତିଶତ) ସରଳ ରାଣ୍ଡମ ନମୁନା ବ୍ୟବହାର କରି ଚୟନ କରାଯାଇଥିଲା । ଓଡ଼ିଶାର ଆଠଟି ଆଦର୍ଶ ସ୍ନାତକ ମହାବିଦ୍ୟାଳୟ[5] ମଧ୍ୟରୁ କେବଳ ଉତ୍କଳ ବିଶ୍ୱବିଦ୍ୟାଳୟ ସହ ସହବନ୍ଧିତ ଥିବା ଗୋଟିଏ ଆଦର୍ଶ ସ୍ନାତକ ମହାବିଦ୍ୟାଳୟକୁ ଚୟନ କରାଯାଇଥିଲା । ଏହିପରି, ଉତ୍କଳ ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧିତ ମୋଟ 24 ଟି ମହାବିଦ୍ୟାଳୟକୁ ନମୁନା ଭାବରେ ଚୟନ କରାଯାଇଥିଲା ।

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧିତ 71 ଟି ସାଧାରଣ ସ୍ନାତକ ମହାବିଦ୍ୟାଳୟ ମଧ୍ୟରୁ 8 (10 ପ୍ରତିଶତ) ମହାବିଦ୍ୟାଳୟ ସରଳ ରାଣ୍ଡମ ନମୁନା ବ୍ୟବହାର କରି ଚୟନ କରାଯାଇଥିଲା ।

ଉପରୋକ୍ତ ମନୋନୀତ ନମୁନାରେ ଉଭୟ ସରକାରୀ[6] ଏବଂ ବେସରକାରୀ ମହାବିଦ୍ୟାଳୟ[7] ଅନ୍ତର୍ଭୁକ୍ତ । ନମୁନା ହୋଇଥିବା ମହାବିଦ୍ୟାଳୟ ଗୁଡ଼ିକର ବିଶ୍ୱବିଦ୍ୟାଳୟ ଅନୁସାରେ ଏବଂ ସରକାରୀ/ ବେସରକାରୀ ଅନୁସାରେ ବିଭାଜନ ନିମ୍ନ ସାରଣୀରେ ଦର୍ଶାଯାଇଛି:

*ସାରଣୀ 1.2: ଅଡିଟ୍‌ରେ ପରୀକ୍ଷା ଯାଞ୍ଚ ପାଇଁ ମନୋନୀତ ମହାବିଦ୍ୟାଳୟର ସଂଖ୍ୟା*

| ବିଶ୍ୱବିଦ୍ୟାଳୟର ନାମ | ପରୀକ୍ଷା ଯାଞ୍ଚ ପାଇଁ ମନୋନୀତ ମହାବିଦ୍ୟାଳୟ ସଂଖ୍ୟା | | |
|---|---|---|---|
| | ସରକାରୀ ମହାବିଦ୍ୟାଳୟ ସଂଖ୍ୟା | ବେସରକାରୀ ମହାବିଦ୍ୟାଳୟ ସଂଖ୍ୟା | ମୋଟ ମନୋନୀତ ସରକାରୀ ମହାବିଦ୍ୟାଳୟ ସଂଖ୍ୟା |
| ଉତ୍କଳ ବିଶ୍ୱବିଦ୍ୟାଳୟ | 3( 8ରୁ ) | 21 ( 219ରୁ) | 24(ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଅନ୍ତର୍ଭୁକ୍ତ) |
| ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ | 1 (4ରୁ) | 7 (67ରୁ) | 8 |
| ମୋଟ | **4** | **28** | **32** |

*(ଉତ୍ସ: ଅଡିଟ୍ ନମୁନା ସଂଗ୍ରହ)*

## 1.6.2 ଅଡିଟ୍‌ର ପଦ୍ଧତି

ଉଚ୍ଚଶିକ୍ଷାର ଫଳାଫଳ ହାସଲ କରିବାରେ ରାଜ୍ୟର କାର୍ଯ୍ୟଦକ୍ଷତାକୁ ଆକଳନ ଏବଂ ମୂଲ୍ୟାଙ୍କନ କରିବା ଏହି ଅଡିଟ୍‌ର ଉଦ୍ଦେଶ୍ୟ ଥିଲା । ଯେହେତୁ ଭାରତ ସରକାର (ଜିଓଆଇ) କିମ୍ବା ଓଡ଼ିଶା ସରକାର ଏହି ଫଳାଫଳଗୁଡ଼ିକର ମୂଲ୍ୟାୟନ ପାଇଁ ନିର୍ଦ୍ଦିଷ୍ଟ ଫଳାଫଳ ଏବଂ ମାନଦଣ୍ଡ ବ୍ୟାଖ୍ୟା କରିନାହାନ୍ତି, ଅଡିଟ୍, ନୀତି ଦସ୍ତାବିଜ୍, ସ୍ୱୀକୃତି ପ୍ରକ୍ରିୟା ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଏଚଇଆଇ) ର ଶ୍ରେଣୀ ମାନ୍ୟତା, ଉଚ୍ଚଶିକ୍ଷା ବିଶେଷଜ୍ଞଙ୍କ ଠାରୁ ପ୍ରାପ୍ତ ଉପାଦାନ ଆଧାରରେ ନିଜସ୍ୱ ମାନଦଣ୍ଡ ପ୍ରସ୍ତୁତ କରିଛି ।

ଫଳାଫଳ ସହିତ ଉଚ୍ଚଶିକ୍ଷା ବ୍ୟବସ୍ଥାର କାର୍ଯ୍ୟଦକ୍ଷତାକୁ ଆକଳନ କରିବାକୁ, ମୁଖ୍ୟ ଫଳାଫଳ ସୂଚକ ***(ପରିଶିଷ୍ଟ 1)*** ଏବଂ ଇନ୍‌ପୁଟ୍-ଆଉଟ୍‌ପୁଟ ସୂଚକ ***(ପରିଶିଷ୍ଟ 2)*** ପ୍ରସ୍ତୁତ କରାଯାଇଥିଲା । ଏହି ସୂଚକଗୁଡ଼ିକ ଫଳାଫଳଗୁଡ଼ିକର ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରିବା ସହିତ ଏହି ଫଳାଫଳଗୁଡ଼ିକ ହାସଲ କରିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ବିଷୟରେ ସୂଚାଉଛନ୍ତି ।

ଏହି ଫଳାଫଳଗୁଡ଼ିକର ସଫଳତା ସରକାରଙ୍କ ପର୍ଯ୍ୟାପ୍ତ ତଥା ପ୍ରଭାବଶାଳୀ ହସ୍ତକ୍ଷେପ ଯୋଜନା ଏବଂ କାର୍ଯ୍ୟକାରିତା ଉପରେ ନିର୍ଭରଶୀଳ । ଅନେକ ଇନପୁଟ୍ ଯେପରିକି ପାଣ୍ଠି, ମାନବ ସମ୍ବଳ ଇତ୍ୟାଦି, ଏବଂ ଫଳାଫଳକୁ ସିଧାସଳଖ ପ୍ରଭାବିତ କରିଥିଲା । ଏହି ରିପୋର୍ଟର ପ୍ରାସଙ୍ଗିକ ଅଧ୍ୟାୟରେ ଏଗୁଡ଼ିକ ପୃଥକ ଭାବରେ ଆଲୋଚନା କରାଯାଇଛି ।

---

5 ଆଦର୍ଶ ସ୍ନାତକ ମହାବିଦ୍ୟାଳୟ କେନ୍ଦ୍ର ସରକାରଙ୍କ ସହାୟତା ଯୋଜନା ଅଧୀନରେ ପ୍ରତିଷ୍ଠିତ ହୋଇଛି, ଯେଉଁଥିରେ ଶିକ୍ଷାଗତ ପଛୁଆ ଜିଲ୍ଲାମାନଙ୍କରେ ସରକାରୀ ମହାବିଦ୍ୟାଳୟ ଗୁଡ଼ିକ ଖୋଲାଯାଇଛି ଯାହାର ଜିଇଆର ଜାତୀୟ ଜିଇଆର ଠାରୁ କମ୍ ଅଟେ

6 ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏବଂ ପରିଚାଳିତ

7 ବେସରକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରତିଷ୍ଠିତ ମହାବିଦ୍ୟାଳୟ କିନ୍ତୁ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ଦରମା ଗ୍ରାଣ୍ଟ-ଇନ୍-ଏଡ୍ ଆକାରରେ ସରକାରଙ୍କଠାରୁ ଆର୍ଥିକ ସହାୟତା ଗ୍ରହଣ କରନ୍ତି

ଏହି ଫଳାଫଳ ସୂଚକ ଏବଂ ଏହାର ମାନଦଣ୍ଡ ଆଧାରରେ ଅଡିଟ୍ ତଥ୍ୟ ସଲଗ୍ନ, ଛାତ୍ରଛାତ୍ରୀ ସର୍ବେକ୍ଷଣ ଏବଂ ଅଡିଟ୍ ପ୍ରଶ୍ନାବଳୀ ବିକଶିତ କରିଥିଲା । ଆହୁରି ମଧ୍, 2017-18 ମଧ୍ୟରେ ନାକ୍ ଗ୍ରେଡିଂ ସାଷ୍ଟମ ଅନ୍ତର୍ଗତ 22 ବିଶ୍ୱବିଦ୍ୟାଳୟ ଗ୍ରେଡ୍ A++, A+, A, B++, B+, B, C (ଦ୍ୱାରା ପ୍ରାପ୍ତ ସ୍କୋରକୁ ଆଧାର କରି ଅଡିଟ୍ ପରିମାଣିକ (ପ୍ରକ୍ସି) ମାନଦଣ୍ଡ ବିକାଶ କରିଛି ।

ମନୋନୀତ ସ୍ଥାନମାନଙ୍କର ପ୍ରତ୍ୟକ୍ଷ ନିରୀକ୍ଷଣ ମାଧ୍ୟମରେ ଅଡିଟ୍ କରାଯାଇଥିଲା, ପ୍ରଯୁଜ୍ୟ ଦସ୍ତାବିଜଗୁଡ଼ିକର ନକଲ, ଆଲୋଚନା କାଗଜପତ୍ର ଏବଂ ସାଇଟଗୁଡ଼ିକର ଫଟୋଗ୍ରାଫ୍ ମାଧ୍ୟମରେ ପ୍ରମାଣ ସଂଗ୍ରହ କରାଯାଇଥିଲା । ଶିକ୍ଷାର ଗୁଣାତ୍ମକ ମୂଲ୍ୟାଙ୍କନ ପାଇଁ ଛାତ୍ରଛାତ୍ରୀଙ୍କ ସର୍ଭେ ମାଧ୍ୟମରେ ମତାମତ ମଧ୍ୟ ମିଳିଥିଲା ।

କମିଶନର ଓ ସଚିବ, ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ସହିତ ଏକ ପ୍ରାରମ୍ଭିକ ସମ୍ମିଳନୀ (ଅକ୍ଟୋବର 2019) ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଅଡିଟ୍ ଉଦ୍ଦେଶ୍ୟ, ଅଡିଟ୍ ପରିସର ଏବଂ ଅଡିଟ୍ ପଦ୍ଧତିର ଆଲୋଚନା କରାଯାଇଥିଲା । ସରକାରଙ୍କଠାରୁ ପ୍ରାପ୍ତ (ସେପ୍ଟେମ୍ବର 2020) ଉତ୍ତରଗୁଡ଼ିକ ମଧ୍ୟ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ।

## 1.7 ସ୍ୱୀକାରୋକ୍ତି

ଅଡିଟ୍ ଉଚ୍ଚଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି, ସରକାରୀ ତଥା ବେସରକାରୀ ମହାବିଦ୍ୟାଳୟର ଅଧକ୍ଷ ତଥା ଅଧିକାରୀମାନଙ୍କର, ସମ୍ପାଦନ ସମୀକ୍ଷା ପରିଚାଳନା ପାଇଁ ସହଯୋଗକୁ ସ୍ୱୀକାର କରିଛି ।

# ଅଧ୍ୟାୟ 2

## ନିୟୋଜନ ଏବଂ ଉଚ୍ଚ ଅଧ୍ୟୟନ ପାଇଁ ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି

# ଅଧ୍ୟାୟ 2
# ନିୟୋଜନ ଏବଂ ଉଚ୍ଚ ଅଧ୍ୟୟନ ପାଇଁ ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି

ଏହି ଅଧ୍ୟାୟରେ ଉଚ୍ଚଶିକ୍ଷାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ବିଷୟରେ ଆଲୋଚନା କରାଯାଇଅଛି, ଯାହା ହେଉଛି, ଛାତ୍ରଛାତ୍ରୀଙ୍କ ରୋଜଗାରରେ ଅଗ୍ରଗତି କମା ଉଚ୍ଚ ଅଧ୍ୟୟନରେ ଭୂଲମ ପ୍ରଗତି । ଏହି ଫଳାଫଳ ଏବଂ ଆନୁସଙ୍ଗିକ ଅବଦାନ ଗୁଡ଼ିକ ସମ୍ବନ୍ଧରେ ଅଡିଟ୍ ବିଶ୍ଳେଷଣ, ଅନୁସନ୍ଧାନ, ଏବଂ ସୁପାରିଶଗୁଡ଼ିକ ଏହି ଅଧ୍ୟାୟର ପରବର୍ତ୍ତୀ ବିଭାଗରେ ଆଲୋଚନା କରାଯାଇଛି ।

***ଅଡିଟ୍ ଉଦ୍ଦେଶ୍ୟ1: ଉଚ୍ଚଶିକ୍ଷାର ପ୍ରଣାଳୀ ନିଯୁକ୍ତିରେ ବୃଦ୍ଧି ଏବଂ ଉଚ୍ଚତର ଅଧ୍ୟୟନରେ ଅଗ୍ରଗତି ଘଟାଇଲା କି ନାହିଁ***

ନିଯୁକ୍ତି କ୍ଷେତ୍ରରେ ବୃଦ୍ଧି ଏବଂ ଉଚ୍ଚତର ଅଧ୍ୟୟନରେ ଅଗ୍ରଗତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଭାବରେ ଚିହ୍ନଟ କରାଯାଇଥିଲା ଯାହାକି ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷାରୁ ଆଶା କରନ୍ତି । ବିଭିନ୍ନ ଉପାଦାନ ଏବଂ ଆନୁଷ୍ଠାନିକ ପଦକ୍ଷେପ ଏହି ଫଳାଫଳଗୁଡ଼ିକର ସନ୍ତୋଷଜନକ ସଫଳତା ଦିଗରେ ସହାୟକ ହୁଏ । ଛାତ୍ରଛାତ୍ରୀମାନଙ୍କ ପ୍ରଗତି ଏବଂ ସେମାନଙ୍କ ମଧ୍ୟରେ ସମ୍ପର୍କକୁ ନିମ୍ନଲିଖିତ ଚିତ୍ର ମାଧମରେ ବୁଝାଇ ଦିଆଯାଇଛି :




ସ୍ନାତକୋତ୍ତର ଛାତ୍ରଛାତ୍ରୀମାନଙ୍କ ପାଇଁ ନିଯୁକ୍ତି ସୁବିଧା ପାଇଁ ବୃତ୍ତି ପରାମର୍ଶ କକ୍ଷ, ନିଯୁକ୍ତି କକ୍ଷ, ପୁରାତନ ଛାତ୍ରଛାତ୍ରୀ ସଂଘ ଇତ୍ୟାଦିର ଅସ୍ତିତ୍ୱ ନିହାତି ଆବଶ୍ୟକ ।

## 2.1 ଉଚ୍ଚତର ଶିକ୍ଷା ପାଇଁ ଛାତ୍ରଛାତ୍ରୀମାନଙ୍କର ପ୍ରଗତି ଏବଂ ନିଯୁକ୍ତି

ଉପରେ କୁହାଯାଇଛି ଯେ, ଉଚ୍ଚତର ଶିକ୍ଷା ପାଇଁ ନିଯୁକ୍ତି ଏବଂ ପରବର୍ତ୍ତୀ ଶିକ୍ଷା ହାସଲରେ ପ୍ରଗତି ହେଉଛି ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆଶା କରାଯାଉଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ଫଳାଫଳ ।

ଆନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍ଓ) ରୋଜଗାର କ୍ଷମତାକୁ କୌଶଳ, ଜ୍ଞାନ ଏବଂ ଦକ୍ଷତାର ଉପସ୍ଥିତି ଭାବରେ ବ୍ୟାଖ୍ୟା କରେ ଯାହା ଏକ ଚାକିରୀକୁ ସୁରକ୍ଷିତ ରଖିବା ଏବଂ ବଜାୟ ରଖିବା, କାର୍ଯ୍ୟରେ ଅଗ୍ରଗତି ଏବଂ ପରିବର୍ତ୍ତନ ସହ ମୁକାବିଲା କରିବାର କ୍ଷମତାକୁ ବଢ଼ାଇଥାଏ । ଏହା ଅନୁଯାୟୀ, ଯେତେବେଳେ ବ୍ୟକ୍ତିମାନେ ବ୍ୟାପକ-ଆଧାରିତ ଶିକ୍ଷା ଏବଂ ତାଲିମ ଏବଂ ସହଜରେ ସ୍ଥାନାନ୍ତର ହୋଇପାରୁଥିବା ଉଚ୍ଚ ସ୍ତରୀୟ କୌଶଳ, ଦଳଗତ କାର୍ଯ୍ୟ, ସମସ୍ୟା ସମାଧାନ, ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ଆଇସିଟି) ଇତ୍ୟାଦି ସହିତ ଅଧିକ ନିଯୁକ୍ତ ହୋଇ ଅଧିକ ରୋଜଗାରକ୍ଷମ ହୋଇଥାନ୍ତି ଏହି ଫଳାଫଳଗୁଡ଼ିକର ସଫଳତା ସିଧାସଳଖ ଶିକ୍ଷାର ଗୁଣବତ୍ତା, କ୍ୟାରିୟର କାଉନସେଲିଂ ସେଲ, ପ୍ଲେସମେଣ୍ଟ ସେଲ୍, ଆଲୁମିନି ଆସୋସିଏସନ୍, ଚାକିରି ମେଳାର ଉପଲବ୍ଧତା ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନଙ୍କର ତଥ୍ୟର ସଠିକ୍ ରକ୍ଷଣାବେକ୍ଷଣ ଉପରେ ନିର୍ଭରଶୀଳ ।

ଏହି ସୁବିଧା କରୁଥିବା କାରକଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ ଓଡ଼ିଶାରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ମୂଲ୍ୟାଙ୍କନ ସହିତ ଫଳାଫଳଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଛି ।

## 2.1.1 ପ୍ଲେସମେଣ୍ଟ ସେଲ୍, କ୍ୟାରିୟର କାଉନସେଲିଂ ସେଲ୍, ଆଲୁମିନି ଆସୋସିଏସନ୍ ଏବଂ ଚାକିରି ମେଳା

ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକରେ କାର୍ଯ୍ୟ ସାଧନ ଉପାୟ ପଦ୍ଧତି, ଯେପରିକି ପ୍ଲେସମେଣ୍ଟ ସେଲ୍, କ୍ୟାରିୟର କାଉନସେଲିଂ ସେଲ୍ ଏବଂ ଆଲୁମିନି ଆସୋସିଏସନ୍ ଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ କାର୍ଯ୍ୟ ଜଗତ ସହିତ ଲିଙ୍କ୍ ସ୍ଥାପନ କରିବାକୁ ଏବଂ ବିଭିନ୍ନ ଚାକିରି ପରିପ୍ରେକ୍ଷୀରେ କ୍ୟାରିୟର ସୁଯୋଗ ଖୋଜିବାରେ ଉପଯୁକ୍ତ ମାର୍ଗଦର୍ଶନ ସହିତ ଛାତ୍ରଛାତ୍ରୀମାନଙ୍କୁ ସାହାଯ୍ୟ କରେ । ଏହି କାର୍ଯ୍ୟ ସାଧନ ଉପାୟ[1] ଗୁଡ଼ିକ ଦ୍ୱାରା ବଜାରର ଚାହିଦା ଓ ବ୍ୟକ୍ତିଗତ ଆଶା ପୂରଣ ଦିଗରେ ଥିବା ବ୍ୟବଧାନ ପୂରଣ ହୋଇପାରିବ ।

ଇଣ୍ଡିଆ ସ୍କିଲ୍ ରିପୋର୍ଟ 2020[2]ଅନୁଯାୟୀ ସର୍ବଭାରତୀୟ ସ୍ତରରେ, ବିଏସସି, ବିଏ, ଏବଂ ବିକମ୍ ସ୍ନାତକ କାର୍ଯ୍ୟକ୍ରମଗୁଡ଼ିକରେ ହାରାହାରି 37.28 ପ୍ରତିଶତ, 31.86 ପ୍ରତିଶତ ଏବଂ 29.8 ପ୍ରତିଶତ ନିଯୁକ୍ତି 2014-15 ରୁ 2018-19 ମଧ୍ୟରେ ପ୍ରଦାନ କରାଯାଇଛି । ଅଧିକନ୍ତୁ, ଏକ ଅନୁଷ୍ଠାନର ସ୍ୱୀକୃତି ଓ ଗ୍ରେଡ୍ ଦେବା ସମୟରେ, ଜାତୀୟ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପରିଷଦ (ନାକ୍) ଗତ ପାଞ୍ଚ ବର୍ଷ ମଧ୍ୟରେ ଅନୁଷ୍ଠାନରୁ ନିଯୁକ୍ତି ପାଉଥିବା ଛାତ୍ରଛାତ୍ରୀଙ୍କ ହାରାହାରି ଶତକଡ଼ାକୁ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଭାବରେ ବିବେଚନା କରେ ।

### 2.1.1.1 ପ୍ଲେସମେଣ୍ଟ ସେଲ୍

ଦୁଇଟି ବିଶ୍ୱବିଦ୍ୟାଳୟ ଓ 32 ଟି ଟେଷ୍ଟ ଚେକ୍ ମହାବିଦ୍ୟାଳୟରେ ପ୍ଲେସମେଣ୍ଟ ସେଲର ଅସ୍ତିତ୍ୱ ଏବଂ କାର୍ଯ୍ୟର ଅଡିଟ୍ ଯାଞ୍ଚ ନିମ୍ନରେ ଦିଆଗଲା :

#### ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

ଉତ୍କଳ ବିଶ୍ୱବିଦ୍ୟାଳୟରେ ଏକ ପ୍ଲେସମେଣ୍ଟ ସେଲ୍ ବିଦ୍ୟମାନ ଥିଲାବେଳେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ସେପରି କୌଣସି ସେଲ୍ ନଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ଲେସମେଣ୍ଟ ସେଲ୍ ଜଣେ ପ୍ଲେସମେଣ୍ଟ ଅଫିସର (ଚୁକ୍ତିଭିତ୍ତିକ) ଓ ଜଣେ ପିଅନଙ୍କ ସହଯୋଗରେ ପରିଚାଳିତ ହେଉଥିଲା । ପ୍ଲେସମେଣ୍ଟ କାର୍ଯ୍ୟକଳାପ କରିବା ପାଇଁ ସେଲ୍ ଦ୍ୱାରା ଅନୁସରଣ କରାଯାଉଥିବା କୌଣସି ପ୍ରକ୍ରିୟା/ କ୍ୟାଲେଣ୍ଡର ସମ୍ବନ୍ଧରେ ରେକର୍ଡଗୁଡ଼ିକରେ ବିଶେଷ ବିବରଣୀ ଉପଲବ୍ଧ ନଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟର 2014-19 ବର୍ଷ ମଧ୍ୟରେ ପୋଷ୍ଟ ଗ୍ରାଜୁଏଟ ଛାତ୍ରଛାତ୍ରୀଙ୍କ (26ଟି ସାଧାରଣ ପାଠ୍ୟକ୍ରମରେ[3]) ନାମଲେଖା, ପଞ୍ଜିକୃତ ଏବଂ ଚାକିରିରେ ସ୍ଥାନିତ ହୋଇଥିବା ସଂଖ୍ୟା ନିମ୍ନ ସାରଣୀରେ ଦିଆଗଲା:

**ସାରଣୀ 2.1: ଉତ୍କଳ ବିଶ୍ୱବିଦ୍ୟାଳୟର 2014-15 ରୁ 2018-19 ବର୍ଷ ମଧ୍ୟରେ ପ୍ଲେସମେଣ୍ଟ ସେଲରେ ସାଧାରଣ ପାଠ୍ୟକ୍ରମରେ ପଞ୍ଜିକୃତ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ପ୍ରତିଶତ**

| | 2014-15 | 2015-16 | 2016-17 | 2017-18 | 2018-19 | ମୋଟ |
|---|---|---|---|---|---|---|
| ନାମଲେଖା | 1,056 | 1,057 | 1,057 | 1,074 | 1,090 | 5,334 |
| ପଞ୍ଜିକୃତ | 353 | 372 | 343 | 368 | 322 | 1758 |
| ନାମଲେଖାର ପଞ୍ଜିକୃତ ପ୍ରତିଶତ | 33.43 | 35.19 | 32.45 | 34.26 | 29.54 | 32.96 |
| ସ୍ଥାନିତ | 36 | 77 | 48 | 73 | 51 | 285 |
| ପଞ୍ଜିକୃତର ସ୍ଥାନିତ ପ୍ରତିଶତ | 10.20 | 20.70 | 13.99 | 19.83 | 15.84 | 16.21 |

*(ଉତ୍ସ: ଉତ୍କଳ ବିଶ୍ୱବିଦ୍ୟାଳୟର ନିଯୁକ୍ତି ସେଲର ସୂଚନା)*

[1] ଏନଏଏସି ଅଭିଲେଖ ଅନୁଚ୍ଛେଦ 5.1ଅନୁଯାୟୀ

[2] ଇଣ୍ଡିଆ ସ୍କିଲ୍ସ ରିପୋର୍ଟ ହେଉଛି ହ୍ୱିବକ୍ସ, ପିପୁଲ ଷ୍ଟ୍ରଙ୍ଗ ଏବଂ କନଫେଡେରେସନ୍ ଅଫ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିର ଯାହାର କି ୟୁଏନଡିପି, ଏଆଇସିଟିଇ ଏବଂ ଏଆଇୟୁ ଭଳି ଅଂଶୀଦାର ଅଛନ୍ତି, ମିଳିତ ସହଯୋଗର ପଦକ୍ଷେପ । ଏହି ରିପୋର୍ଟ ହେଉଛି 28 ଟି ରାଜ୍ୟ ତଥା ଭାରତର ନଅଟି କେନ୍ଦ୍ରଶାସିତ ଅଞ୍ଚଳ ଏବଂ ନଅଟି ଶିଳ୍ପ କ୍ଷେତ୍ରରେ 150 ରୁ ଅଧିକ କର୍ପୋରେଟ୍ ବିସ୍ତାର କରିଥିବା ଅଂଚଳରେ ଥିବା 3,500 ଶିକ୍ଷାନୁଷ୍ଠାନରୁ 3,00,000 ପ୍ରାର୍ଥୀଙ୍କ ମୂଲ୍ୟାଙ୍କନର ଏକ ମିଶ୍ରଣ । 2014 ମସିହାରୁ ବାର୍ଷିକ ସଂସ୍କରଣ ସହିତ ଏହା ରିପୋର୍ଟର ସପ୍ତମ ସଂସ୍କରଣ ଅଟେ

[3] ଉତ୍କଳ ବିଶ୍ୱବିଦ୍ୟାଳୟର ମୋଟ 29 ଟି ପାଠ୍ୟକ୍ରମ ମଧ୍ୟରୁ ଦୁଇଟି 2018-19 ରେ ନୂତନ ଭାବରେ ଯୋଡ଼ାଯାଇଛି । ଆଇନ ବିଭାଗର ଛାତ୍ରମାନେ ପଞ୍ଜିକୃତ ହୋଇନଥିଲେ କିମ୍ବା ପ୍ଲେସମେଣ୍ଟ ସେଲ୍ ମାଧ୍ୟମରେ ସ୍ଥାନିତ ହୋଇନଥିଲେ ।

ଅଡିଟ୍ ଲକ୍ଷ୍ୟ କରିଛି ଯେ 2014-19 ମଧ୍ୟରେ 26 ଟି ସାଧାରଣ ପାଠ୍ୟକ୍ରମ ମଧ୍ୟରୁ କେବଳ 22 ଟି ପାଠ୍ୟକ୍ରମର ଛାତ୍ରଛାତ୍ରୀ ପ୍ଲେସମେଣ୍ଟ ସେଲ୍‌ରେ ପଞ୍ଜିକୃତ ହୋଇଥିଲେ । ଅଧିକନ୍ତୁ, ଉପଲବ୍ଧ ବିବରଣୀ ଅନଯାୟୀ, ଏହି 22 ଟି ପାଠ୍ୟକ୍ରମ ମଧ୍ୟରୁ, ଉତ୍କଳ ବିଶ୍ୱବିଦ୍ୟାଳୟର କେବଳ 12 ଟି[4] ପାଠ୍ୟକ୍ରମର ଛାତ୍ରଛାତ୍ରୀମାନେ ଶେଷରେ ଏହି ବର୍ଷଗୁଡ଼ିକରେ ସ୍ଥାନିତ ହୋଇଥିଲେ । ଏହା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିବା ମୋଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେବଳ 29.54 ରୁ 35.19 ପ୍ରତିଶତ, ପ୍ଲେସମେଣ୍ଟ ପାଇଁ ସେଲରେ ପଞ୍ଜିକୃତ ହୋଇଥିଲେ ।

2014-19 ବର୍ଷ ମଧ୍ୟରେ ପ୍ଲେସମେଣ୍ଟ ସେଲ୍ ଦ୍ୱାରା ଶେଷରେ ସ୍ଥାନ ପାଇଥିବା ଛାତ୍ରଛାତ୍ରୀ ସଂଖ୍ୟା 2015-16 ରେ ସର୍ବାଧିକ 20.70 ପ୍ରତିଶତରେ ପହଞ୍ଚିଥିଲା ।

ଏହିପରି, ଉତ୍କଳ ବିଶ୍ୱବିଦ୍ୟାଳୟରେ ଏକ ପ୍ଲେସମେଣ୍ଟ ସେଲର ଅସ୍ତିତ୍ୱ ଥିବା ସତ୍ତ୍ୱେ ମଧ୍ୟ ଉପରୋକ୍ତ ସାରଣୀରେ ଉଲ୍ଲେଖ କରାଯାଇଥିବା 26 ଟି ପାଠ୍ୟକ୍ରମ ମଧ୍ୟରୁ କେବଳ 12 ଟି ପାଠ୍ୟକ୍ରମର ଛାତ୍ରଛାତ୍ରୀମାନଙ୍କୁ ସ୍ଥାନିତ କରାଯାଇପାରିଥିଲା ।

### *ଯାଞ୍ଚ ହୋଇଥିବା ମହାବିଦ୍ୟାଳୟଗୁଡ଼ିକ*

2014-19 ବର୍ଷ ମଧ୍ୟରେଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର 32 ଟି ଯାଞ୍ଚ ହୋଇଥିବା ମହାବିଦ୍ୟାଳୟ ମଧ୍ୟରୁ କୌଣସିଟିରେ ପ୍ଲେସମେଣ୍ଟ ସେଲ୍ ନଥିଲା । ଏହି ନମୁନା ହୋଇଥିବା ମହାବିଦ୍ୟାଳୟଗୁଡ଼ିକ ଛାତ୍ରଛାତ୍ରୀଙ୍କ ତଥ୍ୟ ରଖୁନଥିଲେ, ଯେଉଁମାନେ ପାସ୍ ହେବା ପରେ ମଧ୍ୟ ସ୍ଥାନିତ ହୋଇଥାଇ ପାରନ୍ତି । ତେଣୁ, ନିଯୁକ୍ତିରେ ଇଚ୍ଛାକୃତ ଫଳାଫଳ ହାସଲ କରିବାରେ ପ୍ଲେସମେଣ୍ଟ ସେଲ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସତ୍ତ୍ୱେ, ସେମାନଙ୍କର କାର୍ଯ୍ୟର ମୂଲ୍ୟାଙ୍କନରୁ ଜଣାପଡ଼ିଛି ଯେ ଏଗୁଡ଼ିକ ସମ୍ପୂର୍ଣ୍ଣ ଅନୁପସ୍ଥିତ ଥିଲା (ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏବଂ ନମୁନା ମହାବିଦ୍ୟାଳୟ) କିମ୍ବା ଯଦି ବିଦ୍ୟମାନ ଥିଲା, ସେମାନେ କେବଳ ଅଳ୍ପ ସଂଖ୍ୟକ ପଞ୍ଜିକୃତ ଛାତ୍ରଛାତ୍ରୀଙ୍କୁ ଚାକିରିରେ ସ୍ଥାନିତ କରିବାରେ ସକ୍ଷମ ହୋଇଥିଲେ ।

ସରକାର ମାନିଲେ (ସେପ୍ଟେମ୍ବର 2020) ଯେ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ରେକର୍ଡ ଗୁଡ଼ିକ ସଠିକ୍ ଭାବରେ ପରିଚାଳନା କରୁନାହାନ୍ତି ଏବଂ ବିଭାଗ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ ଏହି ସେଲର କାର୍ଯ୍ୟ ସମୀକ୍ଷା କରିବ ।

### *2.1.1.2 କ୍ୟାରିୟର କାଉନସେଲିଂ ସେଲ୍ (ସିସିସି)*

ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ଅଧୀନରେ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ କ୍ୟାରିୟର କାଉନସେଲିଂ ସେଲ୍ (ସିସିସି) ପ୍ରତିଷ୍ଠା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଛି । ଏହି ଯୋଜନାର ଉଦ୍ଦେଶ୍ୟ ହେଲା ସଫ୍ଟ ସ୍କିଲ୍ ଡେଭଲପମେଣ୍ଟ, ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଯୋଗାଯୋଗ ଦକ୍ଷତାର ଉନ୍ନତି, ଚାକିରି ତାଲିମ ପ୍ରଦାନ, ଆଡ-ଅନ୍ କିମ୍ବା ଧନ୍ଦାମୂଳକ ପାଠ୍ୟକ୍ରମ ପରିଚାଳନା, ସୂଚନାର ଏକ ଉତ୍ସ କେନ୍ଦ୍ର ନିର୍ମାଣ ଏବଂ ସ୍ଥାନିତ ହେବାର ସୂଚନା ସଂଗ୍ରହ କରିବା । ମାର୍ଗଦର୍ଶିକା ଅନୁଯାୟୀ, ସିସିସି ପାର୍ଟ ଟାଇମ୍ କର୍ମଚାରୀ ଯଥା- ଜଣେ ସଂଯୋଜକ, ଜଣେ କିରାଣୀ ଏବଂ ଜଣେ ପିଅନଙ୍କ ଦ୍ୱାରା ପରିଚାଳିତ ହେବ । 2014-15 ରୁ 2018-19 ମଧ୍ୟରେ, ଡିଏଚଇ ଦଶଟି ବଶ୍ୱବିଦ୍ୟାଳୟକୁ[5] ସିସିସି ଗଠନ ଏବଂ କାର୍ଯ୍ୟକାରିତା ପାଇଁ ପାଣ୍ଠି ଯୋଗାଇ ଦେଇଥିଲେ । ଦୁଇଟି ନମୁନା ବିଶ୍ୱବିଦ୍ୟାଳୟ ଏବଂ ଚାରିଟି ନମୁନା ମହାବିଦ୍ୟାଳୟ (32) ଏଥିପାଇଁ ରାଜ୍ୟ ସକରକାରଙ୍କ ଠାରୁ 41.50 ଲକ୍ଷ ଟଙ୍କା ପାଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ 17 ଲକ୍ଷ ଟଙ୍କା (2016-17 ରେ 12.50 ଲକ୍ଷ ଟଙ୍କା ଏବଂ 2017-18 ରେ 4.50 ଲକ୍ଷ ଟଙ୍କା) ପାଇଥିବା ବେଳେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ 12.50 ଲକ୍ଷ ଟଙ୍କା (2017-18) ଏବଂ ଚାରିଟି[6] ନମୁନା ମହାବିଦ୍ୟାଳୟ ଗୁଡ଼ିକ 2018-19

---

[4] ଯେଉଁ ପାଠ୍ୟକ୍ରମଗୁଡ଼ିକ ବାଦ୍ ଦିଆଯାଇଛି/ ସ୍ଥାନିତ ନୁହେଁ ପ୍ରାଚୀନ ଭାରତୀୟ ଇତିହାସ, ଭୂଗୋଳ, ଇତିହାସ, ଗଣିତ, ଓଡ଼ିଆ, ରାଜନୀତି ବିଜ୍ଞାନ, ମନୋବିଜ୍ଞାନ, ସାଧାରଣ ପ୍ରଶାସନ, ପରିସଂଖ୍ୟାନ ଏବଂ ପ୍ରାଣୀ ବିଜ୍ଞାନ

[5] ଉତ୍କଳ, ରେଭେନ୍ସା, ରମାଦେବୀ, ଫକୀର ମୋହନ, ଜଗନ୍ନାଥ, ବ୍ରହ୍ମପୁର, ସମ୍ବଲପୁର, ଗଙ୍ଗାଧର ମେହେର, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏବଂ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ

[6] ରାଜଧାନୀ ମହାବିଦ୍ୟାଳୟ, ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ମଡେଲ ଡିଗ୍ରୀ ମହାବିଦ୍ୟାଳୟ, ନୟାଗଡ଼

ମଧ୍ୟରେ ପ୍ରତ୍ୟେକ 3 ଲକ୍ଷ ଟଙ୍କା ପାଇଥିଲେ । ଏହି ରାଶି ଶିକ୍ଷକ/ ଅଣଶିକ୍ଷକ କର୍ମଚାରୀଙ୍କୁ ପାରିତୋଷିକ, ଆସବାବପତ୍ର ଏବଂ ଆଧୁନିକ ଉପାୟରେ ଶିକ୍ଷାଦାନ କାର୍ଯ୍ୟରେ ଖର୍ଚ୍ଚ ହେବ । ଅଡିଟ୍ ଲକ୍ଷ୍ୟ କରିଛି ଯେ ପରୀକ୍ଷା ହୋଇଥିବା ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକ ସମୁଦାୟ 10.46 ଲକ୍ଷ ଟଙ୍କା ମାର୍ଚ୍ଚ 2019 ସୁଦ୍ଧା ବିନିଯୋଗ ହୋଇପାରିଛି । ସିସିସି ଗଠନ ଏବଂ କାର୍ଯ୍ୟରେ ଥିବା ତ୍ରୁଟିଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଛି:

### ଉତ୍କଳ ବିଶ୍ୱବିଦ୍ୟାଳୟ

ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ମିଳିଥିବା ସମୁଦାୟ 17 ଲକ୍ଷ ଟଙ୍କା ମଧ୍ୟରୁ କେବଳ 0.29 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇପାରିଥିଲା ଏବଂ ଏହା ମଧ୍ୟ ବିଶ୍ୱବିଦ୍ୟାଳୟ ଦ୍ୱାରା କେବଳ ଆୟୋଜିତ ସିସିସି ପାଇଁ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ହୋଇଥିଲା । ସେଲ୍ 4 ମାର୍ଚ୍ଚ 2017 ରେ ଉଦ୍‌ଘାଟିତ ହୋଇଥିଲା କିନ୍ତୁ ଏହା ପରେ କାର୍ଯ୍ୟକ୍ଷମ ହୋଇପାରି ନଥିଲା ।

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା 24 ଟି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ ମଧ୍ୟରୁ କେବଳ ପାଞ୍ଚଟି ମହାବିଦ୍ୟାଳୟରେ ସିସିସି କାର୍ଯ୍ୟ କରୁଥିଲେ ଯାହାକି ନିମ୍ନ ସାରଣୀରେ ବିସ୍ତୃତ ଭାବରେ ଦିଆଯାଇଛି । ତିନିଟି ମହାବିଦ୍ୟାଳୟ କେବଳ 2018-19 ରେ ଡିଏଚଇ ରୁ ପାଣ୍ଠି ଗ୍ରହଣ କରି ସେମାନଙ୍କର ସିସିସି ପ୍ରତିଷ୍ଠା କରିଥିଲେ ଏବଂ ଅନ୍ୟ ଦୁଇଟି, 2018 ପୂର୍ବରୁ ସିସିସି ଗଠନ କରିଥିଲେ ଯାହାକି ସାରଣୀରେ ଦେଖାଯାଇଛି । ଏହି ମହାବିଦ୍ୟାଳୟଗୁଡ଼ିକରେ ସିସିସି ଗୁଡ଼ିକର କାର୍ଯ୍ୟର ସ୍ଥିତି ନିମ୍ନ ସାରଣୀରେ ଉଲ୍ଲେଖ କରାଯାଇଛି:

*ସାରଣୀ 2.2: 2014-15 ରୁ 2018-19 ବର୍ଷ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ପାଞ୍ଚଟି ନମୁନା ମହାବିଦ୍ୟାଳୟରେ କାର୍ଯ୍ୟକରୁଥିବା ସିସିସି ଗୁଡ଼ିକର ବିବରଣୀ*

| କ୍ର.ସଂ. | ମହାବିଦ୍ୟାଳୟର ନାମ | ସ୍ଥାପନାର/ କାର୍ଯ୍ୟକ୍ଷମର ବର୍ଷ | ପାଇଥିବା ରାଶି (ଲକ୍ଷ ଟଙ୍କାରେ) | ଖର୍ଚ୍ଚ ହୋଇଥିବା ଟଙ୍କା (ମାର୍ଚ୍ଚ2019ସୁଦ୍ଧା) (ଲକ୍ଷ ଟଙ୍କାରେ) | ସିସିସି ସ୍ଥାପନ ଠାରୁ ମହାବିଦ୍ୟାଳୟ ନାମ ଲେଖାଇଥିବା ଛାତ୍ରଛାତ୍ରୀ | ସୁବିଧା ପାଇଥିବା ଛାତ୍ରଛାତ୍ରୀ | ସିସିସି ରୁ ସୁବିଧା ପାଇଥିବା ଛାତ୍ରଛାତ୍ରୀ ପ୍ରତିଶତରେ |
|---|---|---|---|---|---|---|---|
| 1 | ରାଜଧାନୀ ମହାବିଦ୍ୟାଳୟ | 2018-19 | 3 (2018-19) | 2.75 | 1338 | 150 | 11.21 |
| 2 | ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟ | 2018-19 | 3 (2018-19) | 2.21 | 308 | 225 | 73.05 |
| 3 | ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ | 2018-19 | 3 (2018-19) | 2.14 | 1520 | 458 | 30.13 |
| 4 | କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ | 2016-17 | - | - | 985 | 85 | 8.62 |
| 5 | ଏମ୍ ଏ ମହାବିଦ୍ୟାଳୟ, ଲେମାଲୋ | 2014-15 | - | - | 2890 | 690 | 23.87 |

*(ଉତ୍ସ: ସଂପୃକ୍ତ ମହାବିଦ୍ୟାଳୟ ଗୁଡ଼ିକର ରେକର୍ଡ)*

ତେଣୁ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାୟ 80 ପ୍ରତିଶତ ମହାବିଦ୍ୟାଳୟରେ ସିସିସିଗୁଡ଼ିକ କାର୍ଯ୍ୟ କରୁନଥିଲା । ଏପରିକି ପାଞ୍ଚଟି ମହାବିଦ୍ୟାଳୟରେ ଯେଉଁଠାରେ ଏହା କାର୍ଯ୍ୟ କରୁଥିଲା, ଗୋଟିଏ (ମଡେଲ ଡିଗ୍ରୀ ମହାବିଦ୍ୟାଳୟ) ବ୍ୟତୀତ, କ୍ୟାରିୟର କାଉନସେଲିଂରୁ ଉପକୃତ ହୋଇପାରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଯଥେଷ୍ଟ ନଥିଲା ।

### ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ2018-19 ରେ ସିସିସି ପ୍ରତିଷ୍ଠା ପାଇଁ 12.50 ଲକ୍ଷ ଟଙ୍କା ପାଇଲା ଏବଂ ଏଥିମଧ୍ୟରୁ ନଭେମ୍ବର 2019 ସୁଦ୍ଧା ବିଶ୍ୱବିଦ୍ୟାଳୟ ଦ୍ୱାରା ମାତ୍ର 2.13 ଲକ୍ଷ ଟଙ୍କା (17 ପ୍ରତିଶତ) ବ୍ୟବହାର ହୋଇପାରିଥିଲା । ଉପଲବ୍ଧ ସୂଚନା ଅନୁଯାୟୀ, ସିସିସି ରେ ମୋଟ 373 ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ ଏବଂ ଏଥିମଧ୍ୟରୁ ପ୍ରାୟ 200 ଛାତ୍ରଛାତ୍ରୀ ସେଲ୍ କାର୍ଯ୍ୟକଳାପରୁ ଉପକୃତ ହୋଇଥିଲେ ।

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଆଠଟି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ ମଧ୍ୟରୁ କେବଳ ଦୁଇଟି ପରୀକ୍ଷା ହୋଇଥିବା ମହାବିଦ୍ୟାଳୟରେ[7] ସିସିସି କାର୍ଯ୍ୟ କରୁଥିଲା । ଏହି ଦୁଇଟି ମଧ୍ୟରୁ, ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ2018-19 ରେ ସିସିସି ସ୍ଥାପିତ ହୋଇଥିଲା ଯେତେବେଳେ ବିଭାଗରୁ ପାଣ୍ଠି ପାଇଥିଲେ । କିନ୍ତୁ, ସେଲର ସେବା ପାଇଥିବା ଛାତ୍ରଛାତ୍ରୀଙ୍କ କୌଣସି ରେକର୍ଡ ମହାବିଦ୍ୟାଳୟ ପରିଚାଳନା କରିନଥିଲା । ବାରିପଦା ମହାବିଦ୍ୟାଳୟ କ୍ଷେତ୍ରରେ, ସେଲ୍ 2014-15 ରୁ କାର୍ଯ୍ୟ କରୁଥିଲା ଏବଂ 1,267 ଜଣ ଛାତ୍ରଙ୍କ ମଧ୍ୟରୁ 299 ଜଣ (24 ପ୍ରତିଶତ) କ୍ୟାରିୟର ପରାମର୍ଶ ସେବା ପାଇଥିଲେ ।

ଏହିପରି, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ 25 (32 ଟି ମଧ୍ୟରୁ) ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟରେ ସିସିସି ଗୁଡ଼ିକ କାର୍ଯ୍ୟ କରୁନଥିଲା । ଉଭୟ, ବିଶ୍ୱବିଦ୍ୟାଳୟ ସିସିସି ଗୁଡ଼ିକର ସୃଷ୍ଟି ଏବଂ କାର୍ଯ୍ୟକାରିତା ପାଇଁ ପାଣ୍ଠି ପାଇଥିଲେ ଯାହା ପ୍ରାୟ ବ୍ୟବହାର ହୋଇନଥିଲା । ଅଧିକାଂଶ ଯାଞ୍ଚ କରାଯାଇଥିବା ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କରେ ସିସିସି ଗୁଡ଼ିକର କାର୍ଯ୍ୟର ଉଦ୍ଦେଶ୍ୟ, ଯଥା ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ହାସଲ ହୋଇପାରିଲା ନାହିଁ ।

### *2.1.1.3 ଆଲୁମିନି ଆସୋସିଏସନ୍*

ଏନଏଏସି ମାନୁଆଲ୍ ପାରା 5.4 ଅନୁଯାୟୀ, ଆଲୁମିନି ଯେକୌଣସି ଅନୁଷ୍ଠାନ ପାଇଁ ଏକ ଦୃଢ଼ ସମର୍ଥକ । ଏକ ସକ୍ରିୟ ଆଲୁମିନି ଆସୋସିଏସନ୍ ଉଭୟ ଆର୍ଥିକ ଏବଂ ଅଣ-ଆର୍ଥିକ ସମ୍ବଳ ସଂଗ୍ରହ ସହିତ ଏକାଡେମିକ୍ ବିଷୟ, ଛାତ୍ରଛାତ୍ରୀ ସମର୍ଥନ ଏବଂ ସହଯୋଗ କରିପାରିବ । ଆଲୁମିନିମାନେ ବିଭିନ୍ନ ଉପାୟରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟକଳାପରେ ଜଡ଼ିତ ଯଥା, ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେବା, ବିଶ୍ୱବିଦ୍ୟାଳୟ ପ୍ରଶାସନ/ ଅଧ୍ୟାପିକା/ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ବିଭିନ୍ନ ପ୍ରୟାସରେ ସହାୟତା, ଦାନ ଯୋଗାଇବା ଇତ୍ୟାଦି ।

ଅଡିଟ୍ ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକରେ ଆଲୁମିନି ଆସୋସିଏସନ୍ ଗଠନ ଏବଂ କାର୍ଯ୍ୟକାରିତା ସହିତ ଜଡ଼ିତ ଅଡିଟ୍ ଫଳାଫଳଗୁଡ଼ିକ ନିମ୍ନରେ ଦିଆଗଲା:

#### *ଉତ୍କଳ ବିଶ୍ୱବିଦ୍ୟାଳୟ*

ସମୁଦାୟ ବିଶ୍ୱବିଦ୍ୟାଳୟ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଲୁମିନି ଆସୋସିଏସନ ନଥିଲା, କିନ୍ତୁ ବିଭାଗୀୟ ସ୍ତରରେ 2014-19 ମଧ୍ୟରେ ଏହା ବିଦ୍ୟମାନ ଥିଲା । ଯାଞ୍ଚ ହୋଇଥିବା 24 ଟି ମହାବିଦ୍ୟାଳୟ ମଧ୍ୟରୁ କେବଳ ଗୋଟିଏ ମହାବିଦ୍ୟାଳୟ (ରାଜଧାନୀ ମହାବିଦ୍ୟାଳୟ) ରେ ଆଲୁମିନି ଆସୋସିଏସନ ଥିଲା । 2014-19 ଅବଧି ମଧ୍ୟରେ, ଆସୋସିଏସନର ତିନିଟି ବୈଠକ[8] ଅନୁଷ୍ଠିତ ହୋଇଥିଲା ।

#### *ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ*

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ମଧ୍ୟ ଆଲୁମିନି ଆସୋସିଏସନ ବିଶ୍ୱବିଦ୍ୟାଳୟର 13 ଟି ବିଭାଗ ମଧ୍ୟରୁ ଚାରିଟିରେ ରହିଥିଲା ଏବଂ ସମୁଦାୟ ବିଶ୍ୱବିଦ୍ୟାଳୟ ପାଇଁ କୌଣସି ଆଲୁମିନି ଆସୋସିଏସନ ନଥିଲା ।

ଏହି ଚାରିଟି ବିଭାଗରେ, 2014-15 ରୁ 2018-19 ମଧ୍ୟରେ ଆସୋସିଏସନର 17 ଟି ବୈଠକ[9] ଅନୁଷ୍ଠିତ ହୋଇଥିଲା । ଚାରିଟି ବିଭାଗ ମଧ୍ୟରୁ ତିନିଟି ବିଭାଗ (ଉଦ୍ଭିଦ ବିଜ୍ଞାନ, ବାୟୋଟେକ୍ନୋଲୋଜି ଏବଂ ପ୍ରାଣୀ ବିଜ୍ଞାନ) କ୍ଷେତ୍ରରେ 2014-19 ମଧ୍ୟରେ ଆସୋସିଏସନର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା । ଅବଶିଷ୍ଟ ଗୋଟିଏ ବିଭାଗରେ (ରସାୟନ ବିଜ୍ଞାନ ବିଭାଗ) 2014-19 ମଧ୍ୟରେ କେବଳ ଦୁଇଟି ବୈଠକ ଅନୁଷ୍ଠିତ ହୋଇଥିଲା ।

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଆଠଟି ଯାଞ୍ଚ ହୋଇଥିବା ମହାବିଦ୍ୟାଳୟ ମଧ୍ୟରୁ କେବଳ ଗୋଟିଏ ମହାବିଦ୍ୟାଳୟ (କପ୍ତିପଦା ମହାବିଦ୍ୟାଳୟ) ରେ ଆଲୁମିନି ଆସୋସିଏସନ ରହିଥିଲା ଏବଂ ଗତ ପାଞ୍ଚ ବର୍ଷ ମଧ୍ୟରେ ପ୍ରତିବର୍ଷ ବୈଠକ ଅନୁଷ୍ଠିତ ହୋଇଥିଲା ।

---

7 ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ (ସରକାରୀ) ଏବଂ ବାରିପଦା ଡିଗ୍ରୀ ମହାବିଦ୍ୟାଳୟ (ବେସରକାରୀ)

8 2015-16 ରେ ଗୋଟିଏ ଏବଂ 2016-17ରେ ଦୁଇଟି

9 ଚାରିଟି ବିଭାଗରେ 2014-15 ରୁ 2018-19 ମଧ୍ୟରେ ମୋଟ 17 ଟି ବୈଠକ (ଉଦ୍ଭିଦ ବିଜ୍ଞାନ-5, ରସାୟନ ବିଜ୍ଞାନ-2, ବାୟୋଟେକ୍ନୋଲୋଜି-5 ଏବଂ ପ୍ରାଣୀ ବିଜ୍ଞାନ-5)

ଅଧିକାଂଶ ଯାଞ୍ଚ ହୋଇଥିବା ମହାବିଦ୍ୟାଳୟରେ ଅନିୟମିତ ବୈଠକରେ ଏବଂ ଆଲୁମିନି ଆସୋସିଏସନର ଅନୁପସ୍ଥିତିରେ, ଛାତ୍ରଛାତ୍ରୀମାନେ ସେମାନଙ୍କ ଆଲୁମିନିଙ୍କଠାରୁ, ମୁଖ୍ୟତଃ ନେଟ୍‌ୱାର୍କିଂ, ନିଯୋଜିତ ହେବା ପାଇଁ କର୍ପୋରେଟ୍ ଲିଙ୍କେଜ୍, ମହାବିଦ୍ୟାଳୟର ବିକାଶ ପାଇଁ ଦାନ ଇତ୍ୟାଦି ପାଇଁ ନିରନ୍ତର ସମର୍ଥନ ଏବଂ ମାର୍ଗଦର୍ଶନ ପାଇପାରିନଥିଲେ ।

ସରକାର ଦର୍ଶାଇଲେ (ସେପ୍ଟେମ୍ବର 2020) ଯେ ଉତ୍କଳ ବିଶ୍ୱବିଦ୍ୟାଳୟ 23-27 ନଭେମ୍ବର 2019 ମଧ୍ୟରେ ଏକ ମେଗା ଆଲୁମିନି ବୈଠକ ଆୟୋଜନ କରିଛି ପୁରାତନ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପୁରାତନ ଶିକ୍ଷାନୁଷ୍ଠାନ ସହିତ ସଂଯୋଗ ହେବା ପାଇଁ ଏକ ପ୍ଲାଟଫର୍ମ ଦେବା ପାଇଁ ରାଜ୍ୟ ସରକାର "ମୋ ମହାବିଦ୍ୟାଳୟ ଅଭିଯାନ"ନାମକ ଏକ ଯୋଜନା ମଧ୍ୟ ଆରମ୍ଭ କରିଥିଲେ । ବିଶ୍ୱବିଦ୍ୟାଳୟ ଏବଂ ସରକାର ଗ୍ରହଣ କରୁଥିବା ପଦକ୍ଷେପଗୁଡ଼ିକ ସଠିକ ଦିଗରେ ଅଛି ଏବଂ ଆଲୁମିନି ଆସୋସିଏସନ ଏବଂ ସେମାନଙ୍କର ବୈଠକ ନିୟମିତ ବ୍ୟବଧାନରେ କରିବାକୁ ଏବଂ ଛାତ୍ରଛାତ୍ରୀମାନଙ୍କର ଆବଶ୍ୟକତା ପୂରଣ କରିବାରେ ସହଯୋଗ କରିବାକୁ ଆଲୁମିନିକୁ ପରାମର୍ଶ ଦେବା ପାଇଁ ଉତ୍ସାହିତ କରାଯାଇପାରେ ।

### *2.1.1.4 ଚାକିରି ମେଳା ଆୟୋଜନ*

ଏକ ଚାକିରି ମେଳା ହେଉଛି ଏକ ନିଯୁକ୍ତି ଇଭେଣ୍ଟ ଯେଉଁଥିରେ ନିୟୋଜକ ଏବଂ ନିଯୁକ୍ତିଦାତା ସମ୍ଭାବ୍ୟ ପ୍ରାର୍ଥୀ/ କର୍ମଚାରୀଙ୍କ ସହିତ ସାକ୍ଷାତ କରନ୍ତି ଏବଂ ଯେଉଁଠାରେ ଚାକିରି ଖୋଜୁଥିବା ବ୍ୟକ୍ତିମାନେ ସମ୍ଭାବ୍ୟ ନିଯୁକ୍ତିଦାତାମାନଙ୍କ ଠାରେ ଚାକିରି ପାଇବା ବିଷୟରେ ଅଧିକ ସୁଯୋଗ ପାଇଥାନ୍ତି । 2014-19 ମଧ୍ୟରେ ଦୁଇଟି ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟ ଏବଂ 32 ଟି ମହାବିଦ୍ୟାଳୟରେ ଚାକିରି ମେଳାର ଆୟୋଜନ ସମ୍ବନ୍ଧୀୟ ସୂଚନାରେ ନିମ୍ନଲିଖିତ ଫଳାଫଳ ପ୍ରକାଶ ପାଇଲା:

#### *ଉତ୍କଳବିଶ୍ୱବିଦ୍ୟାଳୟ*

ଉତ୍କଳ ବିଶ୍ୱବିଦ୍ୟାଳୟରେ, 2014-15 ରୁ 2018-19 ମଧ୍ୟରେ 194 ଟି ଚାକିରି ମେଳା ଆୟୋଜିତ ହୋଇଥିଲା ଯେଉଁଥିରେ 1,089 ଜଣ ଛାତ୍ରଛାତ୍ରୀ ସ୍ଥାନିତ ହୋଇଥିଲେ । ଏହି ସମୟ ମଧ୍ୟରେ ଚାକିରି ମେଳାରେ ଅଂଶଗ୍ରହଣ କରିଥିବା ମୋଟ ଛାତ୍ରଛାତ୍ରୀଙ୍କ ସମ୍ବନ୍ଧୀୟ ତଥ୍ୟ ରକ୍ଷଣାବେକ୍ଷଣ କରାଯାଇ ନଥିଲା ଯେଉଁଥିପାଇଁ ବିଶ୍ୱବିଦ୍ୟାଳୟରେ ଏହି ମେଳାର ସଫଳତା ଅନୁପାତର ମୂଲ୍ୟାଙ୍କନ କରାଯାଇପାରିଲା ନାହିଁ ।

ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା 24 ଟି ଯାଞ୍ଚ ମହାବିଦ୍ୟାଳୟ ମଧ୍ୟରୁ କେବଳ ତିନିଟି ମହାବିଦ୍ୟାଳୟ 2014-19 ମଧ୍ୟରେ ଚାକିରି ମେଳା ଆୟୋଜନ କରିଥିଲେ ଯେଉଁଥିରେ କି 80 ଜଣ ଛାତ୍ରଛାତ୍ରୀ ଉପଲବ୍ଧ ରେକର୍ଡ ଅନୁଯାୟୀ ସ୍ଥାନ ପାଇଥିଲେ । ଏହି ଚାକିରି ମେଳାରେ ପ୍ରକୃତରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀ ସଂଖ୍ୟା ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ହୋଇନଥିଲା ।

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ଅବଶିଷ୍ଟ 21 ଟି ମହାବିଦ୍ୟାଳୟରେ 2014-19 ମଧ୍ୟରେ କୌଣସି ଚାକିରି ମେଳା ଆୟୋଜିତ ହୋଇନଥିଲା ।

#### *ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ*

ଅଡିଟ୍‌କୁ ବିଶ୍ୱବିଦ୍ୟାଳୟ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ 2014-15 ରୁ 2015-16 ମଧ୍ୟରେ ଛଅଟି ଚାକିରି ମେଳାର ଆୟୋଜନ[10] କରାଯାଇଥିଲା ଏବଂ ଏଥିରୁ 70 ଜଣ ଛାତ୍ରଛାତ୍ରୀ ସ୍ଥାନ ପାଇଥିଲେ । ସମୁଦାୟ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କ ସମ୍ବନ୍ଧୀୟ ତଥ୍ୟ ରକ୍ଷଣାବେକ୍ଷଣ କରାଯାଇନଥିଲା ଯେଉଁଥିପାଇଁ ଏହି ମେଳାର ସଫଳତା ଅନୁପାତ ଜାଣି ହୋଇପାରି ନଥିଲା । ଉତ୍ତର ଓଡ଼ିଶା ବଶ୍ୱବିଦ୍ୟାଳୟ ଅଧୀନରେ ଥିବା ଆଠଟି ଯାଞ୍ଚ ମହାବିଦ୍ୟାଳୟ ମଧ୍ୟରୁ କେବଳ ଗୋଟିଏ ମହାବିଦ୍ୟାଳୟ 2017-18 ବର୍ଷରେ ଦୁଇଟି ଚାକରି ମେଳାର ଆୟୋଜନ କରିଥିଲା । ଆୟୋଜିତ ଏହି ଦୁଇଟି ମେଳାରେ ସମୁଦାୟ 300ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ, ସେଥିମଧ୍ୟରୁ କେବଳ 12 ଜଣ ଛାତ୍ରଛାତ୍ରୀ ସ୍ଥାନ ପାଇଥିଲେ । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଅବଶିଷ୍ଟ ସାତଟି ନମୁନା ମହାବିଦ୍ୟାଳୟରେ କୌଣସି ଚାକିରୀ ମେଳା ଆୟୋଜିତ ହୋଇନଥିଲା ।

[10] ଅବଶିଷ୍ଟ ତିନି ବର୍ଷର (2016-2019) ତଥ୍ୟ ପ୍ରଦାନ କରାଯାଇ ନଥିଲା

ଏହିପରି ଭାବରେ, ଉତ୍କଳ ବିଶ୍ୱବିଦ୍ୟାଳୟ ପାଞ୍ଚ ବର୍ଷ (2014-19) ମଧ୍ୟରେ ବହୁ ସଂଖ୍ୟକ ଚାକିରୀ ମେଳାର ଆୟୋଜନ କରିଥିବା ବେଳେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ ସଂଖ୍ୟା ସମ୍ବନ୍ଧରେ ତଥ୍ୟ ଅଭାବରୁ ଏହି ମେଳାର ସଫଳତା ପ୍ରତିପାଦିତ ହୋଇପାରିଲା ନାହିଁ । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଉଭୟ ଚାକିରୀ ମେଳାର ଆୟୋଜନ ଏବଂ ସ୍ଥାନିତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଆଶା କରାଯାଉଥିବା ସ୍ତରଠାରୁ ବହୁତ କମ୍ ଥିଲା । 32 ଟି ନମୁନା ହୋଇଥିବା ମହାବିଦ୍ୟାଳୟ ମଧ୍ୟରୁ 28 ଟି ମହାବିଦ୍ୟାଳୟରେ ଚାକିରୀ ମେଳା ଆୟୋଜିତ ହୋଇନଥିଲା (88 ପ୍ରତିଶତ) ଯାହା ଛାତ୍ରଛାତ୍ରୀମାନଙ୍କୁ ବାହାର ଦୁନିଆ ଓ ନିଯୁକ୍ତିଦାତାଙ୍କ ସହ ପରିଚିତ ଯୋଗାଇବାରେ ପ୍ରତିବନ୍ଧକ ଥିଲା ।

ସରକାର ଦର୍ଶାଇଲେ (ସେପ୍ଟେମ୍ବର 2020) ଯେ ମହାବିଦ୍ୟାଳୟ ଗୁଡ଼ିକରେ ଚାକିରି ମେଳା ଆୟୋଜନ କରିବା ଏକ କଷ୍ଟସାଧ କାର୍ଯ୍ୟ । ତଥାପି, ସହରାଞ୍ଚଳରେ ଅବସ୍ଥିତ ଏବଂ ଉନ୍ନତମାନର ଯୋଗାଯୋଗ ସୁବିଧା ଥିବା କେତେକ ବଡ଼ ମହାବିଦ୍ୟାଳୟ ଏହିପରି ଚାକିରୀ ମେଳା ଆୟୋଜନ କରନ୍ତି ।

ତେବେ ଅଡିଟ୍ ଦ୍ୱାରା ଏହା ଦେଖାଯାଇଥିଲା ଯେ ସହରାଞ୍ଚଳରେ ଅବସ୍ଥିତ ନଅଟି ନମୁନା ମହାବିଦ୍ୟାଳୟ ମଧ୍ୟରୁ ଛଅଟି ମହାବିଦ୍ୟାଳୟରେ ଚାକିରି ମେଳା ଅନୁଷ୍ଠିତ ହୋଇନାହିଁ । ଅଧିକନ୍ତୁ, ଗ୍ରାମାଞ୍ଚଳରେ ଅବସ୍ଥିତ ମହାବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀମାନେ ପୂର୍ବରୁ ସୁଦୂର ଏବଂ ସହରାଞ୍ଚଳରେ ଉପଲବ୍ଧତାକୁ ଉପଭୋଗ କରିପାରୁନାହାନ୍ତି, ଚାକିରୀ ମେଳା ନ କରିବା ଯୋଗୁ ନିଯୁକ୍ତି ସହାୟତାରୁ ବଞ୍ଚିତ ହୋଇଥିଲେ ।

## 2.1.2 ସୂଚକ ମାଧ୍ୟମରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ମୂଲ୍ୟାଙ୍କନ

ଏହି ବିଭାଗରେ, ଚାକିରୀ ବୃଦ୍ଧି ଏବଂ ଉଚ୍ଚ ଅଧ୍ୟୟନରେ ଅଗ୍ରଗତିକୁ ଉତ୍ସାହିତ କରିବାରେ ଯାଞ୍ଚ କରାଯାଇଥିବା ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର କାର୍ଯ୍ୟଦକ୍ଷତା ସ୍ୱୀକୃତି ଏବଂ ରାଙ୍କିଙ୍ଗ୍ ସଂସ୍ଥା ଦ୍ୱାରା ବ୍ୟବହୃତ କେତେକ ଜଣାଶୁଣା ତଥା ଗ୍ରହଣୀୟ ସୂଚକାଙ୍କ ନିରୂପଣ କରି ମୂଲ୍ୟାଙ୍କନ କରାଯାଇଛି ।

### *2.1.2.1 ଛାତ୍ରଛାତ୍ରୀମାନଙ୍କର ଚାକିରୀରେ ନିୟୋଜନ*

ଛାତ୍ରଛାତ୍ରୀମାନଙ୍କର ଚାକିରୀ ସ୍ଥାନିତ କରିବା ହେଉଛି ଛାତ୍ରଛାତ୍ରୀ ଜଣକ ତାଙ୍କ କାର୍ଯ୍ୟକ୍ରମ ସମାପ୍ତ କରିବା ପୂର୍ବରୁ ଅନୁଷ୍ଠାନ ଦ୍ୱାରା କରାଯାଇଥିବା ବିଭିନ୍ନ ପ୍ରୟାସ ଦ୍ୱାରା ଚାକିରୀ ପାଇବାକୁ ବୁଝାଏ । ଚାକିରୀ ସ୍ଥାନ ପ୍ରଦାନରେ ଏକ ଅନୁଷ୍ଠାନର କାର୍ଯ୍ୟଦକ୍ଷତାକୁ ଆକଳନ କରିବାକୁ, 2014-19 ମଧ୍ୟରେ ଯାଉଥିବା ***ଛାତ୍ରଛାତ୍ରୀଙ୍କ ହାରାହାରି ଶତକଡ଼ା ଏକ ସୂଚକ ଭାବରେ ବ୍ୟବହୃତ ହୋଇଥିଲା (ପରିଶିଷ୍ଟ2 ର କ୍ରମିକ ସଂଖ୍ୟା 1)***। ଏହି ସୂଚକ ମଧ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରକ୍ରିୟା ସମୟରେ ଏନଏଏସି ଦ୍ୱାରା ବ୍ୟବହୃତ ଏକ ପ୍ରମୁଖ ସୂଚକ । ଏଥିପାଇଁ ପ୍ଲେସମେଣ୍ଟ ସେଲ୍ ଏବଂ ଚାକିରୀ ମେଳା ମାଧ୍ୟମରେ ସ୍ଥାନିତ ଛାତ୍ରଛାତ୍ରୀମାନଙ୍କୁ ନିଆଯାଇଥିଲା ।

ଏହି ଉଭୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କର ପ୍ଲେସମେଣ୍ଟ ପ୍ରତିଶତ ନିମ୍ନ ସାରଣୀରେ ଦର୍ଶାଯାଇଛି:

*ସାରଣୀ 2.3: ଦୁଇଟି ଯାଞ୍ଚ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଶତକଡ଼ା ସ୍ଥାନିତ ସ୍ଥିତି*

| ବର୍ଷ | ଉତ୍କଳ ବିଶ୍ୱବିଦ୍ୟାଳୟ | ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ |
|---|---|---|
| 2014-15 | 23.47 | 15.05 |
| 2015-16 | 29.62 | 03.90 |
| 2016-17 | 24.49 | 0 |
| 2017-18 | 27.80 | 0 |
| 2018-19 | 25.16 | 0 |

*(ଉତ୍ସ: ବିଶ୍ୱବିଦ୍ୟାଳୟ ଗୁଡ଼ିକ ଦେଇଥିବା ସୂଚନା ଅନୁସାରେ)*

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ 26.10 ପ୍ରତିଶତ ଛାତ୍ରଛାତ୍ରୀ ସ୍ଥାନିତ ହୋଇପାରିଥିଲେ । ଏହି ପରିପ୍ରେକ୍ଷୀରେ ଉତ୍କଳ ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅପେକ୍ଷା ଭଲ ପ୍ରଦର୍ଶନ କରିଥିଲା, ଯେଉଁଠାରେ ବିଦାୟ ନେଉଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ କେବଳ ଅତି କମ୍ ସଂଖ୍ୟକ ଅର୍ଥାତ୍ ହାରାହାରି 3.79 ପ୍ରତିଶତ ନିଯୁକ୍ତି ପାଇପାରିଥିଲେ । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପ୍ଲେସମେଣ୍ଟ ପ୍ରତିଶତ ବହୁତ କମ୍ ରହିଥିଲା, ଯାହାକି ଅଧିକ ଚାକିରି ମେଳା ଆୟୋଜନ, ଅଧିକ ସକ୍ରିୟ ପ୍ଲେସମେଣ୍ଟ, କ୍ୟାରିୟର କାଉନସେଲିଂ ସେଲ୍ ଏବଂ ଆଲୁମିନି ଆସୋସିଏସନ ଦ୍ୱାରା ପୂରଣ କରାଯାଇପାରିବ ।

ପରୀକ୍ଷା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟ ଗୁଡ଼ିକ ବିଷୟରେ 2014-19 ମଧ୍ୟରେ, ଚାକିରୀ ସ୍ଥାନିତ ସମ୍ବନ୍ଧୀୟ ଏହି ଗୁରୁତ୍ୱପୂର୍ଣ୍ଣ ତଥ୍ୟ 32 ଟି ନମୁନା ହୋଇଥିବା ମହାବିଦ୍ୟାଳୟ ମଧ୍ୟରୁ କୌଣସିଟିରେ ରକ୍ଷଣାବେକ୍ଷଣ କରାଯାଇ ନଥିଲା, ଯଦିଓ ଏହା ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରକ୍ରିୟା ପାଇଁ ଏନଏଏସି ଦ୍ୱାରା ବ୍ୟବହୃତ ଏକ ପ୍ରମୁଖ ସୂଚକ ଅଟେ । ଏହି ତଥ୍ୟର ରକ୍ଷଣାବେକ୍ଷଣ ନହେବା କାରଣରୁ ଏହି 32 ଯାଞ୍ଚ ହୋଇଥିବା ମହାବିଦ୍ୟାଳୟ ଗୁଡ଼ିକରେ ବାହାରୁଥିବା ଛାତ୍ରଛାତ୍ରୀମାନଙ୍କର ସ୍ଥାନିତ ହେବା ଅଡିଟ୍ ଦ୍ୱାରା ବିଶ୍ଳେଷଣ କରାଯାଇପାରିଲା ନାହିଁ ।

ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱୀକୃତି ସମୟରେ, ନାକ୍ ଯେଉଁ ଅନୁଷ୍ଠାନଗୁଡ଼ିରେ 20 ପ୍ରତିଶତ ଏବଂ ତା'ଠାରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସ୍ଥାନିତ କରାଯାଇଥାଏ ସେହି ସଂସ୍ଥାକୁ ସର୍ବାଧିକ ସ୍କୋର ପ୍ରଦାନ କରିଥାଏ । ଉପଲବ୍ଧ ପ୍ଲେସମେଣ୍ଟ ତଥ୍ୟ ଆଧାରରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କାର୍ଯ୍ୟଦକ୍ଷତା ମାନଦଣ୍ଡ ସ୍ଥାପିତ ମାନଦଣ୍ଡଠାରୁ ବହୁତ କମ୍ ଥିଲା ।

ଏହାର ଉତ୍ତରରେ, ସରକାର ଦର୍ଶାଇଲେ (ସେପ୍ଟେମ୍ବର 2020) ଯେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଶିକ୍ଷାଦାନ ତଥା ଅନ୍ୟାନ୍ୟ ଯୋଜନାରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକ ଭାରାକ୍ରାନ୍ତ ଏବଂ ସେମାନେ ଏହି ରେକର୍ଡଗୁଡ଼ିକ ରଖିବା ପାଇଁ କୌଣସି ସମୟ ପାଆନ୍ତି ନାହିଁ । ପାସ୍ କରୁଥିବା ଛାତ୍ରଛାତ୍ରୀମାନେ ସେମାନଙ୍କର ଶିକ୍ଷାନୁଷ୍ଠାନକୁ ସେମାନଙ୍କର ନିଯୁକ୍ତିର କୌଣସି ତଥ୍ୟ ପ୍ରଦାନ କରନ୍ତି ନାହିଁ । ତେଣୁ, ଦିଆଯାଇଥିବା ସଂଖ୍ୟାଗୁଡ଼ିକ ପ୍ରକୃତରେ ଠିକ୍ ନୁହେଁ । ସରକାର କହିଲେ ଯେ, 'ନୂତନ ଶିକ୍ଷା ନୀତି 2020' ରେ ରୋଜଗାର କ୍ଷମତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଏହି ପରିପ୍ରେକ୍ଷୀରେ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ସମସ୍ତ ଉଚ୍ଚଶିକ୍ଷା ପ୍ରତିଷ୍ଠାନକୁ ସ୍ୱଷ୍ଟ ନିର୍ଦ୍ଦେଶ ଦିଆଯିବ ।

### *2.1.2.2 ଉଚ୍ଚ ଅଧ୍ୟୟନରେ ଅଗ୍ରଗତି*

ରୋଜଗାର ସହିତ, ଅନ୍ୟାନ୍ୟ ବିକଳ୍ପ ଯଥା ସ୍ନାତକୋତ୍ତର, ଡକ୍ଟରେଟ୍ ଏବଂ ପୋଷ୍ଟ ଡକ୍ଟରେଟ୍ ଅଧ୍ୟୟନ ଇତ୍ୟାଦି, ଉଚ୍ଚ ଅଧ୍ୟୟନରେ ଅଗ୍ରଗତି, ପାଇଁ ଛାତ୍ରଛାତ୍ରୀମାନେ ଇଚ୍ଛା କରିଥାନ୍ତି । ନାକ୍ ମାନୁଆଲର ପାରା 5.2 ଅନୁଯାୟୀ, ଉଚ୍ଚ ଅଧ୍ୟୟନରେ ଛାତ୍ରଛାତ୍ରୀଙ୍କ ଅଗ୍ରଗତି ପାଇଁ ଅନୁଷ୍ଠାନର ଚିନ୍ତା ଏକ ପ୍ରାସଙ୍ଗିକ ପ୍ରସଙ୍ଗ । ଶିକ୍ଷାନୁଷ୍ଠାନର ଏକ ସ୍ତରରୁ ପରବର୍ତ୍ତୀ ଉଚ୍ଚ ସ୍ତରକୁ କିମ୍ବା ଲାଭଜନକ ନିଯୁକ୍ତି ଦିଗରେ ଛାତ୍ରଛାତ୍ରୀମାନଙ୍କର ଲୁଲମ୍ବ ଗତିକୁ ଆନୁଷ୍ଠାନିକ ବ୍ୟବସ୍ଥା ସହଜ କରିଥାଏ ।

ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକ ସେମାନଙ୍କ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ଅଧ୍ୟୟନ ପାଇଁ ପଠାଇବାରେ କେତେକ ପ୍ରୟାସ କରିଛନ୍ତି ତାହା ଆକଳନ କରିବାକୁ, ଉଚ୍ଚଶିକ୍ଷାରେ ଅଗ୍ରଗତି କରୁଥିବା ଛାତ୍ରଛାତ୍ରୀଙ୍କ ପ୍ରତିଶତ ଏକ ଫଳାଫଳ ସୂଚକ ଭାବରେ ବ୍ୟବହୃତ ହୋଇଥିଲା । ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକର ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରକ୍ରିୟା ସମୟରେ ନାକ୍ ଦ୍ୱାରା ବ୍ୟବହୃତ ଏହା ହେଉଛି ଏକ ପ୍ରମୁଖ ସୂଚକ । ***ପ୍ରମୁଖ ଫଳାଫଳ ସୂଚକ 2: 2018-19 ମଧ୍ୟରେ ଉଚ୍ଚଶିକ୍ଷାରେ ଅଗ୍ରଗତି କରୁଥିବା ଛାତ୍ରମାନଙ୍କ ସଂଖ୍ୟାରେ ବୃଦ୍ଧି (ପରିଶିଷ୍ଟ 1 ର କ୍ରମିକ ସଂଖ୍ୟା 1)*** ।

ବିଶ୍ୱବିଦ୍ୟାଳୟ ଗୁଡ଼ିକର ସ୍ୱୀକୃତି ସମୟରେ, ନାକ୍ ସେହି ଅନୁଷ୍ଠାନଗୁଡ଼ିକୁ ସର୍ବାଧିକ ସ୍କୋର ପ୍ରଦାନ କରିଥିଲା ଯେଉଁଠାରେ 20 ପ୍ରତିଶତ ଏବଂ ତଦୁର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉଚ୍ଚ ଅଧ୍ୟୟନରେ ଅଗ୍ରଗତି କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଯଥାକ୍ରମେ 2015 ଏବଂ 2017 ରେ ନାକ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇଥିଲେ ମଧ୍ୟ ଉଭୟ ବିଶ୍ୱବିଦ୍ୟାଳୟ ଉଚ୍ଚ ଅଧ୍ୟୟନରେ ଛାତ୍ରଛାତ୍ରୀଙ୍କ ଅଗ୍ରଗତି ସମ୍ବନ୍ଧରେ ତଥ୍ୟ ବଜାୟ ରଖି ନଥିଲେ । ଅଧିକନ୍ତୁ, ଯାଞ୍ଚ ହୋଇଥିବା 32 ଟି ମହାବିଦ୍ୟାଳୟ ମଧ୍ୟ ଏକ ସ୍ତରରୁ ଅନ୍ୟ ସ୍ତରକୁ ଛାତ୍ରଛାତ୍ରୀମାନଙ୍କ ଅଗ୍ରଗତି ସମ୍ବନ୍ଧୀୟ ତଥ୍ୟ ବଜାୟ ରଖିନଥିଲେ ।

ତେଣୁ, ପ୍ରାସଙ୍ଗିକ ତଥ୍ୟର ରକ୍ଷଣାବେକ୍ଷଣ ନହେବା କାରଣରୁ ଏହି ସୂଚକ ସମ୍ବନ୍ଧରେ ଉଭୟ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକର କାର୍ଯ୍ୟଦକ୍ଷତା ଉପରେ ଅଡିଟ୍ ମନ୍ତବ୍ୟ ଦେଇପାରିଲା ନାହିଁ ।

### *2.1.2.3 ପ୍ରତିଯୋଗିତା ପରୀକ୍ଷାରେ ସଫଳତା*

ଜାତୀୟ ଏବଂ ରାଜ୍ୟ ସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାମୂଳକ ପରୀକ୍ଷା ଗୁଡ଼ିକ ଛାତ୍ରଛାତ୍ରୀମାନଙ୍କ ଅଗ୍ରଗତି ପାଇଁ ଅପାର ସୁଯୋଗ ପ୍ରଦାନ କରିଥାଏ । ସ୍ନାତକୋତ୍ତର ଛାତ୍ରଛାତ୍ରୀମାନଙ୍କ ପାଇଁ ଚାକିରି ପାଇବାକୁ କିମ୍ବା ଉଚ୍ଚ

ଅଧ୍ୟୟନରେ ଅଗ୍ରଗତି ପାଇଁ ଅନେକ ପ୍ରତିଯୋଗିତା ମୂଳକ ପରୀକ୍ଷା କରାଯାଇଥାଏ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହେଉଛି ଏନଏଏସିର ମୂଲ୍ୟାଙ୍କନ ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ସ୍ୱୀକୃତି ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ।

ଏହିପରି ପରୀକ୍ଷା ସଫଳତା ପାଇବା ପାଇଁ ଏହାର ଛାତ୍ରଛାତ୍ରୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ସକ୍ଷମ କରିବା ପାଇଁ ଏକ ଅନୁଷ୍ଠାନର ଦକ୍ଷତାକୁ ଆକଳନ କରିବାକୁ ***2014-19 ମଧ୍ୟରେ ରାଜ୍ୟ/ ଜାତୀୟ/ ଆନ୍ତର୍ଜାତୀୟ ସ୍ତରର ପରୀକ୍ଷାରେ (ଏନଇଟି/ଏସଏଲଇଟି/ଗେଟ୍/ ଜିମ୍ୟାଟ୍/ ସିଏଟି/ ଜିଆରଇ/ ଟିଓଇଏଫଏଲ/ ୟୁପିଏସ୍‌ସି/ ରାଜ୍ୟ ସରକାର), ଯୋଗ୍ୟତା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କ ହାରାହାରି ପ୍ରତିଶତ ଏକ ସୂଚକ ଭାବରେ ବ୍ୟବହୃତ ହୋଇଥିଲା (କ୍ରମିକ ସଂଖ୍ୟା 2 ପରିଶିଷ୍ଟ 1)***।

ଉତ୍କଳ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଯେଉଁମାନେ 2014-19 ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ (ଏନଇଟି/ସିଏଟି/ ଗେଟ୍/ ପିଏସ୍‌ସି/ ୟୁପିଏସ୍‌ସି) ସଫଳତା ହାସଲ କରିଛନ୍ତି, ତାହା ନିମ୍ନ ସାରଣୀରେ ଦର୍ଶାଯାଇଛି ।

***ସାରଣୀ 2.4: ନାମଲେଖା ତୁଳନାରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କ ପ୍ରତିଶତ ଦର୍ଶାଉଛି***

| ବର୍ଷ | ଉତ୍କଳ ବିଶ୍ୱବିଦ୍ୟାଳୟ | ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ |
|---|---|---|
| 2014-15 | 2.23 | 3.71 |
| 2015-16 | 40.19 | 3.50 |
| 2016-17 | 27.10 | 7.72 |
| 2017-18 | 15.32 | 6.26 |
| 2018-19 | - | 4.10 |

*(ଉତ୍ସ: ବିଶ୍ୱବିଦ୍ୟାଳୟ ଦ୍ୱାରା ଦିଆଯାଇଥିବା ସୂଚନା)*

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଏହା ଦେଖାଗଲା ଯେ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିବା ମୋଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ 2015 ରେ ଏନଇଟି/ସିଏଟି/ ଗେଟ୍/ ପିଏସ୍‌ସି/ ୟୁପିଏସ୍‌ସି ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଯୋଗ୍ୟତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା 40.19 ପ୍ରତିଶତ ଥିଲା । ଏବଂ ଅବଶିଷ୍ଟ ବର୍ଷଗୁଡ଼ିକରେ ଏହା 2.23 ରୁ 27.10 ପ୍ରତିଶତ ମଧ୍ୟରେ ରହିଥିଲା ।

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କ୍ଷେତ୍ରରେ ଉପରୋକ୍ତ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଯୋଗ୍ୟତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା 2014-15 ରୁ 2018-19 ବର୍ଷ ମଧ୍ୟରେ ମୋଟ ନାମଲେଖା ଛାତ୍ରଛାତ୍ରୀଙ୍କ 3.50 ରୁ 7.72 ପ୍ରତିଶତ (ହାରାହାରି 5.06 ପ୍ରତିଶତ) ମଧ୍ୟରେ ରହିଥିଲା ।

ବିଶ୍ୱବିଦ୍ୟାଳୟ ଗୁଡ଼ିକର ସ୍ୱୀକୃତି ସମୟରେ, ନାକ୍ ଅନୁଷ୍ଠାନଗୁଡ଼ିକୁ ସର୍ବାଧିକ ସ୍କୋର ପ୍ରଦାନ କରିଥାଏ ଯେଉଁଠାରେ 30 ପ୍ରତିଶତ ଏବଂ ତଦୁର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ଅର୍ଜନ କରନ୍ତି । ଏହି ପରୀକ୍ଷଣରେ ସର୍ବାଧିକ ଗ୍ରେଡ୍ ପଏଣ୍ଟ ପାଇବା ପାଇଁ ନାକ୍ ଆବଶ୍ୟକତା ଅନୁଯାୟୀ ଉଭୟ ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ହାରାହାରି ଶତକଡ଼ା (30 ପ୍ରତିଶତ) ତଳେ ରହିଥିଲେ ।

ଅଧିକନ୍ତୁ, ପ୍ରତିଯୋଗିତାମୂଳକ ପରୀକ୍ଷାରେ ଯୋଗ୍ୟତା ନାକ୍‌ର ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ହୋଇଥିବା ସତ୍ତ୍ୱେ, ଦୁଇଟି ବିଶ୍ୱବିଦ୍ୟାଳୟର 32 ଟି ନମୁନା ହୋଇଥିବା ମହାବିଦ୍ୟାଳୟ ମଧ୍ୟରୁ କୌଣସିଟି 2014-19 ମଧ୍ୟରେ ରାଜ୍ୟ/ ଜାତୀୟ/ ଆନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତାମୂଳକ ପରୀକ୍ଷାରେ ଯୋଗ୍ୟତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କ ସମ୍ବନ୍ଧରେ କିଛି ତଥ୍ୟ ବଜାୟ ରଖି ନାହାନ୍ତି ।

ଛାତ୍ରଛାତ୍ରୀମାନଙ୍କର ଖରାପ ପ୍ରଦର୍ଶନ ସୂଚାଉଅଛି ଯେ ଉଚ୍ଚଶିକ୍ଷାର ଗୁଣବତ୍ତା ଏବଂ କାର୍ଯ୍ୟକାରିତାକୁ ଉନ୍ନତ କରି ଛାତ୍ରଛାତ୍ରୀଙ୍କ ଅଗ୍ରଗତି ଏବଂ ନିଯୁକ୍ତି ସୁଯୋଗକୁ ଅଧିକ ଭଲ କରିବା ପାଇଁ ପର୍ଯ୍ୟାପ୍ତ ପରିସର ଅଛି । ଅଧିକନ୍ତୁ, ଦିଆଯାଉଥିବା ଶିକ୍ଷାର ଫଳାଫଳକୁ ଭଲ ଭାବରେ ଆକଳନ କରିବା ପାଇଁ, ଉଚ୍ଚଶିକ୍ଷା ସମାପ୍ତ ହେବା ପରେ ପରବର୍ତ୍ତୀ ପର୍ଯ୍ୟାୟରେ ଯୋଗ୍ୟତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି ଉପରେ ମଧ୍ୟ ଧ୍ୟାନ ଦେବା ଆବଶ୍ୟକ ।

### (କ) ସିଭିଲ ସର୍ଭିସେସ କୋଚିଂ ସେଣ୍ଟରର ଅବିରତତା

ସିଭିଲ୍ ସର୍ଭିସ ପରୀକ୍ଷାରେ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କ ପ୍ରଦର୍ଶନରେ ଉନ୍ନତି ପାଇଁ ରାଜ୍ୟ ସରକାର (ନଭେମ୍ବର 2016) ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ତାଲିମ ଦେବା ପାଇଁ ସ୍ୱତନ୍ତ୍ର ତାଲିମ କେନ୍ଦ୍ର ଗଠନ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ସେହି ଅନୁସାରେ 1.70 କୋଟି ଟଙ୍କା (ଏପ୍ରିଲ 2017 ଏବଂ ଫେବୃଆରୀ 2018 ରେ ଅନୁମୋଦନ କରାଯାଇଥିଲା) ସାତଟି ବିଶ୍ୱବିଦ୍ୟାଳୟକୁ[11] ଦିଆଯାଇଛି ।

ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜ୍ୟ ସରକାରଙ୍କ ଠାରୁ 30 ଲକ୍ଷ ଟଙ୍କା (ମେଇ 2017 ରେ 20 ଲକ୍ଷ ଟଙ୍କା ଏବଂ ମାର୍ଚ୍ଚ 2018 ରେ 10 ଲକ୍ଷ ଟଙ୍କା)ପାଇଥିଲା । ମାର୍ଚ୍ଚ 2017 ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏହାର ରିଲିଜ୍ ହେବାର ଆଶା କରି ଏହାର ନିଜସ୍ୱ ଆଭ୍ୟନ୍ତରୀଣ ମହାବିଦ୍ୟାଳୟ, ଅର୍ଥାତ୍ ଦୂରତା ଏବଂ ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ (ଡିଡିସିଇ) ରେ ଏହି ଯୋଜନା ଆରମ୍ଭ କରିଥିଲା । 2017-18 ରେ 60 ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଦୁଇଟି ବ୍ୟାଚ୍ ଆଡମିଶନ କରାଯାଇଥିଲା, ତଥାପି ସେମାନଙ୍କ ମଧ୍ୟରୁ କେହି ୟୁପିଏସ୍‌ସି ପରୀକ୍ଷାରେ ସଫଳତା ହାସଲ କରିନଥିଲେ । ଏହା ପରେ 2018-19 ରେ ରାଜ୍ୟ ସରକାର ଏହି ଯୋଜନା ବନ୍ଦ କରି ଦେଇଥିଲେ ।

ଅଡିଟ୍ ଏହାମଧ ଦର୍ଶାଇଛି ଯେ ଉଚ୍ଚଶିକ୍ଷା ବିଭାଗରୁ ପାଣ୍ଠି ପାଇବା ସତ୍ତ୍ୱେ ଉତ୍କଳ ବିଶ୍ୱବିଦ୍ୟାଳୟ ଡିଡିସିଇ (ନଭେମ୍ବର 2019) କୁ ସ୍ଥାନାନ୍ତର କରିନାହିଁ ଯାହାକି ଯୋଜନାର କାର୍ଯ୍ୟକାରିତାକୁ ପ୍ରଭାବିତ କରିଛି । ପାଣ୍ଠି ସ୍ଥାନାନ୍ତର ନକରିବାର କାରଣ ରେକର୍ଡରେ ଉପଲବ୍ଧ ନଥିଲା ।

ଏହା ଦେଖାଗଲା ଯେ ଏହି ଯୋଜନାଟି ବିସ୍ତୃତ କାର୍ଯ୍ୟକାରିତା ଯୋଜନା ବିନା ଆରମ୍ଭ ହୋଇଥିଲା । ପ୍ରାରମ୍ଭିକ ସଂଯୋଜକଙ୍କ (ନଭେମ୍ବର 2017) ଅବସର ପରେ ଡିଡିସିଇ କୋଚିଂ ସେଣ୍ଟର ପାଇଁ ଏହି ପୋଷ୍ଟରେ କାହାକୁ ନିଯୁକ୍ତ କରିବାରେ ବିଫଳ ହୋଇଥିଲେ । ଅଧିକନ୍ତୁ, ସେମାନେ ବୃତ୍ତିଗତ କୋଚିଂ ସେଣ୍ଟରରୁ ପ୍ରଶିକ୍ଷକମାନଙ୍କୁ ନିୟୋଜିତ କରିବାରେ ସଫଳ ତଥା ଅଭିଜ୍ଞ ଭାରତୀୟ ପ୍ରଶାସନିକ ସେବା ତଥା ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀମାନଙ୍କୁ ଆଶାୟୀ ଛାତ୍ରଛାତ୍ରୀମାନଙ୍କ ସହିତ ସେମାନଙ୍କ ଅଭିଜ୍ଞତା ବାଣ୍ଟିବାରେ ବିଫଳ ହୋଇଥିଲେ । ବିଭାଗ ମଧ, ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଶେଷ ସ୍ତରର ବ୍ୟବହାରକୁ ଅନୁଧ୍ୟାନ ନକରି ବିଶ୍ୱବିଦ୍ୟାଳୟକୁ ପାଣ୍ଠି ବଣ୍ଟନ କଲା ଏବଂ ଯୋଜନାର ନିର୍ଦ୍ଦେଶାବଳୀ ଅନୁଯାୟୀ, କୋଚିଂ ପାଠ୍ୟକ୍ରମ ପାଇଁ ଏକ ବିସ୍ତୃତ ସମୟସୀମା ବିଶ୍ୱବିଦ୍ୟାଳୟ ୱେବସାଇଟରେ ପ୍ରଦର୍ଶିତ ହେବା ଆବଶ୍ୟକ, ଉଚ୍ଚଶିକ୍ଷା ବିଭାଗ ପାଇଁ ଏକ ବିସ୍ତୃତ ପରିଚାଳନା ସୂଚନା ବ୍ୟବସ୍ଥା (ଏମଆଇଏସ) ରିପୋର୍ଟ ଉପଲବ୍ଧ ହେବା ଉଚିତ୍ ଏବଂ ପ୍ରାଥମିକ ପରୀକ୍ଷା ଠାରୁ ବ୍ୟକ୍ତିତ୍ୱ ପରୀକ୍ଷା ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଟ୍ରାକିଂ କରାଯିବାର ଥିଲା ତଥାପି, ଏହି ମନିଟରିଂ କାର୍ଯ୍ୟଗୁଡ଼ିକ ମଧ୍ୟରୁ କୌଣସିଟି ବିଶ୍ୱବିଦ୍ୟାଳୟ କିମ୍ବା ବିଭାଗ ଦ୍ୱାରା କରାଯାଇନଥିଲା ।

ତେଣୁ, ପାଣ୍ଠିର ଉପଲବ୍ଧତା ସତ୍ତ୍ୱେ ବିଶ୍ୱବିଦ୍ୟାଳୟ ଏହି ଯୋଜନାର ଅବିରତ କାର୍ଯ୍ୟକାରିତା ପାଇଁ କୌଣସି ଯୋଜନା ପ୍ରସ୍ତୁତ କରି ଏହାର ଛାତ୍ରଛାତ୍ରୀମାନଙ୍କ ଉନ୍ନତି ପାଇଁ ଏହାକୁ ଜାରି ରଖିବାକୁ ଆଗ୍ରହ ଦେଖାଇ ନଥିଲା । ସିଭିଲ୍ ସର୍ଭିସେସ୍ ପାଇଁ କୋଚିଂ ହେଉଛି ଏକ ନିରନ୍ତର ପ୍ରକ୍ରିୟା ଯାହା କି କୌଣସି ବାଧା ବିନା ଜାରି ରହିବା ଉଚିତ୍ । ଯୋଜନା ଏବଂ ମନିଟରିଂର ଅଭାବ ହେତୁ 2017-18 ପରେ ଏହିପରି ଯୋଜନା ବନ୍ଦ ହୋଇଯାଇଥିଲା ।

ଅଡିଟ୍ ଦ୍ୱାରା ଦର୍ଶାଯାଇଥିବା ବେଳେ, ତଥ୍ୟଗୁଡ଼ିକ ଡିଡିସିଇ ଦ୍ୱାରା ଗ୍ରହଣ କରାଯାଇଥିଲା, କିନ୍ତୁ ବିଶ୍ୱବିଦ୍ୟାଳୟ କିମ୍ବା ବିଭାଗ ଦ୍ୱାରା କୌଣସି ଉତ୍ତର ଦିଆଯାଇ ନଥିଲା ।

## 2.2 ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ

ନାକ୍ କହିଛି ଯେ ଏକ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଶିକ୍ଷାଦାନ ଶିକ୍ଷଣ କେତେ ପ୍ରଭାବଶାଳୀ ହୋଇଛି ତାହାର ପ୍ରକୃତ ପରୀକ୍ଷା ଛାତ୍ରଛାତ୍ରୀମାନଙ୍କର ପରୀକ୍ଷାରେ ପ୍ରଦର୍ଶନରେ ପ୍ରତିଫଳିତ ହୋଇଥାଏ । ଛାତ୍ରଛାତ୍ରୀମାନଙ୍କର ପରୀକ୍ଷାରେ ପ୍ରଦର୍ଶନକୁ ଯାହା ଏକ ପାଠ୍ୟକ୍ରମ ଏବଂ / କିମ୍ବା ଏକ ପ୍ରୋଗ୍ରାମ[12] ସଫଳ ସମାପ୍ତିରେ ଜଣେ ଛାତ୍ର/ଛାତ୍ରୀ କଣ କରିବାକୁ ସକ୍ଷମ ହେବ ଏବଂ ଶିକ୍ଷଣ ଫଳାଫଳକୁ କେତେଦୂର ହୃଦୟଙ୍ଗମ କରିଛି ତାହା ବୁଝାଯାଏ । ନାକ୍ ଏବଂ ଏନଆଇଆରଏଫ୍ ସେମାନଙ୍କର ମୂଲ୍ୟାଙ୍କନ ମାନଦଣ୍ଡରେ ଚିହ୍ନଟ କରିଛନ୍ତି ଯେ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ,

11 ଉତ୍କଳ, ଫକୀର ମୋହନ, ରେଭେନ୍‌ସା, ରମାଦେବୀ, ବ୍ରହ୍ମପୁର, ସମ୍ବଲପୁର ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

12 ଏନ୍‌ଏସି ମାନୁଆଲର ପାରା 2.6

ଛାତ୍ରଛାତ୍ରୀଙ୍କ ହାରାହାରି ପାସ୍ ପ୍ରତିଶତ ଓ ଉଚ୍ଚ ଡିଭିଜନ ସହିତ ସ୍ନାତକ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଏକ ଉଚ୍ଚଶିକ୍ଷା ପ୍ରତିଷ୍ଠାନର କାର୍ଯ୍ୟକାରିତା ପ୍ରତିଫଳିତ ହୋଇଥାଏ ।

ଏହି ପରିପ୍ରେକ୍ଷୀରେ, ସୂଚକ ବ୍ୟବହାର କରି ପରୀକ୍ଷା ଫଳାଫଳ ଆଧାରରେ ନମୁନା ହୋଇଥିବା ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକୁ ମୂଲ୍ୟାଙ୍କନ କରାଯାଇଥିଲା, ***2018-19 ମଧ୍ୟରେ ଛାତ୍ରଛାତ୍ରୀମାନଙ୍କ ହାରାହାରି ପାସ୍ ପ୍ରତିଶତ (ପରିଶିଷ୍ଟ 2 ର କ୍ରମିକ ସଂଖ୍ୟା 2)***। ଏହି ସୂଚକ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରକ୍ରିୟା ସମୟରେ ନାକ୍ ଦ୍ୱାରା ବ୍ୟବହୃତ ଏକ ପ୍ରମୁଖ ସୂଚକରୁ ଉତ୍ପନ୍ନ ।

ଯାଞ୍ଚ ହୋଇଥିବା ଦୁଇଟି ବିଶ୍ୱବିଦ୍ୟାଳୟରେ[13] 2018-19 ମଧ୍ୟରେ ବିଜ୍ଞାନ, କଳା ଏବଂ ବାଣିଜ୍ୟ ପାଠ୍ୟ ବିଭାଗର ସ୍ନାତକ ଏବଂ ସ୍ନାତକୋତ୍ତର ପ୍ରୋଗ୍ରାମରେ ଅନ୍ତିମ ବର୍ଷର ପରୀକ୍ଷାରେ ଉପସ୍ଥିତ ଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ହାରାହାରି ପାସ୍ ପ୍ରତିଶତ ସମ୍ବନ୍ଧୀୟ ତଥ୍ୟ ନିମ୍ନ ***ସାରଣୀ 2.5*** ରେ ଦିଆଯାଇଛି :

***ସାରଣୀ 2.5: 2018-19 ମଧ୍ୟରେ ଦୁଇଟି ଯାଞ୍ଚ ବିଶ୍ୱବିଦ୍ୟାଳୟ ଏବଂ ଯାଞ୍ଚ ମହାବିଦ୍ୟାଳୟରେ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ***

| | ଉତ୍କଳ ବିଶ୍ୱବିଦ୍ୟାଳୟ | | | ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ[14] | | |
|---|---|---|---|---|---|---|
| | ଉପସ୍ଥିତ | ପାସ | ପାସ ପ୍ରତିଶତ | ଉପସ୍ଥିତ | ପାସ | ପାସ ପ୍ରତିଶତ |
| ସମସ୍ତ ଅନୁବନ୍ଧିତ ମହାବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀ (ସ୍ୱୟଂଶାସିତ ବ୍ୟତୀତ) | 61,606 | 52,503 | 85.22 | 14,578 | 9,137 | 63.00 |
| ବିଶ୍ୱବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀ (ସ୍ନାତକୋତ୍ତର) | 1,216 | 1,069 | 87.00 | 607 | 550 | 90.60 |

*(ଉତ୍ସ: ଦୁଇଟି ଯାଞ୍ଚ କରାଯାଇଥିବା ବିଶ୍ୱବିଦ୍ୟାଳୟ ଦେଇଥିବା ରେକର୍ଡ ଅନୁସାରେ)*

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ, 2014-19 ମଧ୍ୟରେ ସ୍ନାତକୋତ୍ତର ସ୍ତରରେ ହାରାହାରି ପାସ୍ ପ୍ରତିଶତ 87 ପ୍ରତିଶତ ଥିଲା । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଏହି ପାସ୍ ପ୍ରତିଶତ 90.6 ପ୍ରତିଶତ ରହିଥିଲା ।

ବିଶ୍ୱବିଦ୍ୟାଳୟ ଗୁଡ଼ିକର ସ୍ୱୀକୃତି ସମୟରେ, ନାକ୍ ଯେଉଁ ଅନୁଷ୍ଠାନଗୁଡ଼ିକରେ 90 ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ସେହି ସଂସ୍ଥାଗୁଡ଼ିକୁ ସର୍ବାଧିକ ସ୍କୋର ପ୍ରଦାନ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ 87 ପ୍ରତିଶତ ଗ୍ରେଡ୍ ପଏଣ୍ଟ ସହିତ ଏହି ମାନଦଣ୍ଡ ହାସଲ କରିବାକୁ ନିକଟତର ହୋଇଥିବାବେଳେ ଉତ୍ତର ଓଡ଼ିଶା ମହାବିଦ୍ୟାଳୟ ଭଲ ପ୍ରଦର୍ଶନ କରିଥିଲା ଏବଂ ସର୍ବାଧିକ ଗ୍ରେଡ୍ ପଏଣ୍ଟ ସ୍କୋର କରିବାରେ ଯୋଗ୍ୟତା ହାସଲ କରିଥିଲା । ଏନଏଏସି ସ୍ୱୀକୃତି ମହାବିଦ୍ୟାଳୟ ସ୍ତରରେ ପୃଥକ ଭାବରେ କରାଯାଏ । ତେଣୁ, ସମସ୍ତ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର କାର୍ଯ୍ୟଦକ୍ଷତା ଏଠାରେ ହାରାହାରି ପ୍ରତିଶତ ଭାବରେ ମନ୍ତବ୍ୟ ଦିଆଯାଇପାରିଲା ନାହିଁ ।

## *ସଂକ୍ଷିପ୍ତ ସାର ଏବଂ ସୁପାରିଶଗୁଡ଼ିକ*

### *ନିଯୁକ୍ତି ଏବଂ ଉଚ୍ଚ ଅଧ୍ୟନରେ ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି*

ଜଟିଳ ମାନଦଣ୍ଡ ଗୁଡ଼ିକ ଅନୁସାରେ ଜଡ଼ିତ ତଥ୍ୟର ରକ୍ଷଣାବେକ୍ଷଣ ପ୍ରଣାଳୀ ଯେପରିକି ବିଦାୟୀ ଛାତ୍ରଛାତ୍ରୀମାନଙ୍କର ସ୍ଥାନିତ ହେବା ଏବଂ ଉଚ୍ଚ ଅଧ୍ୟୟନରେ ଅଗ୍ରଗତି ଉଭୟ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ସନ୍ତୋଷଜନକ ନୁହେଁ । ଯଦିଓ ଏହା ସ୍ୱୀକୃତି ପ୍ରକ୍ରିୟା ସମୟରେ ନାକ୍ ଦ୍ୱାରା ମୂଲ୍ୟାଙ୍କନ ପାଇଁ ବ୍ୟବହୃତ

[13] ଏହି ଦୁଇଟି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା 20 (ଉତ୍କଳ ବିଶ୍ୱବିଦ୍ୟାଳୟରେ 17 ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ତିନିଟି) ସ୍ୱୟଂଶାସିତ ମହାବିଦ୍ୟାଳୟ ତଥ୍ୟ ବ୍ୟତୀତ ଯେଉଁମାନେ ତାଙ୍କର ପରୀକ୍ଷା ଫଳାଫଳ ପୃଥକ ଭାବରେ ପ୍ରକାଶ କରନ୍ତି

[14] ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ବିଶ୍ୱବିଦ୍ୟାଳୟ ସ୍ତରରେ କୌଣସି ବାଣିଜ୍ୟ ପାଠ୍ୟ ବିଭାଗ ଉପଲବ୍ଧ ନଥିବାରୁ ପାଠ୍ୟକ୍ରମରେ କେବେଳ ବିଜ୍ଞାନ ଏବଂ କଳା ପାଠ୍ୟବିଭାଗ ଅନ୍ତର୍ଭୁକ୍ତ ଥିଲା

ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ଥିଲା । ପୁନଶ୍ଚ, ଉପଲବ୍ଧ ତଥ୍ୟ ଦର୍ଶାଉଛି ଯେ ରାଜ୍ୟରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଓ ଯାଞ୍ଚ ହୋଇଥିବା ମହାବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ଚାକିରୀରେ ସ୍ଥାନିତ ହେବା ବେଞ୍ଚ ମାର୍କ ତଳେ ରହିଛନ୍ତି ।

ନମୁନା ଯାଞ୍ଚ କରାଯାଇଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ପ୍ଲେସମେଣ୍ଟ ସେଲ ଓ କ୍ୟାରିୟର କାଉନସେଲିଂ ସେଲ ନଥିଲା ବା ଯେଉଁଠାରେ ଥିଲା ଭଲ ଭାବରେ କାର୍ଯ୍ୟ କରୁନଥିଲା । ତେଣୁ ଅଧିକ ସଂଖ୍ୟାର ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯାଇ ନଥିଲା । ଅଧିକନ୍ତୁ, ଗ୍ରାମାଞ୍ଚଳରେ ଅବସ୍ଥିତ ମହାବିଦ୍ୟାଳୟଗୁଡ଼ିକର ଛାତଛାତ୍ରୀମାନେ ଚାକିରୀ ମେଳାର ସୁବିଧାରୁ ବଞ୍ଚିତ ହୋଇଥିଲେ ।

ଏହି ସଂସ୍ଥାଗୁଡ଼ିକର କାର୍ଯ୍ୟଦକ୍ଷତା ଏବଂ ସେମାନଙ୍କ ଦ୍ୱାରା ଉପକୃତ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ସମ୍ବନ୍ଧୀୟ ପ୍ରମୁଖ ତଥ୍ୟର ରକ୍ଷଣାବେକ୍ଷଣର ଅଭାବ ଥିଲା । ଆଲୁମିନି ଆସୋସିଏସନର କାର୍ଯ୍ୟକଳାପରୁ ଜଣାପଡ଼ିଥିଲା ଯେ ସେମାନେ ଛାତ୍ରଛାତ୍ରୀଙ୍କ ମାନସିକତା ବଦଳାଇବାରେ କମ୍ବା ସେମାନଙ୍କୁ ଚାକିରୀ ଯୋଗାଇବାରେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବାକୁ ଅସମର୍ଥ ହୋଇଥିଲେ ।

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ଖରାପ ରହିଥିଲା । ପ୍ରତିଯୋଗିତାମୂଳକ ପରୀକ୍ଷା ଗୁଡ଼ିକ ପାଇଁ ଉଚ୍ଚଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ କ୍ରମାଗତ କୋଚିଂ ଯୋଗାଇବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇନଥିଲେ । କେବଳ ଗୋଟିଏ ସିଭିଲ୍ ସର୍ଭିସେସ୍ ପରୀକ୍ଷଣ କୋଚିଂ ସ୍କିମ୍ ଆରମ୍ଭ ହୋଇଥିଲା, ଯାହା ମଧ୍ଯ ସଠିକ୍ ଯୋଜନା ଏବଂ ମନିଟରିଂର ଅନୁପସ୍ଥିତିରେ ଇଚ୍ଛାକୃତ ଫଳାଫଳ ଉତ୍ପାଦନ କରିପାରିଲା ନାହିଁ ଏବଂ ଦୁଇ ବର୍ଷ ପରେ ବନ୍ଦ ହୋଇଗଲା । ଛାତ୍ରଛାତ୍ରୀମାନଙ୍କର ଫଳାଫଳରେ ସୁଧାର ପାଇଁ ଆବଶ୍ୟକ ନିରନ୍ତର ସମର୍ଥନ ପ୍ରଣାଳୀ ଯୋଗାଇବାକୁ ରାଜ୍ୟ ପକ୍ଷରୁ କୌଣସି ଦୀର୍ଘକାଳୀନ ଦୃଷ୍ଟିଭଙ୍ଗୀ ନଥିଲା । ଉଚ୍ଚଶିକ୍ଷା ସମାପ୍ତ ହେବା ପରେ ପରବର୍ତ୍ତୀ ସମୟରେ ଏହିପରି ପରୀକ୍ଷାରେ ସଫଳତା ଅର୍ଜନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଟ୍ରାକ୍ କରିବା ପାଇଁ କୌଣସି ଉପାୟ ମଧ୍ଯ ନଥିଲା ।

### *ସୁପାରିଶ:*

- ଉଚ୍ଚଶିକ୍ଷା ପାଇଁ ନିଯୁକ୍ତି ଏବଂ ଛାତ୍ରଛାତ୍ରୀଙ୍କ ଅଗ୍ରଗତି ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଅଟେ, ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ଛାତ୍ରଛାତ୍ରୀମାନଙ୍କ ନିଯୁକ୍ତି ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ତଥା ପରିଚାଳନା ପାଇଁ ଏକ ବ୍ୟବସ୍ଥା ସ୍ଥାପନ କରିବା ଉଚିତ୍ ।
- ସ୍ନାତକୋତ୍ତର ଛାତ୍ରଛାତ୍ରୀମାନଙ୍କୁ ଚାକିରୀ ପାଇବାରେ ସାହାଯ୍ୟ କରିବାକୁ, ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକ ଏକ ଭଲ କାର୍ଯ୍ୟକ୍ଷମ ପ୍ଲେସମେଣ୍ଟ ସେଲ୍ ଏବଂ କ୍ୟାରିୟର କାଉନସେଲିଂ ସେଲ୍ ଗଠନ କରିପାରନ୍ତି ଏବଂ ଅଧିକ ଚାକିରୀ ମେଳା ଆୟୋଜନ ପାଇଁ ପଦକ୍ଷେପ ନେଇପାରନ୍ତି ।

# ଅଧ୍ୟାୟ 3

# ଉଚ୍ଚଶିକ୍ଷାର ଗୁଣବତ୍ତା

# ଅଧ୍ୟାୟ 3
# ଉଚ୍ଚଶିକ୍ଷାର ଗୁଣବତ୍ତା

**ଅଡିଟ୍ ଉଦ୍ଦେଶ୍ୟ2:** ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଉଚ୍ଚମାନର ଶିକ୍ଷାଦାନ ଏବଂ ଗବେଷଣାକୁ ସୁନିଶ୍ଚିତ କରି ଉଚ୍ଚଶିକ୍ଷା ବ୍ୟବସ୍ଥା ସମାଜର ଉନ୍ନତି ଆଣିଛି କି ନାହିଁ

ଉଚ୍ଚଶିକ୍ଷା ଠାରୁ ସମାଜର ଆଶା ମୁଖ୍ୟତଃ ପୂରଣ ହୋଇପାରିବ ଯଦି ଉଚ୍ଚଶିକ୍ଷାର ପଦ୍ଧତି ଉଚ୍ଚ ଗୁଣବତ୍ତା ଶିକ୍ଷାଦାନ/ ଶିକ୍ଷା/ ଗବେଷଣା ମାଧ୍ୟମରେ ନୂତନ ଜ୍ଞାନ ଉତ୍ପାଦନ ଇତ୍ୟାଦି ଦ୍ୱାରା ସମାଜକୁ ଜ୍ଞାନର ବିସ୍ତାର, ଯାହାକି ନିମ୍ନ ଚିତ୍ରରେ ଦିଆଯାଇଛି:




## 3.1 ପ୍ରଭାବଶାଳୀ ପାଠ୍ୟକ୍ରମ ଏବଂ ଶିକ୍ଷାଦାନ-ଶିକ୍ଷା ପ୍ରକ୍ରିୟା ମାଧ୍ୟମରେ ଜ୍ଞାନ ପ୍ରଦାନ କରି ସମାଜର ଉନ୍ନତି

ଏହି ବିଭାଗରେ ପାଠ୍ୟକ୍ରମ, ଶିକ୍ଷାଦାନ ଏବଂ ପରୀକ୍ଷା ସମ୍ବନ୍ଧୀୟ ଦିଗ ଉପରେ ଆଲୋଚନା କରାଯାଇଛି ।

### 3.1.1 ପାଠ୍ୟକ୍ରମ ପରିକଳ୍ପନା ବିକାଶ ଏବଂ କାର୍ଯ୍ୟାନ୍ୱୟନ

ପାଠ୍ୟକ୍ରମ ଦିଗଗୁଡ଼ିକ ଯେକୌଣସି ଶିକ୍ଷାନୁଷ୍ଠାନର ମୂଳଦୁଆ ଏବଂ ପାଠ୍ୟକ୍ରମର ପରିକଳ୍ପନା, ବିକାଶ, ସମୃଦ୍ଧତା, ଯୋଜନା ଏବଂ କାର୍ଯ୍ୟକାରିତାକୁ ଅନ୍ତର୍ଭୁକ୍ତ କରିଥାଏ । ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ଉପଯୁକ୍ତ ପାଠ୍ୟକ୍ରମକୁ କଳ୍ପନା କରିବା, ପର୍ଯ୍ୟାୟକ୍ରମେ ଏହାକୁ ସଂଶୋଧନ/ ଅଦ୍ୟତନ କରିବା, ଏହାର କାର୍ଯ୍ୟକ୍ରମର ଫଳାଫଳକୁ ଏହାର ପରିଷଦ/ ସଂସ୍ଥା ଦ୍ୱାରା ପରିଭାଷିତ କରିବାକୁ ବିଶ୍ୱବିଦ୍ୟାଳୟର ଆଦେଶ ରହିଛି । ଅନ୍ୟପକ୍ଷରେ, ଏକ ଅନୁବନ୍ଧିତ ମହାବିଦ୍ୟାଳୟ ହେଉଛି ଏକ ଶିକ୍ଷାଦାନ ୟୁନିଟ୍ ଏବଂ ପାଠ୍ୟକ୍ରମ ଦିଗ ସହିତ ଏହାର ଯୋଗଦାନ ମୁଖ୍ୟତଃ ସେମାନଙ୍କ କାର୍ଯ୍ୟାନ୍ୱୟନରେ ହିଁ ହୁଏ । ଏକ ଅନୁବନ୍ଧିତ ମହାବିଦ୍ୟାଳୟ ଏହାର ଏକାଡେମିକ୍ ଏବଂ ପ୍ରଶାସନିକ ପ୍ରକ୍ରିୟାକୁ ଆଇନଗତ କରିବା ପାଇଁ ଏକ ବିଶ୍ୱବିଦ୍ୟାଳୟ ଉପରେ ନିର୍ଭର କରେ ।

#### *3.1.1.1 ପାଠ୍ୟକ୍ରମ ପରିକଳ୍ପନା ଏବଂ ବିକାଶର ପ୍ରକ୍ରିୟା*

ପାଠ୍ୟକ୍ରମ ପ୍ରକାର ଏବଂ ବିକାଶ ହେଉଛି ଏକ ଜଟିଳ ପ୍ରକ୍ରିୟା ଯାହାକି ହିତାଧିକାରୀଙ୍କ ମତାମତ ବିଶେଷଜ୍ଞ ଗୋଷ୍ଠୀ ସହିତ ପରାମର୍ଶଗୁଡ଼ିକ ଉପରେ ଆଧାର କରି ହୋଇଥାଏ । ଏହାଦ୍ୱାରା ଛାତ୍ରଛାତ୍ରୀଙ୍କର ବୃତ୍ତିଗତ ଏବଂ ବ୍ୟକ୍ତିଗତ

ଆବଶ୍ୟକତା ଅନୁଯାୟୀ ନମନୀୟତା ସହିତ ପ୍ରାସଙ୍ଗିକ ଉଚ୍ଚଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକର[1] ବିକାଶ ହୁଏ ।

ଏକାଡେମିକ୍ ପରିଷଦ ହେଉଛି ପାଠ୍ୟକ୍ରମର ପରିକଳ୍ପନା ଏବଂ ବିକାଶ ପାଇଁ ଏକ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥା ଯାହା ବ୍ୟାପକ ପାଠ୍ୟକ୍ରମ ଗଠନକୁ ବ୍ୟାଖ୍ୟା କରେ । ପ୍ରତ୍ୟେକ ବିଭାଗ ପାଇଁ ବୋର୍ଡ ଅଫ୍ ଷ୍ଟଡିଜ୍(ବିଓଏସ୍) ବିସ୍ତୃତ ସିଲାବସ୍ ବର୍ଣ୍ଣନା କରେ ଯାହା ପରବର୍ତ୍ତୀ ସମୟରେ ଏକାଡେମିକ୍ ପରିଷଦ ଦ୍ୱାରା ପୁନଃ ବିଚାର ଏବଂ ଅନୁମୋଦିତ ହୁଏ । ବରିଷ୍ଠ ଶିକ୍ଷକମାନଙ୍କୁ ନେଇ ଗଠିତ ଗୋଷ୍ଠୀ ଆବଶ୍ୟକ ମୂଲ୍ୟାଙ୍କନ କରନ୍ତି ଏବଂ ନୂତନ ପାଠ୍ୟକ୍ରମ ଉପରେ ପରାମର୍ଶ ଦିଅନ୍ତି । ଏହା ବ୍ୟତୀତ ବିଶ୍ୱବିଦ୍ୟାଳୟରେ ଏକ ନିୟମାବଳୀ ସଂଶୋଧନ କମିଟି ଅଛି ଯାହା ସମସ୍ତ ପାଠ୍ୟକ୍ରମ ପାଇଁ ନିୟମାବଳୀ ତିଆରି କରେ ।

### *(କ) ପାଠ୍ୟକ୍ରମ ପରିକଳ୍ପନା ଏବଂ ବିକାଶ*

ଦୁଇଟି ମନୋନୀତ ବିଶ୍ୱବିଦ୍ୟାଳୟରେ ପାଠ୍ୟକ୍ରମ ପରିକଳ୍ପନା ଏବଂ ବିକାଶ ସହିତ ଜଡ଼ିତ ଅଡିଟ୍ ଫଳାଫଳଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଅଛି:

#### *ଉତ୍କଳ ବିଶ୍ୱବିଦ୍ୟାଳୟ*

ବିଶ୍ୱବିଦ୍ୟାଳୟର ଆତ୍ମ ଅଧ୍ୟୟନ ରିପୋର୍ଟ(ଏସଏସଆର)[2]ଅନୁଯାୟୀ, ଏହା ପାଠ୍ୟକ୍ରମର ବିକାଶ ପାଇଁ ୟୁଜିସି ଦ୍ୱାରା ଜାରି କରାଯାଇଥିବା ସମସ୍ତ ନିର୍ଦ୍ଦେଶାବଳୀ ଗ୍ରହଣ କରିଛି ଏବଂ ବିଭିନ୍ନ କାର୍ଯ୍ୟକ୍ରମର ପାଠ୍ୟକ୍ରମର ବିଷୟବସ୍ତୁ ୟୁଜିସି ଦ୍ୱାରା ବିକଶିତ ମଡେଲ ପାଠ୍ୟକ୍ରମ ସହିତ ମେଳ ଖାଉଛି । ଏହି ପରିପ୍ରେକ୍ଷୀରେ, ଅଡିଟ୍ ବଶ୍ୱବିଦ୍ୟାଳୟର ସମସ୍ତ ବିଭାଗରୁ ସୂଚନା ମାଗିଥିଲା; କିନ୍ତୁ ମୋଟ 27 ଟି ବିଭାଗ ମଧ୍ୟରୁ କେବଳ ପାଞ୍ଚଟିରୁ ପ୍ରତିକ୍ରିୟା[3] ମିଳିଥିଲା । ଏହି ନମୁନା ଯାଞ୍ଚ ଆଧାରରେ ଦେଖାଗଲା ଯେ ୟୁଜିସି ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ବିଭାଗରେ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।

#### *ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ*

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଆତ୍ମ ଅଧ୍ୟୟନ ରିପୋର୍ଟ ଅନୁଯାୟୀ, ସମସ୍ତ ପାଠ୍ୟକ୍ରମ ପାଇଁ ପାଠ୍ୟକ୍ରମ ୟୁଜିସି ନିର୍ଦ୍ଦେଶାବଳୀ ଅନୁଯାୟୀ ବିଓଏସ୍ ଦ୍ୱାରା ପରିକଳ୍ପିତ ଏବଂ ବିକଶିତ ହୋଇଥିଲା ।

### *(ଖ) ପାଠ୍ୟକ୍ରମ ବିଷୟବସ୍ତୁ ସଂଶୋଧନ ପାଇଁ ଭାଗିଦାରଙ୍କ ମତାମତ*

ପାଠ୍ୟକ୍ରମ ପରିକଳ୍ପନାରେ ଭାଗିଦାରମାନଙ୍କୁ ଜଡ଼ିତ କରିବା ଏବଂ ସେମାନଙ୍କଠାରୁ ମତାମତ ପାଇବା ଆବଶ୍ୟକ । ଏହି ଦୁଇଟି ବିଶ୍ୱବିଦ୍ୟାଳୟରେ ପାଠ୍ୟକ୍ରମ ପରିକଳ୍ପନାରେ ଭାଗିଦାରମାନଙ୍କ ଅଂଶଗ୍ରହଣ ସହିତ ଜଡ଼ିତ ଅଡିଟ୍ ଫଳାଫଳଗୁଡ଼ିକ ନିମ୍ନରେ ଦିଆଗଲା:

#### *ଉତ୍କଳ ବିଶ୍ୱବିଦ୍ୟାଳୟ*

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ, ଅଡିଟ୍‌କୁ ପାଞ୍ଚଟି ବିଭାଗରୁ ସୂଚନା ହସ୍ତଗତ ହୋଇଥିଲା । ସେଥିମଧ୍ୟରୁ ଚାରିଟି ବିଭାଗ ଦର୍ଶାଇଛନ୍ତି ଯେ ପାଠ୍ୟକ୍ରମ ପରିକଳ୍ପନା କରିବା ସମୟରେ ସେମାନେ ଭାଗିଦାରମାନଙ୍କ ମତାମତ ନେଇଛନ୍ତି । ପ୍ରକାଶ ଥାଉକି, ଏହି ଚାରିଟି ବିଭାଗ ଦ୍ୱାରା ଦିଆଯାଇଥିବା ତଥ୍ୟର ବିପରୀତ ତଥ୍ୟ ତଥା ଭାଗିଦାରମାନଙ୍କଠାରୁ କୌଣସି ମତାମତ ନିଆଯାଇନାହିଁ ବୋଲି ବୋର୍ଡ ଅଫ୍ ଷ୍ଟଡିଜ୍(ବିଓଏସ) କାର୍ଯ୍ୟବିବରଣୀରୁ ଜଣାପଡ଼ିଛି ।

ଆହୁରି ମଧ୍ୟ, ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରତିବର୍ଷ ନାକ୍‌କୁ ପଠାଯାଇଥିବା ବାର୍ଷିକ ଗୁଣବତ୍ତା ନିଶ୍ଚିତତା ରିପୋର୍ଟ (ଏକ୍ୟୁଏଆର) ରେ ମଧ୍ୟ ଉଲ୍ଲେଖ କରାଯାଇଛି ଯେ ପାଠ୍ୟକ୍ରମର ପରିକଳ୍ପନା/ ସଂଶୋଧନ କରିବା ପୂର୍ବରୁ

---

[1] ନାକ୍ ଅନୁଯାୟୀ ଏହି କାର୍ଯ୍ୟକ୍ରମଗୁଡ଼ିକ ଏକରୁ ଚାରି ବର୍ଷ ମଧ୍ୟରେ ଛାତ୍ରଛାତ୍ରୀମାନଙ୍କୁ ଏକ ଶିକ୍ଷଣ ଅଭିଜ୍ଞତା ପ୍ରଦାନ କରେ ଯାହା ପ୍ରମାଣପତ୍ର/ ଡିପ୍ଲୋମା/ ଡିଗ୍ରୀ ଯଥା, ବିଏ (ଅର୍ଥନୀତି), ବିଏସସି (ପଦାର୍ଥ ବିଜ୍ଞାନ)

[2] ଆତ୍ମ-ଅଧ୍ୟୟନ ରିପୋର୍ଟ ହେଉଛି ଉଚ୍ଚଶିକ୍ଷା ଅନୁଷ୍ଠାନର ଆତ୍ମ-ମୂଲ୍ୟାଙ୍କନ ରିପୋର୍ଟ ଯାହା ସ୍ୱୀକୃତି ପୂର୍ବରୁ ଏହାର ମୂଲ୍ୟାଙ୍କନ ପାଇଁ ନାକ୍‌କୁ ପଠାଯାଏ ।

[3] ସାଧାରଣ ପ୍ରଶାସନ, ଆଇନ୍, ଉଦ୍ଭିଦ ବିଜ୍ଞାନ, ରାଜନୀତି ବିଜ୍ଞାନ ଏବଂ ଇତିହାସ

ଭାଗିଦାରମାନଙ୍କ ଠାରୁ ମତାମତ ନିଆଯାଇଥିଲା କିନ୍ତୁ ଏହି ଦାବିକୁ ସମର୍ଥନ କରିବା ପାଇଁ ଅଡିଟ୍‌କୁ କୌଣସି ରେକର୍ଡ ମିଳିଲା ନାହିଁ ।

### ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଅଡିଟ୍ ପର୍ଯ୍ୟବେକ୍ଷଣ କଲା ଯେ ପାଠ୍ୟକ୍ରମ ପରିକଳ୍ପନା ସମୟରେ ଭାଗିଦାରଙ୍କ ମତାମତ ପାଇବା ଏବଂ ଅନ୍ତର୍ଭୁକ୍ତ କରିବା ପାଇଁ ବିଶ୍ୱବିଦ୍ୟାଳୟ ନାକ୍‌ର ସୁପାରିଶକୁ ପାଳନ କରିଛି ।

ସରକାର ଦର୍ଶାଇଲେ (ସେପ୍ଟେମ୍ବର 2020) ଯେ ଭାଗିଦାରଙ୍କ ମତାମତକୁ ଅନ୍ତର୍ଭୁକ୍ତ କରିବା ସମ୍ବନ୍ଧରେ ସେମାନଙ୍କ ଦାବିକୁ ସମର୍ଥନ କରି ମନୋନୀତ ବିଶ୍ୱବିଦ୍ୟାଳୟ ଗୁଡ଼ିକ ପ୍ରମାଣ ଦାଖଲ ନକରିବା ଆଦୌ ଗ୍ରହଣୀୟ ନୁହେଁ ।

## 3.1.1.2 ସିଲାବସ୍‌ର ସଂଶୋଧନ

ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ଅନୁଚ୍ଛେଦ 4.3 ଧାର୍ଯ୍ୟ କରେ ଯେ ପାଠ୍ୟକ୍ରମକୁ ପ୍ରତି ତିନି ବର୍ଷରେ ଅନ୍ତତଃପକ୍ଷେ ଥରେ ସଂଶୋଧନ କରାଯିବା ଏବଂ ଚାକିରି ବଜାର ସହିତ ପାଠ୍ୟକ୍ରମକୁ ପ୍ରାସଙ୍ଗିକ କରାଯିବ । ଅଧିକନ୍ତୁ, ନାକ୍ ଏହାର ସ୍ୱୀକୃତି ପ୍ରକ୍ରିୟାରେ ସିଲାବସ୍ ସଂଶୋଧନର ନିୟମିତତା ଏବଂ ପର୍ଯ୍ୟାୟକ୍ରମକୁ ସ୍ୱୀକୃତି ପାଇଁ ଏକ ପ୍ରମୁଖ ମାନଦଣ୍ଡ ଭାବରେ ବିବେଚନା କରେ । ଏହି ମାନଦଣ୍ଡର ମୂଲ୍ୟାଙ୍କନ ***2014-19 ମଧ୍ୟରେ ସଂଶୋଧନ ହୋଇଥିବା ପ୍ରୋଗ୍ରାମର ସିଲାବସ୍‌ର ପ୍ରତିଶତର ଫଳାଫଳକୁ ନେଇ ହୋଇଥିଲା (ପରିଶିଷ୍ଟ 1 ର କ୍ରମିକ ସଂଖ୍ୟା 3)***।

ଦୁଇଟି ମନୋନୀତ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦତ୍ତ ସୂଚନାର ଯାଞ୍ଚ ଉପରେ ଆଧାର କରି ଅଡିଟ୍ ଫଳାଫଳଗୁଡ଼ିକ ନିମ୍ନରେ ଦିଆଗଲା:

### ଉତ୍କଳ ବିଶ୍ୱବିଦ୍ୟାଳୟ

2013-14 ରେ ପସନ୍ଦ ଆଧାରିତ କ୍ରେଡିଟ୍ ସାଷ୍ଟମ (ସିବିସିଏସ୍) ପ୍ରବର୍ତ୍ତନ ସମୟରେ ବିଶ୍ୱବିଦ୍ୟାଳୟ ଏହାର ସମସ୍ତ ସ୍ନାତକୋତ୍ତର(ପିଜି) ପାଠ୍ୟକ୍ରମର ସିଲାବସ୍ ସଂଶୋଧନ କରିଥିଲା । ତଦନୁସାରେ, ୟୁଜିସି ଧାର୍ଯ୍ୟ ହୋଇଥିବା ତିନି ବର୍ଷର ସମୟସମା ଉପରେ ଆଧାର କରି, ପାଠ୍ୟକ୍ରମ 2016-17 ରେ ସଂଶୋଧନ କରାଯିବା କଥା । 2015-19 ଅବଧି[4] ପାଇଁ ବିଶ୍ୱବିଦ୍ୟାଳୟର 29ଟି ପିଜି ପାଠ୍ୟକ୍ରମ ମଧ୍ୟରୁ 11 ଟି ଅଡିଟ୍ କରାଯାଇଥିଲା । ଲକ୍ଷ୍ୟ କରାଯାଇଥିଲା ଯେ 11 ଟି ପରୀକ୍ଷା ଯାଞ୍ଚ ହୋଇଥିବା ପାଠ୍ୟକ୍ରମ ମଧ୍ୟରୁ କେବଳ ତିନିଟି ପିଜି ପାଠ୍ୟକ୍ରମ (ଅର୍ଥନୀତି, ଇତିହାସ ଏବଂ ଇଂରାଜୀ) ପାଇଁ ସିଲାବସ୍ ସଂଶୋଧିତ ହୋଇଛି । ଗତ ଛଅ ବର୍ଷ ମଧ୍ୟରେ ଅବଶିଷ୍ଟ ଆଠଟି ପାଠ୍ୟକ୍ରମର ପାଠ୍ୟକ୍ରମ ଅପରିବର୍ତ୍ତିତ ରହିଥିଲା ।

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ପରୀକ୍ଷା-ଯାଞ୍ଚ ହୋଇଥିବା ମହାବିଦ୍ୟାଳୟଗୁଡ଼ିକରେ, 2016-17 ରେ ସିବିସିଏସ୍ ଆରମ୍ଭ ହେବା ପରେ, ୟୁଜିସି ନିର୍ଦ୍ଦେଶାବଳୀ ଅନୁଯାୟୀ, ସମସ୍ତ ସ୍ନାତକ (ୟୁଜି) ପାଠ୍ୟକ୍ରମର ସିଲାବସ୍ ସଂଶୋଧିତ ହୋଇଥିଲା । ଏହି ପାଠ୍ୟକ୍ରମଗୁଡ଼ିକ ପରବର୍ତ୍ତୀ ସମୟ 2019-20 ରେ ସଂଶୋଧନ ହେବା କଥା ଏବଂ ଏହା ଲକ୍ଷ୍ୟ କରାଯାଇଥିଲା ଯେ ସେହି ବର୍ଷ ସାରା ରାଜ୍ୟରେ ସମସ୍ତ ୟୁଜି ପାଠ୍ୟକ୍ରମ ପାଇଁ ଏକକ ସାଧାରଣ ପାଠ୍ୟକ୍ରମ ଉଚ୍ଚଶିକ୍ଷା ବିଭାଗ (ଡିଏଚଇ) ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା ।

ଅଡିଟ୍ ଦ୍ୱାରା ସୂଚିତ କରାଯିବା ପରେ, ବିଶ୍ୱବିଦ୍ୟାଳୟ ଗ୍ରହଣ କଲା ଯେ ପିଜି ପାଠ୍ୟକ୍ରମ କ୍ଷେତ୍ରରେ ପ୍ରତି ତିନି ବର୍ଷରେ ସିଲାବସ୍ ସଂଶୋଧନ ପାଇଁ ନିର୍ଦ୍ଦେଶାବଳୀ ପାଳନ କରାଯାଇ ନଥିଲା ଏବଂ ସମସ୍ତ ପାଠ୍ୟକ୍ରମ ଠିକ୍ ସମୟରେ ସଂଶୋଧିତ ହୋଇନାହିଁ ।

### ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

2012-13 ମସିହାରେ ସିବିସିଏସ୍ ଆରମ୍ଭ ହେବା ସମୟରେ ବିଶ୍ୱବିଦ୍ୟାଳୟ ସମସ୍ତ 13 ଟି ସ୍ନାତକୋତ୍ତର ପାଠ୍ୟକ୍ରମର ପାଠ୍ୟ ଖସଡ଼ା ସଂଶୋଧନ କରିଥିଲା ଏବଂ ତିନି ବର୍ଷ ଅବଧି ପରେ ପରବର୍ତ୍ତୀ ସଂଶୋଧନ ହେବା

[4] 2014-15 ପାଇଁ ଅଡିଟ୍‌କୁ ତଥ୍ୟ ଉପଲବ୍ଧ କରାଗଲା ନାହିଁ

କଥା । ଅଡିଟ୍‌ରେ 13 ଟି ପାଠକ୍ରମ ମଧ୍ୟରୁ ସାତଟି[5] ଯାଞ୍ଚ କରି ଜଣାଗଲା ଯେ ଠିକ୍ ସମୟରେ ସଂଶୋଧନ ହୋଇନାହିଁ ଏବଂ 2013-19 ମଧ୍ୟରେ ଏହି ପାଠ୍ୟକ୍ରମର ସିଲାବସ୍ ଅପରିବର୍ତ୍ତିତ ରହିଛି ।

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପରୀକ୍ଷା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟଗୁଡ଼ିକରେ ଥିବା ସମସ୍ତ ୟୁଜି ପାଠ୍ୟକ୍ରମର ପାଠ୍ୟକ୍ରମ 2016-17 ମସିହାରେ ସିବିସିଏସ୍ ଆରମ୍ଭ ହେବା ସମୟରେ ସଂଶୋଧିତ ହୋଇଥିଲା ଏବଂ ତିନି ବର୍ଷ ଅବଧି ପରେ ପରବର୍ତ୍ତୀ ସଂଶୋଧନ ପାଇଁ ଧାର୍ଯ୍ୟ କରାଯାଇଥିଲା । ପୂର୍ବରୁ ଉଲ୍ଲେଖ କରାଯାଇଥିବା ପରି, 2019-20 ମଧ୍ୟରେ ଡିଏଚଇ ଦ୍ୱାରା ରାଜ୍ୟର ସମସ୍ତ ୟୁଜି ପାଠ୍ୟକ୍ରମ ପାଇଁ ଏକ ସାଧାରଣ ପାଠ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା ।

ବିଶ୍ୱବିଦ୍ୟାଳୟ ଗୁଡ଼ିକର ମାନ୍ୟତା ସମୟରେ, ନାକ୍ ଅନୁଷ୍ଠାନମାନଙ୍କୁ ସର୍ବାଧିକ ସ୍କୋର ପ୍ରଦାନ କରିଥିଲେ ଯେଉଁଠାରେ 50 ପ୍ରତିଶତ ଏବଂ ତା'ଠାରୁ ଅଧିକ ସିଲାବସ୍ ସଂଶୋଧିତ ହୋଇଥିଲା । ସିଲାବସର ଠିକ୍ ସମୟରେ ସଂଶୋଧନ ହୋଇ ନଥିବାରୁ ଉଭୟ ବିଶ୍ୱବିଦ୍ୟାଳୟ ଏହି ମାନଦଣ୍ଡ ଅନୁଯାୟୀ ସର୍ବାଧିକ ମାର୍କ ସ୍କୋର କରିବାକୁ ଯୋଗ୍ୟ ନୁହଁନ୍ତି ।

ଏହା ବ୍ୟତୀତ, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଦ୍ୱାରା ପିଜି ପାଠ୍ୟକ୍ରମର ସଂଶୋଧନ କରିବାରେ ବିଫଳତା, ଛାତ୍ରଛାତ୍ରୀମାନଙ୍କୁ ଚାକିରି ବଜାରର ଗତିଶୀଳତା ସହିତ ଗବେଷଣା ଏବଂ ବିକାଶର ଅଗ୍ରଗତି ସହିତ ଅତ୍ୟାଧୁନିକ ପ୍ରଯୁଜ୍ୟ ପାଠ୍ୟକ୍ରମରୁ ବଞ୍ଚିତ କରିଛି ।

### 3.1.1.3 ନିଯୁକ୍ତି/ ଉଦ୍ୟୋଗ ଆଧାରିତ ପାଠ୍ୟକ୍ରମ

ନାକ୍ ଦର୍ଶାଇଲା ଯେ ବିଶ୍ୱବିଦ୍ୟାଳୟ/ ମହାବିଦ୍ୟାଳୟ ଦ୍ୱାରା ପରିକଳ୍ପିତ ହୋଇଥିବା ପାଠ୍ୟକ୍ରମ ନିଯୁକ୍ତି, ଉଦ୍ୟୋଗିତା ଏବଂ ଦକ୍ଷତା ବିକାଶ ଉପରେ ମଧ ଧାନ ଦେଇପାରେ । ସମାନ ଧାରାରେ ନାକ୍ ଏହାର ସ୍ୱୀକୃତି ଏବଂ ମୂଲ୍ୟାଙ୍କନ ପ୍ରକ୍ରିୟାରେ, ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ୱାରା ପାଠ୍ୟକ୍ରମର ପରିକଳ୍ପନାରେ ନିଯୁକ୍ତି, ଉଦ୍ୟୋଗିତା ଏବଂ ଦକ୍ଷତା ବିକାଶ ଧାନକୁ ଯଥେଷ୍ଟ ଗୁରୁତ୍ୱ ଦେଇଥାଏ । ଏହି ମାନଦଣ୍ଡକୁ ***ହାରାହାରି ଶତକଡ଼ା ପାଠ୍ୟକ୍ରମର ଫଳାଫଳ ସୂଚକ ସହ ମୂଲ୍ୟାଙ୍କନ କରାଯାଇଥିଲା ଯାହାକି 2014-19 ମଧ୍ୟରେ ଚାକିରୀ/ ଉଦ୍ୟୋଗିତା/ ଦକ୍ଷତା ଉପରେ ଧ୍ୟାନ ଦେଇଥାଏ (ପରିଶିଷ୍ଟ 1 ର କ୍ରମିକ ସଂଖ୍ୟା 4)।***

ଦୁଇଟି ବିଶ୍ୱବିଦ୍ୟାଳୟ ଦ୍ୱାରା ନିଯୁକ୍ତି ଯୋଗ୍ୟ/ ଉଦ୍ୟୋଗିତା ଭାବରେ ବିବେଚନା କରାଯାଉଥିବା ପାଠ୍ୟକ୍ରମର ଏକ ତୁଳନାତ୍ମକତା ଦର୍ଶାଏ ଯେ ଏହିପରି ପାଠ୍ୟକ୍ରମଗୁଡ଼ିକୁ ଶ୍ରେଣୀଭୁକ୍ତ କରିବା ପାଇଁ କୌଣସି ସ୍ୱଷ୍ଟ ମାନଦଣ୍ଡ ନାହିଁ । ଉତ୍କଳ ବିଶ୍ୱବିଦ୍ୟାଳୟ କହିଛି ଯେ ଏହାର 100 ପ୍ରତିଶତ ପାଠ୍ୟକ୍ରମ ନିଯୁକ୍ତି ଯୋଗ୍ୟ, ଅନ୍ୟପକ୍ଷରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏହାର 27ପ୍ରତିଶତ ପାଠ୍ୟକ୍ରମକୁ ନିଯୁକ୍ତି / ଉଦ୍ୟୋଗ ଉପରେ ଧାନ ଦେଇ ଶ୍ରେଣୀଭୁକ୍ତ କରିଛି । ଅଡିଟ୍ ସୂଚାଇ ଦେଇଛି ଯେ ପାଠ୍ୟକ୍ରମରେ ନିଯୁକ୍ତି କିମ୍ବା ଉଦ୍ୟୋଗିତା ଭାବରେ ବର୍ଗୀକୃତ ହେବାରେ କୌଣସି ସମାନତା ନାହିଁ । ଉଦାହରଣ ସ୍ୱରୂପ, ଯେତେବେଳେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ, ରସାୟନ ବିଜ୍ଞାନ, ଅର୍ଥନୀତି, ସଂସ୍କୃତ ଇତ୍ୟାଦି ଆଠଟି ପାଠ୍ୟକ୍ରମକୁ ବିଚାର କରିନଥିଲା, ଏହିସବୁ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ନିଯୁକ୍ତି ଯୋଗ୍ୟ ବୋଲି ବିବେଚନା କରାଯାଉଥିଲା । କୌଣସି ସ୍ୱଷ୍ଟ ମାନଦଣ୍ଡ କିମ୍ବା ଏଥିପାଇଁ ସହାୟକ ପ୍ରମାଣର ଅନୁପସ୍ଥିତିରେ, ବିଶ୍ୱବିଦ୍ୟାଳୟଗୁଡ଼ିକରେ ପାଠ୍ୟକ୍ରମର ପ୍ରକୃତ ନିଯୁକ୍ତିକୁ ମୂଲ୍ୟାଙ୍କନ କରାଯାଇପାରିବ ନାହିଁ ।

ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱୀକୃତି ସମୟରେ, ନାକ୍ ସେହି ଅନୁଷ୍ଠାନଗୁଡ଼ିକୁ ସର୍ବାଧିକ ସ୍କୋର ପ୍ରଦାନ କରିଥିଲା ଯେଉଁଠାରେ 50 ପ୍ରତିଶତ ଏବଂ ତା'ଠାରୁ ଅଧିକ ପାଠ୍ୟକ୍ରମ ନିଯୁକ୍ତି ଉପରେ ଧାନ ଦେଉଥିଲା । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସ୍ୱଷ୍ଟ ଭାବରେ ଏହି ମାନଦଣ୍ଡ ତଳେ ପଡ଼ିଥିବାବେଳେ, କୌଣସି ସହାୟକ ପ୍ରମାଣ ଏବଂ ସ୍ୱଷ୍ଟ ମାନଦଣ୍ଡର ଅନୁପସ୍ଥିତିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଶତ ପ୍ରତିଶତ ଚିତ୍ରର ସତ୍ୟତା ସନ୍ଦେହଜନକ ।

ଏହିପରି, ଏହି ଦୁଇଟି ବିଶ୍ୱବିଦ୍ୟାଳୟର ଉଚ୍ଚମାନର ଶିକ୍ଷା ପ୍ରଦାନ ଦିଗରେ ଅବଦାନ ଯାହା ଶେଷରେ ନିଯୁକ୍ତି/ ଉଦ୍ୟୋଗିତା ଏବଂ ଦକ୍ଷତା ବିକାଶ ପାଠ୍ୟକ୍ରମକୁ ଧାନ ଦେଇ ଆଗେଇ ନେଇଥାଏ, ଅନିଶ୍ଚିତତା ମଧ୍ୟରେ ରହିଥିଲା ।

5 ବାୟୋଟେକ୍ନୋଲୋଜି, ଉଦ୍ଭିଦ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ଅର୍ଥନୀତି ଏବଂ ଏମ୍‌ସିଏ

### *3.1.1.4 ମୂଲ୍ୟଯୁକ୍ତ ପାଠ୍ୟକ୍ରମ ଏବଂ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା*

ମୂଲ୍ୟଯୁକ୍ତ ପାଠ୍ୟକ୍ରମ ଏବଂ କାର୍ଯ୍ୟକଳାପଗୁଡ଼ିକ ହେଉଛି ତାହା, ଯାହା ଏକ ଅଧ୍ୟୟନର ଅନୁଶାସନ ସହିତ ସିଧାସଳଖ ସଂଯୁକ୍ତ ହୋଇନପାରେ କିନ୍ତୁ ଲିଙ୍ଗ, ପରିବେଶ ଏବଂ ସ୍ଥିରତା, ମାନବିକ ମୂଲ୍ୟବୋଧ ଏବଂ ବୃତ୍ତିଗତ ନୈତିକତା ଭଳି ସମସ୍ୟାକୁ ଅତିକ୍ରମ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ସମ୍ବେଦନଶୀଳ କରିବାରେ ସାହାଯ୍ୟ କରିଥାଏ । ଏହି ପାଠକ୍ରମଗୁଡ଼ିକରେ[6] ଆପ୍ଲାଏଡ୍ ସୋସିଓଲୋଜି, ଫ୍ୟାଶନ୍ ଡିଜାଇନ୍, ଟେଲିଭିଜନ ଏବଂ ଭିଡିଓ ସମ୍ପାଦନା, ରେଫ୍ରିଜରେଜେସନ୍, ହସ୍ପିଟାଲ୍ ବର୍ଜ୍ୟବସ୍ତୁ ନିଷ୍କାସନ ପରିଚାଳନା ଇତ୍ୟାଦି ଅନ୍ତର୍ଭୁକ୍ତ । ଆହୁରି ମଧ୍ୟ, ନାକ୍ ମାନୁଆଲ ଅନୁଯାୟୀ, ମୂଲ୍ୟଯୁକ୍ତ ପାଠ୍ୟକ୍ରମଗୁଡ଼ିକ ଇଚ୍ଛାଧୀନ ଅଟେ, ପାଠ୍ୟକ୍ରମ ବାହାରେ ପ୍ରଦାନ କରାଯାଇଥାଏ ଏବଂ ଛାତ୍ରଛାତ୍ରୀମାନଙ୍କୁ ସ୍ଥାନିତ କରିବାରେ ସାହାଯ୍ୟ କରିଥାଏ ।

ମୂଲ୍ୟଯୁକ୍ତ ପାଠ୍ୟକ୍ରମ ପ୍ରଦାନରେ ମନୋନୀତ ହୋଇଥିବା ବିଶ୍ୱବିଦ୍ୟାଳୟ ଗୁଡ଼ିକ ଦ୍ୱାରା କରାଯାଇଥିବା ପ୍ରୟାସର ମୂଲ୍ୟାଙ୍କନ କରିବାକୁ, ***2014-19 ମଧ୍ୟରେ ସ୍ଥାନାନ୍ତର ଯୋଗ୍ୟ ଏବଂ ଜୀବନ କୌଶଳ ପ୍ରଦାନ କରୁଥିବା ମୂଲ୍ୟଯୁକ୍ତ ପାଠ୍ୟକ୍ରମ ସଂଖ୍ୟା ଏକ ସୂଚକ ଭାବରେ ବ୍ୟବହୃତ ହୋଇଥିଲା (ପରିଶିଷ୍ଟ 2 ର କ୍ରମିକ ସଂଖ୍ୟା 3)*** । ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକର ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରକ୍ରିୟା ସମୟରେ ନାକ୍ ଦ୍ୱାରା ବ୍ୟବହୃତ ଏହି ସୂଚକ ମଧ୍ୟ ଅନ୍ୟତମ ।

ଏଥିସହ, ମୂଲ୍ୟଯୁକ୍ତ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ପାଇଁ ମନୋନୀତ ହୋଇଥିବା ବିଶ୍ୱବିଦ୍ୟାଳୟ ଗୁଡ଼ିକ ଦ୍ୱାରା କରାଯାଇଥିବା ପ୍ରୟାସର ମୂଲ୍ୟାଙ୍କନ କରିବାକୁ, ଫଳାଫଳ ସୂଚକ, ***2014-19 ମଧ୍ୟରେ ମୂଲ୍ୟଯୁକ୍ତ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ହାରାହାରି ଶତକଡ଼ା ମୂଲ୍ୟାଙ୍କନ କରାଯାଇଥିଲା (ପରିଶିଷ୍ଟ 1 ର କ୍ରମିକ ସଂଖ୍ୟା 5)*** ।

ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ଥାନାନ୍ତରଯୋଗ୍ୟ ଏବଂ ଜୀବନ କୌଶଳ ପ୍ରଦାନ କରୁଥିବା ମୂଲ୍ୟଯୁକ୍ତ ପାଠ୍ୟକ୍ରମଗୁଡ଼ିକର ସଂଖ୍ୟା ଉପରେ ଅଡିଟ୍ ଯାଞ୍ଚରୁ ଜଣାପଡ଼ିଛି ଯେ ଏହି ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକ ମଧ୍ୟରୁ କେହି ଏହିପରି ପାଠ୍ୟକ୍ରମ ପ୍ରବର୍ତ୍ତନ କରିନାହାନ୍ତି । ଫଳସ୍ୱରୂପ, ଦୁଇଟି ବିଶ୍ୱବିଦ୍ୟାଳୟରେ 2014-19 ମଧ୍ୟରେ କୌଣସି ଛାତ୍ରଛାତ୍ରୀ ଏହିପରି ପାଠ୍ୟକ୍ରମରେ ନାମ ଲେଖାଇବାର ରେକର୍ଡ ରହିନଥିଲା ।

32 ଟି ମନୋନୀତ ହୋଇଥିବା ମହାବିଦ୍ୟାଳୟ ମଧ୍ୟରୁ କେବଳ ଗୋଟିଏ ମହାବିଦ୍ୟାଳୟ (ଭିଏନ୍ ସ୍ୱୟଂଶାସିତ ମହାବିଦ୍ୟାଳୟ) ରେ ମୂଲ୍ୟଯୁକ୍ତପାଠ୍ୟକ୍ରମ[7] ଆରମ୍ଭପାଇଁ 2014ରେ ୟୁଜିସି ଦ୍ୱାରା 7 ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା (ପ୍ରଦାନ ପରିମାଣ 6.30 ଲକ୍ଷ ଟଙ୍କା) । ତଥାପି, ଆଜି ପର୍ଯ୍ୟନ୍ତ(ଜାନୁଆରୀ 2020) ଏହି ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ମହାବିଦ୍ୟାଳୟ କୌଣସି ଅର୍ଥ ଖର୍ଚ୍ଚ କରିନଥିଲା । ତେଣୁ, 2014-19 ମଧ୍ୟରେ 32 ଟି ମନୋନୀତ ହୋଇଥିବା ମହାବିଦ୍ୟାଳୟ ମଧ୍ୟରୁ କୌଣସିଟି ସେମାନଙ୍କ ପାଠ୍ୟକ୍ରମରେ ମୂଲ୍ୟଯୁକ୍ତ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କରିନଥିଲେ ।

କୌଣସି ମନୋନୀତ ହୋଇଥିବା ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ 'ସ୍ଥାନାନ୍ତରଯୋଗ୍ୟ ଏବଂ ଜୀବନ କୌଶଳ' ପ୍ରଦାନ କରୁଥିବା କୌଣସି ମୂଲ୍ୟଯୁକ୍ତ ପାଠ୍ୟକ୍ରମ ନଥିଲା, ଯାହା ଦ୍ୱାରା ଛାତ୍ରଛାତ୍ରୀମାନେ ଆନ୍ତର୍ବିଭାଗୀୟ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯେପରିକି ଲିଙ୍ଗ, ମାନବିକ ମୂଲ୍ୟବୋଧ, ବୃତ୍ତିଗତ ନୈତିକତା ଇତ୍ୟାଦି ବିଷୟରେ ଜାଣିବାର ସୁଯୋଗରୁ ବଞ୍ଚିତ ହୋଇଥିଲେ । ନାକ୍ ମୂଲ୍ୟଯୁକ୍ତ ପାଠ୍ୟକ୍ରମର ପରିଚୟ ପାଇଁ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସର୍ବାଧିକ ଗ୍ରେଡ୍ ପଏଣ୍ଟ ପ୍ରଦାନ କରିଛି । ତେବେ ଏହି ମାନଦଣ୍ଡ ଅନୁଯାୟୀ ଉଭୟ ଉତ୍କଳ ବିଶ୍ୱବିଦ୍ୟାଳୟ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏବଂ 32 ଟି ମନୋନୀତ ହୋଇଥିବା ମହାବିଦ୍ୟାଳୟ ଏହି ମାନଦଣ୍ଡ ଆଧାରରେ ଯୋଗ୍ୟ ହୋଇପାରିଲେ ନାହିଁ ।

---

6 ଏକାଦଶ ପଞ୍ଚବାର୍ଷିକ ଯୋଜନା (2007-2012) ସମୟରେ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ କ୍ୟାରିଅର ଓରିଏଣ୍ଟେଡ୍ ପାଠ୍ୟକ୍ରମର ପ୍ରବର୍ତ୍ତନ ପାଇଁ ୟୁଜିସି ନିର୍ଦ୍ଦେଶାବଳୀ

7 ଗ୍ରାମୀଣ ଉଦ୍ୟୋଗ ବିକାଶ

ଏହାର ଉତ୍ତରରେ ଉଚ୍ଚଶିକ୍ଷା ବିଭାଗ କହିଲେ (ସେପ୍ଟେମ୍ବର 2020) ଯେ, ପରିବେଶ ବିଜ୍ଞାନ/ ଅଧ୍ୟୟନ ହେଉଛି ଏକ ମୂଲ୍ୟଯୁକ୍ତ ପାଠ୍ୟକ୍ରମ ଯାହା ଗତ 12 ବର୍ଷ ଠାରୁ ସମସ୍ତ ବିଭାଗରେ ୟୁଜି ସ୍ତରରେ ଏକ ବାଧ୍ୟତାମୂଳକ ବିଷୟ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ।

ଏହାର ଉତ୍ତର ଗ୍ରହଣୀୟ ନୁହେଁ କାରଣ ପରିବେଶ ବିଜ୍ଞାନ/ ଅଧ୍ୟୟନ ହେଉଛି ଏକ ବିଷୟ ଯାହାକି ୟୁଜି ପାଠ୍ୟକ୍ରମ ଅଧୀନରେ ବାଧ୍ୟତାମୂଳକ ବିଷୟ ଭାବରେ ଶିକ୍ଷା ଦିଆଯାଏ କିନ୍ତୁ ନାକ୍ ଦ୍ୱାରା ପ୍ରଚଳିତ ମୂଲ୍ୟଯୁକ୍ତ ପାଠ୍ୟକ୍ରମଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା । ନାକ୍ ସ୍ୱଷ୍ଟଭାବରେ ବ୍ୟକ୍ତ କରନ୍ତି ଯେ ମୂଲ୍ୟଯୁକ୍ତ ପାଠ୍ୟକ୍ରମଗୁଡିକ ଇଚ୍ଛାଧୀନ ଅଟେ, ନିୟମିତ ପାଠ୍ୟକ୍ରମ ବାହାରେ ପ୍ରଦାନ କରାଯାଏ ଏବଂ ଛାତ୍ରଛାତ୍ରୀମାନଙ୍କୁ ପ୍ଲେସ୍‌ମେଣ୍ଟ ପାଇବାରେ ସାହାଯ୍ୟ କରେ । ତେଣୁ ୟୁଜି ଏବଂ ପିଜି ସ୍ତରରେ ଏଭଳି ପାଠ୍ୟକ୍ରମ ପ୍ରବର୍ତ୍ତନ ପାଇଁ ରାଜ୍ୟ ସରକାର ଏବଂ ଓଡ଼ିଶାର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ଗଠନମୂଳକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ।

### *3.1.1.5 ଇଣ୍ଟର୍ନସିପ୍ ନେଉଥିବା ଛାତ୍ରଛାତ୍ରୀମାନେ*

ଇଣ୍ଟର୍ନସିପ୍ ହେଉଛି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକଳାପ ଯାହାକି ଏକ ଚିହ୍ନିତ ମାର୍ଗଦର୍ଶକଙ୍କ ମାର୍ଗଦର୍ଶନରେ ଏକ ସଂସ୍ଥାରେ କାର୍ଯ୍ୟ କରିବା ସହିତ ଜଡ଼ିତ । ଏହାର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପୃଷ୍ଠଭୂମିରେ ସେମାନଙ୍କର ଜ୍ଞାନ ଏବଂ କୌଶଳ ପ୍ରୟୋଗ କରିବାରେ ଏବଂ ବୃତ୍ତିଗତ ମନୋଭାବ ଏବଂ ନୈତିକତା ସୃଷ୍ଟି କରିବାରେ ସକ୍ଷମ କରିବା ।

ମନୋନୀତ ହୋଇଥିବା ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ ଫିଲ୍ଡ ପ୍ରୋଜେକ୍ଟ/ ଇଣ୍ଟର୍ନସିପ୍ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ମୂଲ୍ୟାଙ୍କନ କରିବା ପାଇଁ, ***2018-19 ମଧ୍ୟରେ ଇଣ୍ଟର୍ନସିପ୍ କରୁଥିବା ଛାତ୍ରଛାତ୍ରୀଙ୍କ ଶତକଡ଼ା ଏକ ସୂଚକ ଭାବରେ ବ୍ୟବହାର କରାଯାଇଥିଲା (ପରିଶିଷ୍ଟ 2 ର କ୍ରମିକ ସଂଖ୍ୟା 4)*** । ଏହି ସୂଚକ ମଧ୍ୟ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରକ୍ରିୟା ସମୟରେ ନାକ୍ ଦ୍ୱାରା ବ୍ୟବହୃତ ଏକ ପ୍ରମୁଖ ସୂଚକ ଅଟେ ।

ଦୁଇଟି ମନୋନୀତ ହୋଇଥିବା ବିଶ୍ୱବିଦ୍ୟାଳୟରେ 2014 ରୁ 2019 ମଧ୍ୟରେ ଇଣ୍ଟର୍ନସିପ୍ କରିଥିବା ଛାତ୍ରଛାତ୍ରୀସଂଖ୍ୟା ବିଷୟରେ ସବିଶେଷ ବିବରଣୀ ନିମ୍ନରେ ବିସ୍ତୃତ ଭାବରେ ଦର୍ଶାଯାଇଛି :

*ସାରଣୀ 3.1: 2014-15 ରୁ 2018-19 ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ଇଣ୍ଟର୍ନସିପ୍ ବିବରଣୀ*

| ବର୍ଷ | ଉତ୍କଳ ବିଶ୍ୱବିଦ୍ୟାଳୟ | | | ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ | | |
|---|---|---|---|---|---|---|
| | ନାମଲେଖାଇଥିବା ଛାତ୍ରଛାତ୍ରୀ ସଂଖ୍ୟା | ଇଣ୍ଟର୍ନସିପ୍ କରିଥିବା ଛାତ୍ରଛାତ୍ରୀ ସଂଖ୍ୟା | ପ୍ରତିଶତ | ନାମଲେଖାଇଥିବା ଛାତ୍ରଛାତ୍ରୀ ସଂଖ୍ୟା | ଇଣ୍ଟର୍ନସିପ୍ କରିଥିବା ଛାତ୍ରଛାତ୍ରୀ ସଂଖ୍ୟା | ପ୍ରତିଶତ |
| 2014-15 | 2195 | 122 | 5.56 | 404 | 3 | 0.74 |
| 2015-16 | 2197 | 128 | 5.83 | 515 | 0 | 0.00 |
| 2016-17 | 2114 | 122 | 5.77 | 505 | 1 | 0.20 |
| 2017-18 | 2258 | 131 | 5.80 | 495 | 0 | 0.00 |
| 2018-19 | 2293 | 134 | 5.84 | 780 | 9 | 1.15 |
| *ହାରାହାରି ପ୍ରତିଶତ* | | | ***5.76*** | | | ***0.42*** |

*(ଉତ୍ସ: ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)*

ଉପରୋକ୍ତ ସାରଣୀରୁ ଏହା ଦେଖାଯାଏ ଯେ ଉଭୟ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିବା ମୋଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେବଳ ସର୍ବନିମ୍ନ ସଂଖ୍ୟା ଅର୍ଥାତ୍ ଉତ୍କଳ ବିଶ୍ୱବିଦ୍ୟାଳୟରେ 5.76 ପ୍ରତିଶତ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ 0.42 ପ୍ରତିଶତ ଇଣ୍ଟର୍ନସିପ୍ କରିଥିଲେ । ଏଥିସହ ଲକ୍ଷ୍ୟ କରାଯାଇଛି ଯେ 2014-19 ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଇଣ୍ଟର୍ନସିପ୍ କରିଥିବା ଛାତ୍ରଛାତ୍ରୀମାନେ କେବଳ ବିଶ୍ୱବିଦ୍ୟାଳୟର ସାତଟି ବିଭାଗରେ[8]

[8] ଭୂଗୋଳ, ଉଦ୍ଭିଦ ବିଜ୍ଞାନ, ପରିବେଶ ବିଜ୍ଞାନ, ପ୍ରୟୋଗାତ୍ମକ ମାଇକ୍ରୋବାଇଓଲୋଜି, ଭୂବିଜ୍ଞାନ, ବ୍ୟକ୍ତିଗତ ପରିଚାଳନା ଏବଂ ଶିଳ୍ପ ସମ୍ପର୍କ, ଲାଇବ୍ରାରୀ ଏବଂ ସୂଚନା ବିଜ୍ଞାନ

ସୀମିତ ରହିଥିଲେ । ସେହିଭଳି, 2014-19 ମଧ୍ୟରେ ଇଣ୍ଟର୍ନସିପ୍ କିମ୍ବା ଫିଲ୍ଡ ପ୍ରୋଜେକ୍ଟରେ କାର୍ଯ୍ୟ କରୁଥିବା ସମସ୍ତ ଛାତ୍ରଛାତ୍ରୀ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଏକକ ବିଭାଗର[9] ଥିଲେ ।

2014-19 ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର 32 ଟି ମନୋନୀତ ମହାବିଦ୍ୟାଳୟର କୌଣସି ଛାତ୍ରଛାତ୍ରୀ ଇଣ୍ଟର୍ନସିପ୍ କରିନାହାନ୍ତି ।

ଅଡିଟ୍ ଅନୁସନ୍ଧାନଗୁଡ଼ିକ ଦର୍ଶାଇଥିଲା ଯେ ଉଭୟ ବିଶ୍ୱବିଦ୍ୟାଳୟ ଫିଲ୍ଡ ପ୍ରୋଜେକ୍ଟ, ଗ୍ରୀଷ୍ମ ଇଣ୍ଟର୍ନସିପ୍ ଇତ୍ୟାଦି ମାଧ୍ୟମରେ ସେମାନଙ୍କ ଛାତ୍ରଛାତ୍ରୀମାନଙ୍କୁ ବ୍ୟବହାରିକ ଶିକ୍ଷଣରେ ପ୍ରକାଶ କରିବାକୁ କୌଣସି ଉଦ୍ୟମ କରିନାହାନ୍ତି, ଯାହାକି ଛାତ୍ରଛାତ୍ରୀଙ୍କ ନିଯୁକ୍ତିର ଇଚ୍ଛାକୃତ ଫଳାଫଳକୁ ପ୍ରଭାବିତ କରିଥାଏ ।

ବିଶ୍ୱବିଦ୍ୟାଳୟଗୁଡ଼ିକର ମାନ୍ୟତା ସମୟରେ, ନାକ୍ ଅନୁଷ୍ଠାନମାନଙ୍କୁ ସର୍ବାଧିକ ଗ୍ରେଡ୍ ପଏଣ୍ଟ ପ୍ରଦାନ କରିଥିଲେ ଯେଉଁଠାରେ ବର୍ଷ ମଧ୍ୟରେ 10 ପ୍ରତିଶତ ଏବଂ ତଦୁର୍ଦ୍ଧ୍ୱ ଛାତ୍ରଛାତ୍ରୀ ଇଣ୍ଟର୍ନସିପ୍ କରିଥିଲେ । ରାଜ୍ୟରେ କୌଣସି ମନୋନୀତ ହୋଇଥିବା ଉଚ୍ଚଶିକ୍ଷା ଅନୁଷ୍ଠାନ ଏହି ମାନଦଣ୍ଡ ପୂରଣ କରିବାକୁ ଯୋଗ୍ୟ ହୋଇପାରିନଥିଲେ ।

### *3.1.1.6 ସରଳ ପାଠ୍ୟକ୍ରମ ଚୟନ*

ସରଳ ପାଠ୍ୟକ୍ରମ ଚୟନ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟକ୍ରମ ଏବଂ ଶିକ୍ଷାଦାନ କାର୍ଯ୍ୟକ୍ରମରେ ବିକଳ୍ପ ବ୍ୟବସ୍ଥା ପ୍ରଦାନ କରାଯାଇଥାଏ । ଏହା ପାଠ୍ୟକ୍ରମର ସମୟ ସୀମା, ଭୂସମାନ୍ତର ଗତିଶୀଳତା, ଆନ୍ତଃବିଭାଗୀୟ ବିକଳ୍ପ ଏବଂ ଅନ୍ୟାନ୍ୟ ପାଠ୍ୟକ୍ରମ ସମ୍ପାଦନ ଦ୍ୱାରା ସୁଗମ ହୋଇଥିବା ସ୍ୱାଧୀନତାକୁ ସୂଚିତ କରେ । ଅନେକଗୁଡ଼ିଏ ଉପାୟ ଅଛି ଯାହା ମାଧ୍ୟମରେ ପାଠ୍ୟକ୍ରମ ଚୟନକୁ ସରଳ କରାଯାଇପାରିବ । ଏଥିରେ ନୂତନ ଏବଂ ପ୍ରାସଙ୍ଗିକ ପାଠ୍ୟକ୍ରମ ପ୍ରଦାନ, ସିବିସିଏସ୍ ଏବଂ ସେମିଷ୍ଟାର ପ୍ରଣାଳୀ ଇତ୍ୟାଦି ଅନ୍ତର୍ଭୁକ୍ତ ।

ନିଯୁକ୍ତି ପ୍ରଦାନ ପାଇଁ କାର୍ଯ୍ୟକ୍ରମରେ ନୂତନ ପାଠ୍ୟକ୍ରମର ଉପସ୍ଥାପନ, ନିଯୁକ୍ତି ସୂଚକ, ନୂତନ ପାଠ୍ୟକ୍ରମର ଶତକଡ଼ା ***2014-19 ମଧ୍ୟରେ ପ୍ରଦାନ କରାଯାଇଥିବା ସମସ୍ତ କାର୍ଯ୍ୟକ୍ରମ ମଧ୍ୟରେ ମୋଟ ପାଠ୍ୟକ୍ରମର ଶତକଡ଼ା ମନୋନୀତ କରାଯାଇଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ୱାରା କରାଯାଇଥିବା ପ୍ରୟୋଗର ମୂଲ୍ୟାଙ୍କନ କରିବାକୁ ପ୍ରୟାସ କରାଯାଇଥିଲା (ପରିଶିଷ୍ଟ 1 ର କ୍ରମିକ ସଂଖ୍ୟା 6 )***।

#### *(କ) ନୂତନ ପାଠ୍ୟକ୍ରମର ପ୍ରବର୍ତ୍ତନ*

ଗତ ପାଞ୍ଚ ବର୍ଷ ମଧ୍ୟରେ ଦୁଇଟି ମନୋନୀତ ବିଶ୍ୱବିଦ୍ୟାଳୟରେ ପ୍ରଦାନ କରାଯାଇଥିବା ସମସ୍ତ କାର୍ଯ୍ୟକ୍ରମରେ ମୋଟ ସ୍ନାତକୋତ୍ତର ପାଠ୍ୟକ୍ରମ ମଧ୍ୟରୁ ନୂତନ ପାଠ୍ୟକ୍ରମର ଶତକଡ଼ା ନିମ୍ନରେ ଦର୍ଶାଯାଇଛି:

***ସାରଣୀ 3.2: 2014-19 ମଧ୍ୟରେ ଆରମ୍ଭ ହୋଇଥିବା ନୂତନ ପାଠ୍ୟକ୍ରମର ସଂଖ୍ୟା***

| ବିଶ୍ୱବିଦ୍ୟାଳୟର ନାମ | 2014-19ମଧ୍ୟରେ ମୋଟ ସ୍ନାତକୋତ୍ତର ପାଠ୍ୟକ୍ରମର ସଂଖ୍ୟା | 2014-19ମଧ୍ୟରେ ନୂତନ ସ୍ନାତକୋତ୍ତର ପାଠ୍ୟକ୍ରମ ପ୍ରବର୍ତ୍ତିତ | ନୂତନ ପାଠ୍ୟକ୍ରମର ଶତକଡ଼ା |
|---|---|---|---|
| ଉତ୍କଳ ବିଶ୍ୱବିଦ୍ୟାଳୟ | 29 | 2 | 7 |
| ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ | 13 | 6 | 46 |

***(ଉତ୍ସ: ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)***

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ ଉତ୍କଳ ବିଶ୍ୱବିଦ୍ୟାଳୟରେ କେବଳ ଦୁଇଟି ନୂତନ ପାଠ୍ୟକ୍ରମ ଆରମ୍ଭ କରାଯାଇଥିଲା । ଅବଶ୍ୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ 2014-19 ମଧ୍ୟରେ ଛଅଟି ନୂତନ ପାଠ୍ୟକ୍ରମର ପ୍ରବର୍ତ୍ତନ ସହିତ ଭଲ ପ୍ରଦର୍ଶନ କରିଥିଲା ।

ବିଶ୍ୱବିଦ୍ୟାଳୟ ଗୁଡ଼ିକର ସ୍ୱୀକୃତି ସମୟରେ, ନାକ୍ ସେହି ଅନୁଷ୍ଠାନଗୁଡ଼ିକୁ ସର୍ବାଧିକ ଗ୍ରେଡ୍ ପଏଣ୍ଟ ପ୍ରଦାନ କରିଥିଲା ଯେଉଁଠାରେ 10 ପ୍ରତିଶତ ଏବଂ ତା'ଠାରୁ ଅଧିକ ନୂତନ ପାଠ୍ୟକ୍ରମ ପ୍ରବର୍ତ୍ତିତ ହୋଇଥିଲା । ଉପରୋକ୍ତ ସାରଣୀରୁ ସ୍ପଷ୍ଟ ଭାବରେ ଦେଖାଗଲା ଯେ ନୂତନ ପାଠ୍ୟକ୍ରମ ଆରମ୍ଭ କରିବା ଏବଂ ଏହି ମାନଦଣ୍ଡ ବିରୋଧରେ

[9] କମ୍ପ୍ୟୁଟର ପ୍ରୟୋଗରେ ସ୍ନାତକୋତ୍ତର

ସେମାନଙ୍କର କାର୍ଯ୍ୟଦକ୍ଷତାକୁ ଉନ୍ନତି କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ଅଧିକ ପ୍ରୟାସ କରାଯିବା ଆବଶ୍ୟକ । ଅଧିକନ୍ତୁ, ପର୍ଯ୍ୟାପ୍ତ ସଂଖ୍ୟକ ନୂତନ ପାଠ୍ୟକ୍ରମର ପ୍ରବର୍ତ୍ତନ, ବିଶେଷତଃ ମୂଲ୍ୟଯୁକ୍ତ ଶିକ୍ଷା, ଯାହାକି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କୌଶଳ ପ୍ରଦାନରେ ସାହାଯ୍ୟ କରେ, ଏହା ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କ ନିଯୁକ୍ତିର ଫଳାଫଳକୁ ମଧ ପ୍ରଭାବିତ କରିବ ।

### *(ଖ) ପସନ୍ଦ ଆଧାରିତ କ୍ରେଡିଟ୍ ସିଷ୍ଟମ ଥିବା ପ୍ରୋଗ୍ରାମଗୁଡ଼ିକ*

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଅନୁଯାୟୀ, (ସିବିସିଏସ୍) କେବଳ ମୂଳ ବିଷୟଗୁଡ଼ିକ ଶିଖିବା ପାଇଁ ସୁଯୋଗ ଏବଂ ଉପାୟ ପ୍ରଦାନ କରେ ନାହିଁ ବରଂ ମୂଳ ବିଷୟ ବାହାରେ ଶିକ୍ଷାର ଅତିରିକ୍ତ ଉପାୟ ମଧ ଅନୁସନ୍ଧାନ କରେ । ସିବିସିଏସ୍ ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ବିଭାଗ, ଆନ୍ତର୍ବିଭାଗ ପାଠ୍ୟକ୍ରମ, ଦକ୍ଷତା ଭିତ୍ତିକ ବିଷୟ ବାଛିବା ପାଇଁ ଅନୁମତି ଦିଏ ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ଅଧିକ ସରଳତାପ୍ରଦାନ କରେ ।

ଅଧିକନ୍ତୁ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସିବିସିଏସ୍ ଅଧୀନରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ସର୍ବନିମ୍ନ ପାଠ୍ୟକ୍ରମ ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ସେମିଷ୍ଟାର ବ୍ୟବସ୍ଥା ଲାଗୁ କରିବା ପାଇଁ ନିର୍ଦ୍ଦେଶାବଳୀ ନିର୍ଦ୍ଦେଶ ଦେଇଛି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବିଶ୍ୱବିଦ୍ୟାଳୟରେ ସିବିସିଏସ୍ ଲାଗୁ କରିବା ଏବଂ ପାଠ୍ୟକ୍ରମର ସଂଶୋଧନ ପାଇଁ ଏହାର ନିର୍ଦ୍ଦେଶାବଳୀ ଦୋହରାଇଥିଲା (ଅପ୍ରେଲ 2018) ।

ପାଠ୍ୟକ୍ରମର ଏକ ଅଂଶ ଭାବରେ ସିବିସିଏସ ପ୍ରବର୍ତ୍ତନ ପାଇଁ ମନୋନୀତ ହୋଇଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ୱାରା କରାଯାଇଥିବା ପ୍ରୟାସର ମୂଲ୍ୟାଙ୍କନ କରିବାକୁ, ***2018-19 ରେ ସିବିସିଏସ୍ ଥିବା କାର୍ଯ୍ୟକ୍ରମଗୁଡ଼ିକର ଶତକଡ଼ା ଏକ ସୂଚକ ବ୍ୟବହୃତ ହୋଇଥିଲା (ପରିଶିଷ୍ଟ 2 ର କ୍ରମିକ ସଂଖ୍ୟା 5)*** । ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରକ୍ରିୟା ସମୟରେ ଜାତୀୟ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପରିଷଦ ନାକ୍ ଦ୍ୱାରା ବ୍ୟବହୃତ ଏହି ସୂଚକ ମଧ ଅନ୍ୟତମ ।

ମନୋନୀତ ହୋଇଥିବା ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟର ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଯଥା, ଉତ୍କଳ ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏବଂ 32 ଟି ମନୋନୀତ ମହାବିଦ୍ୟାଳୟ ସିବିସିଏସ୍ ପ୍ରବର୍ତ୍ତନ କରିଛନ୍ତି, ଯାହାଫଳରେ ଏହା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ନିର୍ଦ୍ଦେଶାବଳୀକୁ ସମ୍ପୂର୍ଣ୍ଣ ଭାବରେ ପାଳନ କରୁଛି ।

ଉତ୍କଳ ବିଶ୍ୱବିଦ୍ୟାଳୟ 2013-14 ରେ ବିଶ୍ୱବିଦ୍ୟାଳୟ ସ୍ତରରେ ସିବିସିଏସ୍ ଆରମ୍ଭ କରିଥିଲା । ବିଶ୍ୱବିଦ୍ୟାଳୟ ଅଧୀନରେ ପରୀକ୍ଷା ହୋଇଥିବା 24 ଟି ମହାବିଦ୍ୟାଳୟରେ, 2016-17 ରେ ସିବିସିଏସ୍ ଆରମ୍ଭ କରାଯାଇଥିଲା ।

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ 2012-13 ମସିହାରେ ବିଶ୍ୱବିଦ୍ୟାଳୟ ସ୍ତରରେ ଏବଂ 2016-17 ମସିହାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟଗୁଡ଼ିକରେ ସିବିସିଏସ୍ ପ୍ରବର୍ତ୍ତନ କରାଯାଇଥିଲା ।

ଏହିପରି, ଉଭୟ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏବଂ 32 ଟି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ, ନାକ୍ ସ୍ୱୀକୃତି ସମୟରେ ଏହି ପାରାମିଟରରେ ସର୍ବାଧିକ ଗ୍ରେଡ୍ ପଏଣ୍ଟ ହାସଲ କରିବାକୁ ଯୋଗ୍ୟ ହୋଇଥିଲେ ।

### *(ଗ) ସେମିଷ୍ଟାର ସିଷ୍ଟମ ଥିବା କାର୍ଯ୍ୟକ୍ରମଗୁଡ଼ିକ*

ଏକ ସେମିଷ୍ଟାର ବ୍ୟବସ୍ଥା ହେଉଛି ଏକ ଏକାଡେମିକ୍ ଶବ୍ଦ ଯାହା, ଏକ ଶିକ୍ଷାବର୍ଷକୁ ଦୁଇଟି ଶିକ୍ଷାବର୍ଷ ବା ଭାଗରେ ବିଭକ୍ତ କରେ । ଏହା ନିରନ୍ତର ଶିକ୍ଷଣ, ମୂଲ୍ୟାଙ୍କନ ଏବଂ ମତାମତ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଏକ ସୁଯୋଗ ପ୍ରଦାନ କରେ । ଏହା ପ୍ରତିଟି ବିଷୟର ଏକ ଉତ୍ତମ ବୁଝାମଣାକୁ ସହଜ କରିଥାଏ । ଆହୁରି ମଧ, ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ଅଧୀନରେ ପ୍ରକାଶିତ ଉଚ୍ଚଶିକ୍ଷାର ଅନ୍ତର୍ଭୁକ୍ତ ଏବଂ ଗୁଣାତ୍ମକ ବିସ୍ତାରର ପ୍ରତିବେଦନର ***ଅନୁ***ଚ୍ଛେଦ 2.2.3 (ଗ) ଉଚ୍ଚଶିକ୍ଷାରେ ଉତ୍କର୍ଷତା ପାଇଁ ଏକ ଗୁଣାତ୍ମକ ବୃଦ୍ଧିକାରୀ ପଦକ୍ଷେପ ଭାବରେ ପାଠ୍ୟକ୍ରମରେ ସରଳତା ପାଇଁ ସେମିଷ୍ଟାର ବ୍ୟବସ୍ଥାର ପ୍ରବର୍ତ୍ତନକୁ ବିବେଚନା କଲା ।

ଉଭୟ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏବଂ 32 ଟି ପରୀକ୍ଷା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟରେ ଉପରୋକ୍ତ ଅନୁଚ୍ଛେଦରେ ଉଲ୍ଲେଖ କରାଯାଇଥିବା ପରି, ପ୍ରତି ବର୍ଷରେ ସିବିସିଏସ୍ ପ୍ରବର୍ତ୍ତନ ସହିତ ସେମିଷ୍ଟାର ବ୍ୟବସ୍ଥା ଲାଗୁ କରାଯାଇଥିଲା ।

***ସଂକ୍ଷିପ୍ତସାର ଏବଂ ସୁପାରିଶଗୁଡ଼ିକ***

**ପ୍ରଭାବଶାଳୀ ଶିକ୍ଷଣ ପ୍ରକ୍ରିୟା**

ହିତାଧିକାରୀଙ୍କ ମତାମତ ଏବଂ ବିଶେଷଜ୍ଞଙ୍କ ପରାମର୍ଶକୁ ନେଇ ସମସ୍ତ ପାଠ୍ୟକ୍ରମ ସୁସଙ୍ଗଠିତ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା କିନ୍ତୁ, ଉତ୍କଳ ବିଶ୍ୱବିଦ୍ୟାଳୟ ଏହାର ପାଠ୍ୟକ୍ରମର ସଂଶୋଧନ ପାଇଁ କୌଣସି ପଦକ୍ଷେପ ନେଇନଥିଲେ । ଦୁଇଟି ବିଶ୍ୱବିଦ୍ୟାଳୟରେ 42 ଟି ସ୍ନାତକୋତ୍ତର ବିଷୟ ମଧ୍ୟରୁ 18 ଟି ପରୀକ୍ଷା ଯାଞ୍ଚ ହୋଇଛି, ଯେଉଁଥିରେ କି ଦେଖାଯାଇଥିଲା ଯେ 15 ଟି ବିଷୟର ପାଠ୍ୟଖସଡ଼ା ସଂଶୋଧିତ ହୋଇନାହିଁ ।

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ, 13 ଟି ପାଠ୍ୟକ୍ରମ ମଧ୍ୟରୁ କେବଳ ଚାରିଟି ପାଠ୍ୟକ୍ରମ, ନିଯୁକ୍ତି ଉପରେ ଧ୍ୟାନ ଦେଇଥିଲେ ଏବଂ ପରୀକ୍ଷା ଯାଞ୍ଚ ହୋଇଥିବା ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ କୌଣସି ମୂଲ୍ୟ ଯୋଗ ପାଠ୍ୟକ୍ରମ ପ୍ରବର୍ତ୍ତିତ ହୋଇନଥିଲା ।

ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଯଥାକ୍ରମେ କେବଳ ସାତ ଏବଂ ଗୋଟିଏ ବିଭାଗର ଛାତ୍ରଛାତ୍ରୀଙ୍କୁ ଇଣ୍ଟର୍ନସିପ୍ ପାଇଁ ପଠାଯାଇଥିଲା । ତେଣୁ, ଇଣ୍ଟର୍ନସିପ୍ ଉପରେ ଧ୍ୟାନ ପର୍ଯ୍ୟାପ୍ତ ନୁହେଁ ।

***ସୁପାରିଶଗୁଡ଼ିକ:***

- ଉଭୟ ବିଶ୍ୱବିଦ୍ୟାଳୟର ସମସ୍ତ ପାଠ୍ୟକ୍ରମର ପାଠ୍ୟଖସଡ଼ା ପ୍ରତି ତିନି ବର୍ଷରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନିର୍ଦ୍ଦେଶାବଳୀ ଅନୁଯାୟୀ ସଂଶୋଧିତ ହେବା କଥା ଏବଂ ପାଠ୍ୟକ୍ରମର ସଂଶୋଧନ କରିବା ସମୟରେ ସଂପୃକ୍ତ ହିତାଧିକାରୀଙ୍କଠାରୁ ମତାମତ ପାଇବାକୁ ପ୍ରୟାସ କରାଯାଇପାରେ ।
- ନିଯୁକ୍ତି ଏବଂ ଉଦ୍ୟୋଗୀତା ଉପରେ ଧ୍ୟାନ ଦେଇ ନୂତନ ମୂଲ୍ୟଯୁକ୍ତ ପାଠ୍ୟକ୍ରମଗୁଡ଼ିକ ଆଧୁନିକ ଦୁନିଆରେ ଛାତ୍ରଛାତ୍ରୀମାନଙ୍କୁ ଅଧିକ ବଜାର ଉପଯୋଗୀ ଏବଂ ପ୍ରତିଯୋଗୀ ହେବାକୁ ସକ୍ଷମ କରିବାକୁ ପ୍ରବର୍ତ୍ତିତ କରାଯାଇପାରେ ।
- ଛାତ୍ରଛାତ୍ରୀମାନଙ୍କୁ କ୍ଷେତ୍ର ପ୍ରକଳ୍ପ ପାଇଁ ଅଧିକ ସୁଯୋଗ ପ୍ରଦାନ କରିବା ଏବଂ ଗ୍ରୀଷ୍ମ ଅବକାଶ ଇଣ୍ଟର୍ନସିପ୍ ସମ୍ଭାବନା ଅନୁସନ୍ଧାନ କରିବା ପାଇଁ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ବ୍ୟବସାୟିକ ସଂସ୍ଥା, ସ୍ଥାନୀୟ ଶିଳ୍ପ ବିଶେଷତଃ ସେମାନଙ୍କ ଆଲୁମିନି ଆସୋସିଏସନ୍ ମାଧ୍ୟମରେ ଅଧିକ ପ୍ରୟାସ କରିପାରନ୍ତି ।

## 3.1.2 ପ୍ରଭାବଶାଳୀ ଶିକ୍ଷାଦାନ ପ୍ରକ୍ରିୟା

ଏହି ବିଭାଗରେ, ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ଆଇସିଟି), ଲର୍ଣ୍ଣିଂ ମ୍ୟାନେଜମେଣ୍ଟ ସିଷ୍ଟମ (ଏଲଏମଏସ), ଇ-ସମ୍ବଳ, ଅଧ୍ୟାପକ/ଅଧ୍ୟାପିକା ସମ୍ବନ୍ଧୀୟ ଦିଗ, ପରୀକ୍ଷା ପ୍ରଣାଳୀ ଇତ୍ୟାଦି ଭଳି ଉନ୍ନତ ଶିକ୍ଷାଦାନ ପ୍ରଣାଳୀ ସହିତ ନିବିଡ଼ ଭାବରେ ଜଡ଼ିତ ଥିବା ବିଷୟଗୁଡ଼ିକ ଉପରେ ଆଲୋଚନା କରାଯାଇଛି ।

### *3.1.2.1 ଶିକ୍ଷାଦାନରେ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିର ବ୍ୟବହାର*

ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାର ଭୂମିକାକୁ ବ୍ୟାଖ୍ୟା କରି ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଜାତୀୟ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପରିଷଦ କହିଛି ଯେ, ଏକାଡେମିକ୍ ବିକାଶ ତଥା ପ୍ରଶାସନ ଉପରେ ଏକ ଦୃଶ୍ୟମାନ ପ୍ରଭାବ ପକାଇବା ପାଇଁ ଶିକ୍ଷାଗତ କାରବାରରେ ବୈଷୟିକ ପ୍ରଗତି ଏବଂ ନୂତନତ୍ୱ ସମସ୍ତ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକ ଦ୍ୱାରା କରିବାକୁ ପଡ଼ିବ । ପାରମ୍ପରିକ ପଦ୍ଧତି, ଉଚ୍ଚଶିକ୍ଷା ପ୍ରଦାନ କରିବାରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାଦାୟକ ହୋଇପାରି ନାହିଁ ।

ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରକ୍ରିୟା ସମୟରେ ଜାତୀୟ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପରିଷଦନିମ୍ନଲିଖିତ ସୂଚକ ବ୍ୟବହାର କରିଥିଲା । ***2018-19 ସମୟରେ ଲର୍ନିଂ ମ୍ୟାନେଜମେଣ୍ଟ ସିଷ୍ଟମ(ଏଲଏମଏସ), ଇ-ଲର୍ନିଂ ସମ୍ବଳ ଇତ୍ୟାଦି ସହିତ ପ୍ରଭାବଶାଳୀ ଶିକ୍ଷାଦାନ ପାଇଁ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରୁଥିବା ଶିକ୍ଷକଙ୍କ ଶତକଡ଼ା (ପରିଶିଷ୍ଟ 1 ର କ୍ରମିକ ସଂଖ୍ୟା 7)*** ।

ପରୀକ୍ଷା ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକରେ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଉପକରଣ ବ୍ୟବହାର କରୁଥିବା ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ସକ୍ଷମ ଶ୍ରେଣୀଗୃହ ଏବଂ ଶିକ୍ଷକଙ୍କ ସଂଖ୍ୟାର ବିବରଣୀ ନିମ୍ନ ସାରଣୀରେ ଚିତ୍ରିତ ହୋଇଛି ।

*ସାରଣୀ 3.3: 2018-19 ମଧ୍ୟରେ ପରୀକ୍ଷା ଯାଞ୍ଚ ହୋଇଥିବା ଉଚ୍ଚଶିକ୍ଷା ଅନୁଷ୍ଠାନରେ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଉପକରଣ ବ୍ୟବହାର କରି ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଉପକରଣ ସକ୍ଷମ ଶ୍ରେଣୀଗୃହ ଏବଂ ଶିକ୍ଷକମାନେ*

| ବିଶ୍ୱବିଦ୍ୟାଳୟର ନାମ | ମୋଟ ଶ୍ରେଣୀଗୃହର ସଂଖ୍ୟା | ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଉପକରଣ ସକ୍ଷମ ଶ୍ରେଣୀଗୃହଗୁଡ଼ିକ | ଶତକଡ଼ା | ମୋଟ ଶିକ୍ଷକ ସଂଖ୍ୟା | ଆଇସିଟି ଉପକରଣ ବ୍ୟବହାର କରୁଥିବା ମୋଟ ଶିକ୍ଷକ ସଂଖ୍ୟା | ଶତକଡ଼ା |
|---|---|---|---|---|---|---|
| ଉତ୍କଳ ବିଶ୍ୱବିଦ୍ୟାଳୟ | 103 | 60 | 58 | 144 | 118 | 82 |
| ମନୋନୀତ ମହାବିଦ୍ୟାଳୟ (24) | 401 | 46 | 11 | 673 | 108 | 16 |
| ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ | 45 | 20 | 45 | 44 | 31 | 70 |
| ମନୋନୀତ ମହାବିଦ୍ୟାଳୟ (8) | 103 | 8 | 8 | 132 | 10 | 8 |

*(ଉତ୍ସ: ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)*

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ, ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧାରୁ ଅଧିକ ଶ୍ରେଣୀଗୃହ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ସକ୍ଷମ ହୋଇଥିବାବେଳେ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଏହି ସଂଖ୍ୟା କେବଳ 45 ପ୍ରତିଶତକୁ ଖସି ଆସିଛି । ଉଭୟ ବିଶ୍ୱବିଦ୍ୟାଳୟରେ ବହୁ ସଂଖ୍ୟକ ଶିକ୍ଷକ ଶିକ୍ଷାଦାନ ପାଇଁ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଉପକରଣ ବ୍ୟବହାର କରୁଛନ୍ତି ।

ତୁଳନାତ୍ମକ ଭାବରେ, ମନୋନୀତ ହୋଇଥିବା ମହାବିଦ୍ୟାଳୟଗୁଡ଼ିକ ଶିକ୍ଷାଦାନ ସହିତ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ସକ୍ଷମ ଭିତ୍ତିଭୂମିରେ ବହୁତ ଖରାପ ପ୍ରଦର୍ଶନ କରିଥିଲେ । ସେମାନଙ୍କ ମଧ୍ୟରୁ କେବଳ 11 ଏବଂ ଆଠ ପ୍ରତିଶତ ଯଥାକ୍ରମେ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନରେ ମନୋନୀତ ହୋଇଥିବା ମହାବିଦ୍ୟାଳୟ ଗୁଡ଼ିକରେ ଶିକ୍ଷାଦାନ ପାଇଁ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରୁଥିବା ଶିକ୍ଷକଙ୍କ ସଂଖ୍ୟା 16 ପ୍ରତିଶତ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଅଧୀନରେ ମନୋନୀତ ହୋଇଥିବା ମହାବିଦ୍ୟାଳୟ ଗୁଡ଼ିକରେ ଏହା ଆଠ ପ୍ରତିଶତ ଥିଲା । ଏହା ମହାବିଦ୍ୟାଳୟଗୁଡ଼ିକର ଶିକ୍ଷାଦାନ ପ୍ରଣାଳୀରେ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଉପକରଣଗୁଡ଼ିକର ସୀମିତ ବ୍ୟବହାର, ଦିଆଯାଉଥିବା ଶିକ୍ଷାର ଗୁଣ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ, ଯାହାକି ଛାତ୍ରଛାତ୍ରୀମାନଙ୍କୁ ବଞ୍ଚିତ କରିବା ପରିବର୍ତ୍ତେ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଉପକରଣଗୁଡ଼ିକ ସହିତ ପରିଚିତ କରିବା ଉଚିତ୍ ।

ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱୀକୃତି ସମୟରେ, ନାକ୍ ସେହି ଅନୁଷ୍ଠାନଗୁଡ଼ିକୁ ସର୍ବାଧିକ ସ୍କୋର ପ୍ରଦାନ କରିଥିଲା ଯେଉଁଠାରେ 80 ପ୍ରତିଶତ ଏବଂ ତଦୁର୍ଦ୍ଧ୍ୱ ଶିକ୍ଷକ ଶିକ୍ଷାଦାନରେ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଉପକରଣ ବ୍ୟବହାର କରନ୍ତି । ଏହି ମାନଦଣ୍ଡ ଆଧାରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସର୍ବାଧିକ ମାର୍କ ପାଇବାକୁ ଯୋଗ୍ୟ ହୋଇଥିବାବେଳେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଅଧିକ ଉନ୍ନତି ଆବଶ୍ୟକ । ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ସକ୍ଷମ ଶିକ୍ଷଣ ପରିବେଶ ଯୋଗାଇବା ପାଇଁ ମନୋନୀତ ହୋଇଥିବା ମହାବିଦ୍ୟାଳୟଗୁଡ଼ିକ, ଯଥେଷ୍ଟ ଗଠନମୂଳକ ଉଦ୍ୟମ କରିବା ଆବଶ୍ୟକ ।

### (କ) ଉତ୍କଳ ବିଶ୍ୱବିଦ୍ୟାଳୟରେ ଭର୍ଚୁଆଲ୍ ଟ୍ୟୁଟୋରିଆଲ୍ ପ୍ରକଳ୍ପର ବିଫଳତା

ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ଆରୟୁଏସଏ) ହେଉଛି ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା, ଯାହା 2013 ରେ ଆରମ୍ଭ ହୋଇଥିଲା ଏବଂ ମହାବିଦ୍ୟାଳୟଗୁଡ଼ିକରେ ଭିତ୍ତିଭୂମି ବିକାଶ ପାଇଁ ଦେଶର ଯୋଗ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ଯୋଜନାବଦ୍ଧ ଭାବେ ଅର୍ଥ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଥିଲା ।

2015-16 ବର୍ଷରେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନର ଇକ୍ୱିଟି ଇନିସିଏଟିଭ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଉତ୍କଳ ବିଶ୍ୱବିଦ୍ୟାଳୟକୁ 5 କୋଟି ଟଙ୍କା (ପ୍ରଦାନ ପରିମାଣ 3.75 କୋଟି ଟଙ୍କା) ମଞ୍ଜୁର କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ଶିକ୍ଷାଗତ ଯୋଗ୍ୟତା ପ୍ରଦାନ ଏବଂ ଶିକ୍ଷକ ଅଭାବର

ଶିକାର ହେଉଥିବା ଶ୍ରେଣୀଗୃହକୁ ସମୃଦ୍ଧ କରିବା । ଅଧିକନ୍ତୁ, ଏହା ମଧ ଦ୍ୱିଭାଷୀ (ଓଡ଼ିଆ ଏବଂ ଇଂରାଜୀ) ସମର୍ଥିତ ବିଶେଷଜ୍ଞ ଶିକ୍ଷକ ଏବଂ ଆନିମେସନ୍ ସଫ୍ଟୱେର୍ ଦ୍ୱାରା ଭର୍ଚୁଆଲ ଟ୍ୟୁଟୋରିଆଲ ଆଧାରରେ ବିଭିନ୍ନ ଶିକ୍ଷା ଭିତ୍ତିକ ଅଡିଓ ଏବଂ ଭିଡିଓ ପ୍ରଦର୍ଶନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଥିଲା ।

ଉତ୍କଳ ବିଶ୍ୱବିଦ୍ୟାଳୟ ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ଏହାର ନିଜସ୍ୱ ମହାବିଦ୍ୟାଳୟ ଦୂରନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର(ଡିଡିସିଇ)କୁ ଦାୟିତ୍ୱ ଦେଇଥିଲା । ଏହି କାର୍ଯ୍ୟକ୍ରମ ଅଧୀନରେ (i) ବିଶେଷଜ୍ଞ ଅଧ୍ୟାପକମାନଙ୍କ ଦ୍ୱାରା ଶିକ୍ଷାଦାନ ଶ୍ରେଣୀଗୁଡ଼ିକୁ ରେକର୍ଡ କରିବା ପାଇଁ ଏକ ଷ୍ଟୁଡିଓ ନିର୍ମାଣ କରାଯିବାର ଥିଲା, (ii) ସ୍ନାତକୋତ୍ତର ସ୍ତରରେପାଞ୍ଚଟି ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ1,000 ଛାତ୍ରଛାତ୍ରୀଙ୍କୁ ଟାବ୍‌ଲେଟ୍ ବଣ୍ଟନ କରାଯିବାର ଥିଲା । କ୍ରୟ ଏବଂ ବଣ୍ଟନ ହେବାକୁ ଥିବା ଏହିପରି ଟାବ୍‌ଲେଟ୍‌ର ସଂଖ୍ୟା ପରବର୍ତ୍ତୀ ସମୟରେ (ଜାନୁଆରୀ 2019) ରେ 2,000 କୁ ପରିବର୍ତ୍ତିତ ହୋଇଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ, ଚାରି ବର୍ଷ ପରେ ମଧ, ଯଦିଓ ଷ୍ଟୁଡିଓ ପ୍ରତିଷ୍ଠା କରାଯାଇ ଥିଲା, ମାତ୍ର ଛାତ୍ରଛାତ୍ରୀମାନଙ୍କୁ ବଣ୍ଟନ ପାଇଁ ଟାବ୍‌ଲେଟ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇପାରିଲା ନାହିଁ (ଜାନୁଆରୀ 2020) । ଏହି କାର୍ଯ୍ୟ ଦାୟିତ୍ୱ ଦିଆଯାଇଥିବା ଦୂରତା ଏବଂ ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱରଏହି ଦିଗରେ ଆବଶ୍ୟକ ପଦକ୍ଷେପ ନେଇନଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦିଆଯାଇଥିବା ମୋଟ 3.75 କୋଟି ଟଙ୍କା ମଧ୍ୟରୁ କେବଳ 2.03 କୋଟି ଟଙ୍କା ବ୍ୟବହାର କରାଯାଇଥିଲା (ଜାନୁଆରୀ 2020) ।

ତେଣୁ, ଇକ୍ୱିଟି ଇନିସିଏଟିଭ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଅନୁସାରେ ଧାର୍ଯ୍ୟ ହିତାଧିକାରୀଙ୍କୁ ଟାବଲେଟ୍ କ୍ରୟ ଏବଂ ଶେଷଭାଗ ଉପକରଣ ବଣ୍ଟନ ନକରିବା କାରଣରୁ ଏହି ଉଦ୍ଦେଶ୍ୟ ସଫଳ ହୋଇପାରିଲା ନାହିଁ । ତେଣୁ, ଶିକ୍ଷାଗତ ଯୋଗ୍ୟତାର ସୁବିଧା ତଥା ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଉପକରଣର ବ୍ୟବହାର ରାଜ୍ୟର ଦୂରବର୍ତ୍ତୀ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କ ପାଇଁ ବାସ୍ତବ ରୂପ ନେଇପାରିଲା ନାହିଁ ।

### *3.1.2.2 ଅଧ୍ୟାପକଙ୍କ ମାନ ଏବଂ ଉପଲବ୍ଧତା*

ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପଞ୍ଚବାର୍ଷିକ ଯୋଜନା ଅଧୀନରେ ଜାରି କରାଯାଇଥିବା 'ଉଚ୍ଚଶିକ୍ଷାର ଅନ୍ତର୍ଭୁକ୍ତ ଏବଂ ଗୁଣାତ୍ମକ ବିସ୍ତାର' ରିପୋର୍ଟର ଅନୁଚ୍ଛେଦ 7.1.2 ଦର୍ଶାଇଛି ଯେ ଗୁଣାତ୍ମକ ଅଧ୍ୟାପକଙ୍କ ଅଭାବ ଏବଂ ବିଭିନ୍ନ ଅଞ୍ଚଳରେ ଅଧ୍ୟାପକଙ୍କ ବଦଳିର ଅଭାବ ଭାରତୀୟ ଉଚ୍ଚଶିକ୍ଷା ବ୍ୟବସ୍ଥା ବିକାଶରେ ଏକ ପ୍ରମୁଖ ପ୍ରତିବନ୍ଧକ ଅଟେ । ନାକ୍ ଅନୁଯାୟୀ, ଅଧ୍ୟାପକ/ ଶିକ୍ଷକଙ୍କ ଗୁଣବତ୍ତା ନିର୍ଣ୍ଣୟ କରୁଥିବା ଦିଗଗୁଡ଼ିକ ହେଉଛି ଅଧ୍ୟାପକମାନଙ୍କର ଯୋଗ୍ୟତା, ଉପଲବ୍ଧତା ଏବଂ ସେମାନଙ୍କର ବୃତ୍ତିଗତ ବିକାଶ, ଇତ୍ୟାଦି ।

#### *(କ) ଶିକ୍ଷକଙ୍କ ଉପଲବ୍ଧତା*

#### *(i) ଖାଲିଥିବା ଶିକ୍ଷକ ପଦବୀ*

ଆର୍‌ୟୁଏସ୍‌ଏ ନିର୍ଦ୍ଦେଶାବଳୀ ଅନୁଯାୟୀ, ଅନୁମୋଦିତ ଖାଲି ପଦବୀ ସମ୍ବନ୍ଧରେ 85 ପ୍ରତିଶତ ଅଧ୍ୟାପକ ପଦବୀ ପୂରଣ କରାଯିବା ଉଚିତ୍ । ଏହି ପରିପ୍ରେକ୍ଷୀରେ ଦୁଇଟି ମନୋନୀତ ହୋଇଥିବା ବିଶ୍ୱବିଦ୍ୟାଳୟ ଏବଂ 31 ଟି ମନୋନୀତ ହୋଇଥିବା ମହାବିଦ୍ୟାଳୟରେ ଶିକ୍ଷକମାନଙ୍କର ଖାଲି ପଦବୀ (ଗୋଟିଏ ମହାବିଦ୍ୟାଳୟର ତଥ୍ୟ ଅଡିଟ୍ ପାଇଁ ପ୍ରଦାନ କରାଯାଇନାହିଁ[10])ନିମ୍ନରେ ଦିଆଯାଇଥିବା ସାରଣୀରେ ଦର୍ଶାଯାଇଛି:

**ସାରଣୀ 3.4: 2018-19 ମଧ୍ୟରେ ମନୋନୀତ ହୋଇଥିବା ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ ଶିକ୍ଷକ କର୍ମଚାରୀଙ୍କ ଉପଲବ୍ଧତା**

| ବର୍ଷ | ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ | ଶିକ୍ଷକଙ୍କ ଅନୁମୋଦିତ ପଦବୀସ୍ଥାନ | ଶିକ୍ଷାକମାନଙ୍କର ବର୍ତ୍ତମାନ କାର୍ଯ୍ୟ ପଦବୀସ୍ଥାନ | ଖାଲି ପଦ | ଖାଲି ପଦର ଶତକଡ଼ା |
|---|---|---|---|---|---|
| 2018-19 | ଉତ୍କଳ ବିଶ୍ୱବିଦ୍ୟାଳୟ | 232 | 144 | 88 | 38 |
| | ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ | 67 | 44 | 23 | 34 |
| | ମନୋନୀତ ମହାବିଦ୍ୟାଳୟ(31) | 918 | 657 | 261 | 28 |

*(ଉତ୍ସ: ଉତ୍କଳ ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏବଂ 31 ମନୋନୀତ ମହାବିଦ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)*

[10] ସୁରଜମଲ ଶାହା ମହାବିଦ୍ୟାଳୟ, ପୁରୀ

ଉପରୋକ୍ତ ସାରଣୀରୁ ଦେଖାଯାଏ ଯେ, 2018-19 ସୁଦ୍ଧା, ଉତ୍କଳ ବିଶ୍ୱବିଦ୍ୟାଳୟରେ 232 ଅନୁମୋଦିତ ଶିକ୍ଷକ ପଦବୀ ମଧ୍ୟରୁ ସେଠାରେ କେବଳ 144 ପଦବୀ ପୂର୍ଣ୍ଣ ଥିଲା ଏବଂ 38 ପ୍ରତିଶତ ପଦବୀ ଖାଲି ପଡ଼ିଥିଲା । ଅଡିଟ୍ ଯାଞ୍ଚରୁ ଜଣାପଡ଼ିଛି ଯେ ଆଠଟି ବିଭାଗରେ[11]2014-15 ରୁ କ୍ରମାଗତ ଖାଲି ପଦବୀ ରହିଛି । ଉତ୍କଳ ବିଶ୍ୱବିଦ୍ୟାଳୟରେ, ଗତ ତିନି ବର୍ଷ ମଧ୍ୟରେ ଯେପରିକି 2016-17ଠାରୁ କୌଣସି ନିଯୁକ୍ତି କରାଯାଇନାହିଁ ।

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ2018-19 ସୁଦ୍ଧା, 67 ଶିକ୍ଷକଙ୍କ ଅନୁମୋଦିତ ପଦବୀ ମଧ୍ୟରୁ, 44 ଜଣ ଶିକ୍ଷକ ରହିଥିଲେ, ଯାହାଫଳରେ 34 ପ୍ରତିଶତ ପଦବୀ ଖାଲି ପଡ଼ିଥିଲା । ତିନିଟି ବିଭାଗରେ[12], 2014-15 ରୁକ୍ରମାଗତ ଭାବରେ ଶିକ୍ଷକ ପଦବୀ ଖାଲି ପଡ଼ିଥିଲା । ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଯଦିଓ 2017-18 ଏବଂ 2018-19 ରେ ଛଅଟି ନୂତନ ବିଭାଗ[13] ଖୋଲାଯାଇଥିଲା କିନ୍ତୁ ଏହି ନୂତନ ବିଭାଗର ଆବଶ୍ୟକତା ଅନୁଯାୟୀ ଶିକ୍ଷକ ନିଯୁକ୍ତି ଉପଯୁକ୍ତ ନୁହେଁ । ଏଥିରେ ଦର୍ଶାଯାଇଛି ଯେ ଉଭୟ ଭୂବିଜ୍ଞାନ ଏବଂ ସାମଗ୍ରୀ ବିଜ୍ଞାନ ବିଭାଗରେ ଡିସେମ୍ବର 2019 ସୁଦ୍ଧା ଜଣେ ହେଲେ ଅଧ୍ୟାପକ ନିଯୁକ୍ତ ହୋଇନଥିଲେ ଏବଂ ଏହି ବିଭାଗଗୁଡ଼ିକ ଅତିଥି ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା ।

31 ଟି ମନୋନୀତ ହୋଇଥିବା ମହାବିଦ୍ୟାଳୟରେ (ଗୋଟିଏ ମହାବିଦ୍ୟାଳୟର ତଥ୍ୟ ଅଡିଟ୍ ପାଇଁ ଦିଆଯାଇନଥିଲା)2018-19 ରେ 28 ପ୍ରତିଶତ ଖାଲି ପଦବୀ ସହିତ ସ୍ଥିତି ଅପେକ୍ଷାକୃତ ଭଲ ଥିଲା ।

ସରକାର ରାଜ୍ୟରେ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ନିୟମିତ ଅଧ୍ୟାପକଙ୍କ ଉପଲବ୍ଧତା ସୁନିଶ୍ଚିତ କରିନାହାନ୍ତି, ଯାହା ଉଭୟ ଶିକ୍ଷାର ଗୁଣବତ୍ତା ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ନିଯୁକ୍ତି ଏବଂ ପ୍ରଗତିର ଇଚ୍ଛାକୃତ ଫଳାଫଳ ଉପରେ ପ୍ରଭାବ ପକାଇଅଛି । ଆହୁରି ମଧ୍ୟ, ଉପରୋକ୍ତ ପରି, ଦୁଇଟି ବିଶ୍ୱବିଦ୍ୟାଳୟରେ ଖାଲିଥିବା ପଦବୀଗୁଡ଼ିକ ବର୍ଷ ବର୍ଷ ଧରି ପୂର୍ବପରି ସ୍ଥିର ହୋଇ ସଂପୃକ୍ତ ବିଭାଗରେ ଶିକ୍ଷକଙ୍କ ଅଭାବ ସୃଷ୍ଟି କରିଥିଲା ।

### *(ii) ମନୋନୀତ ହୋଇଥିବା ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକରେ ପାଠ୍ୟକ୍ରମ ଅନୁଯାୟୀ ଛାତ୍ରଛାତ୍ରୀ ଶିକ୍ଷକ ଅନୁପାତ*

ପର୍ଯ୍ୟାପ୍ତ ସଂଖ୍ୟକ ଶିକ୍ଷକ ସୁନିଶ୍ଚିତ କରିବାରେ ରାଜ୍ୟ ସରକାର ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନ ଦ୍ୱାରା କରାଯାଇଥିବା ପ୍ରୟାସର ମୂଲ୍ୟାଙ୍କନ କରିବା ପାଇଁ ***2018-19 ମଧ୍ୟରେ 20:1 ର ନିର୍ଦ୍ଦିଷ୍ଟ ଛାତ୍ରଛାତ୍ରୀ ଶିକ୍ଷକ ଅନୁପାତ(ଏସ୍‌ଟିଆର୍) ଅନୁଯାୟୀ ଶିକ୍ଷକଙ୍କ ଉପଲବ୍ଧତା ଏକ ସୂଚକ ଭାବରେ ବ୍ୟବହୃତ ହୋଇଥିଲା (ପରିଶିଷ୍ଟ 2 ର କ୍ରମିକ ସଂଖ୍ୟା6)*** । ଏହି ସୂଚକ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ଆର୍‌ୟୁଏସ୍‌ଏ) ମାନଦଣ୍ଡ ଉପରେ ଆଧାରିତ, ଯେଉଁଥିରେ ଦର୍ଶାଯାଇଛି ଯେ ରାଜ୍ୟମାନେ ଅଧ୍ୟାପକଙ୍କ ଅତିରିକ୍ତ ପଦବୀ ପାଇଁ 20:1 ଅନୁପାତରେ ଏସ୍‌ଟିଆର ହାସଲ କରିବାକୁ ସକ୍ଷମ କରିପାରିବେ ।

ଦୁଇଟି ମନୋନୀତ ହୋଇଥିବା ବିଶ୍ୱବିଦ୍ୟାଳୟରେ ପାଠ୍ୟକ୍ରମ ଅନୁଯାୟୀ ଏସ୍‌ଟିଆର ବିବରଣୀ ନିମ୍ନ ସାରଣୀରେ ଦର୍ଶାଯାଇଛି :

**ସାରଣୀ 3.5: 2018-19[14] ମଧ୍ୟରେ ମନୋନୀତ ହୋଇଥିବା ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ ଶିକ୍ଷକ ଅନୁପାତ**

| ଏଚ୍‌ଇଆଇ | ମୋଟ ଛାତ୍ରଛାତ୍ରୀ ସଂଖ୍ୟା | | | ମୋଟ ଶିକ୍ଷକଙ୍କ ସଂଖ୍ୟା | | | ଛାତ୍ରଛାତ୍ରୀ ଶିକ୍ଷକ ଅନୁପାତ | | |
|---|---|---|---|---|---|---|---|---|---|
| | କଳା | ବିଜ୍ଞାନ | ବାଣିଜ୍ୟ | କଳା | ବିଜ୍ଞାନ | ବାଣିଜ୍ୟ | କଳା | ବିଜ୍ଞାନ | ବାଣିଜ୍ୟ |
| ଉତ୍କଳ ବିଶ୍ୱବିଦ୍ୟାଳୟ | 1493 | 624 | 176 | 80 | 51 | 13 | 19:1 | 12:1 | 14:1 |

11 ଉଦ୍ଭିଦ ବିଜ୍ଞାନ, ବାଣିଜ୍ୟ ପ୍ରଶାସନ, ଭୂଗୋଳ, ଗଣିତ, ମନୋବିଜ୍ଞାନ, ସମାଜବିଜ୍ଞାନ, ପ୍ରାଣୀବିଜ୍ଞାନ, ଆଇନ୍

12 ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, କମ୍ପ୍ୟୁଟର ପ୍ରୟୋଗ

13 ଇଂରାଜୀ, ସଂସ୍କୃତ, ଓଡ଼ିଆ, ସାନ୍ଥାଳି, ଭୂତତ୍ତ୍ୱ, ବସ୍ତୁ ବିଜ୍ଞାନ

14 ସୂଚକାଙ୍କ ଅନୁଯାୟୀ ଗୋଟିଏ ବର୍ଷ(2018-19)ରତଥ୍ୟ

| ଏଚ୍ଇଆଇ | ମୋଟ ଛାତ୍ରଛାତ୍ରୀ ସଂଖ୍ୟା | | | ମୋଟ ଶିକ୍ଷକଙ୍କ ସଂଖ୍ୟା | | | ଛାତ୍ରଛାତ୍ରୀ ଶିକ୍ଷକ ଅନୁପାତ | | |
|---|---|---|---|---|---|---|---|---|---|
| | କଳା | ବିଜ୍ଞାନ | ବାଣିଜ୍ୟ | କଳା | ବିଜ୍ଞାନ | ବାଣିଜ୍ୟ | କଳା | ବିଜ୍ଞାନ | ବାଣିଜ୍ୟ |
| ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ | 321 | 459 | ଉପଲବ୍ଧ ନଥିଲା[15] | 12 | 32 | ଉପଲବ୍ଧ ନଥିଲା | 27:1 | 14:1 | ଉପଲବ୍ଧ ନଥିଲା |

*(ଉତ୍ସ: ଦୁଇଟି ପରୀକ୍ଷିତ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦତ୍ତ ତଥ୍ୟ)*

ଉପର ସାରଣୀରୁ ଦେଖାଯାଏ ଯେ ଉତ୍କଳ ବିଶ୍ୱବିଦ୍ୟାଳୟରେ, 2018-19 ବର୍ଷ ପାଇଁ ପାଠ୍ୟକ୍ରମ ଅନୁଯାୟୀ ଏସ୍‌ଟିଆର ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ଆରୟୁଏସଏ) ଦ୍ୱାରା ଧାର୍ଯ୍ୟ କରାଯାଇଥିଲା । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ, ଛାତ୍ରଛାତ୍ରୀ ଶିକ୍ଷକ ଅନୁପାତ କଳା ପାଠ୍ୟକ୍ରମରେ 20:1 ଅନୁପାତରୁ ଅଧିକ ଥିଲା ।

ମହାବିଦ୍ୟାଳୟଗୁଡ଼ିକ ପରିପ୍ରେକ୍ଷୀରେ, ଅଡିଟ୍ ଯାଞ୍ଚରୁ ଜଣାପଡ଼ିଛି ଯେ ଉତ୍କଳ ବିଶ୍ୱବିଦ୍ୟାଳୟର 24 ଟି ପରୀକ୍ଷିତ ମହାବିଦ୍ୟାଳୟ ମଧ୍ୟରୁ 21 ଟି ମହାବିଦ୍ୟାଳୟରେ ଏସ୍‌ଟିଆର ସମସ୍ତ ତିନିଟି ମୁଖ୍ୟ ସ୍ରୋତରେ ନିର୍ଦ୍ଧାରିତ ଅନୁପାତଠାରୁ ଅଧିକ ଥିଲା, ଯଥା, କଳା (25:1 ରୁ 83:1 ମଧ୍ୟରେ), ବିଜ୍ଞାନ (24:1 ରୁ 105:1 ମଧ୍ୟରେ) ଏବଂ ବାଣିଜ୍ୟ (21:1 ରୁ 428:1 ମଧ୍ୟରେ) ।

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଆଠଟି ମନୋନୀତ ହୋଇଥିବା ମହାବିଦ୍ୟାଳୟରେ ଏସ୍‌ଟିଆର କେବଳ କଳାରେ ନିର୍ଦ୍ଧାରିତ ଅନୁପାତଠାରୁ ଅଧିକ ଥିଲା (21:1 ରୁ 70:1 ମଧ୍ୟରେ), ବିଜ୍ଞାନରେ (21:1 ରୁ 88:1 ମଧ୍ୟରେ) ଏବଂ ବାଣିଜ୍ୟରେ (35:1 ରୁ 98:1 ମଧ୍ୟରେ) ।

ଏହିପରି, ବିଶ୍ୱବିଦ୍ୟାଳୟ ସ୍ତରରେ, ଅଧିକାଂଶ ଷ୍ଟ୍ରିମ୍ ଏସ୍‌ଟିଆରକୁ ପୂରଣ କରିବାରେ ସକ୍ଷମ ହୋଇଥିବା ବେଳେ, ଅନେକ ମହାବିଦ୍ୟାଳୟରେ ଏସ୍‌ଟିଆରକୁ ଠିକ୍ କରିବା ପାଇଁ ବହୁ ପରିଶ୍ରମ କରିବାକୁ ପଡ଼ିବ । ଏତଦ୍ ବ୍ୟତୀତ ଏକ ଆଦର୍ଶ ବିରୋଧୀ ପ୍ରତିକୂଳ ଏସ୍‌ଟିଆର ପ୍ରତି ଶିକ୍ଷକଙ୍କ ଉପରେ ଅଧିକ କାର୍ଯ୍ୟଭାର ସୂଚନା ଦିଏ ଏବଂ ଗୁଣାତ୍ମକ ଶିକ୍ଷାଦାନ ଉପରେ ପ୍ରଭାବ ପକାଇଥାଏ ।

ଏହାର ଉତ୍ତରରେ ଉଚ୍ଚଶିକ୍ଷା ବିଭାଗ କହିଲେ (ସେପ୍ଟେମ୍ବର 2020) ଯେ ମହାବିଦ୍ୟାଳୟ ଗୁଡ଼ିକରେ ଖାଲିଥିବା ପଦବୀର ସମସ୍ୟା ସମାଧାନ କରିବା ପାଇଁ ସରକାର ସମସ୍ତ ପ୍ରକାର ଚେଷ୍ଟା କରୁଛନ୍ତି । ନିଯୁକ୍ତି ଅପେକ୍ଷା ଅବସର ହାର ଅଧିକ ଥିବାରୁ ସରକାର ଓଡ଼ିଶା ଜନସେବା ଆୟୋଗ ଏବଂ ରାଜ୍ୟ ଚୟନ ବୋର୍ଡ ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ନେଇଛନ୍ତି ।

## (ଖ) ସର୍ବନିମ୍ନ ନିର୍ଦ୍ଦିଷ୍ଟ ଯୋଗ୍ୟତା ଥିବା ଶିକ୍ଷକମାନଙ୍କର ଉପଲବ୍ଧତା

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଅନୁଚ୍ଛେଦ 3.4.4 ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱୀକୃତ ନିୟମାବଳୀ, 2009 ରେ ଦର୍ଶାଯାଇଛି ଯେ ଶିକ୍ଷକ ପଦବୀ ସଂଖ୍ୟା, ଶିକ୍ଷକ କର୍ମଚାରୀଙ୍କ ଯୋଗ୍ୟତା ଏବଂ ସେମାନଙ୍କର ନିଯୁକ୍ତି/ ପଦୋନ୍ନତି ପ୍ରକ୍ରିୟା ଏବଂ ସେବାଗୁଡ଼ିକର ସ୍ଥିତି, ବିଶ୍ୱବିଦ୍ୟାଳୟ/ ରାଜ୍ୟ ସରକାର/ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନିୟମାବଳୀ ଅନୁଯାୟୀ ହେବ ।

ଓଡ଼ିଶା ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଜାତୀୟ ଯୋଗ୍ୟତା ପରୀକ୍ଷାରେ ଯୋଗ୍ୟତା ହାସଲ କରିବା ସହିତ ମାଷ୍ଟର ଡିଗ୍ରୀରେ 55 ପ୍ରତିଶତ ନମ୍ବର ହେବା ଉଚିତ୍ । ମହାବିଦ୍ୟାଳୟ ଗୁଡ଼ିକରେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଅତିକମରେ 55 ପ୍ରତିଶତ ନମ୍ବର ସହିତ ସ୍ନାତକୋତ୍ତର ଥିଲା ।

ଅଡିଟ୍ ଦ୍ୱାରା ଯାଞ୍ଚ କରାଯାଇଥିବା ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନାରେ[16] ଦର୍ଶାଯାଇଛି ଯେ ଏହି ସମସ୍ତ ଅନୁଷ୍ଠାନରେ 2014-19 ମସିହାରେ ନିଯୁକ୍ତ ଶିକ୍ଷକମାନେ ଓଡ଼ିଶା ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରିଛନ୍ତି ।

[15] ଏନ୍‌ଓୟୁ ସ୍ନାତକୋତ୍ତର ସ୍ତରରେ ବାଣିଜ୍ୟ ବିଷୟ ଉପଲବ୍ଧ ନଥିଲା

## (ଗ) ପିଏଚ୍‌ଡି ସହିତ ପୂର୍ଣ୍ଣକାଳୀନ ଶିକ୍ଷକ

ପିଏଚଡି ଡିଗ୍ରୀ ସହିତ ପୂର୍ଣ୍ଣ ସମୟ ଶିକ୍ଷକ ନିଯୁକ୍ତିରେ ପରୀକ୍ଷା ହୋଇଥିବା ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ପ୍ରୟୋଗର ମୂଲ୍ୟାଙ୍କନ କରିବାକୁ ***ପିଏଚଡି ସହିତ ପୂର୍ଣ୍ଣକାଳୀନ ଶିକ୍ଷକମାନଙ୍କର ହାରାହାରି ପ୍ରତିଶତ 2014-19 ସମୟରେ ଏକ ସୂଚକ ବ୍ୟବହାର କରାଯାଇଥିଲା (ପରିଶିଷ୍ଟ 2 ର କ୍ରମିକ ସଂଖ୍ୟା 7)***। ଏହି ସୂଚକ ମଧ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରକ୍ରିୟା ସମୟରେ ନାକ୍ ଦ୍ୱାରା ବ୍ୟବହୃତ ଏକ ପ୍ରମୁଖ ସୂଚକ।

ଦୁଇଟି ମନୋନୀତ ହୋଇଥିବା ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ 2014-19 ମଧ୍ୟରେ ପିଏଚ୍‌ଡି ସହିତ ପୂର୍ଣ୍ଣ ସମୟ ଶିକ୍ଷକଙ୍କ ସ୍ଥିତି ନିମ୍ନ ***ସାରଣୀ 3.6*** ରେ ଦର୍ଶାଗଲା :

***ସାରଣୀ 3.6: ପିଏଚ୍‌ଡି ସହିତ ପୂର୍ଣ୍ଣକାଳୀନ ଶିକ୍ଷକଙ୍କ ସଂଖ୍ୟା***

| ବିଶ୍ୱବିଦ୍ୟାଳୟ | ଉତ୍କଳ ବିଶ୍ୱବିଦ୍ୟାଳୟ | | | | | ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ | | | | |
|---|---|---|---|---|---|---|---|---|---|---|
| | 2014-15 | 2015-16 | 2016-17 | 2017-18 | 2018-19 | 2014-15 | 2015-16 | 2016-17 | 2017-18 | 2018-19 |
| ପୂର୍ଣ୍ଣକାଳୀନ ଶିକ୍ଷକଙ୍କ ସଂଖ୍ୟା | 114 | 123 | 154 | 153 | 144 | 31 | 37 | 37 | 43 | 44 |
| ପିଏଚ୍‌ଡି ସହିତ ପୂର୍ଣ୍ଣକାଳୀନ ଶିକ୍ଷକଙ୍କ ସଂଖ୍ୟା | 99 | 108 | 134 | 133 | 123 | ଉପଲବ୍ଧ ନାହିଁ | ଉପଲବ୍ଧ ନାହିଁ | ଉପଲବ୍ଧ ନାହିଁ | ଉପଲବ୍ଧ ନାହିଁ | 40 |
| ପ୍ରତିଶତ | 87 | 88 | 87 | 87 | 85 | - | - | - | - | 91 |

***(ଉତ୍ସ: ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)***

ଅଡିଟ୍ ଦେଖିଲେ ଯେ ରାଜ୍ୟ ସରକାର ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି ଏବଂ ମହିଳା ବର୍ଗ ସମାନତା ସୂଚକାଙ୍କ ପରି ଅବହେଳିତ ଗୋଷ୍ଠୀର ଜିଇଆର ସମ୍ବନ୍ଧୀୟ ତଥ୍ୟ ବଜାୟ ରଖିନାହିଁ ଏବଂ ଏମଏଚଆରଡିର ଏଆଇଏସଏଚଇ ରିପୋର୍ଟରେ ପ୍ରକାଶିତ ତଥ୍ୟ ଉପରେ ନିର୍ଭର କରେ । 2014-15 ରୁ 2018-19 ଅବଧି ପାଇଁ ଏଆଇଏସଏଚଇ ରିପୋର୍ଟ ଅନୁଯାୟୀ ଅବହେଳିତ ବିଭାଗ ଗୁଡ଼ିକର ଜିଇଆର ର ବିବରଣୀ ନିମ୍ନରେ ଦିଆଯାଇଥିବା ସାରଣୀରେ ଦିଆଯାଇଛି:

*ସାରଣୀ 4.5: ଏସ୍‌ସି ଏବଂ ଏସ୍‌ଟି ବର୍ଗର ଜିଇଆର ଏବଂ ଲିଙ୍ଗଗତ ସମାନତା ସୂଚକାଙ୍କ*

| ବର୍ଷ | ଏସ୍‌ସି ବର୍ଗର ଜିଇଆର | | ଏସ୍‌ଟି ବର୍ଗର ଜିଇଆର | | ଲିଙ୍ଗଗତ ସମାନତା ସୂଚକାଙ୍କ[7] | | | | | |
|---|---|---|---|---|---|---|---|---|---|---|
| | ସର୍ବଭାରତୀୟ | ଓଡ଼ିଶା | ସର୍ବଭାରତୀୟ | ଓଡ଼ିଶା | ସର୍ବଭାରତୀୟ | | | ଓଡ଼ିଶା | | |
| | | | | | ସମସ୍ତ | ଏସ୍‌ସି | ଏସ୍‌ଟି | ସମସ୍ତ | ଏସ୍‌ସି | ଏସ୍‌ଟି |
| 2014-15 | 19.1 | 12.2 | 13.7 | 7.9 | 0.92 | 0.91 | 0.81 | 0.81 | 0.79 | 0.77 |
| 2015-16 | 19.9 | 14.7 | 14.2 | 9.4 | 0.92 | 0.91 | 0.83 | 0.83 | 0.78 | 0.77 |
| 2016-17 | 21.1 | 17.4 | 15.4 | 11.3 | 0.94 | 0.93 | 0.85 | 0.82 | 0.73 | 0.74 |
| 2017-18 | 21.8 | 18.8 | 15.9 | 12.5 | 0.97 | 0.96 | 0.87 | 0.85 | 0.73 | 0.75 |
| 2018-19 | 23.0 | 20.0 | 17.2 | 12.8 | 1.00 | 1.02 | 0.92 | 0.82 | 0.76 | 0.78 |

*(ଉତ୍ସ: ଏଆଇଏସଏଚଇ ରିପୋର୍ଟ)*

ଏସ୍‌ସି (17.13 ପ୍ରତିଶତ) ଏବଂ ଏସ୍‌ଟି (22.85 ପ୍ରତିଶତ) ବର୍ଗର ଜନସଂଖ୍ୟା ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ 40 ପ୍ରତିଶତ ଅଟେ । ଏସ୍‌ସି ଏବଂ ଏସ୍‌ଟିର ଏହି ବହୁଳ ଜନସଂଖ୍ୟା ସତ୍ତ୍ୱେ ଏହି ବର୍ଗର ଜିଇଆର ଏବଂ ଲିଙ୍ଗଗତ ସମାନତା ଅନୁପାତ ଜାତୀୟ ହାରଠାରୁ କମ୍ ରହିଥିଲା । ଏହି ପରିପ୍ରେକ୍ଷୀରେ ଅଡିଟ୍ ନିରୀକ୍ଷଣ କରିଛି

[7] ଲିଙ୍ଗଗତ ସମାନତା ସୂଚକାଙ୍କ ହେଉଛି ନାମ ଲେଖାଇଥିବା ମହିଳା ଛାତ୍ରୀଙ୍କ ସଂଖ୍ୟା ଅନୁପାତରେ ନାମ ଲେଖାଇଥିବା ପୁରୁଷ ଛାତ୍ରସଂଖ୍ୟା

ଯେ 60 ପ୍ରତିଶତରୁ ଅଧିକ ଏସ୍‌ସି ଏବଂ ଏସ୍‌ଟି ଜନସଂଖ୍ୟା ବିଶିଷ୍ଟ ଛଅଟି ଜିଲ୍ଲାର[8] 15 ଟି ବ୍ଲକରେ କୌଣସି ଡିଗ୍ରୀ ମହାବିଦ୍ୟାଳୟ ନାହିଁ (ନିମ୍ନରେ ଦିଆଯାଇଥିବା ମାନଚିତ୍ରରେ ଚିତ୍ରିତ), ଯାହା ଏହି ଅବହେଳିତ ଗୋଷ୍ଠୀର ଜିଇଆରରେ କମ୍ ଅବଦାନକୁ ସୂଚାଉଛି ।

***ଚାର୍ଟ 2: ଚିତ୍ରରେ ପ୍ରଦତ୍ତ ବ୍ଲକ ଗୁଡ଼ିକର ଏସ୍‌ସି/ଏସ୍‌ଟିର ଜନସଂଖ୍ୟା ସମୁଦାୟ ଜନସଂଖ୍ୟାର 60 ପ୍ରତିଶତରୁ ଅଧିକ ହୋଇଥିଲେ ମଧ୍ୟ ଏ ବ୍ଲକ ଗୁଡ଼ିକରେ କୌଣସି ଡିଗ୍ରୀ ମହାବିଦ୍ୟାଳୟ ଉପଲବ୍ଧ ନଥିଲା***




2018-19 ବର୍ଷ ପାଇଁ ଏସ୍‌ସି ଏବଂ ଏସ୍‌ଟି ବର୍ଗର ଜିଇଆର ଯଥାକ୍ରମେ ଜାତୀୟ ହାରାହାରି 23 ଏବଂ 17.2 ତୁଳନାରେ 20 ଏବଂ 12.8 ରେ ରହିଥିଲା ଏବଂ ଏହା ମଧ୍ୟ ରାଜ୍ୟ ପାଇଁ ସାମଗ୍ରିକ ଜିଇଆର (22.1) ଠାରୁ କମ୍ ଥିଲା ।

2014-15 ରୁ 2018-19 ମଧ୍ୟରେ ସମସ୍ତ ଭାରତ ତୁଳନାରେ 0.92 ରୁ 1.00 କୁ ବୃଦ୍ଧି ପାଇ ଓଡ଼ିଶାର ମୋଟ ଲିଙ୍ଗଗତ ସମାନତା ସୂଚକାଙ୍କ 0.81 ରୁ 0.82 କୁ ବୃଦ୍ଧି ପାଇଛି । ଓଡ଼ିଶାର ଏସସି ଏବଂ ଏସଟି ବର୍ଗ ପାଇଁ ଲିଙ୍ଗଗତ ସମାନତା ସୂଚକାଙ୍କ ଏହି ଦୁଇଟି ବର୍ଗ ପାଇଁ ଜାତୀୟ ସୂଚକାଙ୍କଠାରୁ ବହୁତ କମ୍ ରହିଥିଲା । ଆହୁରି ମଧ୍ୟ, 2014-19 ମଧ୍ୟରେ ଓଡ଼ିଶା ପାଇଁ ସାମଗ୍ରିକ ଲିଙ୍ଗଗତ ସମାନତା ସୂଚକାଙ୍କ ମଧ୍ୟ କମ୍ ରହିଲା (0.81 ରୁ 0.85 ମଧ୍ୟରେ) । ଏହା ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ଭୌଗୋଳିକ ବଣ୍ଟନ ସହିତ ସଂଯୁକ୍ତ ହୋଇପାରେ ଯେଉଁଠାରେ ଅଧିକାଂଶ ଏସସି/ ଏସଟି ଜନସଂଖ୍ୟା ବିଶିଷ୍ଟ ଜିଲ୍ଲାମାନଙ୍କରେ ଅନେକ ବ୍ଲକ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ବିନା ରହିଥିଲା ।

ରାଜ୍ୟର ଗରିବ ଲିଙ୍ଗଗତ ସମାନତା ସୂଚକାଙ୍କ ଦୃଷ୍ଟିରେ ରଖି, ଅବହେଳିତ ବର୍ଗରେ ମହିଳା ଛାତ୍ରଙ୍କ ଜିଇଆର ବୃଦ୍ଧି ପାଇଁ ଯୋଜନାବଦ୍ଧ ପ୍ରୟାସ କରାଯିବା ଆବଶ୍ୟକ ଏବଂ ଦୀର୍ଘ ସମୟ ଧରି ଏହା ଜାରି ରଖିବା ଆବଶ୍ୟକ । ଅବହେଳିତ ଗୋଷ୍ଠୀ ପାଇଁ ସାମଗ୍ରିକ ଜିଇଆର ର ଉନ୍ନତି ସହିତ ଏହାକୁ ଜାତୀୟ ହାରଠାରୁ ଅଧିକ ଆଣିବା ପାଇଁ ନିରନ୍ତର ପ୍ରୟାସ ମଧ୍ୟ କରାଯିବା ଆବଶ୍ୟକ ।

---

[8] ଗଜପତି-1 (ଗୁମ୍ମା), ନବରଙ୍ଗପୁର-3 (ଝରିଗ୍ରାମ, କୋଶଗୁମୁଡ଼ା ଏବଂ ରାଇଘର), ରାୟଗଡ଼ା-4 (ଚନ୍ଦ୍ରପୁର, କୋଲନରା, ରମଣଗୁଡ଼ା ଏବଂ କାଶିପୁର), କୋରାପୁଟ-3 (ବନ୍ଧୁଗାଁ, କୋଟପାଦ ଏବଂ ନାରାୟଣପାଟଣା), ସୁନ୍ଦରଗଡ଼-3 (ଗୁରୁଣ୍ଡିଆ, ନୂଆଗାଁ ଏବଂ ରାଜଗାଙ୍ଗପୁର) ଏବଂ କନ୍ଧମାଳ-1 (ଖଜୁରୀପଡ଼ା)

### 4.2.2 ଅବହେଳିତ ଗୋଷ୍ଠୀଙ୍କୁ ସହାୟତା ପ୍ରଦାନ ପାଇଁ ଆନୁଷ୍ଠାନିକ ପଦ୍ଧତି

ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା (ଅନୁଚ୍ଛେଦ 6.1.2) ଅନୁଯାୟୀ, ଜାରି କରାଯାଇଥିବା ଉଚ୍ଚଶିକ୍ଷାରେ ଅନ୍ତର୍ଭୁକ୍ତ ଏବଂ ଗୁଣାତ୍ମକ ବିସ୍ତାର ଉପରେ ରିପୋର୍ଟରେ ଦର୍ଶାଯାଇଛି ଯେ ଛାତ୍ରଛାତ୍ରୀଙ୍କ ଗ୍ରହଣ ଉପରେ ନଜର ରଖିବା ପାଇଁ ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି / ଅନ୍ୟ ପଛୁଆ ଶ୍ରେଣୀ ସେଲ୍ (କେମ୍ୟୁନିଟି ଏଜୁକେସନ୍ ଡେଭଲପମେଣ୍ଟ ସେଲ୍(ସିଇଡିସି)) ଗଠନ କରାଯିବା ଉଚିତ୍ । ବଞ୍ଚିତ ସାମାଜିକ ଗୋଷ୍ଠୀରୁ ଅଧ୍ୟାପକ ଏବଂ ପ୍ରଶାସନିକ କର୍ମଚାରୀଙ୍କ ଗ୍ରହଣ ସହିତ କାର୍ଯ୍ୟଦକ୍ଷତା, ଦକ୍ଷତା ବିକାଶ ପ୍ରୟାସ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ଅଧୀନରେ ୟୁଜିସି ଦ୍ୱାରା ଜାରି କରାଯାଇଥିବା ସମାନ ସୁଯୋଗ ସେଲର ସ୍କିମ୍ ପାଇଁ ଗାଇଡଲାଇନ୍ ଅନୁଯାୟୀ, ଏସସି/ ଏସଟି/ ଓବିସି/ ସଂଖ୍ୟାଲଘୁ ସମ୍ପ୍ରଦାୟର କୋଚିଂ ପାଇଁ ନିର୍ଦ୍ଦିଷ୍ଟ ସ୍କିମ୍ ଚଳାଇ ନିଯୁକ୍ତି ଏବଂ ସଫଳତା ବୃଦ୍ଧି କରିବାକୁ ପାଇଁ ବିଶ୍ୱବିଦ୍ୟାଳୟରେ ଏକ ସମାନ ସୁଯୋଗ ସେଲ୍(ଇଓସି) ପ୍ରତିଷ୍ଠା କରାଯିବା ଉଚିତ୍ ।

ଦୁଇଟି ବିଶ୍ୱବିଦ୍ୟାଳୟର ଏବଂ ପରୀକ୍ଷା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟଗୁଡ଼ିକର ରେକର୍ଡ ଯାଞ୍ଚରୁ ଅଡିଟ୍ ନିମ୍ନଲିଖିତ ବିଷୟଗୁଡ଼ିକ ଅବଲୋକନ:

#### ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ପରୀକ୍ଷା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟ

ଉତ୍କଳ ବିଶ୍ୱବିଦ୍ୟାଳୟରେ ଏକ ଇଓସି କାର୍ଯ୍ୟ କରୁଥିବା ବେଳେ ସେଠାରେ କୌଣସି ସିଇଡିସି ସେଲ୍ ନଥିଲା । ବିଶ୍ୱବିଦ୍ୟାଳୟର 24 ଟି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟରେ କେବଳ ସାତ (29 ପ୍ରତିଶତ) ମହାବିଦ୍ୟାଳୟରେ ସିଇଡିସି ଗଠନ ହୋଇଥିଲାବେଳେ 24 ଟି ମହାବିଦ୍ୟାଳୟ ମଧ୍ୟରୁ 16 ଟିରେ କୌଣସି ସେଲ୍ ଗଠନ ହୋଇନାହିଁ । ଗୋଟିଏ ମହାବିଦ୍ୟାଳୟରେ (ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ) ସେଲ୍ ଗଠନ ବିଷୟରେ କୌଣସି ସୂଚନା ଦେଇନଥିଲେ ।

ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି/ ଅନ୍ୟ ପଛୁଆ ବର୍ଗ/ ସଂଖ୍ୟାଲଘୁଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ୟୁଜିସି ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା (2012-17) ସମୟରେ, ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ସାମୟିକ ଅନୁଦାନ ଭାବରେ 5 ଲକ୍ଷ ଟଙ୍କା ଏବଂ ସଂପୂର୍ଣ୍ଣ ଅନୁଦାନ ଭାବରେ 7 ଲକ୍ଷ ଟଙ୍କା ଆର୍ଥିକ ସହାୟତାର ଏକ ବ୍ୟବସ୍ଥା କରିଥିଲା । ଏହି ଅନୁଦାନ ଛାତ୍ରମାନଙ୍କର ବିଭିନ୍ନ ବିଷୟଗୁଡ଼ିକରେ ଯଥା ପ୍ରତିକାର, କ୍ଲାସ, ଶିକ୍ଷାଗତ କୌଶଳ ବର୍ଦ୍ଧନ ଏବଂ ଭାଷିଭିତ୍ତିକ ଦକ୍ଷତା, ଜ୍ଞାନ ବୃଦ୍ଧି/ ଦକ୍ଷତା/ ମନୋଭାବ ଇତ୍ୟାଦିକୁ ସୁଦୃଢ଼ କରିବା ପାଇଁ ଏକ ଯୋଜନା କରାଯାଇଥିଲା ।

ଯଦିଓ, ଉତ୍କଳ ବିଶ୍ୱବିଦ୍ୟାଳୟ କହିଛି ଯେ ସେମାନେ କେତେକ ବିଭାଗରେ ପ୍ରତିକାର କ୍ଲାସ କରିଥିଲେ, ଆୟୋଜିତ କ୍ଲାସ୍ ସଂଖ୍ୟା, ଅଂଶଗ୍ରହଣ କରିଥିବା ଛାତ୍ରଙ୍କ ସଂଖ୍ୟା, କେଉଁ କ୍ଲାସ୍ ଗୁଡ଼ିକ ପରିଚାଳନା କରାଯାଇଥିଲା ଇତ୍ୟାଦି ସମ୍ବନ୍ଧୀୟ ବିବରଣୀଗୁଡ଼ିକ ରେକର୍ଡଭୁକ୍ତ କରାଯାଇ ନଥିଲା । ଫଳସ୍ୱରୂପ, ଏହି ଅନୁଦାନ ପାଇଁ ବିଶ୍ୱବିଦ୍ୟାଳୟ ୟୁଜିସି ରେ ଆବେଦନ କରିନଥିଲା ଯାହା ଏହି ଅବହେଳିତ ବର୍ଗର ଛାତ୍ରମାନଙ୍କ ସୁବିଧା ପାଇଁ ବ୍ୟବହୃତ ହୋଇଥାନ୍ତା ।

ଅଡିଟ୍ ମନ୍ତବ୍ୟକୁ ଗ୍ରହଣ କରିବାବେଳେ, ଉତ୍କଳ ବିଶ୍ୱବିଦ୍ୟାଳୟ ବଞ୍ଚିତ/ ଶିକ୍ଷାଗତ ଦୁର୍ବଳ ବିଭାଗର ଛାତ୍ରମାନଙ୍କୁ ପ୍ରତିକାର କୋଚିଂ ସୁବିଧା ପ୍ରଦାନ କରିବାକୁ ଏବଂ ପ୍ରତିକାର ଶ୍ରେଣୀ ପାଇଁ ଅନୁଦାନ ପାଇଁ ୟୁଜିସି ରେ ଆବେଦନ କରିବାକୁ ଭରସା ଦେଇଥିଲେ ।

#### ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏବଂ ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ

ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି/ ଅନ୍ୟ ପଛୁଆ ବର୍ଗ ଛାତ୍ରମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ଉଭୟ ଇଓସି ଏବଂ ସିଇଡିସି ସ୍ଥାପନ କରିଥିଲା । ତେବେ ବିଶ୍ୱବିଦ୍ୟାଳୟର ଆଠଟି ମଧ୍ୟରୁ ପାଞ୍ଚଟି (63 ପ୍ରତିଶତ) ପରୀକ୍ଷା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟ ଗୁଡ଼ିକରେ ଏସସି/ଏସ୍‌ଟି/ ଓବିସି ସେଲ୍ ନଥିଲା ।

ଅଧିକାଂଶ ମହାବିଦ୍ୟାଳୟରେ ଏସ୍‌ସି/ଏସ୍‌ଟି/ଓବସି ସେଲର ସ୍ଥାପନ କରାଯାଇନଥିବା ହେତୁ, ପରୀକ୍ଷା ଯାଞ୍ଚ ହୋଇଥିବା ବିଶ୍ୱବିଦୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ ଅବହେଳିତ ବିଭାଗର ଛାତ୍ରମାନେ ନିର୍ଦ୍ଦେଶାବଳୀରେ ଧାର୍ଯ୍ୟ କରାଯାଇଥିବା ଛାତ୍ର ସଂଖ୍ୟା, ଦକ୍ଷତା ବୃଦ୍ଧି ପାଇଁ ସମସ୍ତ ପଦକ୍ଷେପ ଏବଂ କାର୍ଯ୍ୟକ୍ରମ ଇତ୍ୟାଦି ବୃଦ୍ଧି କରିବା ବିଷୟରେ ସକ୍ରିୟ ଭାବରେ ଅବଗତ ହୋଇନଥିଲେ । ଅଧିକନ୍ତୁ, ଏହି ଇଓସି ଏବଂ ସିଇଡିସି ସେଲ ଗୁଡ଼ିକର ଅଭାବ

ହେତୁ, ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି/ ଅନ୍ୟ ପଛୁଆ ବର୍ଗ/ ସଂଖ୍ୟାଲଘୁ ଛାତ୍ରମାନଙ୍କର ଗ୍ରହଣ, କାର୍ଯ୍ୟଦକ୍ଷତା ଇତ୍ୟାଦି ଉପରେ ଏକକ ଭିତ୍ତିରେ ପର୍ଯ୍ୟବେକ୍ଷଣ କରାଯାଇପାରିନଥିଲା ।

### 4.2.3 ଲିଙ୍ଗଗତ ସମାନତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଏବଂ ଲିଙ୍ଗ ସମ୍ବେଦନଶୀଳ ସୁବିଧା

ନାକ୍ ଲିଙ୍ଗଗତ ସମାନତା ଏବଂ ସମ୍ବେଦନଶୀଳତାର ପ୍ରୋତ୍ସାହନ ଉପରେ ଏକ ଅନୁଷ୍ଠାନର କାର୍ଯ୍ୟଦକ୍ଷତାକୁ ମୂଲ୍ୟାଙ୍କନ କରେ ଏବଂ ଏହାକୁ ଅନୁଷ୍ଠାନିକ ମୂଲ୍ୟର ଏକ ପ୍ରମୁଖ ସୂଚକ ଭାବରେ ବିବେଚନା କରେ । ଏହା ସୂଚାଏ ଯେ ଏକ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ମାନ୍ୟତା ସମୟରେ ଲିଙ୍ଗଗତ ସମାନତା ପ୍ରୋତ୍ସାହନ କାର୍ଯ୍ୟକ୍ରମ (ମହିଳାଙ୍କ ପ୍ରତି ଯୌନ ଉତ୍ପୀଡ଼ନ ଏବଂ ହିଂସା, ମହିଳାଙ୍କ ଅଧିକାର ତଥା ଅପରାଧିକ ନ୍ୟାୟ ପାଇବା, ମହିଳା ସମ୍ବନ୍ଧୀୟ ଆଇନ ବିଷୟରେ ଆଇନଗତ ସଚେତନତା ଇତ୍ୟାଦି) ର ଆୟୋଜନ ଏବଂ ଲିଙ୍ଗ ସମ୍ବେଦନଶୀଳତା ସୁବିଧା (ସୁରକ୍ଷା, ପରାମର୍ଶ ଏବଂ ସାଧାରଣ କୋଠରୀ, ଇତ୍ୟାଦି) ଗୁଡ଼ିକ ଆକଳନ କରାଯାଇଥିଲା ।

ପରୀକ୍ଷା ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ରେକର୍ଡ/ ସୂଚନା ଉପରେ ଅଡିଟ୍ ନିମ୍ନଲିଖିତ ବିଷୟଗୁଡ଼ିକ ପର୍ଯ୍ୟବେକ୍ଷଣ କଲା :

*ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ପରୀକ୍ଷା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟଗୁଡ଼ିକ*

2018-19 ସମୟରେ, ବିଶ୍ୱବିଦ୍ୟାଳୟ ଦ୍ୱାରା ନଅଟି ଲିଙ୍ଗ ସମ୍ବେଦନଶୀଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ 678 ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । 2014-15 ରୁ 2017-18 ମଧ୍ୟରେ କୌଣସି ଲିଙ୍ଗ ସମ୍ବେଦନଶୀଳ କାର୍ଯ୍ୟକ୍ରମ କରାଯାଇନଥିଲା ।

24 ଟି ପରୀକ୍ଷା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟ ଗୁଡ଼ିକ ମଧ୍ୟରୁ 2014-19 ମଧ୍ୟରେ କେବଳ ତିନିଟି ମହାବିଦ୍ୟାଳୟରେ[9] ଲିଙ୍ଗ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୋଟ 391 ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

*ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏବଂ ପରୀକ୍ଷା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟଗୁଡ଼ିକ*

2016-17 ସମୟରେ, ବିଶ୍ୱବିଦ୍ୟାଳୟ ଦ୍ୱାରା ଗୋଟିଏ ଲିଙ୍ଗ ସମ୍ବେଦନଶୀଳ କାର୍ଯ୍ୟକ୍ରମ କରାଯାଇଥିଲା ଯେଉଁଥିରେ 100 ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । 2014-16, 2017-18 ଏବଂ 2018-19 ବର୍ଷ ମଧ୍ୟରେ କୌଣସି ଲିଙ୍ଗ ସମ୍ବେଦନଶୀଳ କାର୍ଯ୍ୟକ୍ରମ କରାଯାଇନଥିଲା ।

ଆଠଟି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ ମଧ୍ୟରୁ କେବଳ ଗୋଟିଏ ମହାବିଦ୍ୟାଳୟ (ବାରିପଦା ମହାବିଦ୍ୟାଳୟ) ତିନିଟି ଲିଙ୍ଗ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଯେଉଁଥିରେ 182 ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଅନ୍ୟ କୌଣସି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟଗୁଡ଼ିକ କୌଣସି ଲିଙ୍ଗ ସମ୍ବେଦନଶୀଳ କାର୍ଯ୍ୟକ୍ରମ ଆୟୋଜନ କରିନଥିଲେ ।

ତେଣୁ, ଏହା ଏକ ଚିନ୍ତାର ବିଷୟ ଯେ କେବଳ କିଛି ଉଚ୍ଚଶିକ୍ଷା ଅନୁଷ୍ଠାନ ଲିଙ୍ଗଗତ ସମାନତା ପ୍ରୋତ୍ସାହନମୂଳକ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ମାନଦଣ୍ଡ ଉପରେ ଉଚ୍ଚ ଶିକ୍ଷା ଅନୁଷ୍ଠାନର କାର୍ଯ୍ୟଦକ୍ଷତା ବଢ଼ାଇବା ପାଇଁ ରାଜ୍ୟ ଉପଯୁକ୍ତ ନିର୍ଦ୍ଦେଶନାମା, ଅଭିଯୋଗର ସମାଧାନ ବ୍ୟବସ୍ଥା ଏବଂ ଲିଙ୍ଗଗତ ସମାନତା କାର୍ଯ୍ୟକ୍ରମ ପରିଚାଳନା ପାଇଁ ପାଣ୍ଠି ଯୋଗାଣ ଇତ୍ୟାଦି ଭଳି ପଦକ୍ଷେପ ଗ୍ରହଣ କରିବା ଉଚିତ୍ ।

ଅଡିଟ୍ ମନ୍ତବ୍ୟକୁ ଗ୍ରହଣ କରିବା ବେଳେ ସରକାର କହିଥିଲେ (ସେପ୍ଟେମ୍ବର 2020) ଯେ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଖୁବ୍ ଶୀଘ୍ର ୱେବ୍ ଆଧାରିତ ଅଭିଯୋଗ ପଞ୍ଜିକରଣ ସୁବିଧା ବିକାଶ କରିବାକୁ ନିର୍ଦ୍ଦେଶ ଦିଆଯିବ ।

## 4.3 ସାମର୍ଥ୍ୟ

ଉଚ୍ଚଶିକ୍ଷାର ସମାନତା ଏବଂ ସହଜ ପହଞ୍ଚ ପାଇଁ ସାମର୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି । ନିୟନ୍ତ୍ରିତ ଦେୟ ଢାଞ୍ଚା, ସରକାରୀ ଏବଂ ବେସରକାରୀ ମହାବିଦ୍ୟାଳୟଗୁଡ଼ିକରେ ତୁଳନାତ୍ମକ ଦେୟ, ଆକର୍ଷଣୀୟ ଛାତ୍ର ଋଣ ଯୋଜନା ଏବଂ ଛାତ୍ରବୃତ୍ତି/ ମୁକ୍ତ ଛାତ୍ରବୃତ୍ତିର ପର୍ଯ୍ୟାପ୍ତ ସୁଯୋଗ ଉଚ୍ଚଶିକ୍ଷାକୁ ସୁଲଭ କରିବା ଦିଗରେ ସହାୟକ ହୋଇଥାଏ ।

---

9 ପି.ଏନ୍. ମହାବିଦ୍ୟାଳୟ ଖୋଲଗଡ଼ (ତିନିଟି କାର୍ଯ୍ୟକ୍ରମ, 211 ଛାତ୍ରଛାତ୍ରୀ), ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର (ଦୁଇଟି କାର୍ଯ୍ୟକ୍ରମ, 80 ଛାତ୍ରଛାତ୍ରୀ) ଏବଂ ପୁରୀର ଏସଏମଏସ ମହାବିଦ୍ୟାଳୟ (ଗୋଟିଏ କାର୍ଯ୍ୟକ୍ରମ, 100 ଛାତ୍ରଛାତ୍ରୀ)

### 4.3.1 ଏକକ ଦେୟ ପ୍ରଣାଳୀ

ୟୁଜିସି (ବିଶ୍ୱବିଦ୍ୟାଳୟ ଦ୍ୱାରା ମହାବିଦ୍ୟାଳୟ ଗୁଡ଼ିକର ଅନୁବନ୍ଧ) ରେଗୁଲେସନ, 2009 ଅନୁଯାୟୀ, ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କଠାରୁ ଆଦାୟ ହେବାକୁ ଥିବା ଦେୟ ସଂପୃକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁମୋଦନ ହେବା ଉଚିତ୍ ।

ନିୟମାବଳୀରେ ଦିଆଯାଇଥିବା ଏହି ନିର୍ଦ୍ଦିଷ୍ଟ ବ୍ୟବସ୍ଥାଗୁଡ଼ିକ ସତ୍ତ୍ୱେ ପରୀକ୍ଷା ଯାଞ୍ଚ ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡ଼ିକ ଦ୍ୱାରା ଦେୟ ପ୍ରଣାଳୀ ସ୍ଥିର କରାଯାଇନଥିଲା । ଉଭୟ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସେମାନଙ୍କ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକ ପାଇଁ ଦେୟ ପ୍ରଣାଳୀକୁ ଅନୁମୋଦନ କରିନଥିଲେ, ଯେପରିକି ପରୀକ୍ଷା ଦେୟ, କେନ୍ଦ୍ର ଦେୟ, ଅସ୍ଥାୟୀ ପ୍ରମାଣପତ୍ର ପ୍ରଦାନ, ନାମଲେଖା ଶୁଳ୍କ, ମାର୍କ ପାଇଁ ଦେୟ, ତଦାରଖ ଶୁଳ୍କ, ବିଳମ୍ବ ଶୁଳ୍କ ଇତ୍ୟାଦି । ବିଭିନ୍ନ ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡ଼ିକ ଦ୍ୱାରା ଆଦାୟ କରାଯାଉଥିବା ଶୁଳ୍କ ଉପରେ ନଜର ରଖିବା ପାଇଁ ବିଶ୍ୱବିଦ୍ୟାଳୟ ସ୍ତରରେ କିମ୍ବା ଉଚ୍ଚଶିକ୍ଷା ବିଭାଗରେ କୌଣସି ବ୍ୟବସ୍ଥା ନଥିଲା ।

ଫଳସ୍ୱରୂପ, ବିଶ୍ୱବିଦ୍ୟାଳୟର ବିଭିନ୍ନ ମହାବିଦ୍ୟାଳୟ ଦ୍ୱାରା ସାଧାରଣତଃ ବେସରକାରୀ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ଠାରୁ ଅଧିକ ଶୁଳ୍କ ଆଦାୟ କରାଯାଉଥିଲା ଏବଂ ଦେୟରେ କୌଣସି ସମାନତା ନଥିଲା । ପରୀକ୍ଷା ଯାଞ୍ଚ ହୋଇଥିବା ସରକାରୀ ଏବଂ ବେସରକାରୀ ମହାବିଦ୍ୟାଳୟ ଗୁଡ଼ିକ ଦ୍ୱାରା ଛାତ୍ରଛାତ୍ରୀମାନଙ୍କଠାରୁ ଆଦାୟ ହୋଇଥିବା ପାଠ୍ୟକ୍ରମ ଅନୁସାରେ ବାର୍ଷିକ ଦେୟର ତୁଳନା ନିମ୍ନ ସାରଣୀରେ ଦିଆଗଲା :

**ସାରଣୀ 4.6: ସରକାରୀ ଏବଂ ବେସରରକାରୀ ମହାବିଦ୍ୟାଳୟଗୁଡ଼ିକରେ ବାର୍ଷିକ ଶୁଳ୍କ ପରିସର**

| ପାଠ୍ୟ କ୍ରମର ନାମ | 4ଟି ପରୀକ୍ଷା ଯାଞ୍ଚ ସରକାରୀ ମହାବିଦ୍ୟାଳୟରେ ବାର୍ଷିକ ଶୁଳ୍କ ପରିସର (ରାଶି ପରିମାଣ ଟଙ୍କାରେ) | | | ପରୀକ୍ଷା ଯାଞ୍ଚ 28 ଟି ବେସରକାରୀ ମହାବିଦ୍ୟାଳୟରେ ବାର୍ଷିକ ଶୁଳ୍କ ପରିସର (ରାଶି ପରିମାଣ ଟଙ୍କାରେ) | | |
|---|---|---|---|---|---|---|
| | 2016-17 | 2017-18 | 2018-19 | 2016-17 | 2017-18 | 2018-19 |
| ବିଏ | 881-2042 | 991-2042 | 1,082-2210 | 1,876-6015 | 1,876 - 7700 | 2,400- 9000 |
| ବିଏସି | 902-2042 | 1,022-2042 | 1,113-2263 | 2,952-9000 | 3,125 - 9500 | 3,661- 9520 |
| ବିକମ୍ | 872-2042 | 982-2042 | 1,073-2190 | 2,399-6000 | 2,572 - 7700 | 3,453- 9000 |

*(ଉତ୍ସ: ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ ଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)*

ଦେଖାଗଲା ଯେ ଦୁଇଟି ବିଶ୍ୱବିଦ୍ୟାଳୟ (ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ) ଅଧୀନରେ ଚାରିଟି ପରୀକ୍ଷା ଯାଞ୍ଚ ସରକାରୀ ମହାବିଦ୍ୟାଳୟ ବିଏ, ବିଏସ୍, ବିକମ୍ ପାଇଁ ବାର୍ଷିକ 1,073 ରୁ 2,263 ଟଙ୍କା ପର୍ଯ୍ୟନ୍ତ ଦେୟ ଆଦାୟ କରୁଥିବା ବେଳେ, 28 ଟି ପରୀକ୍ଷା ଯାଞ୍ଚ ବେସରକାରୀ ମହାବିଦ୍ୟାଳୟ 2018-19 ରେ ସମାନ ପାଠ୍ୟକ୍ରମ ପାଇଁ ବାର୍ଷିକ ଦେୟ 2,400 ଟଙ୍କାରୁ 9,520 ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଇଥିଲା । 2018-19 ବର୍ଷ ପାଇଁ ସରକାରୀ ମହାବିଦ୍ୟାଳୟଗୁଡ଼ିକ ତୁଳନାରେ ଏବଂ ସରକାରୀ ମହାବିଦ୍ୟାଳୟଗୁଡ଼ିକରେ ହାରାହାରି ବାର୍ଷିକ ଦେୟ କଳା ଷ୍ଟ୍ରିମରେ 198 ପ୍ରତିଶତ, ବିଜ୍ଞାନ ଷ୍ଟ୍ରିମରେ 289 ପ୍ରତିଶତ ଏବଂ ବାଣିଜ୍ୟ ଷ୍ଟ୍ରିମରେ 206 ପ୍ରତିଶତ ଅଧିକ ଥିଲା । ଦେୟ ପ୍ରଣାଳୀର ବ୍ରେକ୍ ଅପ୍ ମଧ୍ୟ ଦର୍ଶାଇଲା ଯେ ବେସରକାରୀ ମହାବିଦ୍ୟାଳୟଗୁଡ଼ିକ ବିକାଶ ଦେୟ ନାମରେ ଅଧିକ ଦେୟ ଆଦାୟ କରୁଛନ୍ତି । ତେଣୁ, ଦେୟ ପ୍ରଣାଳୀ ଉପରେ ନଜର ରଖିବା ପାଇଁ କୌଣସି ପଦ୍ଧତିର ଅନୁପସ୍ଥିତିରେ, ସରକାରୀ ମହାବିଦ୍ୟାଳୟ ତୁଳନାରେ ବେସରକାରୀ ମହାବିଦ୍ୟାଳୟଗୁଡ଼ିକରେ ଯଥେଷ୍ଟ ଅଧିକ ଦେୟ ଆଦାୟ କରାଯାଇଥିଲା ।

ଅଡିଟ୍ ମନ୍ତବ୍ୟକୁ ସ୍ୱୀକାର କରିବାବେଳେ, ସରକାର (ସେପ୍ଟେମ୍ବର 2020) କହିଛନ୍ତି ଯେ ସହାୟକ ମହାବିଦ୍ୟାଳୟଗୁଡ଼ିକ ଭିତ୍ତିଭୂମି ତଥା ବିକାଶମୂଳକ କାର୍ଯ୍ୟକଳାପ ତଥା ପରିଚାଳନା ଦ୍ୱାରା ନିଯୁକ୍ତ ଶିକ୍ଷକମାନଙ୍କୁ ବେତନ ପ୍ରଦାନ ପାଇଁ ଅଧିକ ଦେୟ ସଂଗ୍ରହ କରନ୍ତି ।

ଏହାର ଉତ୍ତର ଗ୍ରହଣୀୟ ନୁହେଁ କାରଣ ବିଶ୍ୱବିଦ୍ୟାଳୟଗୁଡ଼ିକ ସମସ୍ତ ବର୍ଗ ପାଇଁ ଦେୟ ପ୍ରଣାଳୀକୁ ସମୀକ୍ଷା ଏବଂ ଅନୁମୋଦନ କରିବା ପାଇଁ ପଦକ୍ଷେପ ନେଇ ନଥିଲେ ଏବଂ ସେମାନଙ୍କର ଅନୁମୋଦନ କେବଳ କିଛି ବର୍ଗର ଦେୟ ମଧ୍ୟରେ ସୀମିତ ଥିଲା । ଆହୁରି ମଧ୍ୟ, ରାଜ୍ୟର 263 ଟି ବ୍ଲକ ଥିଲା, ଯେଉଁଠାରେ କେବଳ ବେସରକାରୀ ଉଚ୍ଚ ଶିକ୍ଷା ଅନୁଷ୍ଠାନ ବିଦ୍ୟମାନ ଥିଲେ ଏବଂ ଏହି ବ୍ଲକଗୁଡ଼ିକର ଛାତ୍ରଛାତ୍ରୀମାନେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ଉପରେ ନିର୍ଭରଶୀଳ ଥିଲେ ଓ ସେମାନଙ୍କର ଶିକ୍ଷାଗତ ଆବଶ୍ୟକତା ପାଇଁ ଅଧିକ ଦେୟ ଦେବା ସହିତ ସୁଲଭ ଶିକ୍ଷା ପାଇବାରେ ସମାନତାର ଲକ୍ଷ୍ୟକୁ ପ୍ରଭାବିତ କରିଥିଲା ।

### 4.3.2 ଛାତ୍ରବୃତ୍ତି/ ମୁକ୍ତ ଛାତ୍ରବୃତ୍ତି

ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ଅଧୀନରେ ଜାରି କରାଯାଇଥିବା ଉଚ୍ଚଶିକ୍ଷାରେ ଅନ୍ତର୍ଭୁକ୍ତ ଏବଂ ଗୁଣାତ୍ମକ ବିସ୍ତାର ରିପୋର୍ଟର ଅନୁଚ୍ଛେଦ 6.1.2(ଗ) ଅନୁଯାୟୀ, ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି/ ଅନ୍ୟ ପଛୁଆ ଶ୍ରେଣୀ/ ସଂଖ୍ୟାଲଘୁଙ୍କ ସବୁ ସ୍ତରରେ ଅଂଶଗ୍ରହଣ ବୃଦ୍ଧି ଓ ଛାତ୍ରବୃତ୍ତି ଏବଂ ଫେଲୋସିପ୍ ବୃଦ୍ଧି କରାଯିବା ଉଚିତ୍ । ଅଧିକନ୍ତୁ, ଛାତ୍ର ସମର୍ଥନ ଏବଂ ପ୍ରଗତିର ମୁଖ୍ୟ ସୂଚକ ଅନୁଯାୟୀ, ନାକ୍ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ସମୟରେ ଛାତ୍ରବୃତ୍ତି ଏବଂ ମୁକ୍ତ ଛାତ୍ରବୃତ୍ତି[10] ଦ୍ୱାରା ଉପକୃତ ହୋଇଥିବା ଛାତ୍ରମାନଙ୍କ ହାରାହାରି ଶତକଡ଼ା ଆକଳନ କରେ ।

ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ କାର୍ଯ୍ୟକାରୀ ହେଉଥିବା ପାଞ୍ଚ ପ୍ରକାରର ଛାତ୍ରବୃତ୍ତି ଯୋଜନା ନିମ୍ନ ସାରଣୀରେ ବିସ୍ତୃତ ଭାବରେ ଦିଆଗଲା:

*ସାରଣୀ 4.7: ଉଚ୍ଚଶିକ୍ଷା ବିଭାଗ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଛାତ୍ରବୃତ୍ତି ଯୋଜନାଗୁଡ଼ିକର ବିଷଦ ବିବରଣୀ*

| ଛାତ୍ରବୃତ୍ତିର ନାମ | ହିତାଧିକାରୀ | ଅବଧି | ପରିମାଣ ଟଙ୍କାରେ |
|---|---|---|---|
| ଇ-ମେଧାବୃତ୍ତି | ସମସ୍ତ ବର୍ଗର ନିମ୍ନ ଆୟ ସ୍ତରର ସ୍ନାତକ ଛାତ୍ରଛାତ୍ରୀମାନେ (ପିତାମାତାଙ୍କ ଆୟ ଛଅ ଲକ୍ଷରୁ କମ୍) | ତିନି ବର୍ଷ | ବାର୍ଷିକ 5,000 |
| | ସମସ୍ତ ବର୍ଗର ନିମ୍ନ ଆୟ ସ୍ତରର ସ୍ନାତକୋତ୍ତର ଛାତ୍ରଛାତ୍ରୀ (ପିତାମାତାଙ୍କ ଆୟ ଛଅ ଲକ୍ଷରୁ କମ୍) | ଦୁଇ ବର୍ଷ | ବାର୍ଷିକ 10,000 |
| ଫକୀରମୋହନ ଭାଷାବୃତ୍ତି | ମେଧାବୀ ସ୍ନାତକ ଓଡ଼ିଆ (ସମ୍ମାନ) ଛାତ୍ରଛାତ୍ରୀ ଏବଂ ସମସ୍ତ ବର୍ଗର ସ୍ନାତକୋତ୍ତର ଓଡ଼ିଆ ଛାତ୍ରଛାତ୍ରୀ | ଗୋଟିଏ ଥର | 20,000 |
| ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା | ସ୍ନାତକୋତ୍ତର ଏବଂ ସ୍ନାତକ ସ୍ତରରେ କେବଳ ବଞ୍ଚିତ ଛାତ୍ରଛାତ୍ରୀମାନଙ୍କ ପାଇଁ (ଏଚ୍ଆଇଭି ପ୍ରଭାବିତ ପରିବାର, ଗରିବ, ଏକାକୀ ମାଅ ପିଲା ଇତ୍ୟାଦି) | ବାର୍ଷିକ (ସ୍ନାତକ ପାଠ୍ୟକ୍ରମ ପାଇଁ ତିନି ବର୍ଷ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଦୁଇ ବର୍ଷ | ବାର୍ଷିକ 20,000 |
| ସ୍ନାତକୋତ୍ତର ଯୋଗ୍ୟତା ଛାତ୍ରବୃତ୍ତି | ସମସ୍ତ ବର୍ଗର ସ୍ନାତକୋତ୍ତର ଛାତ୍ରଛାତ୍ରୀ (ସ୍ନାତକ ପରୀକ୍ଷାରେ ବିଶ୍ୱବିଦ୍ୟାଳୟ ମାନ୍ୟତା ଧାରକ) | ଦୁଇ ବର୍ଷ | ମାସିକ 3,100 |
| ଏକକ କନ୍ୟା ସନ୍ତାନ ପାଇଁ ସ୍ନାତକୋତ୍ତର ଯୋଗ୍ୟତା ଛାତ୍ରବୃତ୍ତି | ସମସ୍ତ ବର୍ଗର ସ୍ନାତକୋତ୍ତର ଛାତ୍ରଛାତ୍ରୀ (ଏକକ କନ୍ୟା ସନ୍ତାନ ଥିବା ପିତାମାତା) | ଦୁଇ ବର୍ଷ | ମାସିକ 3,100 |

*(ଉତ୍ସ: ଉଚ୍ଚଶିକ୍ଷା ବିଭାଗର ରେକର୍ଡ)*

ଏହା ବ୍ୟତୀତ, ଏସ୍‌ସି/ ଏସ୍‌ଟି ବିଭାଗ ଦ୍ୱାରା ଉଭୟ ସ୍ନାତକ ଏବଂ ସ୍ନାତକୋତ୍ତର ସ୍ତରର ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି/ ଅନ୍ୟ ପଛୁଆ ଶ୍ରେଣୀ ଛାତ୍ରମାନଙ୍କ ପାଇଁ ଅନ୍ୟ ଏକ ସ୍କଲାରସିପ୍ ସ୍କିମ୍ ପ୍ରେରଣା ମଧ୍ଯ କାର୍ଯ୍ୟକାରୀ କରାଯାଇଛି । ବିଭିନ୍ନ ବର୍ଗର ଛାତ୍ରମାନଙ୍କ ପାଇଁ ଛାତ୍ରବୃତ୍ତି ପରିମାଣ ଭିନ୍ନ[11] ଅଟେ ।

ପରୀକ୍ଷା ଯାଞ୍ଚ ସଂସ୍ଥାଗୁଡ଼ିକ ଦ୍ୱାରା କରାଯାଇଥିବା ***ପ୍ରୟାସର ମୂଲ୍ୟାଙ୍କନ କରିବାକୁ 2014-19 ମସିହା ମଧ୍ୟରେ ସରକାରଙ୍କ ଛାତ୍ରବୃତ୍ତି ଏବଂ ମୁକ୍ତ ଛାତ୍ରବୃତ୍ତି ଯୋଜନାର ଲାଭ ପାଇବାକୁ ତଥା ଏହି ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଛାତ୍ରମାନଙ୍କୁ ଉତ୍ସାହିତ କରିବା ପାଇଁ ଉପକୃତ ହୋଇଥିବା ଛାତ୍ରଛାତ୍ରୀଙ୍କ ହାରାହାରି ପ୍ରତିଶତ ସୂଚକ (ପରିଶିଷ୍ଟ 2 ର କ୍ରମିକ ସଂଖ୍ୟା 16)***।

ଦୁଇଟି ପରୀକ୍ଷା ଯାଞ୍ଚ ବିଶ୍ୱବିଦ୍ୟାଳୟ ଏବଂ 32 ଟି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ ଦ୍ୱାରା ପ୍ରଦତ୍ତ ସୂଚନାର ଯାଞ୍ଚ ନିମ୍ନଲିଖିତକୁ ପ୍ରକାଶ କଲା:

---

[10] ମୁକ୍ତ ଛାତ୍ରବୃତ୍ତି ଅର୍ଥ ହେଉଛି ଦେୟର ପୂର୍ଣ୍ଣ କିମ୍ବା ଆଂଶିକ ଛାଡ଼

[11] ସ୍ନାତକ ପାଠ୍ୟକ୍ରମ ପାଇଁ-ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି - ମାସିକ 300 ଟଙ୍କା, ଅନ୍ୟ ପଛୁଆ ଶ୍ରେଣୀ - ମାସିକ 210 ଟଙ୍କା, ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ-ଅନୁସଚିତ ଜାତି/ ଅନୁସୂଚିତ ଜନଜାତି- ମାସିକ 530 ଟଙ୍କା, ରକ୍ଷଣାବେକ୍ଷଣ ଭତ୍ତା ପାଇଁ ଅନ୍ୟ ପଛୁଆ ଶ୍ରେଣୀ - ମାସିକ 335 ଟଙ୍କା

*ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ ସମୂହ*

2014-19 ମଧ୍ୟରେ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିବାମୋଟ ଛାତ୍ରମାନଙ୍କ ମଧ୍ୟରୁ ହାରାହାରି 22 ପ୍ରତିଶତ ଛାତ୍ରବୃତ୍ତିରୁ ଉପକୃତ ହୋଇଥିଲେ । 24 ଟି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟରେ ମୋଟ ନାମଲେଖା ଛାତ୍ରମାନଙ୍କ ମଧ୍ୟରୁ 30 ପ୍ରତିଶତ ଛାତ୍ରଛାତ୍ରୀ 2014-19 ମଧ୍ୟରେ ଛାତ୍ରବୃତ୍ତି ପାଇଥିଲେ । ମୁକ୍ତ-ଛାତ୍ରବୃତ୍ତି ଯୋଜନା ଅଧୀନରେ ଉପରୋକ୍ତ ସମୟ ମଧ୍ୟରେ ବିଶ୍ୱବିଦ୍ୟାଳୟ ଏବଂ ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟର କୌଣସି ଛାତ୍ର ଉପକୃତ ହୋଇନଥିଲେ ।

*ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏବଂ ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ ସମୂହ*

2014-19 ମଧ୍ୟରେ ବିଶ୍ୱବିଦ୍ୟାଳୟରେ ମୋଟ ନାମଲେଖା ଛାତ୍ରମାନଙ୍କ ମଧ୍ୟରୁ ହାରାହାରି 26 ପ୍ରତିଶତ ଛାତ୍ରବୃତ୍ତିରୁ ଉପକୃତ ହୋଇଥିଲେ । ସେହିଭଳି ଆଠଟି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟରେ ନାମ ଲେଖାଇଥିବା ମୋଟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ 31 ପ୍ରତିଶତ ଛାତ୍ରବୃତ୍ତିରୁ ଉପକୃତ ହୋଇଥିଲେ । ସମସ୍ତ ମାମଲାରେ, ଏହି ଅବଧି ମଧ୍ୟରେ କୌଣସି ଛାତ୍ର ମୁକ୍ତ-ଛାତ୍ରବୃତ୍ତି ଯୋଜନା ଅଧୀନରେ ଲାଭ ପାଇନଥିଲେ ।

ବିଶ୍ୱବିଦ୍ୟାଳୟଗୁଡ଼ିକର ମାନ୍ୟତା ସମୟରେ ଯେଉଁ ଅନୁଷ୍ଠାନଗୁଡ଼ିକରେ ହାରାହାରି 40 ପ୍ରତିଶତ ଛାତ୍ର ଛାତ୍ରବୃତ୍ତି ଏବଂ ମୁକ୍ତ-ଛାତ୍ରବୃତ୍ତି ପାଇଥାନ୍ତି, ନାକ୍ ଉପରୋକ୍ତ ସୂଚକାଙ୍କ ପାଇଁ ସେହି ଅନୁଷ୍ଠାନ ଗୁଡ଼ିକୁ ସର୍ବାଧିକ ମାର୍କ ପ୍ରଦାନ କରିଥାନ୍ତି । ଉଭୟ ବିଶ୍ୱବିଦ୍ୟାଳୟ ସର୍ବାଧିକ ଗ୍ରେଡ୍ ପଏଣ୍ଟ ପାଇବା ଠାରୁ ବହୁ ଦୂରରେ ଏବଂ ଏହି ଛାତ୍ରବୃତ୍ତି ଏବଂ ମୁକ୍ତ-ଛାତ୍ରବୃତ୍ତି ଅଧୀନରେ ପରିସରରେ ଉନ୍ନତି ଆଣିବା ପାଇଁ ଏହି ଯୋଜନାଗୁଡ଼ିକ ପାଇଁ ପ୍ରଚାର ପ୍ରସାର ପରି ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ ।

## 4.4 ଉତ୍ତମ ଭିତ୍ତିଭୂମି

ରୁସା-2 ନିର୍ଦ୍ଦେଶାବଳୀ ଅନୁଯାୟୀ, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିଗୁଡ଼ିକ ହେଲା ବୈଷୟିକ ଜ୍ଞାନ କୌଶଳ ଯୁକ୍ତ ଶ୍ରେଣୀଗୃହ, ଲାଇବ୍ରେରୀର ସ୍ୱୟଂକ୍ରିୟତା, ଇ-ଉତ୍ସଗୁଡ଼ିକର ଉପଲବ୍ଧତା, ପ୍ରେକ୍ଷାଳୟ ପର୍ଯ୍ୟାପ୍ତ ଶ୍ରେଣୀଗୃହ, କ୍ରୀଡ଼ା ସୁବିଧା, ଛାତ୍ରାବାସ (ବାଳକ ଏବଂ ବାଳିକାମାନଙ୍କ ପାଇଁ ପୃଥକ) ଏବଂ ଶୌଚାଳୟ (ବାଳକ ଏବଂ ବାଳିକାମାନଙ୍କ ପାଇଁ ପୃଥକ) । ବିଦ୍ୟମାନ କୋଠାବାଡ଼ିକୁ ଦିବ୍ୟାଙ୍ଗ ଉପଯୋଗୀ କରିବା ଇତ୍ୟାଦି ।

ଅଡିଟ୍ ସମୟରେ ଏହି ଦିଗଗୁଡ଼ିକ ମଧ୍ୟରୁ କେତେକ ମୂଲ୍ୟାଙ୍କନ କରାଯାଇଥିଲା ଏବଂ ସଂପୃକ୍ତ ପର୍ଯ୍ୟବେକ୍ଷଣଗୁଡ଼ିକ ନିମ୍ନ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

### 4.4.1 ଆଇସିଟିର ସୁବିଧା ଉପଲବ୍ଧତା

ଶିକ୍ଷା ଦାନରେ ଆଇସିଟିର ବ୍ୟବହାର ଏହି ରିପୋର୍ଟର ଅଧ୍ୟାୟ 3 ରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି । ଏହି ବିଭାଗରେ ଆମେ ଇନପୁଟ୍ ଗୁଡ଼ିକର ଉପଲବ୍ଧତା ବିଷୟରେ ଆଲୋଚନା କରିଛୁ ଯାହା ଅଧ୍ୟାପକ ମାନଙ୍କୁ ଶିକ୍ଷା ପ୍ରଦାନର ଏକ ଉପକରଣ ଭାବରେ ଆଇସିଟି ବ୍ୟବହାର ହୋଇପାରିବେ । ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରକ୍ରିୟା ସମୟରେ ନାକ୍ ଦ୍ୱାରା ବ୍ୟବହୃତ ଏହା ହେଉଛି ଏକ ପ୍ରମୁଖ ସୂଚକ ।

ପରୀକ୍ଷା ଯାଞ୍ଚ ସଂସ୍ଥାଗୁଡ଼ିକ ଦ୍ୱାରା 2018-19 ମଧ୍ୟରେ ଆଇସିଟି ବ୍ୟବହାର ଦ୍ୱାରା ଉନ୍ନତ ଶିକ୍ଷାଦାନ ପ୍ରଣାଳୀକୁ ***(i) ଶତକଡ଼ା ଶ୍ରେଣୀଗୃହ / ସେମିନାର ହଲ୍ ସହିତ ସ୍ମାର୍ଟ କ୍ଲାସ୍, ଲର୍ଣ୍ଣିଂ, ମ୍ୟାନେଜମେଣ୍ଟ ସିଷ୍ଟମ୍ ଇତ୍ୟାଦି ସହିତ ଆଇଟି ଏବଂ (ii) ଛାତ୍ର କମ୍ପ୍ୟୁଟର ଅନୁପାତ ଉତ୍ସାହିତ କରିବା ପାଇଁ କରାଯାଇଥିବା ପ୍ରୟାସର ମୂଲ୍ୟାଙ୍କନ କରିବାକୁ ଏକ ସୂଚକ ବ୍ୟବହାର କରାଯାଇଥିଲା (ପରିଶିଷ୍ଟ 2 ର କ୍ରମିକ ସଂଖ୍ୟା 17 ଏବଂ 18)***।

#### 4.4.1.1 ଆଇସିଟି ସକ୍ଷମ ଶ୍ରେଣୀଗୃହ

ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାର ଅନୁଚ୍ଛେଦ 21.265 ସ୍ମାର୍ଟ ଶ୍ରେଣୀଗୃହ ବ୍ୟବସ୍ଥିତ ଇଣ୍ଟରାକ୍ଟିଭ୍ ଭିଡିଓ କନଫରେନ୍ସିଂ ସୁବିଧା ସହିତ ଶ୍ରେଣୀଗୃହ ସ୍ଥାପନ, ମେଟା ବିଶ୍ୱବିଦ୍ୟାଳୟ ଏବଂ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସଂଯୋଗ କରି ଉଚ୍ଚଶିକ୍ଷାରେ ଆଇସିଟି ବ୍ୟବହାର ଉପରେ ଗୁରୁତ୍ୱ ଦେଇଥାଏ । ଏଥିସହ ସ୍ମାର୍ଟ ଶ୍ରେଣୀଗୃହ ସ୍ଥାପନ

ପାଇଁ ରାଜ୍ୟ ସରକାର ସରକାରୀ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ମଧ୍ଯ ପ୍ରଦାନ କରୁଛନ୍ତି । ଦୁଇଟି ପରୀକ୍ଷା ଯାଞ୍ଚ ବିଶ୍ୱବିଦ୍ୟାଳୟରେ ଆଇଟି ସକ୍ଷମ ଶ୍ରେଣୀଗୃହର ସ୍ଥିତି ନିମ୍ନ ସାରଣୀରେ ଦିଆଯାଇଛି :

*ସାରଣୀ 4.8: ପରୀକ୍ଷା ଯାଞ୍ଚ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଆଇସିଟି ସକ୍ଷମ ଶ୍ରେଣୀଗୃହ*

| ବିଶ୍ୱବିଦ୍ୟାଳୟ ନାମ | ଶ୍ରେଣୀଗୃହର ସଂଖ୍ୟା | ଆଇସିଟି ସକ୍ଷମ ଶ୍ରେଣୀଗୃହ (ପ୍ରତିଶତ) | ମାର୍ଚ୍ଚ 2019 ସୁଦ୍ଧା ଛାତ୍ର ସଂଖ୍ୟା | କମ୍ପ୍ୟୁଟର ସଂଖ୍ୟା | ଛାତ୍ର-କମ୍ପ୍ୟୁଟର ଅନୁପାତ |
|---|---|---|---|---|---|
| ଉତ୍କଳ ବିଶ୍ୱବିଦ୍ୟାଳୟ | 103 | 60 (58) | 2293 | 461 | 5:1 |
| ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ | 45 | 20 (45) | 780 | 200 | 4:1 |

*(ଉତ୍ସ: ପରୀକ୍ଷା ଯାଞ୍ଚ ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ୱାରା ପ୍ରଦତ୍ତ ତଥ୍ୟ)*

ଉପରୋକ୍ତ ସାରଣୀରୁ ଜଣାପଡ଼ିଲା ଯେ ନାକ୍ ର 10:1 ମାନାଦର୍ଶ ତୁଳନାରେ ଉଭୟ ବିଶ୍ୱବିଦ୍ୟାଳୟରେ ପର୍ଯ୍ୟାପ୍ତ ସଂଖ୍ୟକ କମ୍ପ୍ୟୁଟର ଉପଲବ୍ଧ ଥିଲା । ତଥାପି, ବିଶ୍ୱବିଦ୍ୟାଳୟ ଗୁଡ଼ିକ ଆଇସିଟି ସକ୍ଷମ ଶ୍ରେଣୀଗୃହ ସମ୍ବନ୍ଧରେ ସର୍ବାଧିକ ଗ୍ରେଡ୍ ପଏଣ୍ଟ ପାଇବାରେ ବିଫଳ ହୋଇଥିଲେ କାରଣ ସେମାନେ 80 ପ୍ରତିଶତରୁ ଅଧିକ ଆଇଟି ସକ୍ଷମ ଶ୍ରେଣୀଗୃହର ନାକ୍ ଆଦର୍ଶ ହାସଲ କରିପାରି ନଥିଲେ ।

ଉଭୟ ବିଶ୍ୱବିଦ୍ୟାଳୟର ନମୁନା ଯାଞ୍ଚ ମହାବିଦ୍ୟାଳୟ ଗୁଡ଼ିକରେ 504 ଶ୍ରେଣୀଗୃହ ମଧ୍ୟରୁ 449 ଟି(89 ପ୍ରତିଶତ)ଆଇସିଟି ସକ୍ଷମ ହୋଇନଥିଲା ଏବଂ 805 ଜଣ ଶିକ୍ଷକଙ୍କ ମଧ୍ୟରୁ 687 (85 ପ୍ରତିଶତ) ଶ୍ରେଣୀଗୃହରେ ଆଇସିଟି ଉପକରଣ ବ୍ୟବହାର କରୁନଥିଲେ ଯାହା ଛାତ୍ରମାନଙ୍କୁ ଆଇସିଟି ବ୍ୟବହାର ସହିତ ପରିଚିତ କରାଇବା ଏବଂ ଆଧୁନିକ ଶିକ୍ଷାଦାନ ପଦ୍ଧତିରୁ ବଞ୍ଚିତ କରିଥିଲା । ଅଧିକନ୍ତୁ, 11 ଟି ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ବ୍ୟବହାର ପାଇଁ କୌଣସି ଆଇଟି ଭିତ୍ତିଭୂମି ନଥିଲା ଏବଂ ଅବଶିଷ୍ଟ 21 ଟି ମହାବିଦ୍ୟାଳୟରେ ଉପଲବ୍ଧ ପିସି ସଂଖ୍ୟା ଦୁଇ ରୁ 87 ମଧ୍ୟରେ ରହିଥିଲା । ଏହି ମହାବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀ ଓ କମ୍ପ୍ୟୁଟର ଅନୁପାତ 15:1 ରୁ 516:1 ***(ପରିଶିଷ୍ଟ 3)*** ମଧ୍ୟରେ ଥିଲା ଏବଂ ଏଥିରେ ଯଥେଷ୍ଟ ଉନ୍ନତି ହେବା ଆବଶ୍ୟକ ।

ଏହିପରି ଭାବରେ ସମସ୍ତ ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ ଗୁଡ଼ିକ ଆଇସିଟି ସୁବିଧା ପର୍ଯ୍ୟାପ୍ତ ପରିମାଣରେ ସଜ୍ଜିତ ହୋଇନଥିଲେ ଏବଂ ନାକ୍ ସ୍ୱୀକୃତି ମାନ୍ୟତା ହାସଲ କରିବା ତଥା ଆଧୁନିକ ଶିକ୍ଷାଦାନ ପ୍ରଣାଳୀ ବ୍ୟବହାର ଦ୍ୱାରା ଶିକ୍ଷା ଦାନରେ ଗୁଣାତ୍ମକ ଉନ୍ନତି ହାସଲ ଠାରୁ ବହୁ ଦୂରରେ ଥିଲେ ।

### 4.4.2 କୋଠା, ପାଠାଗାର ଇତ୍ୟାଦିର ଉପଲବ୍ଧତା




*ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକ୍ଷମ ନଥିବା ଆର୍ଏଫ୍ଆଇଡି ବ୍ୟବସ୍ଥା*

କୋଠା, ଶ୍ରେଣୀଗୃହ, ପରୀକ୍ଷାଗାର ଏବଂ ଯନ୍ତ୍ରପାତି ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକରେ ଶିକ୍ଷଣ ପରିବେଶର ଗୁରୁତ୍ୱପୂର୍ଣ୍ଣ ଉପାଦାନ । ୟୁଜିସି (ବିଶ୍ୱବିଦ୍ୟାଳୟ ଦ୍ୱାରା ମହାବିଦ୍ୟାଳୟ ଗୁଡ଼ିକର ଅନୁବନ୍ଧ) ରେଗୁଲେସନ, 2009 ଅନୁଯାୟୀ ମହାବିଦ୍ୟାଳୟ ଗୁଡ଼ିକର ଅନୁବନ୍ଧ ପାଇଁ ୟୁଜିସି ଦ୍ୱାରା ସ୍ଥିର କରାଯାଇଥିବା ମାନାଦର୍ଶ ଆଧାରରେ ଭିତ୍ତିଭୂମିର ପର୍ଯ୍ୟାପ୍ତତାକୁ ମୂଲ୍ୟାଙ୍କନ କରାଯାଇଥିଲା । ଏହି ରେଗୁଲେସନ, କୋଠା, ଗ୍ରନ୍ଥାଗାର ଓ ପରୀକ୍ଷାଗାର ଇତ୍ୟାଦିର ଆବଶ୍ୟକତା ଉଲ୍ଲେଖିତ କରେ ।

ଅଡିଟ୍ ଦେଖିଲେ ଯେ ଉଭୟ ଉତ୍କଳ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ପର୍ଯ୍ୟାପ୍ତ ଶ୍ରେଣୀ କୋଠରୀ ଏବଂ ପରୀକ୍ଷାଗାର ସୁବିଧା ରହିଛି । ଏହି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଉପଯୁକ୍ତ ଗ୍ରନ୍ଥାଗାର[12] ସୁବିଧା ଅଭାବଥିଲା ଏବଂ ଗ୍ରନ୍ଥାଗାରଗୁଡ଼ିକ କମ୍ପ୍ୟୁଟରୀକରଣ ହୋଇନଥିଲା । ଉପଭୋକ୍ତା ଚିହ୍ନଟ, ଚୋରି ସୁରକ୍ଷା ଏବଂ ପୁସ୍ତକ କାରବାରର ସ୍ୱୟଂଚାଳିତ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ କୌଣସି ରେଡିଓ ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେସନ୍

[12] ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ପାଇଁ ଉଭୟ ଅଫଲାଇନ୍ ଏବଂ ଅନଲାଇନ ବହି, ସାମୟିକ ପତ୍ରିକା, ପତ୍ରିକାର ଉପଲବ୍ଧତା, ଗ୍ରନ୍ଥାଗାରଗୁଡ଼ିକର କମ୍ପ୍ୟୁଟରୀକରଣ, ଉପଭୋକ୍ତା ଚିହ୍ନଟ ପାଇଁ ଆରଏଫ୍ଆଇଡି ସିଷ୍ଟମର ବ୍ୟବହାର ଇତ୍ୟାଦି

ଡିଭାଇସ୍ (ଆରଏଫ୍ଆଇଡି) ବ୍ୟବସ୍ଥା ନଥିଲା । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଯଦିଓ ଏକ ଆରଏଫ୍ଆଇଡି ସିଷ୍ଟମ କ୍ରୟ କରାଯାଇଥିଲା ତାହା ମାର୍ଚ୍ଚ 2018 ଠାରୁ ଅଚଳ ହୋଇଯାଇଥିଲା ।

ୟୁଜିସି ନିର୍ଦ୍ଦେଶାବଳୀ (2009) ନିର୍ଦ୍ଦିଷ୍ଟ କରେ ଯେ ଶ୍ରେଣୀଗୃହ ପାଇଁ ପ୍ରତି ଛାତ୍ରଙ୍କ ପାଇଁ ସର୍ବନିମ୍ନ 15 ବର୍ଗଫୁଟ ଉପଲବ୍ଧ ହେବା ଉଚିତ୍ । ଏହି ପରିପ୍ରେକ୍ଷୀରେ ଏହା ଦର୍ଶାଯାଇଛି ଯେ 32 ଟି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ ମଧ୍ୟରୁ 10 ଟିରେ ପର୍ଯ୍ୟାପ୍ତ ଶ୍ରେଣୀଗୃହ ନାହିଁ ।

ସମସ୍ତ 22 ଟି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ ଯେଉଁ ଗୁଡ଼ିକରେ ବିଜ୍ଞାନ ଷ୍ଟ୍ରିମ୍ ଥିଲା, ସେଠାରେ ଆବଶ୍ୟକ ପରୀକ୍ଷାଗାର ରହିଥିଲା ।

### *4.4.2.1 ଭିନ୍ନକ୍ଷମ ଛାତ୍ରମାନଙ୍କ ପାଇଁ ଶାରୀରିକ ଭିତ୍ତିଭୂମି*

ଶାରୀରିକ ଅକ୍ଷମ ବ୍ୟକ୍ତି (ପିଡବ୍ଲୁଡି) ଅଧିନିୟମ, 1995 ସୂଚାଇଥାଏ ଯେ ଶାରୀରିକ ଅକ୍ଷମ ବ୍ୟକ୍ତିମାନେ ସମସ୍ତ ସ୍ତରରେ ଶିକ୍ଷା ପାଇପାରିବେ । ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ଅଧୀନରେ ଜାରି କରାଯାଇଥିବା ଉଚ୍ଚଶିକ୍ଷାରେ ଅନ୍ତର୍ଭୁକ୍ତ ଏବଂ ଗୁଣାତ୍ମକ ବିସ୍ତାର ଉପରେ ରିପୋର୍ଟର ପାରା 2.2.2(ଗ) ମୌଳିକ ଭିତ୍ତିଭୂମି ସୁବିଧାରେ ଉନ୍ନତି ଆଣିବାକୁ ଯୋଜନା କରିଛି ଯାହା ଉଚ୍ଚଶିକ୍ଷାର ସମସ୍ତ ଶିକ୍ଷାନୁଷ୍ଠାନରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପ୍ରବେଶକୁ ସକ୍ଷମ କରିବ । ଅଧିକନ୍ତୁ, ଏକ ଅନୁଷ୍ଠାନର ସ୍ୱୀକୃତି ସମୟରେ, ନାକ୍ ଅନୁଷ୍ଠାନରେ ଲିଫ୍ଟ, ରାମ୍ପ/ ରେଲ୍, ବ୍ରେଲି ସଫ୍ଟୱେୟାର୍, ବିଶ୍ରାମ ଗୃହ, ପରୀକ୍ଷା ପାଇଁ ପ୍ରତିଲିପି ଲେଖକ, ଦକ୍ଷତା ବିକାଶ ଇତ୍ୟାଦି ଶାରୀରିକ ସୁବିଧା ଉପଲବ୍ଧତାକୁ ବିଚାର କରେ ।

ରୁସା ଗାଇଡଲାଇନ୍ (2013-18) ରେ ଅକ୍ଷମ ମାନଙ୍କର ପହଞ୍ଚ ପାଇଁ ସମସ୍ତ ବିଦ୍ୟମାନ ଅଟ୍ଟାଳିକାକୁ ଅକ୍ଷମତା ଅନୁକୂଳ, ଅକ୍ଷମ ଛାତ୍ରମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା/ ଯନ୍ତ୍ରପାତି ସୁନିଶ୍ଚିତ କରିବା, ପରିସରକୁ ଅକ୍ଷମତା ଅନୁକୂଳ କରିବା ଏବଂ ସ୍ୱତନ୍ତ୍ର ସୁବିଧା/ ଉପକରଣ ଯୋଗାଇବା ପାଇଁ ଅକ୍ଷମତା-ଅନୁକୂଳ ଅଟ୍ଟାଳିକାରେ ରୂପାନ୍ତର କରିବାକୁ ଯୋଜନା କରାଯାଇଥିଲା ।

ଓଡ଼ିଶାରେ ଶାରୀରିକ ଅକ୍ଷମ ଛାତ୍ରଛାତ୍ରୀଙ୍କ ସଂଖ୍ୟା ନିମ୍ନ ସାରଣୀରେ ଦିଆଯାଇଛି :

*ସାରଣୀ 4.9: ଓଡ଼ିଶାରେ ଭିନ୍ନକ୍ଷମ (ଶାରୀରୀକ ଅକ୍ଷମ ବ୍ୟକ୍ତି) ଛାତ୍ରଛାତ୍ରୀଙ୍କ ସଂଖ୍ୟା ଦର୍ଶାଉଥିବା ବିବୃତ୍ତି*

| ବର୍ଷ | ପୁରୁଷ | ମହିଳା | ମୋଟ |
|---|---|---|---|
| 2014-15 | 661 | 389 | 1050 |
| 2015-16 | 757 | 517 | 1274 |
| 2016-17 | 961 | 520 | 1481 |
| 2017-18 | 967 | 600 | 1567 |
| 2018-19 | 1158 | 803 | 1961 |

*(ଉତ୍ସ: ଏଆଇଏସଏଚଇ ରିପୋର୍ଟ)*

ଅଡିଟ୍ ଦେଖିଲେ ଯେ ଯଦିଓ ଉଚ୍ଚଶିକ୍ଷା ଅନୁଷ୍ଠାନରେ ପିଡବ୍ଲୁଡି ଛାତ୍ରଛାତ୍ରୀଙ୍କ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଉଛି, ତଥାପି ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ସେମାନଙ୍କ ପାଇଁ ଆବଶ୍ୟକ ସୁବିଧା ଯୋଗାଇ ନଥିଲେ । ପରୀକ୍ଷା ଯାଞ୍ଚ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ପିଡବ୍ଲୁଡି ପାଇଁ ଭିତ୍ତିଭୂମି ଉପଲବ୍ଧତା ନିମ୍ନରେ ଆଲୋଚନା କରାଯାଇଛି:

#### *ଉତ୍କଳ ବିଶ୍ୱବିଦ୍ୟାଳୟ*

ବିଶ୍ୱବିଦ୍ୟାଳୟ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ପ୍ରାୟ 80 ପ୍ରତିଶତ କୋଠା ଅକ୍ଷମତା ଅନୁକୂଳ ଥିଲା । ଅଡିଟ୍ 27 ଟି ବିଭାଗ ମଧ୍ୟରୁ ନଅଟି ବିଭାଗ[13] ଯାଞ୍ଚ କରିଛି, ଯାହାର ନିଜସ୍ୱ ଅଲଗା ଅଲଗା କୋଠା ଥିଲା ଏବଂ ଛଅଟି ବିଭାଗରେ (ଉଦ୍ଭିଦ ବିଜ୍ଞାନ, ରସାୟନ ବିଜ୍ଞାନ, ଲାଇବ୍ରେରୀ ଏବଂ ସୂଚନା ବିଜ୍ଞାନ, ଇଂରାଜୀ, ଓଡ଼ିଆ ଏବଂ ପବ୍ଲିକ୍ ଆଡମିନିଷ୍ଟ୍ରେସନ) ପିଡବ୍ଲୁଡି ଛାତ୍ରମାନଙ୍କ ପାଇଁ ରାମ୍ପ, ଲିଫ୍ଟ, ବିଶ୍ରାମ କକ୍ଷ, ବ୍ରେଲି ସଫ୍ଟୱେୟାର, ଉପଲବ୍ଧ

[13] ରସାୟନ ବିଜ୍ଞାନ, ଓଡ଼ିଆ, ୟୁଡିପିଏସ୍, ଉଦ୍ଭିଦ ବିଜ୍ଞାନ, ଲାଇବ୍ରେରୀ ଏବଂ ସୂଚନା ବିଜ୍ଞାନ, ସାଧାରଣ ପ୍ରଶାସନ, ପ୍ରାଣୀ ବିଜ୍ଞାନ, ପଦାର୍ଥ ବିଜ୍ଞାନ ଏବଂ ଏଲଏଲଏମ୍

ୱେବସାଇଟ୍ ଇତ୍ୟାଦିର କୌଣସି ସୁବିଧା ଉପଲବ୍ଧ ନଥିଲା । ଏହା ସୂଚାଇ ଦିଏ ଯେ ବିଶ୍ୱବିଦ୍ୟାଳୟରେ ପିଡବ୍ଲୁଡି ଛାତ୍ରଛାତ୍ରୀମାନଙ୍କ ପାଇଁ ଭୌତିକ ଭିତ୍ତିଭୂମି ପର୍ଯ୍ୟାପ୍ତ ନୁହେଁ ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ବିଶ୍ୱବିଦ୍ୟାଳୟ ଭିନ୍ନ କ୍ଷମତା ଆଇନ୍ 1995, ରୁସା ନିର୍ଦ୍ଦେଶାବଳୀ ଏବଂ ସରକାରଙ୍କ ନିର୍ଦ୍ଦେଶାବଳୀ ପାଳନ କରିବାକୁ ସୁନିଶ୍ଚିତ କରିଥିଲା ।

*ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ*

ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ନାକ୍/ ୟୁଜିସି ନିର୍ଦ୍ଦେଶାବଳୀ ଅନୁଯାୟୀ ଅବଶିଷ୍ଟ 40 ପ୍ରତିଶତ ଅଟ୍ଟାଳିକାରେ ପର୍ଯ୍ୟାପ୍ତ ଅକ୍ଷମତା ଅନୁକୂଳ ଭିତ୍ତିଭୂମି ଉପଲବ୍ଧ ହୋଇନଥିବା ବେଳେ 60 ପ୍ରତିଶତ କୋଠା ଅକ୍ଷମତା-ଅନୁକୂଳ ଥିଲା ।

*ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟସମୂହ*

32 ଟି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ ଗୁଡ଼ିକରେ ଲିଫ୍ଟ, ବ୍ରେଲି/ ସାଇନ୍ ବୋର୍ଡ, ଅଡିଓ ବୁକ୍, ସାଇନ୍ ଭାଷା, ଉପଲବ୍ଧ ୱେବସାଇଟ୍ ପିଡବ୍ଲୁଡି ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ ନଥିଲା । କେବଳ ଆଠଟି ମହାବିଦ୍ୟାଳୟରେ ରାମ୍ପ ଉପଲବ୍ଧ ଥିଲା, ତିନିଟି ମହାବିଦ୍ୟାଳୟରେ ବିଶ୍ରାମ କକ୍ଷ ଏବଂ କେବଳ ଦୁଇଟି ମହାବିଦ୍ୟାଳୟରେ ଉପଲବ୍ଧ ଅଧ୍ୟୟନ ସାମଗ୍ରୀ ପାଇଁ ସୁବିଧା ଥିଲା ।

ଅଧିକନ୍ତୁ, 32 ଟି ମହାବିଦ୍ୟାଳୟ ମଧ୍ୟରୁ କେବଳ ନଅଟି ମହାବିଦ୍ୟାଳୟରେ 216 ଜଣ ପିଡବ୍ଲୁଡି ଛାତ୍ରଛାତ୍ରୀ ଥିଲେ । ନଅଟି ମହାବିଦ୍ୟାଳୟ ମଧ୍ୟରୁ ତିନିଟି ମହାବିଦ୍ୟାଳୟରେ[14] 60 ଜଣ ପିଡବ୍ଲୁଡି ଛାତ୍ରଛାତ୍ରୀ ଥିଲେ କିନ୍ତୁ ସେମାନଙ୍କ ପାଇଁ କୌଣସି ସୁବିଧା ନଥିଲା ଏବଂ ଛଅଟି ମହାବିଦ୍ୟାଳୟରେ କେବଳ ରାମ୍ପ ରହିଥିଲା ଏବଂ ପରୀକ୍ଷା ସମୟରେ ପ୍ରତିଲିପି ଲେଖକ ମାନଙ୍କୁ ଅନୁମତି ଦିଆଯାଇଥିଲା ।

ତେଣୁ, ରାଜ୍ୟରେ ଥିବା ଉଚ୍ଚଶିକ୍ଷା ଅନୁଷ୍ଠାନ ମାନେ ଉଚ୍ଚଶିକ୍ଷାର ସମସ୍ତ ଶିକ୍ଷାନୁଷ୍ଠାନକୁ ପ୍ରବେଶ କରିବାକୁ ସକ୍ଷମ ହେବା ପାଇଁ ପିଡବ୍ଲୁଡି ମାନଙ୍କୁ ମୌଳିକ ଭିତ୍ତିଭୂମି ସୁବିଧା ଯୋଗାଇବା ପାଇଁ ସନ୍ତୋଷଜନକ ପ୍ରୟାସ କରୁନଥିଲେ ଏବଂ ଏହିପରି ଶିକ୍ଷା କ୍ଷେତ୍ରରେ ସମାନତାର ଆଶାନ୍ୱିତ ଫଳାଫଳ ହାସଲ କରିପାରିନଥିଲେ ।

### *4.4.3 ଭିତ୍ତିଭୂମି ପାଇଁ ଅର୍ଥ ପ୍ରଦାନ*

ରାଜ୍ୟ ସରକାରଙ୍କ ଉଦ୍ୟମକୁ ତ୍ୱରାନ୍ୱିତ ଏବଂ ସମର୍ଥନ କରି ଉଚ୍ଚଶିକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ଅଭାବ ପୂରଣ ପାଇଁ ଆରୟୁଏସଏ ମାଧ୍ୟମରେ ଅର୍ଥ ପ୍ରଦାନ କରାଯାଇଥିଲା । ନୂତନ ନିର୍ମାଣ, ନବୀକରଣ କିମ୍ବା ଯନ୍ତ୍ରପାତି କ୍ରୟ ମାଧ୍ୟମରେ ବିଦ୍ୟମାନ ଭିତ୍ତିଭୂମିର ନବୀକରଣ ପାଇଁ ଏହା ବିଶ୍ୱବିଦ୍ୟାଳୟ  ଏବଂ ମହାବିଦ୍ୟାଳୟ ଗୁଡ଼ିକୁ ଭିତ୍ତିଭୂମି ଅନୁଦାନ ପ୍ରଦାନ କରେ । ସେମାନଙ୍କ ବିଦ୍ୟମାନ ମହାବିଦ୍ୟାଳୟ ଭବନର ଉନ୍ନତି, ସ୍ମାର୍ଟ ଶ୍ରେଣୀଗୃହ ପ୍ରତିଷ୍ଠା ଏବଂ କମ୍ପ୍ୟୁଟର କ୍ରୟ ପାଇଁ ରାଜ୍ୟ ସରକାର ମଧ୍ୟ ମହାବିଦ୍ୟାଳୟଗୁଡ଼ିକୁ ପାଣ୍ଠି ଯୋଗାନ୍ତି । ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରକ୍ରିୟା ସମୟରେ ନାକ ଦ୍ୱାରା ବ୍ୟବହୃତ ସୂଚକମାନଙ୍କ ମଧ୍ୟରୁ ଏହା ମଧ୍ୟ ଅନ୍ୟତମ ।

ଏହ ପରିପ୍ରେକ୍ଷୀରେ ପରୀକ୍ଷା ଯାଞ୍ଚ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରୟାସକୁ ମୂଲ୍ୟାଙ୍କନ କରିବା ପାଇଁ ***2014-19 (ପରିଶିଷ୍ଟ 2 ର କ୍ରମିକ ସଂଖ୍ୟା 19) ମଧ୍ୟରେ ଦରମାକୁ ଛାଡ଼ି ଭିତ୍ତିଭୂମି ବୃଦ୍ଧି ପାଇଁ ବଜେଟ୍ ଆବଣ୍ଟନର ହାରାହାରି ପ୍ରତିଶତ ଏକ ସୂଚକ ଭାବରେ ବ୍ୟବହୃତ ହୋଇଥିଲା***।

2014-19 ମଧ୍ୟରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟର ମୋଟ ବଜେଟ୍ ଆବଣ୍ଟନ (ଦରମାକୁ ବାଦ୍ ଦେଇ), ଭିତ୍ତିଭୂମି ଖର୍ଚ୍ଚ ଇତ୍ୟାଦିର ସ୍ଥିତି ନିମ୍ନ ସାରଣୀରେ ଦିଆଯାଇଛି :

[14] ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ପିଏନ୍ ମହାବିଦ୍ୟାଳୟ, ବୋଲଗଡ଼, ଭିଏନ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର ରୋଡ

*ସାରଣୀ 4.10: ଭିତ୍ତିଭୂମି ପାଇଁ ବଜେଟ୍ ଆବଣ୍ଟନ ଏବଂ ବ୍ୟୟ(ବେତନକୁ ବାଦ୍ ଦେଇ)*

*(ଟଙ୍କା କୋଟିରେ)*

| ବିଶ୍ୱବିଦ୍ୟାଳୟର ନାମ | ବର୍ଷ | ବଜେଟ୍ ଆବଣ୍ଟନ | ଖର୍ଚ୍ଚ | | ଦରମାକୁ ବାଦ୍ ଦେଇ ବଜେଟ୍ ଆବଣ୍ଟନ ସହିତ ଭିତ୍ତିଭୂମି ପାଇଁ ଖର୍ଚ୍ଚ (ପ୍ରତିଶତ) |
|---|---|---|---|---|---|
| | | ବଜେଟ୍ ଆବଣ୍ଟନ (ଦରମାକୁ ବାଦ୍ ଦେଇ) | ମୋଟ ଖର୍ଚ୍ଚ (ଦରମାକୁ ବାଦ୍ ଦେଇ) | ଭିତ୍ତିଭୂମି ପାଇଁ ଖର୍ଚ୍ଚ | |
| ଉତ୍କଳ ବିଶ୍ୱବିଦ୍ୟାଳୟ | 2014-15 | 77.18 | 32.47 | 11.67 | 15.12 |
| | 2015-16 | 50.33 | 43.46 | 14.84 | 29.48 |
| | 2016-17 | 37.51 | 35.44 | 10.07 | 26.84 |
| | 2017-18 | 50.90 | 40.86 | 6.93 | 13.61 |
| | 2018-19 | ପ୍ରସ୍ତୁତ ହୋଇନାହିଁ | | | |
| ହାରାହାରି | | 53.98 | 38.05 | 10.88 | 21.26 |
| ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ | 2014-15 | 106.49 | 20.40 | 14.43 | 13.55 |
| | 2015-16 | 101.53 | 13.96 | 6.14 | 6.05 |
| | 2016-17 | 99.13 | 23.75 | 9.45 | 9.53 |
| | 2017-18 | 136.09 | 17.66 | 9.57 | 7.03 |
| | 2018-19 | 142.36 | 19.57 | 9.18 | 6.45 |
| ହାରାହାରି | | **117.12** | **19.06** | **9.75** | **8.52** |

*(ଉତ୍ସ: ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦତ୍ତ ସୂଚନା)*

ଦୁଇଟି ପରୀକ୍ଷା ଯାଞ୍ଚ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟର ବିଶ୍ଳେଷଣରୁ ଜଣାପଡ଼ିଲା ଯେ 2014-19 ମଧ୍ୟରେ ଦରମାକୁ ବାଦ୍ ଦେଇ ମୋଟ ବଜେଟ ଆବଣ୍ଟନର ଭିତ୍ତିଭୂମି ଖର୍ଚ୍ଚ ହାରାହାରି ପ୍ରତିଶତ 21.26 ପ୍ରତିଶତ (ଉତ୍କଳ ବିଶ୍ୱବିଦ୍ୟାଳୟ) ଏବଂ 8.52 ପ୍ରତିଶତ (ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ) ଥିଲା।

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା 24 ଟି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ ମଧ୍ୟରୁ 16 ଟି ସୂଚନା ଦେଇଥିଲେ ଯେ ସମୁଦାୟ ବଜେଟ୍ ଆବଣ୍ଟନ (ବେତନକୁ ବାଦ୍ ଦେଇ) ତୁଳନାରେ ଭିତ୍ତିଭୂମି ଖର୍ଚ୍ଚର ହାରାହାରି ପ୍ରତିଶତ ତିନିରୁ 70 ପ୍ରତିଶତ ମଧ୍ୟରେ ରହିଥିଲା । ସେହିଭଳି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଆଠଟି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ ମଧ୍ୟରୁ ଚାରିଟି ମହାବିଦ୍ୟାଳୟର ତଥ୍ୟ ଅନୁଯାୟୀ ମୋଟ ବଜେଟ୍ ଆବଣ୍ଟନ (ବେତନକୁ ବାଦ ଦେଇ) ତୁଳନାରେ ଭିତ୍ତିଭୂମି ଖର୍ଚ୍ଚର ହାରାହାରି ପ୍ରତିଶତ 12 ରୁ 48 ପ୍ରତିଶତ ମଧ୍ୟରେ ଥିଲା।

ଯେଉଁ ସଂସ୍ଥାଗୁଡ଼ିକରେ ବିଗତ ପାଞ୍ଚ ବର୍ଷରେ ବଜେଟ୍ ଆବଣ୍ଟନର (ବେତନ ବ୍ୟତୀତ) 20 ପ୍ରତିଶତ ଓ ଅଧିକ ଭିତ୍ତିଭୂମି ବିକାଶ ପାଇଁ ବ୍ୟବସ୍ଥିତ ଥିଲା, ସେହି ସଂସ୍ଥାଗୁଡ଼ିକୁ ନାକ୍ ସର୍ବାଧିକ ସ୍କୋର ପ୍ରଦାନ କରିଥିଲେ । ତେଣୁ, ନାକ୍ ମାନଦଣ୍ଡ ଅନୁଯାୟୀ, ଉତ୍କଳ ବିଶ୍ୱବିଦ୍ୟାଳୟ ସର୍ବାଧିକ ମାର୍କ ପାଇବାକୁ ଯୋଗ୍ୟ ହୋଇଥିବାବେଳେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସର୍ବାଧିକ ମାର୍କ ହାସଲ କରିବାକୁ ଯୋଗ୍ୟ ବିବେଚିତ ହୋଇନଥିଲେ।

ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଭିତ୍ତିଭୂମିର ଅଯଥେଷ୍ଟ ବିକାଶ ଏହି ଶିକ୍ଷାନୁଷ୍ଠାନଗୁଡ଼ିକରେ ଦିଆଯାଉଥିବା ଉଚ୍ଚଶିକ୍ଷାର ଗୁଣବତ୍ତା ଉପରେ ପ୍ରଭାବ ପକାଇବା ସହିତ ଏହିପରି ଶିକ୍ଷାରୁ ଆଶା କରାଯାଉଥିବା ସୁବିଧାସୁଯୋଗକୁ ପ୍ରଭାବିତ କରିଥାଏ।

### ସଂକ୍ଷେପରେ ଏବଂ ସୁପାରିଶଗୁଡ଼ିକ

2011-19 ମଧ୍ୟରେ ଓଡ଼ିଶାର ମହାବିଦ୍ୟାଳୟ ସାନ୍ଦ୍ରତା 23 ରେ ସ୍ଥିର ରହିଥିଲା । ଓଡ଼ିଶା ସରକାର ନୂତନ ମହାବିଦ୍ୟାଳୟ ଖୋଲିବା ପାଇଁ କୌଣସି ମାଷ୍ଟର ପ୍ଲାନ ପ୍ରସ୍ତୁତ କରିନଥିଲେ କିମ୍ବା ଉଚ୍ଚଶିକ୍ଷା ଅଭାବ ଥିବା ଅଞ୍ଚଳ/ବ୍ଲକଗୁଡ଼ିକୁ ଚିହ୍ନଟ କରିବା ପାଇଁ କୌଣସି ଭୌଗୋଳିକ ମ୍ୟାପିଂ କରିନଥିଲେ । ଅଦିତ୍ ତାରିଖ ପର୍ଯ୍ୟନ୍ତ ତିନିଟି ଜିଲ୍ଲା ଏବଂ 263 ଟି ବ୍ଲକରେ ସରକାରୀ ଉଚ୍ଚଶିକ୍ଷା ଅନୁଷ୍ଠାନ ନଥିଲା । ରାଜ୍ୟରେ 19 ଟି ବ୍ଲକରେ କୌଣସି ପ୍ରକାରର ଉଚ୍ଚଶିକ୍ଷା ଅନୁଷ୍ଠାନ ନଥିଲା ଏବଂ ରାଜ୍ୟର ଗ୍ରାମାଞ୍ଚଳରେ କେବଳ 12 ପ୍ରତିଶତ ସରକାରୀ ମହାବିଦ୍ୟାଳୟ ବିଦ୍ୟମାନ ଥିଲା, ଯାହା ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ଅସମାନ ବିସ୍ତାରର ଉଦାହରଣ।

2014-15 ଏବଂ 2018-19 ମଧ୍ୟରେ ଜିଇଆରରେ ସାମାନ୍ୟ ବୃଦ୍ଧି ପଞ୍ଜିକୃତ ହୋଇଛି (4.4 ରୁ) ଯାହା ରାଜ୍ୟ ସରକାର ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନଙ୍କ ଦ୍ୱାରା ଅଧିକ ସ୍ଥାୟୀ ପ୍ରୟାସର ଆବଶ୍ୟକତା ଦର୍ଶାଉଛି । ଏସ୍‌ସି ଏବଂ ଏସ୍‌ଟି ବର୍ଗର ଜିଇଆର ଯଥାକ୍ରମେ 20 ଏବଂ 12.8 ଥିଲା ଯାହାକି ରାଜ୍ୟ ଜିଇଆର 22.1 ଠାରୁ କମ୍ ଥିଲା । ରାଜ୍ୟର ଛଅଟି ଜିଲ୍ଲାରେ 15 ଟି ବ୍ଲକ ଥିଲା ଯେଉଁଠାରେ ଏସ୍‌ସି/ଏସ୍‌ଟି ଜନସଂଖ୍ୟା 60 ପ୍ରତିଶତରୁ ଅଧିକ ଥିଲା କିନ୍ତୁ ସେଠାରେ କୌଣସି ଡିଗ୍ରୀ ମହାବିଦ୍ୟାଳୟ ନଥିଲା ।

ସରକାର ମଧ୍ୟ ଜିଇଆର କେବଳ ଏଆଇଏସଏଚଇ ଉପରେ ନିର୍ଭରଶୀଳ ଥିଲେ ଏବଂ ଜିଇଆର ପର୍ଯ୍ୟାଲୋଚନା କିମ୍ବା ହିସାବ କରିବାର ନିଜସ୍ୱ କାର୍ଯ୍ୟ ପ୍ରଣାଳୀ ନଥିଲା । କେବଳ ଛଅଟି ପରୀକ୍ଷା ଯାଞ୍ଚ ଏଚଇଆଇ ଲିଙ୍ଗଗତ ସମାନତା ପ୍ରୋତ୍ସାହନମୂଳକ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ୟୁଜିସି ଗାଇଡଲାଇନ୍‌କୁ ଉଲ୍ଲଙ୍ଘନ କରି ବିଶ୍ୱବିଦ୍ୟାଳୟଗୁଡ଼ିକ ଏହାର ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡ଼ିକ ପାଇଁ ଦେୟ ପ୍ରଣାଳୀକୁ ଅନୁମୋଦନ କରିନଥିଲେ ଯାହା ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷାର ସମାନ ସୁବିଧାକୁ ବାରଣ କରି ସରକାରୀ ଏବଂ ବେସରକାରୀ ଉଚ୍ଚଶିକ୍ଷା ଅନୁଷ୍ଠାନର ଦେୟ ପ୍ରଣାଳୀ ମଧ୍ୟରେ ଏକ ବୃହତ ପାର୍ଥକ୍ୟ ସୃଷ୍ଟି କରିଥିଲା ।

ପିଡବ୍ଲୁଡି ପାଇଁ ରାମ୍ପ ଭଳି ଭିତ୍ତିଭୂମି ସୁବିଧା କେବଳ ଆଠଟି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟରେ ଉପଲବ୍ଧ ଥିଲା ଏବଂ କୌଣସି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟରେ ବ୍ରେଲି ସାଇନ୍ ବୋର୍ଡ, ଅଡିଓ ବୁକ୍, ସାଇନ୍ ଭାଷା, ଉପଲବ୍ଧ ୱେବ୍‌ସାଇଟ୍ ଇତ୍ୟାଦି ଉପଲବ୍ଧ ନଥିଲା । ମୋଟ ବଜେଟ୍ ଆବଣ୍ଟନ ସହିତ ଭିତ୍ତିଭୂମି ସୃଷ୍ଟି ପାଇଁ ଖର୍ଚ୍ଚ ବିଶେଷ ଭାବରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ କମ୍ ରହିଥିଲା ।

***ସୁପାରିଶ*:**

- ଜିଇଆରର ଉନ୍ନତି ପାଇଁ ରାଜ୍ୟ ସରକାର ଏକ ବିସ୍ତୃତ ମୂଲ୍ୟାଙ୍କନ କରିପାରିବେ ଏବଂ ଗ୍ରାମାଞ୍ଚଳ-ସହରାଞ୍ଚଳ ବିଭେଦ ତଥା ଉଚ୍ଚଶିକ୍ଷା କ୍ଷେତ୍ରରେ ଅସମାନତାକୁ ଦୂର କରିବା ପାଇଁ ଉଚ୍ଚଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା ପାଇଁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିପାରନ୍ତି ।
- ବିଶେଷ ଭାବରେ ଯେଉଁ ଅଞ୍ଚଳ ସରକାରୀ ଉଚ୍ଚଶିକ୍ଷା ଅନୁଷ୍ଠାନରୁ ବଞ୍ଚିତ ଏବଂ ବେସରକାରୀ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ ଉପରେ ନିର୍ଭରଶୀଳ, ସେଠାରେ ଉଚ୍ଚଶିକ୍ଷାକୁ ସୁଲଭ କରିବା ପାଇଁ ରାଜ୍ୟ ସରକାର ବେସରକାରୀ ମହାବିଦ୍ୟାଳୟଗୁଡ଼ିକର ଦେୟ ପ୍ରଣାଳୀକୁ ନିୟନ୍ତ୍ରିତ କରିପାରିବେ ।
- ଗୁଣାତ୍ମକ ଶିକ୍ଷା ଦେବା ପାଇଁ ସରକାରୀ ଏବଂ ବେସରକାରୀ ମହାବିଦ୍ୟାଳୟଗୁଡ଼ିକୁ ବିଶେଷତଃ ଦିବ୍ୟାଙ୍ଗମାନଙ୍କ ପାଇଁ ରାଜ୍ୟ ସରକାର ମୌଳିକ ଭିତ୍ତିଭୂମି ସୁବିଧା ଯୋଗାଇଦେବା ବିଚାର କରିପାରନ୍ତି ।
- ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ଭିତ୍ତିଭୂମି ସୃଷ୍ଟି ପାଇଁ ପ୍ରଦାନ କରାଯାଉଥିବା ଅର୍ଥକୁ କେବଳ ସେହି ଉଦ୍ଦେଶ୍ୟରେ ଓ ଅଗ୍ରାଧିକାର ଭିତ୍ତିରେ ବିନିଯୋଗ କରିବା ବିଧେୟ ।

# ଅଧ୍ୟାୟ 5

# ଶାସନ ଏବଂ ପରିଚାଳନା

# ଅଧ୍ୟାୟ 5
# ଶାସନ ଏବଂ ପରିଚାଳନା

ନେତୃତ୍ୱ ଏବଂ ଶାସନ ଉଚ୍ଚଶିକ୍ଷା ଅନୁଷ୍ଠାନ(ଏଚଇଆଇ)ଗୁଡ଼ିକର ସମସ୍ତ ଦିଗକୁ ଗଭୀର ଭାବରେ ପ୍ରଭାବିତ କରିଥାଏ । ଯଦିଓ ନିଜ ଭିତରେ ଉତ୍ତମ ଶାସନ ଏବଂ ପରିଚାଳନା ଉଚ୍ଚଶିକ୍ଷାରେ ହାସଲ ହେବାକୁ ଥିବା ଫଳାଫଳ ନୁହେଁ, ଏହିପରି ଫଳାଫଳ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସମସ୍ତ ପ୍ରୟାସର ଫଳପ୍ରଦତା ନିର୍ଣ୍ଣୟ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ବିଶ୍ୱାସ କରାଯାଏ ଯେ ଗୁଣାତ୍ମକ ଶିକ୍ଷା ଏବଂ ଅନୁସନ୍ଧାନ ଏକ ପୋଷଣ ସଂସ୍କୃତିରେ ବୌଦ୍ଧିକ ଉଦ୍ଭାବନ ଆବଶ୍ୟକ କରେ ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ଶାସନ ବ୍ୟବସ୍ଥା ଏହି ସଂସ୍କୃତି ନିର୍ଣ୍ଣୟ କରେ ।

ଉଚ୍ଚଶିକ୍ଷା ଅନୁଷ୍ଠାନ ଶାସନ ବ୍ୟବସ୍ଥାର ବିଭିନ୍ନ ଉପାଦନ ଏବଂ ପଦ୍ଧତି ମାଧ୍ୟମରେ ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କରେ ଶାସନ ଏବଂ ପରିଚାଳନାର ସ୍ଥିତି ଏବଂ ମନୋନୀତ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ସେଗୁଡ଼ିକ କେତେ ପରିମାଣରେ କାର୍ଯ୍ୟକାରୀ ହୋଇଛି, ତାହାର ସ୍ଥିତିକୁ ଆକଳନ କରିବାକୁ ନିମ୍ନଲିଖିତ ଅଡିଟ୍ ଉଦ୍ଦେଶ୍ୟ ପ୍ରସ୍ତୁତ କରାଯାଇଥିଲା ।

**ଅଡିଟ୍ ଉଦ୍ଦେଶ୍ୟ:ଉଚ୍ଚଶିକ୍ଷା ବ୍ୟବସ୍ଥାର ଶାସନ ଏବଂ ପରିଚାଳନା ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଥିଲା କି ?**

ବିଭିନ୍ନ କାରଣଗୁଡ଼ିକର ଅବଦାନ ନିଶ୍ଚିତ କରେ ଯେ ଏକ ଉଚ୍ଚଶିକ୍ଷାର ଶାସନ ଏବଂ ପରିଚାଳନା କଳ୍ପିତ କରାଯାଇ ଏବଂ କାର୍ଯ୍ୟକାରୀ ହେଉଛି ଯାହା ଉଚ୍ଚଶିକ୍ଷା ଫଳାଫଳ ହାସଲ ପାଇଁ ପ୍ରୟାସକୁ ପ୍ରଭାବଶାଳୀ ଭାବରେ ତଦାରଖ କରେ । ମହାବିଦ୍ୟାଳୟଗୁଡ଼ିକର ସହଭାଗିତା, ବିଶ୍ୱବିଦ୍ୟାଳୟଗୁଡ଼ିକ ଉପରେ ସହଭାଗିତାର ଭାର, ସାଧୀନତା ପ୍ରତି ଦିଆଯାଉଥିବା ଉତ୍ସାହ, ଗୁଣାତ୍ମକ ନିଶ୍ଚିତତା ଏବଂ ପର୍ଯ୍ୟାପ୍ତ ପାଣ୍ଠି ମହତ୍ୱ ହାସଲ କରେ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ଲକ୍ଷ୍ୟ ଦିଗରେ ଅଗ୍ରଗତି କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ । ଉଚ୍ଚଶିକ୍ଷା ଅନୁଷ୍ଠାନରେ ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଶାସନ ଏବଂ ପରିଚାଳନାର ଲକ୍ଷ୍ୟ ଏବଂ ଏହାର କାରଣ, ପଦ୍ଧତି ଏବଂ ଏହି ଲକ୍ଷ୍ୟ ହାସଲ କରିବାରେ ସହଯୋଗ କରୁଥିବା ପ୍ରଣାଳୀଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କକୁ ନିମ୍ନଲିଖିତ ପ୍ରତିନିଧିତ୍ୱ ମାଧ୍ୟମରେ ବୁଝିହେବ :




ଏକ ଉଚ୍ଚଶିକ୍ଷା ଅନୁଷ୍ଠାନର ଶାସନ ଏବଂ ପରିଚାଳନା ସଂରଚନାଗୁଡ଼ିକର କାର୍ଯ୍ୟକାରିତା ଏହାର ମୂଲ୍ୟାଙ୍କନ ଫଳାଫଳରେ ସ୍ୱୀକୃତି, ର୍‍ୟାଙ୍କିଙ୍ଗ୍ ପଦ୍ଧତି ଏବଂ ଆର୍ଥିକ ପରିଚାଳନାର ବିଜ୍ଞତା ଦ୍ୱାରା ପ୍ରତିଫଳିତ ହୁଏ ।

## 5.1 ଶାସନ

ଏକ ଉଚ୍ଚଶିକ୍ଷା ଅନୁଷ୍ଠାନର ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ନିଶ୍ଚିତ କରିବାକୁ ପ୍ରଭାବଶାଳୀ ଶାସନ ଗଠନ ଏବଂ ପ୍ରକ୍ରିୟା ଜରୁରୀ । ସ୍ୱଚ୍ଛ ନୀତି ଏବଂ ଦକ୍ଷ ନୀତି ସଂସ୍ଥାଗୁଡ଼ିକର କାର୍ଯ୍ୟକୁ ପ୍ରଭାବଶାଳୀ କରିବାରେ ସାହାଯ୍ୟ କରେ । ଶାସନର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଯଥା ପରିବର୍ତ୍ତନ ପାଇଁ ପ୍ରତିକ୍ରିୟାଶୀଳତା ଏବଂ ଆଗକୁ ଦେଖିପାରିବାର ମନୋଭାବ ଭବିଷ୍ୟତର ଆବଶ୍ୟକତାକୁ ଅନୁଷ୍ଠାନର ଲକ୍ଷ୍ୟ ସହିତ ମେଳ କରିବାରେ ସାହାଯ୍ୟ କରେ ।

ରାଜ୍ୟ ବିଭାଗରେ ଏବଂ ଅନୁଷ୍ଠାନ ସ୍ତରରେ ଶାସନ ବ୍ୟବସ୍ଥାର ଅସ୍ତିତ୍ୱ ଏବଂ କାର୍ଯ୍ୟକାରିତା ଏହି ବିଭାଗରେ ଆଲୋଚନା କରାଯାଇଛି ।

### 5.1.1 ରାଜ୍ୟ ସ୍ତରୀୟ ଶାସନ

ରାଜ୍ୟ ସ୍ତରରେ ଶାସନ ପାଇଁ ଆନୁଷ୍ଠାନିକ ପ୍ରଣାଳୀରେ ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଏବଂ ରାଜ୍ୟ ସ୍ତରୀୟ ଗୁଣବତ୍ତା ନିଶ୍ଚିତତା ସେଲ୍ ଗଠନ କରାଯାଇଛି । ସେମାନଙ୍କର କାର୍ଯ୍ୟକଳାପ ସହିତ ଜଡ଼ିତ ଅଡିଟ୍ ଫଳାଫଳଗୁଡ଼ିକ ନିମ୍ନ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

#### 5.1.1.1 ରାଜ୍ୟ ଉଚ୍ଚଶିକ୍ଷା ପରିଷଦ

ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ଦଲିଲର ଅନୁଚ୍ଛେଦ 21.308 ରେ ଦର୍ଶାଯାଇଛି ଯେ ରାଜ୍ୟରେ ଉଚ୍ଚଶିକ୍ଷାର ଯୋଜନାବଦ୍ଧ ତଥା ସମନ୍ୱିତ ବିକାଶର ନେତୃତ୍ୱ ନେବା ପାଇଁ ପ୍ରତ୍ୟେକ ରାଜ୍ୟ ଏକ ଉଚ୍ଚଶିକ୍ଷା ପରିଷଦ (ଏସଏଚଇସି) ଗଠନ କରିବା ବାଞ୍ଛନୀୟ । ରାଜ୍ୟରେ ଉଚ୍ଚଶିକ୍ଷାର ଯୋଜନାବଦ୍ଧ ତଥା ସମନ୍ୱିତ ବିକାଶ ପାଇଁ ରୁସା ମଧ୍ୟ ଏହି ପରିଷଦ ଗଠନକୁ ଅନୁମୋଦିତ କରେ ।

ଓଡ଼ିଶା ସରକାର 9 ମଇ 2014 ରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ (ଓଏସ୍ଏଚଇସି) ସଂକଳ୍ପ ସଂଖ୍ୟା- 10494 ରେ ପ୍ରତିଷ୍ଠା କରିଥିଲେ । ଏହି ସଂସ୍ଥାର ସ୍ଥାପନା, ଅକ୍ଟୋବର 2017 ରେ ଓଏସ୍ଏଚଇସି ଅଧିନିୟମ ପ୍ରଣୟନ ହେବା ସହିତ ଆନୁଷ୍ଠାନିକ ହୋଇଥିଲା । ଓଏସ୍ଏଚଇସି ଅଧିନିୟମ ଅନୁଯାୟୀ ଏବଂ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା /ରୁସାର ନିର୍ଦ୍ଦେଶାବଳୀ, ଓଏସଏଚଇସି ଅଧିନିୟମ ଅନୁଯାୟୀ ରାଜ୍ୟ ଉଚ୍ଚଶିକ୍ଷା ଯୋଜନା (ଦୃଷ୍ଟିକୋଣ ଯୋଜନା, ବାର୍ଷିକ ଯୋଜନା ଏବଂ ବଜେଟ୍ ଯୋଜନା), ସର୍ବୋଚ୍ଚ ସଂସ୍ଥା, ନିୟାମକ ଅନୁଷ୍ଠାନ ଏବଂ ସରକାରଙ୍କ ମଧ୍ୟରେ ସମନ୍ୱୟ ରାଜ୍ୟ ଅନୁଷ୍ଠାନଗୁଡ଼ିକର ମାନଦଣ୍ଡ ଏବଂ ପ୍ରମୁଖ କାର୍ଯ୍ୟଦକ୍ଷତା ସୂଚକ(କେପିଆଇ) ଆଧାରରେ ମୂଲ୍ୟାଙ୍କନ, ଆର୍ଥିକ ଅନୁଷ୍ଠାନଗୁଡ଼ିକ ପାଇଁ ନୀତି ପ୍ରଣୟନ କରିବା, ଉଚ୍ଚଶିକ୍ଷା ଉପରେ ଡାଟାବ୍ୟାଙ୍କ ରକ୍ଷଣାବେକ୍ଷଣ, ଗୁଣବତ୍ତା ସୁନିଶ୍ଚିତତା ଇତ୍ୟାଦି ଓଏସଏଚଇସିର କାର୍ଯ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ।

2018-19 ରେ ସମସ୍ତ ବିଶ୍ୱବିଦ୍ୟାଳୟ ପାଇଁ ସାଧାରଣ ସ୍ନାତକ ସିଲାବସ୍, ପରୀକ୍ଷା ସଂସ୍କାର, ନାକ ସ୍ୱୀକୃତି, ସ୍ନାତକୋତ୍ତର ପାଇଁ ସାଧାରଣ ଆଡମିଶନ ଇତ୍ୟାଦି ବିଷୟରେ ଆଲୋଚନା ପାଇଁ ପାଞ୍ଚଟି ବୈଠକ ଅନୁଷ୍ଠିତ ହୋଇଥିଲା ।

ଅଡିଟ୍ ଅବଲୋକନ କଲା ଯେ ଓଏସ୍ଏଚଇସି କୌଣସି ରାଜ୍ୟ ଉଚ୍ଚଶିକ୍ଷା ଯୋଜନା ଯେଉଁଳି ଦୃଷ୍ଟିକୋଣ ଯୋଜନା ଏବଂ ଉଚ୍ଚଶିକ୍ଷାର ବିକାଶ ପାଇଁ ବଜେଟ ଯୋଜନା ପ୍ରସ୍ତୁତ କରିନଥିଲା । ମୁଖ୍ୟ କାର୍ଯ୍ୟଦକ୍ଷତା ସୂଚକ (କେପିଆଇ) ଉପରେ ଆଧାରିତ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକର ଅନୁସନ୍ଧାନ ପ୍ରୋଗ୍ରାମର ଉତ୍ପାଦକତା ମାପିବା ଏବଂ ଅଧ୍ୟାପକଙ୍କ ଗୁଣବତ୍ତା ବୃଦ୍ଧି ପାଇଁ ମାନଦଣ୍ଡ ଏବଂ ପଦ୍ଧତି ନିର୍ଦ୍ଦିଷ୍ଟ କରିବା, ଉଚ୍ଚଶିକ୍ଷା ଅନୁଷ୍ଠାନର ମାନ୍ୟତା ଏବଂ ମାନଦଣ୍ଡ ପାଇଁ ଏକାଡେମିକ୍ ଗୁଣର ଆଦର୍ଶ ନିର୍ଦ୍ଦିଷ୍ଟ କରିବା ଇତ୍ୟାଦି କାର୍ଯ୍ୟ କରାଯାଇ ନଥିଲା ।

ତେଣୁ, ଯୋଜନା ଏବଂ ସଂସ୍କାର ମାଧ୍ୟମରେ ଏକ ପ୍ରତିଯୋଗିତାମୂଳକ ବିଶ୍ୱ ପରିବେଶରେ ରାଜ୍ୟରେ ଉଚ୍ଚଶିକ୍ଷା ଏବଂ ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବା ପାଇଁ ଓଏସଏଚଇସି ସୃଷ୍ଟି କରିବାର ଉଦ୍ଦେଶ୍ୟ ମୁଖ୍ୟତଃ ପୂରଣ ହୋଇପାରିନଥିଲା ।

ସରକାର କହିଲେ (ସେପ୍ଟେମ୍ବର 2020) ଯେ ଓଏସ୍ଏଚ୍ଇସି ପ୍ରାରମ୍ଭିକ ଅବସ୍ଥାରେ ଅଛି ଏବଂ ଅଧିକରୁ ଅଧିକ ନୀତିଗତ ବିଷୟ ଏହା ଦ୍ୱାରା ଧୀରେ ଧୀରେ ସମାଧାନ ହେବ । ପ୍ରକୃତ କଥା, ରାଜ୍ୟରେ ଉଚ୍ଚଶିକ୍ଷାର ବିକାଶ ପାଇଁ ଓଏସ୍ଏଚ୍ଇସି ଗଠନ ହେବାର ପାଞ୍ଚ ବର୍ଷ ପରେ ମଧ୍ୟ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରି ନାହିଁ ।

#### 5.1.1.2 ଗୁଣବତ୍ତା ନିଶ୍ଚିତତା କକ୍ଷ

ନାକ୍ ମାନୁଆଲ ଏକ ରାଜ୍ୟସ୍ତରୀୟ ଗୁଣବତ୍ତା ନିଶ୍ଚିତତା ସେଲ୍ (ଏସ୍ଏଲ୍‌କ୍ୟୁଏସି) ଏବଂ ଅନୁଷ୍ଠାନ ସ୍ତରରେ ଏକ ଆଭ୍ୟନ୍ତରୀଣ ଗୁଣବତ୍ତା ସୁନିଶ୍ଚିତତା ସେଲ୍ (ଆଇକ୍ୟୁଏସି) ର ଗଠନକୁ ସୁପାରିଶ କରେ । ଏହାର ଭୂମିକା ହେଉଛି ଉଚ୍ଚଶିକ୍ଷା ଅନୁଷ୍ଠାନ (ଏଚଇଆଇ) ର ଏକାଡେମିକ୍ ଏବଂ ପ୍ରଶାସନିକ କାର୍ଯ୍ୟଦକ୍ଷତାକୁ ଉନ୍ନତି କରିବା ଏବଂ ଗୁଣାତ୍ମକ ସଂସ୍କୃତିର ଆଭ୍ୟନ୍ତରୀଣକରଣ ମାଧ୍ୟମରେ ଗୁଣାତ୍ମକ ବୃଦ୍ଧି ଦିଗରେ ଆନୁଷ୍ଠାନିକ କାର୍ଯ୍ୟକଳାପ ପାଇଁ ପଦକ୍ଷେପକୁ ପ୍ରୋତ୍ସାହିତ କରିବା ପାଇଁ ସଚେତନତା, ସ୍ଥିର ଏବଂ ଅନୁଗାମୀ ପ୍ରୋଗ୍ରାମିଂ କାର୍ଯ୍ୟ ପାଇଁ ଏକ ଗୁଣାତ୍ମକ ବ୍ୟବସ୍ଥା ବିକାଶ କରିବା । ରାଜ୍ୟ ସ୍ତରୀୟ ଗୁଣବତ୍ତା ନିଷ୍ଚିତତା ସେଲର ଭୂମିକ ହେଉଛି ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକରେ ଆଭ୍ୟନ୍ତରୀଣ ଗୁଣବତ୍ତା ସୁନିଶ୍ଚିତ ସେଲ୍ ଗୁଡ଼ିକର କାର୍ଯ୍ୟକଳାପ ଉପରେ ନଜର ରଖିବା ଏବଂ ନାକ୍

ସହିତ ପରାମର୍ଶରେ ପ୍ରସ୍ତୁତ ଏକ ପର୍ଯ୍ୟାୟ କ୍ଷାନ ଯୋଜନା ଉପରେ ଆଧାର କରି ସେମାନଙ୍କ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରଦାନ କରିବାକୁ ପ୍ରେରଣା ଦେବା । ସ୍ୱୀକୃତି ପ୍ରକ୍ରିୟା ପାଇଁ ଏସ୍ଏଲ୍କ୍ୟୁଏସି ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକ ଏବଂ ନାକ୍ ମଧ୍ୟରେ ଏକ ନୋଡାଲ୍ ଏଜେନ୍ସି ଭାବରେ କାର୍ଯ୍ୟ କରିବ । ସ୍ୱୀକୃତି ପ୍ରକ୍ରିୟାରେ, ନାକ ରାଜ୍ୟ ସ୍ତରୀୟ ଗୁଣବତ୍ତା ନିଶ୍ଚିତତା ସେଲର ଅସ୍ତିତ୍ୱ ଏବଂ କାର୍ଯ୍ୟକାରିତାକୁ ଗୁରୁତ୍ୱ ଦେଇଥାଏ ।

ଏହି ପ୍ରସଙ୍ଗରେ, ଅଡିଟ୍ ନିମ୍ନଲିଖିତ ପଏଣ୍ଟଗୁଡ଼ିକ ଅବଲୋକନ କଲା:

**(କ) ରାଜ୍ୟ ସ୍ତରୀୟ ଗୁଣବତ୍ତା ନିଶ୍ଚିତତା ସେଲ୍:**ଏସ୍ଏଲ୍କ୍ୟୁଏସି ଜୁଲାଇ 2002 ରେ ପ୍ରତିଷ୍ଠିତ ହୋଇଥିଲା ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକରେ ନାକ ସ୍ୱୀକୃତି କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଜାନୁଆରୀ 2015 ରେ ଆହୁରି ଶକ୍ତିଶାଳୀ କରାଯାଇଥିଲା । ନାକ୍ ସ୍ୱୀକୃତି ବିଷୟରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକୁ ସଚେତନତା ସୃଷ୍ଟି କରିବା ପାଇଁ ରାଜ୍ୟ ସ୍ତରୀୟ ଗୁଣବତ୍ତା ନିଶ୍ଚିତତା ସେଲ୍ 2015-17 ମଧ୍ୟରେ କେବଳ ତନିଟି କର୍ମଶାଳା/ ସେମିନାର ଆୟୋଜନ କରିଥିଲା । ସ୍ପଷ୍ଟ ହୁଏ ଯେ ଓଡ଼ିଶାର 883 ମହାବିଦ୍ୟାଳୟ ମଧ୍ୟରୁ କେବଳ 181(20.50 ପ୍ରତିଶତ) ନାକ୍ ମାନ୍ୟତା ପାଇଥିବାରୁ ମାର୍ଚ୍ଚ 2019 ନିଶ୍ଚିତତା ସେଲ୍ ଦ୍ୱାରା ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଏହା ସ୍ପଷ୍ଟ ହୋଇଛି ଯେ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକର ଗୁଣବତ୍ତା ବୃଦ୍ଧି ପାଇଁ କାର୍ଯ୍ୟକଳାପଗୁଡ଼ିକ ଅଳ୍ପ ସମୟରେ କରାଯାଇଥିଲା ଏବଂ ଏହା ଲକ୍ଷ୍ୟ କରାଯାଇଥିଲା ଯେ 2017-19 ମଧ୍ୟରେ ସେପରି କୌଣସି କାର୍ଯ୍ୟକଳାପ କରାଯାଇନାହିଁ । ମହାବିଦ୍ୟାଳୟଗୁଡ଼ିକରେ ଆଭ୍ୟନ୍ତରୀଣ ଗୁଣବତ୍ତା ସୁନିଶ୍ଚିତ ସେଲ୍ ଗୁଡ଼ିକର ଖରାପ କାର୍ଯ୍ୟ (ନିମ୍ନ ପାରାରେ ବିସ୍ତୃତ ଭାବେ ବର୍ଣ୍ଣିତ) ଏହା ମଧ୍ୟ ସୂଚିତ କରେ ଯେ ଗୁଣାତ୍ମକ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପାଇଁ ରାଜ୍ୟ ସ୍ତରୀୟ ଗୁଣବତ୍ତା ନିଶ୍ଚିତତା ସେଲ୍ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକ ଉପରେ ନଜର ରଖିନଥିଲା ।

**(ଖ) ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍:**ଉତ୍କଳ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍ 2008 ପରଠାରୁ କାର୍ଯ୍ୟ କରୁଛି । ୟୁଜିସି ନିର୍ଦ୍ଦେଶାବଳୀ ଅନୁଯାୟୀ, ବାର୍ଷିକ ଗୁଣବତ୍ତା ନିଶ୍ଚିତତା ରିପୋର୍ଟ (ଏକ୍ୟୁଏଆର) ଆଭ୍ୟନ୍ତରୀଣ ଗୁଣବତ୍ତା ସୁନିଶ୍ଚିତ ସେଲ୍ ଦ୍ୱାରା ନାକ, ଏସ୍ଏଲ୍କ୍ୟୁଏସି ଏବଂ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟକୁ ଗୁଣବତ୍ତା ନିଶ୍ଚିତତା ଉଦ୍ଦେଶ୍ୟରେ ଦାଖଲ କରାଯିବା କଥା । ଏହା ଦେଖାଗଲା ଯେ ବିଶ୍ୱବିଦ୍ୟାଳୟ, ବାର୍ଷିକ ଗୁଣବତ୍ତା ନିଶ୍ଚିତତା ରିପୋର୍ଟ 2018-19 ପାଇଁ ଦାଖଲ କରିନାହିଁ । 2016-17 ପର୍ଯ୍ୟନ୍ତ ବାର୍ଷିକ ଗୁଣବତ୍ତା ନିଶ୍ଚିତତା ରିପୋର୍ଟ ମଧ୍ୟ ବିଶ୍ୱବିଦ୍ୟାଳୟର ୱେବ୍ସାଇଟରେ ପ୍ରଦର୍ଶିତ ହୋଇନାହିଁ ।

ନାକ୍ ଅନୁଯାୟୀ ଦ୍ୱିତୀୟ, ତୃତୀୟ କିମ୍ବା ପରବର୍ତ୍ତୀ ଚକ୍ର ସ୍ୱୀକୃତି ଦେବା ପାଇଁ ସର୍ବନିମ୍ନ ଆନୁଷ୍ଠାନିକ ଆବଶ୍ୟକତା (ଏମଆଇଆର) ହେଉଛି ଏକ କାର୍ଯ୍ୟକ୍ଷମ ଆଇକ୍ୟୁଏସି ଏବଂ ଓକ୍ୟୁଏଆର ର ସମୟାନୁବର୍ତ୍ତୀ ଦାଖଲ । ଏହିପରି, ବାର୍ଷିକ ଗୁଣବତ୍ତା ନିଶ୍ଚିତତା ରିପୋର୍ଟ ଗୁଡ଼ିକ ଦାଖଲ ନକରିବା ବିଶ୍ୱବିଦ୍ୟାଳୟର ପରବର୍ତ୍ତୀ ସ୍ୱୀକୃତି ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ । ଏହା ଲକ୍ଷ୍ୟ କରାଯାଇଥିଲା ଯେ ଉତ୍କଳ ବିଶ୍ୱବିଦ୍ୟାଳୟର ଆଇକ୍ୟୁଏସି ଏହାର ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡ଼ିକରେ ଆଇକ୍ୟୁଏସିର କାର୍ଯ୍ୟ ସମ୍ବନ୍ଧୀୟ କୌଣସି ସୂଚନା ଉପରେ ନଜର ରଖିନଥିଲା ।

ସେହିପରି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍ ଯଦିଓ ସେପ୍ଟେମ୍ବର 2009 ରେ ଗଠିତ ହୋଇଥିଲା, ଏହା ସଠିକ୍ ଭାବରେ କାର୍ଯ୍ୟ କରୁନଥିଲା । ଏହା ବିଶ୍ୱବିଦ୍ୟାଳୟର ଶିକ୍ଷାଦାନ/ ଶିକ୍ଷଣ ପ୍ରକ୍ରିୟା, ସଂରଚନା, କାର୍ଯ୍ୟର ଫଳାଫଳ, କାର୍ଯ୍ୟ ପ୍ରଣାଳୀର ସମୀକ୍ଷା କିମ୍ବା ଗୁଣବତ୍ତା ଏବଂ ଗୁଣାତ୍ମକ ଆନଷ୍ଠାନିକ ପ୍ରକ୍ରିୟା ଉପରେ ଅଭିଭାବକ ଏବଂ ଅନ୍ୟ ହିତାଧୀକାରୀଙ୍କଠାରୁ ମତାମତ ନେଇନଥିଲା । 2018-19 ପାଇଁ ବାର୍ଷିକ ଗୁଣବତ୍ତା ନିଶ୍ଚିତତା ରିପୋର୍ଟ ନାକ୍କୁ ଦିଆଯାଇ ନଥିଲା ଏବଂ 2016-17 ପର୍ଯ୍ୟନ୍ତ ଏହି ରିପୋର୍ଟ ବିଶ୍ୱବିଦ୍ୟାଳୟ ୱେବସାଇଟରେ ପ୍ରଦର୍ଶିତ ହୋଇନଥିଲା । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ ପରି ଏସ୍ଏଲ୍କ୍ୟୁଏସି ସହିତ ପୂର୍ବ ଏବଂ ପରବର୍ତ୍ତୀ ସ୍ୱୀକୃତି ଗୁଣବତ୍ତା ମୂଲ୍ୟାଙ୍କନ କିମ୍ବା ମହାବିଦ୍ୟାଳୟ ସମ୍ବନ୍ଧୀୟ ଆଇକ୍ୟୁଏସି ତଥ୍ୟ ବଜାୟ ରଖିବାରେ ଏସ୍ଏଲ୍କ୍ୟୁଏସି ସହିତ ଯୋଗାଯୋଗ କରିନଥିଲା ।

32 ଟି ପରୀକ୍ଷା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟଗୁଡ଼ିକ କ୍ଷେତ୍ରରେ, କେବଳ 19 ଟି ମହାବିଦ୍ୟାଳୟ ଗୁଡ଼ିକରେ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍ ଥିଲା । ଏହା, କିନ୍ତୁ ଲକ୍ଷ୍ୟ କରାଯାଇଥିଲା ଯେ ଏହି 19 ଟି ମହାବିଦ୍ୟାଳୟରେ ଥିବା ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍ ସଠିକ୍ ଭାବରେ କାର୍ଯ୍ୟ କରୁନଥିଲା । ମହାବିଦ୍ୟାଳୟ ଗୁଡ଼ିକରେ ଗୁଣବତ୍ତା ବୃଦ୍ଧି କାର୍ଯ୍ୟକଳାପର ଯୋଜନା, ମାର୍ଗଦର୍ଶନ ଏବଂ ମନିଟରିଂ ପାଇଁ

ଆଇକ୍ୟୁଏସି ର ତ୍ରୟମାସିକ ବୈଠକ ସାତଟି ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇନଥିଲା । ଯେଉଁ ସମସ୍ତ 19 ଟି ମହାବିଦ୍ୟାଳୟରେ ଆଇକ୍ୟୁଏସି ବିଦ୍ୟମାନ ଥିଲା ସେଠାରେ ଗୁଣାତ୍ମକ ନିଶ୍ଚିତତା କାର୍ଯ୍ୟକଳାପ ଯେପରିକି ଶିକ୍ଷାଦାନ ଏବଂ ଶିକ୍ଷଣ ପ୍ରକ୍ରିୟାର ସମୀକ୍ଷା, ଛାତ୍ର/ ପିତାମାତାଙ୍କଠାରୁ ମତାମତ ପାଇବା, ଶିକ୍ଷାନୁଷ୍ଠାନ ପାଇଁ ଗୁଣାତ୍ମକ ମାନଦଣ୍ଡ/ ପାରାମିଟରର ବିକାଶ ଏବଂ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକଳାପ ପରିଚାଳନା ଇତ୍ୟାଦି କାର୍ଯ୍ୟ କରାଯାଇନଥିଲା ।

ଏହି 19 ଟି ମଧ୍ୟରୁ କେବଳ ନଅଟି ମହାବିଦ୍ୟାଳୟ ନାକ୍ କୁ ଏକ୍ୟୁଏଆର ଦାଖଲ କରିଥିଲେ । ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍ ପ୍ରତିଷ୍ଠା ପାଇଁ ୟୁଜିସିରୁ ପ୍ରାପ୍ତ ହୋଇଥିବା ପାଣ୍ଠି ମଧ ସଂପୂର୍ଣ୍ଣ ଭାବରେ ଖର୍ଚ୍ଚ ହୋଇନଥିଲା । 32 ଟି ମହାବିଦ୍ୟାଳୟ ମଧ୍ୟରୁ 20 ଟି ଅନୁଦାନ ପାଇଥିବା 60 ଲକ୍ଷ ଟଙ୍କା ମଧ୍ୟରୁ କେବଳ 37.91 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା ଏବଂ ବଳକା ପରିମାଣ 22.09 ଲକ୍ଷ ଟଙ୍କା ୟୁଜିସିକୁ ଫେରସ୍ତ କରାଯାଇଛି । ତେଣୁ, ଏହି ମହାବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ନିଶ୍ଚିତତା ଉପାୟ ସନ୍ତୋଷଜନକ ନଥିଲା କାରଣ ମାର୍ଚ୍ଚ 2019 ସୁଦ୍ଧା ଏହି 32 ଟି ମହାବିଦ୍ୟାଳୟ ମଧ୍ୟରୁ କେବଳ 12 ଟି (38 ପ୍ରତିଶତ) ନାକ୍ ମାନ୍ୟତା ପାଇଥିଲେ ।

ଏହିପରି, ଆଭ୍ୟନ୍ତରୀଣ ମାଧମରେ ଗୁଣବତ୍ତା ସଂସ୍କୃତିର ବୃଦ୍ଧି ଦ୍ୱାରା ରାଜ୍ୟର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଏକାଡେମିକ୍ ଏବଂ ପ୍ରଶାସନିକ କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବା ପାଇଁ ଏସ୍ଏଲ୍‌କ୍ୟୁଏସି ଏବଂ ଆଇକ୍ୟୁଏସିର କାର୍ଯ୍ୟକାରିତା ପ୍ରଭାବୀ ନଥିଲା ।

ସରକାର କହିଥିଲେ (ସେପ୍ଟେମ୍ବର 2020) ଯେ ଏସ୍ଏଲ୍‌କ୍ୟୁଏସିର କାର୍ଯ୍ୟ ଓଏଚଇପିଇଇ[1] ର ଓଏସ୍ଏଚ୍ଇସି[2], ପିଟିସି[3] ଏବଂ ପିଏମୟୁ ମଧ୍ୟରେ ବଣ୍ଟନ କରାଯାଇଥିଲା । ତେଣୁ, ଏହାର କାର୍ଯ୍ୟକାରିତା ହ୍ରାସ ପାଇନଥିଲା, ବରଂ ଏହାକୁ ବିବିଧ ଏବଂ ବିକେନ୍ଦ୍ରୀକରଣ କରାଯାଇଥିଲା, ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କରେ ଆଇକ୍ୟୁଏସି ର ନବୀକରଣ ପାଇଁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିବାକୁ ସୁନିଶ୍ଚିତ କରିଥିଲେ । ଆଇକ୍ୟୁଏସି ଗୁଡ଼ିକର ମନିଟରିଂ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କର ସ୍ୱୀକୃତି ପାଇଁ ଏସ୍ଏଲ୍‌କ୍ୟୁଏସି ମୁଖ୍ୟ ଏଜେନ୍ସି ହୋଇଥିବାରୁ ଏହାର ଉତ୍ତର ଗ୍ରହଣୀୟ ନୁହେଁ, ଯେହେତୁ ରାଜ୍ୟରେ ବହୁତ କମ୍ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଥିଲା । ଓଏସ୍ଏଚଇସି ଏବଂ ଓଏଚ୍ଇପିଇଇ, ଯେଉଁ ଏଜେନ୍ସିଗୁଡ଼ିକରେ ଏସ୍ଏଲ୍‌କ୍ୟୁଏସି କାର୍ଯ୍ୟ ବଣ୍ଟନ କରାଯାଇଛି ବୋଲି ଦାବି କରିଛନ୍ତି, ଉଚ୍ଚଶିକ୍ଷା ଅନୁଷ୍ଠାନ ମାନଙ୍କର ସ୍ୱୀକୃତି ଉପରେ ନଜର ରଖିବାରେ ସେମାନଙ୍କର କୌଣସି ଭୂମିକା ନାହିଁ । ଫଳସ୍ୱରୂପ, ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ସଂଖ୍ୟା ବର୍ଷ ବର୍ଷ ଧରି କମ୍ ରହିଛି ।

## 5.1.2 ଅନୁଷ୍ଠାନ ସ୍ତରର ଶାସନତନ୍ତ୍ର

ବିଶ୍ୱବିଦ୍ୟାଳୟ ସ୍ତରରେ ଶାସନ ପରିଚାଳନା ସଂସ୍ଥା (ସିନେଟ୍, ସିଣ୍ଡିକେଟ୍ ଇତ୍ୟାଦି) ଦ୍ୱାରା ଗୁଣାତ୍ମକ ନିଶ୍ଚିତତା ପ୍ରଣାଳୀ, ଅନୁବନ୍ଧ ପ୍ରକ୍ରିୟା ଇତ୍ୟାଦି ଏକ ବିସ୍ତୃତ ଉପାୟରେ କରାଯାଇଥାଏ ।

### *5.1.2.1 ପରିଚାଳନା ସମିତି*

ସିନେଟ୍, ସିଣ୍ଡିକେଟ୍, ଏକାଡେମିକ୍ ପରିଷଦ, ବୋର୍ଡ ଅଫ୍ ଷ୍ଟଡି ଏବଂ କଲେଜ ଡେଭଲପ୍‌ମେଣ୍ଟ କାଉନସିଲ୍(ସିଡିସି) ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକଳାପ ପାଇଁ ଭିନ୍ନ ଭିନ୍ନ ପରିଚାଳନାକାରୀ ସଂସ୍ଥା । ଏହି ସଂସ୍ଥାଗୁଡ଼ିକରେ ଗଠନ ଏବଂ କାର୍ଯ୍ୟକାରିତା ସମ୍ବନ୍ଧୀୟ ବ୍ୟବସ୍ଥା ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ (ଓୟୁ ଅଧିନିୟମ), 1989 ଏବଂ ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରଥମ ନିୟମ (ଓୟୁଏଫ୍ଏସ୍) 1990 ରେ ଉଲ୍ଲେଖ କରାଯାଇଛି ।

ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ସିନେଟ୍ ଏବଂ ସିଡିସିର କାର୍ଯ୍ୟ ବିଷୟରେ ଅଡିଟ୍ ନିମ୍ନଲିଖିତ ବିଷୟ ଅବଲୋକନ କଲା:

[1] ଉତ୍କର୍ଷତା ଏବଂ ସମାନତା ପାଇଁ ଓଡ଼ିଶା ଉଚ୍ଚଶିକ୍ଷା କାର୍ଯ୍ୟକ୍ରମର ପ୍ରୋଜେକ୍ଟ ମନିଟରିଂ ୟୁନିଟ୍

[2] ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ

[3] କାର୍ଯ୍ୟଦକ୍ଷତା ଟ୍ରାକିଂ ସେଲ୍

**(କ) ସିନେଟର କାର୍ଯ୍ୟ:** ଓୟୁ ଅଧିନିୟମ1989 ର ଧାରା 9(1) ବିଧାନ ପରିବର୍ତ୍ତନ 34 ର ନିୟମ ଅନୁଯାୟୀ, ସିନେଟ୍ ହେଉଛି ବିଶ୍ୱବିଦ୍ୟାଳୟର ଶୀର୍ଷ ପରିଷଦ ଯିଏକି ନିୟମ ତିଆରି/ ସଂଶୋଧନ / ଅନୁରୂପ ଏବଂ ବିବେଚନା କରିବା ଏବଂ ବାତିଲ କରିବା ଏବଂ ବାର୍ଷିକ ରିପୋର୍ଟରେ ଥିବା ପ୍ରସ୍ତାବ ଗୁଡ଼ିକୁ ବିଚାର ଏବଂ ପାସ୍ କରିବା ଏବଂ ଅନ୍ୟାନ୍ୟ ଆର୍ଥିକ ଆକଳନ, ଇତ୍ୟାଦି କରିଥାଏ ।

ଉତ୍କଳ ବିଶ୍ୱବିଦ୍ୟାଳୟରେ ଏହା ଦେଖାଯାଇଥିଲା ଯେ 2008-09 ପରେ ସିନେଟ୍ ଅଚଳ ହୋଇଯାଇଥିଲା । ଏହା କାର୍ଯ୍ୟକ୍ଷମ ନହେବା ହେତୁ ବିଶ୍ୱବିଦ୍ୟାଳୟର ନୀତି ଏବଂ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା ହୋଇପାରିଲା ନାହିଁ ।

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ, ରେକର୍ଡରୁ ଦେଖାଯାଇଥିଲା ଯେ ସିନେଟ୍ ବିଦ୍ୟମାନ ଥିଲା ଏବଂ କାର୍ଯ୍ୟ କରୁଥିଲା ।

**(ଖ) ମହାବିଦ୍ୟାଳୟ ବିକାଶ ପରିଷଦର କାର୍ଯ୍ୟ କରିବା:** ଓୟୁଏଫ୍ଏସ୍, 1990 (ଅନୁଚ୍ଛେଦ 253.1) ଅନୁସାରେ ବିଶ୍ୱବିଦ୍ୟାଳୟରେ ଏକ କଲେଜ ଉନ୍ନୟନ ପରିଷଦ (ସିଡିସି) ଗଠନ ଧାର୍ଯ୍ୟ କରିଛି, ଯାହାର କାମ ହେଲା, ମନିଟରିଂ ଏବଂ ମୂଲ୍ୟାଙ୍କନ ସହିତ ମହାବିଦ୍ୟାଳୟଗୁଡ଼ିକର ସଠିକ୍ ଯୋଜନା ତଥା ସମନ୍ୱିତ ବିକାଶ ପାଇଁ ଏକ ନୀତି ପ୍ରସ୍ତୁତ କରିବା, ବିଶ୍ୱବିଦ୍ୟାଳୟକୁ ଯୁକ୍ତିଯୁକ୍ତକରଣ, ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରିତା ବିଷୟରେ ପରାମର୍ଶ, ମହାବିଦ୍ୟାଳୟଗୁଡ଼ିକର ଅନୁବନ୍ଧିତ ନୀତି ଏବଂ ମହାବିଦ୍ୟାଳୟଗୁଡ଼ିକୁ ୟୁଜିସି ଅନୁଦାନର ଠିକ୍ ସମୟରେ ରିଲିଜ୍ ହେବା ଏବଂ ଏହାର ଉପଯୁକ୍ତ ଉପଯୋଗକୁ ସୁନିଶ୍ଚିତ କରିବା । ନିୟମ 253(2) ଆହୁରି ଧାର୍ଯ୍ୟ କରିଛି ଯେ ବିଭିନ୍ନ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟକଳାପକୁ କାର୍ଯ୍ୟକାରୀ କରିବା ପାଇଁ କମିଟି ବର୍ଷକୁ ଅତି କମରେ ଦୁଇ ଥର ବୈଠକ କରିବ ।

ଅଡିଟ୍‌ରେ ଦେଖାଗଲା ଯେ ଉଭୟ ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟରେ ମହାବିଦ୍ୟାଳୟ ବିକାଶ ପରିଷଦ ପର୍ଯ୍ୟାପ୍ତ ସଂଖ୍ୟକ ସଭା କରିନଥିଲେ । ମହାବିଦ୍ୟାଳୟ ବିକାଶ ପରିଷଦ 10 ଗୋଟି ସଭାର ଆବଶ୍ୟକତା ଥିବାବେଳେ, 2014-19 ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟରେ କେବଳ ଦୁଇଟି ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ପାଞ୍ଚଟି ବୈଠକ ଅନୁଷ୍ଠିତ ହୋଇଥିଲା । ଅଧିକନ୍ତୁ, ଅନୁଦାନର ଠିକ୍ ସମୟରେ ଉପଯୋଗକୁ ସୁନିଶ୍ଚିତ କରିବା ପାଇଁ ୟୁଜିସିରୁ ପାଣ୍ଠି ପାଇଥିବା ମହାବିଦ୍ୟାଳୟଗୁଡ଼ିକର କାର୍ଯ୍ୟକଳାପର ସିଡିସି ପର୍ଯ୍ୟାୟ ସମୀକ୍ଷା କରିବା ଦରକାର ଥିଲା । ଏହା ଦେଖାଗଲା ଯେ ଉତ୍କଳ କିମ୍ବା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ମହାବିଦ୍ୟାଳୟ ବିକାଶ ପରିଷଦ ଗୁଡ଼ିକ କାର୍ଯ୍ୟକଳାପର କୌଣସି ସମୀକ୍ଷା କରିନାହାନ୍ତି କିମ୍ବା ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡ଼ିକରେ ଉନ୍ନତି ପାଇଁ ସୁପାରିଶ କରିନାହାନ୍ତି ।

### *5.1.2.2 ମହାବିଦ୍ୟାଳୟ ସହବନ୍ଧନ*

ଓୟୁଏଫ୍ଏସ୍ 1990 (ଧାରା 171, 172 ଏବଂ 173) କଲେଜଗୁଡ଼ିକର ସହବନ୍ଧନ ପାଇଁ ବ୍ୟବସ୍ଥା ରଖିଥିଲା । ଏହି ନିୟମ ଅନୁଯାୟୀ, ମହାବିଦ୍ୟାଳୟରେ ଉପଯୁକ୍ତ ଶ୍ରେଣୀଗୃହ, ସୁସଜ୍ଜିତ ଲାବୋରେଟୋରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ପୃଥକ ସାଧାରଣ କୋଠରୀ, କ୍ରୀଡ଼ା ସୁବିଧା ଇତ୍ୟାଦି ରହିବା ଆବଶ୍ୟକ । ୟୁଜିସି (ବିଶ୍ୱବିଦ୍ୟାଳୟ ଦ୍ୱାରା କଲେଜ ଗୁଡ଼ିକର ସହବନ୍ଧନ) ରେଗୁଲେସନ୍, 2009 ଏକ କଲେଜର ଅନୁବନ୍ଧିତତାକୁ ଏହାର ସ୍ୱୀକୃତି, ସହଭାଗିତା ଏବଂ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟର ସୁବିଧା ଭାବରେ ବ୍ୟାଖ୍ୟା କରେ । ନିର୍ଦ୍ଦେଶାବଳୀ ଉପରେ ଆଧାର କରି, ବିଶ୍ୱବିଦ୍ୟାଳୟଗୁଡ଼ିକ ପ୍ରତ୍ୟକ୍ଷ ଯାଞ୍ଚ ଆଧାରରେ ଅନୁବନ୍ଧିତ ହେବା ପୂର୍ବରୁ ମହାବିଦ୍ୟାଳୟକୁ ଏକ ଦଳ ପଠାଇ ଅନୁଦାନ ପ୍ରଦାନ କରନ୍ତି । ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ଯାଞ୍ଚ ସମୟରେ, ରାଜ୍ୟ ସରକାର କିମ୍ବା ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ସଂପୃକ୍ତ ମହାବିଦ୍ୟାଳୟର (ଅନୁବନ୍ଧିତତା) ବିଲ୍ଡିଂ, ସଂପୂର୍ଣ୍ଣ ସଜ୍ଜିତ ଲାବୋରେଟୋରୀ, ଉପଯୁକ୍ତ ଆସବାବପତ୍ର, ପର୍ଯ୍ୟାପ୍ତ ନାଗରିକ ସୁବିଧା ଇତ୍ୟାଦି ସମ୍ବନ୍ଧରେ ପୂର୍ବ ନିର୍ଦ୍ଧାରିତ ଆବଶ୍ୟକତା ପୂରଣ କରିବ, ଯେପରିକି ନିୟମାବଳୀରେ ଉଲ୍ଲେଖ କରାଯାଇଛି ।

32 ଗୋଟି ପରୀକ୍ଷା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟ ମଧ୍ୟରୁ 30 ଗୋଟି ମହାବିଦ୍ୟାଳୟ 2000 ବର୍ଷ ପୂର୍ବରୁ ସେମାନଙ୍କର ସହବନ୍ଧନ ସ୍ଥିତି ପାଇଥିଲେ । ଓୟୁଏଫ୍ଏସ 1990 ନିୟମ ଅନୁଯାୟୀ, ମନୋନୀତ ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ୱାରା ଦିଆଯାଇଥିବା ସୂଚନା ଉପରେ ଆଧାର କରି ଅଡିଟ୍ ଦ୍ୱାରା କେତେକ ଆବଶ୍ୟକୀୟ ଭିତ୍ତିଭୂମିର ଉପଲବ୍ଧତା/ ଉପସ୍ଥିତି ଏବଂ ଏହି ପରୀକ୍ଷା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟଗୁଡ଼ିକରେ ସଂପୃକ୍ତ

ମାନଦଣ୍ଡକୁ ପାଳନ କରିବା ପାଇଁ ମୂଲ୍ୟାଙ୍କନ କରାଯାଇଥିଲା । 32 ଗୋଟି ମହାବିଦ୍ୟାଳୟରେ ମିଳିତ ପ୍ରତ୍ୟକ୍ଷ ଯାଞ୍ଚ କରାଯାଇଥିଲା ଏବଂ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଉଲ୍ଲେଖ କରାଯାଇଥିଲା :

- ***ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ଉପଯୁକ୍ତ ଭିତ୍ତିଭୂମିର ଅଭାବ:*** ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ଓୟୁଏଫ୍‌ଏସ୍ 1990 ରେ ଧାର୍ଯ୍ୟ କରାଯାଇଥିବା ପରି ଭିତ୍ତିଭୂମି ରହିବା ଉଚିତ୍ । ଉଭୟ ମନୋନୀତ ବିଶ୍ୱବିଦ୍ୟାଳୟ ସହିତ ଜଡ଼ିତ ଯାଞ୍ଚ କଲେଜଗୁଡ଼ିକରେ ଉପଲବ୍ଧ ଭିତ୍ତିଭୂମି ସୁବିଧାଗୁଡ଼ିକର ଅଭାବ ନିମ୍ନ ସାରଣୀରେ ଦିଆଯାଇଛି :

***ସାରଣୀ 5.1: ଭିତ୍ତିଭୂମି ଅଭାବ ଥିବା ଅନୁବନ୍ଧିତ ସ୍ଥିତି ସହିତ ମହାବିଦ୍ୟାଳୟ ସଂଖ୍ୟା***

| କ୍ର.ସଂ | ଭିତ୍ତିଭୂମି | ମହାବିଦ୍ୟାଳୟ ସଂଖ୍ୟା | |
|---|---|---|---|
| | | ଉତ୍କଳ ବିଶ୍ୱବିଦ୍ୟାଳୟ | ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ |
| 1. | ସୀମା ପ୍ରାଚୀରର ଅଭାବ | 5 | 2 |
| 2. | ଡ୍ରେନେଜ ସୁବିଧା ନାହିଁ | 8 | 3 |
| 3. | ଆସବାବପତ୍ରର ଅଭାବ | 3 | - |
| 4. | ରାମ୍ପ୍ ସୁବିଧାର ଅଭାବ | 17 | 7 |
| 5. | ଶ୍ରେଣୀଗୃହର ଅଭାବ | 9 | 1 |
| 6. | ଅଡିଟୋରିୟମ/ ସେମିନାର ହଲର ଅଭାବ | 9 | 3 |
| 7. | ପର୍ଯ୍ୟାପ୍ତ କ୍ରୀଡ଼ା ସୁବିଧାର ଅଭାବ | 5 | 1 |
| 8. | ଶୌଚାଳୟର ଅଭାବ | 1 | - |
| 9. | ବିଶୁଦ୍ଧ ପିଇବା ପାଣିର ଅଭାବ | 3 | 1 |
| 10 | ମହାବିଦ୍ୟାଳୟ ୱେବସାଇଟର ଅଭାବ | 4 | 1 |

*(ଉତ୍ସ: ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)*

ଉପର ସାରଣୀରୁ ଦେଖାଗଲା ଯେ ଅନୁବନ୍ଧିତ ସ୍ଥିତି ଥିବା ମହାବିଦ୍ୟାଳୟଗୁଡ଼ିକରେ ଅନୁବନ୍ଧିତ ମାନ୍ୟତା ପାଇବା ପାଇଁ ଆବଶ୍ୟକ ବାଧ୍ୟତାମୂଳକ ମୌଳିକ ଭିତ୍ତିଭୂମିରେ ଅଭାବ ଥିଲା । ଅଧିକନ୍ତୁ, ସମ୍ପୃକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକ ଅନୁବନ୍ଧିତ ନିର୍ଦ୍ଦେଶାବଳୀ ଅନୁଯାୟୀ ଆବଶ୍ୟକ ଭିତ୍ତିଭୂମି ଉପଲବ୍ଧତାର ଯାଞ୍ଚ ପାଇଁ କୌଣସି ସମୟ ଉପଯୋଗୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ।

**ଏକ ଦୃଷ୍ଟାନ୍ତ**

କଳିଙ୍ଗ କଲେଜ ଅଫ୍ କମର୍ସ ହେଉଛି ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏକ ପରୀକ୍ଷିତ ଆବାସିକ ବେସରକାରୀ ମହାବିଦ୍ୟାଳୟ । ଉତ୍କଳ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, (ଅଗଷ୍ଟ 2010) ଏହି ମହାବିଦ୍ୟାଳୟକୁ ସର୍ତ୍ତମୂଳକ ଅନୁବନ୍ଧ ପ୍ରଦାନ କରିଥିଲେ । ଆଞ୍ଚଳିକ ନିର୍ଦ୍ଦେଶକ (ଆରଡି) ଭୁବନେଶ୍ୱର କିନ୍ତୁ ଅଗଷ୍ଟ 2016 ରୁ ଏହି ମହାବିଦ୍ୟାଳୟକୁ ସ୍ଥାୟୀ ମାନ୍ୟତା ପ୍ରଦାନ କରିଥିଲେ । ଏହା ଜଣାପଡ଼ିଥିଲା ଯେ ଏହି ମହାବିଦ୍ୟାଳୟକୁ ଏହାର ମୂଳ କ୍ୟାମ୍ପସ୍ ବଦଳରେ ଏକ ଭଡ଼ା ଘରେ ଚାଲୁଥିଲା ଯାହା ଉପରେ ଅନୁବନ୍ଧ ଆଧାର କରାଯାଇଥିଲା । ଅଧିକନ୍ତୁ, ଅଡିଟୋରିୟମ, ଖେଳ ପଡ଼ିଆ, ସୀମା ପ୍ରାଚୀର ଏବଂ ପର୍ଯ୍ୟାପ୍ତ ଆସବାବପତ୍ର ପରି ଅନ୍ୟ ସୁବିଧା ବିନା ମହାବିଦ୍ୟାଳୟ କାର୍ଯ୍ୟ କରୁଥିଲା । ଓୟୁଏଫ୍‌ଏସ୍ 1990 ର ଧାରା 198 ଅନୁଯାୟୀ ମହାବିଦ୍ୟାଳୟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ, ଛଅ ମାସ ମଧ୍ୟରେ ସର୍ତ୍ତଗୁଡ଼ିକ ପାଳନ ନକରିବା ଏବଂ ଏହାର ଅବସ୍ଥାନ, କାର୍ଯ୍ୟର ସ୍ଥିତି ଏବଂ ଭିତ୍ତିଭୂମି ଉପଲବ୍ଧତା ଯାଞ୍ଚ ନକରି ଆଞ୍ଚଳିକ ନିର୍ଦ୍ଦେଶକ ଭୁବନେଶ୍ୱର ଏହାକୁ ସ୍ଥାୟୀ ମାନ୍ୟତା ପ୍ରଦାନ କରିଥିଲେ । ଅଡିଟ୍ ତାରିଖ (ଜାନୁଆରୀ 2020) ପର୍ଯ୍ୟନ୍ତ ମହାବିଦ୍ୟାଳୟ ଭଡ଼ା ଗୃହରେ ଚାଲୁଥିଲା ।




ଏକ ଭଡ଼ା ଘରେ କଲେଜ କାର୍ଯ୍ୟ କରୁଛି

- **ୱେବସାଇଟରେ ମହାବିଦ୍ୟାଳୟ ତଥ୍ୟର ଅଦ୍ୟତନ ଅଭାବ-** ଦୁଇଟି ପରୀକ୍ଷା ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ସେମାନଙ୍କ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ସବିଶେଷ ତଥ୍ୟ, ଯେପରିକି ପାଠ୍ୟକ୍ରମ, ବିଷୟ, ସିଟ୍ ଇତ୍ୟାଦି ନିଜ ୱେବସାଇଟରେ ଅପଲୋଡ୍ କରିନାହାନ୍ତି । ବିଶ୍ୱବିଦ୍ୟାଳୟଗୁଡ଼ିକ ଅନୁବନ୍ଧ ତଥ୍ୟକୁ ହାତଲେଖା ଭାବରେ ପରିଚାଳନା କରୁଥିଲେ ଏବଂ କୌଣସି ସଂପୃକ୍ତ ମହାବିଦ୍ୟାଳୟର ପ୍ରକୃତ ସମୟ ସ୍ଥିତିକୁ ଉପଭୋକ୍ତାଙ୍କୁ ଦେଖାଇବାକୁ କୌଣସି ଡାଟାବେସ୍ ରକ୍ଷଣାବେକ୍ଷଣ କରିନଥିଲେ । ତେଣୁ ଛାତ୍ର ଏବଂ ଅନ୍ୟ ହିତାଧିକାରୀମାନେ ଆଡମିଶନ ନେବା ପୂର୍ବରୁ ମହାବିଦ୍ୟାଳୟର ଅନୁବନ୍ଧିତ ସ୍ଥିତି ବିଷୟରେ ଅବଗତ ହୋଇପାରୁନଥିଲେ ।

ସରକାର ଦର୍ଶାଇଲେ (ସେପ୍ଟେମ୍ବର 2020) ଯେ ଏହା ଏସ୍ଏଏମ୍ଏସ୍ ରେ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ସୂଚନା ଦେଇଛି । ତେବେ ଯାଞ୍ଚ ପରେ, ଅଡିଟ୍ ଦ୍ୱାରା ଏହା ଦର୍ଶାଗଲା ଯେ ଏସ୍ଏଏମ୍ଏସ୍ ଡାଟାବେସରେ ମହାବିଦ୍ୟାଳୟ ସମ୍ବନ୍ଧୀୟ କୌଣସି ତଥ୍ୟ ଉପଲବ୍ଧ ନାହିଁ । ମହାବିଦ୍ୟାଳୟଗୁଡ଼ିକ ସମ୍ବନ୍ଧୀୟ ସମ୍ୟକ ଧାରଣା ଦେବା ପାଇଁ ବିଶ୍ୱବିଦ୍ୟାଳୟ ୱେବସାଇଟରେ ସହଜରେ ଉପଲବ୍ଧ ହେବା ଉଚିତ୍ । ସରକାର ଏହି ସତ୍ୟକୁ ଗ୍ରହଣ କରିଛନ୍ତି ଏବଂ "ନିଜ ମହାବିଦ୍ୟାଳୟକୁ ଜାଣ" ପୋର୍ଟାଲରେ ସୂଚନା ଅପଡେଟ୍ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ନିଶ୍ଚିତ କରିଛନ୍ତି ।

## 5.2 ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ସ୍ୱୟଂଶାସନ

ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଆଧାର କରି ବର୍ଦ୍ଧିତ ସମ୍ବଳ ସହାୟତା ମାଧ୍ୟମରେ ରାଜ୍ୟ ବିଶ୍ୱବିଦ୍ୟାଳୟ ଏବଂ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକୁ ଅଧିକ ସ୍ୱୟଂ ଶାସିତ ଏବଂ କାର୍ଯ୍ୟକ୍ଷମ ନମନୀୟତା ପ୍ରଦାନ କରାଯାଇଛି । ଅଧିକନ୍ତୁ, ରୁସା ସ୍ୱତନ୍ତ୍ର ଆବଶ୍ୟକତା ଉପରେ ନିର୍ଭର କରି ସଂପୂର୍ଣ୍ଣ ସ୍ୱୟଂଶାସନ ସହିତ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ଅନୁଷ୍ଠାନଗୁଡ଼ିକର ନିର୍ଦ୍ଦିଷ୍ଟ ହସ୍ତକ୍ଷେପ ଯୋଜନା ଦ୍ୱାରା ଅଧିକ ସ୍ୱାଧୀନତା ପାଇଁ ଯୋଜନା କରିଛି ।

ୟୁଜିସି ଅନୁଯାୟୀ, ଏହା ଦ୍ୱାରା ପ୍ରାରମ୍ଭରେ ଛଅ ବର୍ଷ ପାଇଁ ଅର୍ଥ ଏବଂ ସ୍ୱୟଂଶାସନର ସ୍ଥିତି ପ୍ରଦାନ କରାଯିବ । ସମାପ୍ତି ତାରିଖର ଛଅ ମାସ ପୂର୍ବରୁ ସଂପୃକ୍ତ ମହାବିଦ୍ୟାଳୟ ସମ୍ପ୍ରସାରଣ ପାଇଁ ନିର୍ଦ୍ଦିଷ୍ଟ ଫର୍ମାଟରେ ପ୍ରସ୍ତାବ ଦାଖଲ କରିବା ଉଚିତ୍ । ଏହା ବ୍ୟତୀତ 10 ପ୍ରତିଶତ ମହାବିଦ୍ୟାଳୟକୁ ଅନୁବନ୍ଧିତ ଢାଞ୍ଚାରୁ ବିଚ୍ଛିନ୍ନ କରି ସ୍ୱୟଂଶାସନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଥିଲା ।

ମାର୍ଚ୍ଚ 2019 ସୁଦ୍ଧା 883 ଟି ମହାବିଦ୍ୟାଳୟ ମଧ୍ୟରୁ କେବଳ 35 ଟି (3.96 ପ୍ରତିଶତ) ମହାବିଦ୍ୟାଳୟ ଓଡ଼ିଶାରେ ସ୍ୱୟଂଶାସିତ ମାନ୍ୟତା ପାଇଛି । ଦୁଇଟି ପରୀକ୍ଷା ଯାଞ୍ଚ ବିଶ୍ୱବିଦ୍ୟାଳୟ ଅଧୀନରେ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକର ସ୍ଥିତି ନିମ୍ନ ସାରଣୀରେ ଦିଆଯାଇଛି:

***ସାରଣୀ5.2: ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟ ଗୁଡ଼ିକର ସ୍ୱୟଂ ଶାସନର ସ୍ଥିତି***

| ବିଶ୍ୱବିଦ୍ୟାଳୟର ନାମ | ଅନୁବନ୍ଧିତ ମହାବିଦ୍ୟାଳୟର ସଂଖ୍ୟା | ସମୁଦାୟ ସ୍ୱୟଂଶାସନ ମହାବିଦ୍ୟାଳୟର ସଂଖ୍ୟା (ପ୍ରତିଶତ) | ସ୍ୱୟଂଶାସନ ଅତିକ୍ରାନ୍ତ ହୋଇଥିବା ସ୍ୱୟଂଶାସିତ ମହାବିଦ୍ୟାଳୟ ସଂଖ୍ୟା |
|---|---|---|---|
| ଉତ୍କଳ ବିଶ୍ୱବିଦ୍ୟାଳୟ | 304 | 17 (6) | 11 |
| ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ | 83 | 3 (4) | 3 |
| **ମୋଟ** | **387** | **20 (5)** | **14** |

*(ଉତ୍ସ: ଏଆଇଏସ୍ଏଚ୍ଇ ଏବଂ ୟୁଜିସି ୱେବସାଇଟ୍)*

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ ଦୁଇଟି ମନୋନୀତ ବିଶ୍ୱବିଦ୍ୟାଳୟରେ 387 ଅନୁବନ୍ଧିତ ମହାବିଦ୍ୟାଳୟ ମଧ୍ୟରୁ କେବଳ 20 ଟି ମହାବିଦ୍ୟାଳୟ (ପାଞ୍ଚ ପ୍ରତିଶତ) ସ୍ୱୟଂଶାସିତ ମାନ୍ୟତା ପାଇଛନ୍ତି । ଏହି 20 ଟି ମଧ୍ୟରୁ 14 ଟି ମହାବିଦ୍ୟାଳୟ ସ୍ୱୟଂଶାସନ ଅବଧି ଶେଷ ହୋଇଥିଲା । 2016-17 ପୂର୍ବରୁ ଛଅଟି ମହାବିଦ୍ୟାଳୟ ସେମାନଙ୍କର ସ୍ୱୟଂଶାସିତ ସ୍ଥିତି ହରାଇଥିଲେ । ୟୁଜିସି ଗାଇଡଲାଇନ୍ ଅନୁଯାୟୀ ସ୍ୱୟଂଶାସନ

ପ୍ରଦାନ ପାଇଁ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ସ୍ୱୟଂଶାସିତ ସ୍ଥିତି ନବୀକରଣ ହୋଇନଥିଲା, ତେଣୁ ଭିତ୍ତିଭୂମି ଏବଂ ଶିକ୍ଷାଗତ ବିକାଶ ହୋଇପାରି ନଥିଲା ।

ସରକାର ପ୍ରକାଶ କରିଛନ୍ତି (ସେପ୍ଟେମ୍ବର 2020) ଯେ ନୂତନ ମହାବିଦ୍ୟାଳୟଗୁଡ଼ିକୁ ସ୍ୱୟଂଶାସନ ମାନ୍ୟତା ପ୍ରଦାନ କିମ୍ବା 2012-13 ରୁ 2018-19 ମଧ୍ୟରେ ବିଦ୍ୟମାନ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକୁ ସ୍ୱୟଂଶାସନ ନବୀକରଣ ପାଇଁ ଯୋଗ୍ୟତା ଅବସ୍ଥାରେ ଅନେକ ପରିବର୍ତ୍ତନ ଘଟିଛି । ପ୍ରକୃତ କଥା ହେଉଛି, ୟୁଜିସି ନିର୍ଦ୍ଦେଶାବଳୀ (2018) କାର୍ଯ୍ୟକାରୀ ହେବା ପୂର୍ବରୁ ମଧ୍ୟ ମହାବିଦ୍ୟାଳୟଗୁଡ଼ିକୁ ନବୀକରଣ କିମ୍ବା ସ୍ୱୟଂଶାସନ କ୍ଷମତା ପ୍ରଦାନ ପାଇଁ ସରକାର ପ୍ରଭାବଶାଳୀ ପଦକ୍ଷେପ ନେଇ ନାହାଁନ୍ତି । ଫଳସ୍ୱରୂପ, ଅନିବନ୍ଧିତ ମହାବିଦ୍ୟାଳୟଗୁଡ଼ିକର 10 ପ୍ରତିଶତ ଆବଶ୍ୟକତା ଥିବାବେଳେ ମାତ୍ର 3.96 ପ୍ରତିଶତ ସ୍ୱୟଂଶାସନ କ୍ଷମତା ପାଇଥିଲେ ।

ଯେଉଁଠାରେ ସ୍ୱୟଂଶାସନ ସ୍ଥିତି ପୂର୍ବରୁ ଚାଲିଯାଇଛି ଏବଂ ଯେଉଁ ମହାବିଦ୍ୟାଳୟଗୁଡ଼ିକର ସ୍ୱୟଂଶାସନ ନବୀକରଣ ଯୋଗ୍ୟ, ସେହି କ୍ଷେତ୍ରରେ ସରକାର ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିବା ଉଚିତ୍ । ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ଭିତ୍ତିଭୂମି ଏବଂ ଶିକ୍ଷାଗତ ବିକାଶକୁ ଉତ୍ସାହିତ କରାଯିବା ଉଚିତ୍ ଯାହାଦ୍ୱାରା ସେମାନେ ସ୍ୱୟଂଶାସନ ମାନ୍ୟତା ପାଇବାକୁ ଯୋଗ୍ୟ ହୋଇପାରିବେ ।

## 5.3 ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ ଚାପ ହ୍ରାସ

ଉଚ୍ଚଶିକ୍ଷାରେ ଅନ୍ତର୍ଭୁକ୍ତ ଏବଂ ଗୁଣାତ୍ମକ ବିସ୍ତାର ଉପରେ ରିପୋର୍ଟର ପାରା 7.1.15(ଗ) ଅନୁଯାୟୀ, ଅନୁବନ୍ଧିତ କଲେଜଗୁଡ଼ିକର ଭାରରୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ମୁକ୍ତ କରିବା ପାଇଁ କେନ୍ଦ୍ରୀୟ ଏବଂ ରାଜ୍ୟ ବିଶ୍ୱବିଦ୍ୟାଳୟ ଅଧିନିୟମ ଅନୁସାରେ କାର୍ଯ୍ୟଗୁଡ଼ିକର ପ୍ରଭାବଶାଳୀ ଗଠନମୂଳକ ଆଧୁନିକୀକରଣ କରାଯିବା ଆବଶ୍ୟକ । କାର୍ଯ୍ୟଗୁଡ଼ିକର ସଂଶୋଧନ ମାଧ୍ୟମରେ ଶିକ୍ଷା ଅନୁଷ୍ଠାନମାନଙ୍କ ମଧ୍ୟରେ ଦକ୍ଷ ଶାସନ ଏବଂ ଉତ୍ତରଦାୟିତ୍ୱ ସହିତ ପ୍ରଭାବଶାଳୀ ସ୍ୱୟଂଶାସନ ସ୍ଥିତି ସହଜ ହେବା ଉଚିତ୍ । ରୁସା ନିର୍ଦ୍ଦେଶାବଳୀ ଅନୁଯାୟୀ, ଏକ ବିଶ୍ୱବିଦ୍ୟାଳୟରେ ଅନୁବନ୍ଧିତ ମହାବିଦ୍ୟାଳୟ ସଂଖ୍ୟା 100 ରେ ସୀମିତ ରହିବା ଉଚିତ୍ ବୋଲି କୁହାଯାଇଛି ।

ବର୍ତ୍ତମାନ, ଓଡ଼ିଶାରେ ତିନିଟି ପୁରୁଣା ବିଶ୍ୱବିଦ୍ୟାଳୟ ସହିତ 12 ଟି ସାଧାରଣ ବିଶ୍ୱବିଦ୍ୟାଳୟ ରହିଛି । ଏହି ତିନିଟି ପୁରାତନ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ସଂଖ୍ୟା ନିମ୍ନ ସାରଣୀରେ ଦିଆଯାଇଛି:

*ସାରଣୀ 5.3: ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟ ସଂଖ୍ୟା*

| କ୍ର.ସଂ. | ବିଶ୍ୱବିଦ୍ୟାଳୟର ନାମ | ସଂସ୍ଥାପନର ବର୍ଷ | ସହବନ୍ଧିତ ମହାବିଦ୍ୟାଳୟ ସଂଖ୍ୟା |
|---|---|---|---|
| 1 | ଉତ୍କଳ ବିଶ୍ୱବିଦ୍ୟାଳୟ | 1943 | 304 |
| 2 | ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ | 1967 | 132 |
| 3 | ସମ୍ବଲପୁର ବିଶ୍ୱବିଦ୍ୟାଳୟ | 1967 | 217 |
| 4 | ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ | 1998 | 83 |

*(ଉତ୍ସ: ଏସ୍ଏଏମ୍ଏସ୍ ଡାଟାବେସ୍ ଏବଂ ଏଆଇଏସଏଚ୍ଇ ରିପୋର୍ଟ)*

ଉପରୋକ୍ତ ତିନିଟି ବିଶ୍ୱବିଦ୍ୟାଳୟ 100 ରୁ ଅଧିକ ଅନୁବନ୍ଧିତ ମହାବିଦ୍ୟାଳୟ ସହିତ କାର୍ଯ୍ୟ କରୁଥିଲା । 2014-19 ମଧ୍ୟରେ ଚାରିଟି ପୁରାତନ ମହାବିଦ୍ୟାଳୟକୁ[4] ବିଶ୍ୱବିଦ୍ୟାଳୟକୁ ନବୀକରଣ କରିବା ପରେ ମଧ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର କାର୍ଯ୍ୟଭାର ହ୍ରାସ ହୋଇନଥିଲା, କାରଣ ଚାରିଟି ନୂତନ ବିଶ୍ୱବିଦ୍ୟାଳୟ ମଧ୍ୟରୁ ତିନିଟି

[4] (i) ରେଭେନ୍ସା ମହାବିଦ୍ୟାଳୟ, କଟକ; (ii) ରମାଦେବୀ ମହାବିଦ୍ୟାଳୟ, ଭୁବନେଶ୍ୱର; (iii) ଖଲ୍ଲିକୋଟ ମହାବିଦ୍ୟାଳୟ, ବ୍ରହ୍ମପୁର; (iv) ଗଙ୍ଗାଧର ମେହେର ମହାବିଦ୍ୟାଳୟ, ସମ୍ବଲପୁର

ସହବନ୍ଧନ କ୍ଷମତା ବିନା ଏକକ ଉତ୍କଳ ବିଶ୍ୱବିଦ୍ୟାଳୟ ଥିଲା । ଯାହାହେଉ, ଉତ୍ତର ଓଡ଼ିଶା ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ସଂଖ୍ୟା ରୁସା ନିର୍ଦ୍ଦେଶାବଳୀ ଅନୁଯାୟୀ ଧାର୍ଯ୍ୟ ହୋଇଥିବା 100 ମହାବିଦ୍ୟାଳୟ ମାନଦଣ୍ଡ ମଧ୍ୟରେ ଥିଲା ।

ସରକାର କହିଛନ୍ତି (ସେପ୍ଟେମ୍ବର 2020) ଯେ ଗବେଷଣା ଏବଂ ନବସୃଜନ ପାଇଁ ପ୍ରେରଣା ଯୋଗାଇବା ପାଇଁ ଏକକ ବିଶ୍ୱବିଦ୍ୟାଳୟ ଗଠନ କରାଯାଇଥିଲା । ପ୍ରକୃତ କଥା ହେଲା ଯେ, ଅବଶିଷ୍ଟ ବିଶ୍ୱବିଦ୍ୟାଳୟଗୁଡ଼ିକର ଭାର ନିର୍ଦ୍ଧାରିତ ମାନଦଣ୍ଡ ଠାରୁ ବହୁ ଅଧିକ ଅଟେ ଯେଉଁଥି ପାଇଁ ସରକାର ଏହି ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ ।

## 5.4 ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକର ରାଙ୍କିଙ୍ଗ୍ ଏବଂ ମାନ୍ୟତା

ଉଚ୍ଚଶିକ୍ଷାରେ ଅନ୍ତର୍ଭୁକ୍ତ ଏବଂ ଗୁଣାତ୍ମକ ବିସ୍ତାର ଉପରେ ରିପୋର୍ଟର ଅନୁଚ୍ଛେଦ 3.5.3(କ) ଅନୁଯାୟୀ, ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ଦ୍ରୁତ ବିସ୍ତାର ଏବଂ ସେମାନଙ୍କର ଗ୍ରହଣ କ୍ଷମତା ଏକକାଳୀନ ଗୁଣବତ୍ତା ସୁନିଶ୍ଚିତ କରିବାରେ ସକ୍ଷମ ହୋଇନାହିଁ । ଶିକ୍ଷାଦାନ, ଗବେଷଣା ଏବଂ ସଂପୃକ୍ତ ପ୍ରଣାଳୀରେ ଅଗ୍ରସର ହେବା ପାଇଁ ଗୁଣାତ୍ମକ ସାଧାରଣ ରୂପରେଖ ଗୁଡ଼ିକ ନିରନ୍ତର ଧ୍ୟାନ ଏବଂ ନୀତି ଆବଶ୍ୟକ କରେ ।

ୟୁଜିସି ଦେଶର ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ସେମାନଙ୍କର ପର୍ଯ୍ୟାୟ ମୂଲ୍ୟାଙ୍କନ, ସ୍ୱୀକୃତି ଏବଂ ବିକାଶ ଅନୁଦାନର ମୂଲ୍ୟାଙ୍କନ ଏବଂ ମାନ୍ୟତା ଦେବା ପାଇଁ ଅନୁରୋଧ କରୁଛି । ଅଧିକନ୍ତୁ, ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକ, ଯଦି ସେମାନଙ୍କର ଅତିକମରେ ଦୁଇ ବ୍ୟାଚ୍ ଛାତ୍ରଛାତ୍ରୀ ସ୍ନାତକ କିମ୍ବା ଛଅ ବର୍ଷ ପର୍ଯ୍ୟନ୍ତ ରହିଥିବାର ରେକର୍ଡ ଅଛି, ତେବେ ନାକ୍ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରକ୍ରିୟା ପାଇଁ ଆବେଦନ କରିବାକୁ ଯୋଗ୍ୟ ଅଟନ୍ତି ।

ଅଡିଟ୍‌ରେ ଦେଖାଗଲା ଯେ 12 ଟି ରାଜ୍ୟ ବିଶ୍ୱବିଦ୍ୟାଳୟ ମଧ୍ୟରୁ ପାଞ୍ଚଟି[5] ଅଡିଟ୍ ତାରିଖ (ନଭେମ୍ବର 2019) ପର୍ଯ୍ୟନ୍ତ ନାକ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇନାହିଁ । ସେହିଭଳି, 883 ସାଧାରଣ ଷ୍ଟ୍ରିମ୍ ମହାବିଦ୍ୟାଳୟ ମଧ୍ୟରୁ 702(80 ପ୍ରତିଶତ) ନାକ୍ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ନୁହେଁ ଯାହା ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକର ସ୍ୱୀକୃତି ପ୍ରାପ୍ତ ସ୍ଥିତି ତଥା ଏସଏଲକ୍ୟୁଏସି ର କାର୍ଯ୍ୟରେ ଅନ୍ତର ପ୍ରତିଫଳିତ ହୋଇଥିଲା ଯାହାର କାର୍ଯ୍ୟ ମହାବିଦ୍ୟାଳୟ ଗୁଡ଼ିକୁ ସ୍ୱୀକୃତି ପାଇଁ ଆବେଦନ କରିବା ପାଇଁ ଉତ୍ସାହିତ କରିବାର ଥିଲା । ମନିଟରିଂ ନକରିବା ହେତୁ, ପୂର୍ବ ସ୍ୱୀକୃତି ପାଇଥିବା 65 ମହାବିଦ୍ୟାଳୟ ଦ୍ୱିତୀୟ ଚକ୍ର ପାଇଁ ନାକ୍ ପାଖରେ ଆବେଦନ କରିନଥିଲେ ଯେଉଁଥିପାଇଁ ତାଙ୍କର ସ୍ୱୀକୃତିପ୍ରାପ୍ତ ସ୍ଥିତି ଅତିକ୍ରାନ୍ତ ହୋଇଯାଇଥିଲା ।

ରାଜ୍ୟରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକର ମାନ୍ୟତା ସ୍ଥିତିର ବିବରଣୀ ନିମ୍ନରେ ଦିଆଯାଇଥିବା ସାରଣୀରେ ଦିଆଯାଇଛି :

*ସାରଣୀ5.4: ରାଜ୍ୟରେ ନାକ୍ ସ୍ୱୀକୃତି ପ୍ରାପ୍ତ ଉଚ୍ଚଶିକ୍ଷା ଅନୁଷ୍ଠାନ ସଂଖ୍ୟା*

| କ୍ରମିକ ସଂଖ୍ୟା | ଅନୁଷ୍ଠାନର ପ୍ରକାର (କେବଳ ସାଧାରଣ ପାଠ୍ୟବିଭାଗ) | ଉଚ୍ଚଶିକ୍ଷା ଅନୁଷ୍ଠାନର ସଂଖ୍ୟା (2018-19) | ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ | ଉଚ୍ଚଶିକ୍ଷା ଅନୁଷ୍ଠାନର ଗ୍ରେଡ୍ | | | | |
|---|---|---|---|---|---|---|---|---|
| | | | | A+ | A | B++/B+ | B | C |
| 1 | ରାଜ୍ୟ ବିଶ୍ୱବିଦ୍ୟାଳୟ | 12 | 7 | 1 | 3 | 3/0 | 0 | 0 |
| 2 | କେନ୍ଦ୍ରୀୟ/ ବୈଷୟିକ ବିଶ୍ୱବିଦ୍ୟାଳୟ | 11 | 5 | 1 | 2 | 1/0 | 1 | 0 |
| 3 | ବେସରକାରୀ ବିଶ୍ୱବିଦ୍ୟାଳୟ | 5 | 3 | 3 | 0 | 0 | 0 | 0 |
| 4 | ସରକାରୀ ମହାବିଦ୍ୟାଳୟ(ସାଧାରଣ) | 49 | 23 | 0 | 6 | 4/7 | 5 | 1 |
| 5 | ବେସରକାରୀ ମହାବିଦ୍ୟାଳୟ (ସାଧାରଣ) | 834 | 158 | 0 | 2 | 12/21 | 94 | 29 |
| | **ମୋଟ** | **911**[6] | **196** | **5** | **13** | **20/28** | **100** | **30** |

*(ଉତ୍ସ: ଏସ୍ଏଏମ୍ଏସ୍ ଏବଂ ନାକ୍ ୱେବସାଇଟ୍)*

5 ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

6 911 ଟି ଏଚ୍ଇଆଇ ମଧ୍ୟରେ 28 ଟି ବିଶ୍ୱବିଦ୍ୟାଳୟ ଏବଂ 883 ମହାବିଦ୍ୟାଳୟ ଅନ୍ତର୍ଭୁକ୍ତ

ମାର୍ଚ୍ଚ 2019 ସୁଦ୍ଧା ଦୁଇଟି ପରୀକ୍ଷା ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟରେ ସହବନ୍ଧନ ଏବଂ ସ୍ୱୀକୃତିର ସ୍ଥିତି ନିମ୍ନ ସାରଣୀରେ ଦିଆଯାଇଛି:

*ସାରଣୀ 5.5: ଦୁଇଟି ପରୀକ୍ଷା ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟ ଅଧିନରେ ଥିବା କଲେଜଗୁଡ଼ିକର ସହବନ୍ଧନ ଏବଂ ସ୍ୱୀକୃତି ସ୍ଥିତି*

| ବିଶ୍ୱବିଦ୍ୟାଳୟର ନାମ | ଅନୁବନ୍ଧିତ ମହାବିଦ୍ୟାଳୟ ସଂଖ୍ୟା | ନାକ୍ ଦ୍ୱାରା ମାନ୍ୟତା ପ୍ରାପ୍ତ ମହାବିଦ୍ୟାଳୟ ସଂଖ୍ୟା | ମହାବିଦ୍ୟାଳୟ ଯାହାର ମାନ୍ୟତା ଅତିକ୍ରାନ୍ତ ହୋଇଛି |
|---|---|---|---|
| ଉତ୍କଳ ବିଶ୍ୱବିଦ୍ୟାଳୟ | 304 | 78 | 21 |
| ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ | 83 | 19 | 7 |

*(ଉତ୍ସ: ଏସଏଏମ୍ଏସ୍ ଏବଂ ନାକ୍ ୱେବସାଇଟ୍)*

ରାଜ୍ୟରେ ନିମ୍ନ ସ୍ତରର ମାନ୍ୟତା ଭିତ୍ତିଭୂମି, ଶିକ୍ଷାଦାନ ଏବଂ ଶିକ୍ଷା ପ୍ରକ୍ରିୟା, ପାଠ୍ୟକ୍ରମ ପରିକଳ୍ପନା, ଶିକ୍ଷାଦାନ ଏବଂ ଗବେଷଣାରେ କାର୍ଯ୍ୟରତ କର୍ମଚାରୀ, ଲାଇବ୍ରେରୀ ପୁସ୍ତକ ଇତ୍ୟାଦି କ୍ଷେତ୍ରରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଅଭାବକୁ ସୂଚିତ କରେ । ଯେହେତୁ ରୁସା କେବଳ ନାକ ସ୍ୱୀକୃତିପ୍ରାପ୍ତ ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କୁ ପାଣ୍ଠି ମଞ୍ଜୁର କରୁଥିଲା, ଏହି ଅଣ-ମାନ୍ୟତା ପ୍ରାପ୍ତ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକ ରୁସା ଯୋଜନାର (2014-19) ଅନୁଦାନରୁ ବଞ୍ଚିତ ହୋଇଥିଲେ । 2014-19 ମଧ୍ୟରେ 883 ମହାବିଦ୍ୟାଳୟ ମଧ୍ୟରୁ କେବଳ 145 ମହାବିଦ୍ୟାଳୟ (16.42 ପ୍ରତିଶତ) ରୁସା ପାଣ୍ଠି ପାଇଲେ । ଏହା ଦେଖାଗଲା ଯେ ସ୍ୱୀକୃତି ସ୍ଥିତିକୁ ଜାରି ରଖିବା ଏବଂ ନୂତନ ମହାବିଦ୍ୟାଳୟଗୁଡ଼ିକୁ ନାକ ସ୍ୱୀକୃତି ଅଧୀନକୁ ଆଣିବା ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ କରାଯାଇ ନାହିଁ । ଏପରିକି ଦୁଇଟି ବିଶ୍ୱବିଦ୍ୟାଳୟର 25 ଟି ଉଚ୍ଚଶିକ୍ଷା ପ୍ରତିଷ୍ଠାନ[7] ଯାହା 2012 ରେ ନିଜର ମାନ୍ୟତା ହରାଇଥିଲା, ମାର୍ଚ୍ଚ 2020 ସୁଦ୍ଧା ଏହାକୁ ପୁନସ୍ଥାପିତ କରିପାରିଲେ ନାହିଁ ।

ସରକାର ଦର୍ଶାଇଲେ (ସେପ୍ଟେମ୍ବର 2020) ଯେ ସ୍ୱୀକୃତି ହାର ବୃଦ୍ଧି ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନିଆଯାଉଛି ଏବଂ ନାକ୍ ଗ୍ରେଡ୍‌କୁ ଏହାର କିଛି ଆର୍ଥିକ ସହାୟତା ସହିତ ମହାବିଦ୍ୟାଳୟ ସହିତ ଯୋଡ଼ାଯାଉଛି । ଏହାର ଉତ୍ତର ହୃଦବୋଧ ଜନକ ନୁହେଁ କାରଣ ରାଜ୍ୟରେ କେବଳ 20.50 ପ୍ରତିଶତ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ମାନଙ୍କର ନାକ୍ ମାନ୍ୟତା ଥିଲା ।

ଅଧିକରୁ ଅଧିକ ମହାବିଦ୍ୟାଳୟ ନାକ୍ ମାନ୍ୟତା ପାଇବା ପାଇଁ ସରକାର ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିବା ଉଚିତ୍, କାରଣ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ହେଉଛି ସମୁଦାୟ ଗୁଣବତ୍ତା ହାସଲ କରିବା ପାଇଁ ଉପକରଣ ଏବଂ ଏହି ପ୍ରକ୍ରିୟାରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଶକ୍ତି ଏବଂ ଦୁର୍ବଳତାକୁ ଚିହ୍ନଟ କରାଯାଇଥାଏ । ସ୍ୱୀକୃତି ପ୍ରକ୍ରିୟାରେ, ଅନୁଷ୍ଠାନଗୁଡ଼ିକ ମଧ୍ୟ ସମ୍ଭାବ୍ୟ ଶକ୍ତି କାରକକୁ ବଢାଇବାକୁ ଉପଯୁକ୍ତ ହସ୍ତକ୍ଷେପ ମାଧ୍ୟମରେ ତ୍ରୁଟି ସୁଧାରିବାରେ ସାହାଯ୍ୟ କରନ୍ତି ।

### 5.4.1 ଜାତୀୟ ଅନୁଷ୍ଠାନ ରାଙ୍କିଙ୍ଗ୍ ଫ୍ରେମୱାର୍କ (ଏନଆଇଆରଏଫ୍) ସ୍ଥିତି

ନ୍ୟାସନାଲ୍ ଇନଷ୍ଟିଚ୍ୟୁସନାଲ୍ ରାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ଏମ୍‌ଏଚ୍‌ଆର୍‌ଡି ଦ୍ୱାରା ଅନୁମୋଦନ ହରାଇଥିଲା ଏବଂ 29 ସେପ୍ଟେମ୍ବର 2015 ରେ ଆରମ୍ଭ କରାଯାଇଥିଲା । ଏହି ଢାଞ୍ଚା ସମଗ୍ର ଦେଶରେ ଅନୁଷ୍ଠାନ ମାନ୍ୟତା ପାଇବା ପାଇଁ ଏକ ପଦ୍ଧତିକୁ ବର୍ଣ୍ଣନା କରେ । ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଅନୁଷ୍ଠାନଗୁଡ଼ିକର ମାନ୍ୟତା ପାଇଁ ବ୍ୟାପକ ପାରାମିଟରଗୁଡ଼ିକ ଚିହ୍ନଟ କରିବାକୁ ଏମ୍‌ଏଚ୍‌ଆରଡି ଦ୍ୱାରା ସ୍ଥାପିତ ଏକ କୋର କମିଟି ବିଭିନ୍ନ ସୁପାରିଶଗୁଡ଼ିକୁ ଗ୍ରହଣ ବ୍ୟାପକ ବୁଝାମଣାରୁ କରି ଚିହ୍ନଟ କରିଥିଲେ । ପାରାମିଟରଗୁଡ଼ିକ ବ୍ୟାପକ ଭାବରେ "ଶିକ୍ଷାଦାନ", "ଶିକ୍ଷା" ଏବଂ "ସମ୍ବଳ", "ଅନୁସନ୍ଧାନ" ଏବଂ "ବୃତ୍ତିଗତ ଅଭ୍ୟାସ", "ସ୍ନାତକୋତ୍ତର ଫଳାଫଳ", "ପ୍ରସାରଣ ଏବଂ ଅନ୍ତର୍ଭୁକ୍ତତା" ଏବଂ "ଧାରଣା" ଗୁଡ଼ିକୁ ଅନ୍ତର୍ଭୁକ୍ତ କରେ ।

ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗ୍‌ରୁ (2016 ରେ ଆରମ୍ଭ ହୋଇଥିଲା), ଦେଖାଗଲା ଯେ 2016-19 ମଧ୍ୟରେ ପ୍ରଥମ 100 ମଧ୍ୟରେ ଓଡ଼ିଶାର କୌଣସି ରାଜ୍ୟ ବିଶ୍ୱବିଦ୍ୟାଳୟ ସ୍ଥାନିତ ହୋଇ ନଥିଲା । 2018 ରେ ଉତ୍କଳ ବିଶ୍ୱବିଦ୍ୟାଳୟ 101 ରୁ 150 ମଧ୍ୟରେ ଏବଂ 2019 ରେ 151 ରୁ 200 ମାନ୍ୟତା ମଧ୍ୟରେ ସ୍ଥାନିତ ହୋଇଥିଲା ।

7 ଉତ୍କଳ ବିଶ୍ୱବିଦ୍ୟାଳୟ: 18 ଏଚ୍‌ଇଆଇ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ: ସାତ ଏଚ୍‌ଇଆଇ

ଅନ୍ୟପକ୍ଷରେ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ମଧ୍ୟ ଏହି ସମୟ ମଧ୍ୟରେ ଶ୍ରେଷ୍ଠ 200 ବିଶ୍ୱବିଦ୍ୟାଳୟ ମଧ୍ୟରେ ନଥିଲା । ଅବଶ୍ୟ, ରାଜ୍ୟର ଦୁଇଟି ବେସରକାରୀ ବିଶ୍ୱବିଦ୍ୟାଳୟ[8] କ୍ରମାଗତ ଭାବରେ ପ୍ରଥମ 100 ପଦବୀରେ ମଧ୍ୟରେ ସ୍ଥାନିତ ହେଲା । ଅଧିକନ୍ତୁ, 2016-19 ମଧ୍ୟରେ ଏନ୍ଆଇଆରଏଫ୍ ର୍ୟାଙ୍କିଙ୍ଗ୍‌ରେ ରାଜ୍ୟର କୌଣସି ମହାବିଦ୍ୟାଳୟ ସ୍ଥାନ ପାଇଲା ନାହିଁ । ଦୁଇଟି ରାଜ୍ୟ ବେସରକାରୀ ବିଶ୍ୱବିଦ୍ୟାଳୟର ମାନ୍ୟତା ସହିତ ଦୁଇଟି ପରୀକ୍ଷା ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟ ଗୁଡ଼ିକର ତୁଳନା ତଳେ ଦିଆଗଲା :

*ସାରଣୀ5.6:2016-2019 ଅବଧି ପାଇଁ ଏନ୍ଆଇଆରଏଫ୍ ରେ ରାଜ୍ୟର ଦୁଇଟି ବେସରକାରୀ ବିଶ୍ୱବିଦ୍ୟାଳୟ ସହିତ ଦୁଇଟି ପରୀକ୍ଷା ଯାଞ୍ଚ ବିଶ୍ୱବିଦ୍ୟାଳୟର ସ୍ଥିତି*

| Name of the University | 2016 | 2017 | 2018 | 2019 |
|---|---|---|---|---|
| ଉତ୍କଳ ବିଶ୍ୱବିଦ୍ୟାଳୟ | ଏନ୍ଆର୍ | ଏନ୍ଆର୍ | 101-150 | 151-200 |
| ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ | ଏନ୍ଆର୍ | ଏନ୍ଆର୍ | ଏନ୍ଆର୍ | ଏନ୍ଆର୍ |
| କୀଟ୍ ଭୁବନେଶ୍ୱର | 53 | 49 | 42 | 31 |
| ସୋଆ ଭୁବନେଶ୍ୱର | 16A | 20 | 24 | 24 |




*(ଉତ୍ସ: ଏନ୍ଆଇଆରଏଫ୍ ୱେବସାଇଟ୍)*

ଯେହେତୁ ଏନ୍ଆଇଆର୍ଏଫ୍ ର୍ୟାଙ୍କିଙ୍ଗ୍ ବିଭିନ୍ନ ଗୁଣାତ୍ମକ ପାରାମିଟରକୁ ବିଚାର କରି ଅନୁଷ୍ଠାନର ସ୍ଥିତିକୁ ପ୍ରତିଫଳିତ କରିଥାଏ, 100 ଟି ରାଙ୍କ୍ ମଧ୍ୟରେ ରାଜ୍ୟରେ କୌଣସି ଅନୁଷ୍ଠାନ ସ୍ଥାନିତ ନହେବା, କାର୍ଯ୍ୟଦକ୍ଷତା ଦୃଷ୍ଟିରୁ ରାଜ୍ୟରେ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ଖରାପ ସ୍ଥିତିକୁ ଦର୍ଶାଉଥିଲା । ଏନ୍ଆଇଆରଏଫ୍ ର୍ୟାଙ୍କିଙ୍ଗ୍‌ରେ ସେମାନଙ୍କ ସ୍ଥିତିରେ ଉନ୍ନତି ଆଣିବା ପାଇଁ ରାଜ୍ୟର ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକ ପ୍ରଭାବଶାଳୀ ପଦକ୍ଷେପ ନେବା ଆବଶ୍ୟକ ।

ସରକାର ଦର୍ଶାଇଛନ୍ତି (ସେପ୍ଟେମ୍ବର 2020) ଯେ ଗତ କିଛି ବର୍ଷ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ , ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟ ର୍ୟାଙ୍କ୍ ମଧ୍ୟରେ ଥିଲା, କିନ୍ତୁ 100 ମଧ୍ୟରେ ନୁହେଁ । ଏନ୍ଆଇଆରଏଫ୍ 2020 ର୍ୟାଙ୍କିଙ୍ଗରେ, ଉତ୍କଳ ବିଶ୍ୱବିଦ୍ୟାଳୟ100 ମଧ୍ୟରେ, ଅର୍ଥାତ୍ 96 ତମ ମାନ୍ୟତା ପାଇଛି । ତଥାପି, ଉତ୍କଳ ବିଶ୍ୱବିଦ୍ୟାଳୟକୁ ର୍ୟାଙ୍କିଙ୍ଗ୍‌ରେ ଉନ୍ନତି ଆଣିବା ପାଇଁ ଚେଷ୍ଟା ଜାରି ରଖିବାକୁ ଥିବାବେଳେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ଏହାର ର୍ୟାଙ୍କିଙ୍ଗ୍‌ରେ ଉନ୍ନତି ଆଣିବା ପାଇଁ ଏହାର କାର୍ଯ୍ୟଦକ୍ଷତାକୁ ଯଥେଷ୍ଟ ଉନ୍ନତ କରିବାକୁ ପଡ଼ିବ ।

## 5.5 ଅଣ ଶିକ୍ଷକ କର୍ମଚାରୀ

ରୁସା ନିର୍ଦ୍ଦେଶାବଳୀରେ ଦର୍ଶାଯାଇଛି ଯେ ଉଚ୍ଚଶିକ୍ଷା ଅନୁଷ୍ଠାନରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ମଧ୍ୟରେ ଅନୁପାତ 1:1.1 ହେବା ଉଚିତ୍ । ଡିଗ୍ରୀ କଲେଜଗୁଡ଼ିକରେ ଅଣଶିକ୍ଷକ କର୍ମଚାରୀ ପଦବୀ ପାଇଁ ରାଜ୍ୟର କୌଣସି ନିର୍ଦ୍ଦିଷ୍ଟ ନୀତି ନାହିଁ ।

ଅଡିଟ୍‌ରୁ ଜଣାପଡ଼ିଛି ଯେ ଓଡ଼ିଶା ସରକାର ରାଜ୍ୟର ସମସ୍ତ 49 ଟି ସରକାରୀ ଡିଗ୍ରୀ କଲେଜରେ ଅଣଶିକ୍ଷକ କର୍ମଚାରୀଙ୍କ ଖାଲି ପଦବୀକୁ ଆକଳନ କରିଛନ୍ତି । 774 ଟି ଅଣଶିକ୍ଷକ ପଦବୀଗୁଡ଼ିକର ଅନୁମୋଦିତ ପଦବୀ ବିପକ୍ଷରେ କେବଳ 306 ଜଣ କର୍ମଚାରୀ ଥିଲେ ଏବଂ ଅବଶିଷ୍ଟ 466 (60 ପ୍ରତିଶତ) ପଦବୀ ମାର୍ଚ୍ଚ 2019 ସୁଦ୍ଧା ଖାଲି ପଡ଼ିଥିଲା । ଅଣସରକାରୀ ସହାୟକ ମହାବିଦ୍ୟାଳୟରେ ଅଣଶିକ୍ଷକ କର୍ମଚାରୀଙ୍କ ସ୍ଥିତିକୁ ସରକାର ଆକଳନ କରିନଥିଲେ ।

32 ଟି ପରୀକ୍ଷା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟ ମଧ୍ୟରୁ 26 ଟି ମହାବିଦ୍ୟାଳୟ ଅଣଶିକ୍ଷକ କର୍ମଚାରୀଙ୍କ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଅଣଶିକ୍ଷକ କର୍ମଚାରୀଙ୍କ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ 2014-19 ମଧ୍ୟରେ

[8] କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍‌ନୋଲୋଜି (କେଆଇଆଇଟି) ଏବଂ ଶିକ୍ଷା ଓ ଅନୁସନ୍ଧାନ (ଏସ୍‌ଓଏ)

ଏହା 28 ରୁ 35 ପ୍ରତିଶତ ଏହି କଲେଜଗୁଡ଼ିକରେ ଖାଲି ପଡ଼ିଥିଲା ଯାହାକି ନିମ୍ନରେ ଦିଆଯାଇଥିବା ସାରଣୀରେ ବର୍ଣ୍ଣନା କରାଯାଇଛି:

*ସାରଣୀ5.7: 26 ଟି ପରୀକ୍ଷା ଯାଞ୍ଚ ହୋଇଥିବା କଲେଜରେ ଅଣଶିକ୍ଷକ କର୍ମଚାରୀଙ୍କ ସ୍ଥିତିରେ ଅନୁମୋଦିତ ପଦବୀ*

| ବର୍ଷ | ଅଣଶିକ୍ଷକ କର୍ମଚାରୀଙ୍କ ଅନୁମୋଦିତ ପଦବୀ | କାର୍ଯ୍ୟରତ ପଦବୀ ସଂଖ୍ୟା | ଖାଲି ପଦବୀ (ପ୍ରତିଶତ) | ରହିଥିବା ଶିକ୍ଷକ କର୍ମଚାରୀ | ଶିକ୍ଷକ ଓ ଅଣଶିକ୍ଷକ ଅନୁପାତ |
|---|---|---|---|---|---|
| 2014-15 | 607 | 441 | 166 (27) | 558 | 1: 0.79 |
| 2015-16 | 607 | 434 | 173 (29) | 538 | 1: 0.81 |
| 2016-17 | 620 | 430 | 190 (31) | 563 | 1: 0.76 |
| 2017-18 | 620 | 418 | 203 (33) | 605 | 1: 0.69 |
| 2018-19 | 620 | 401 | 219 (35) | 580 | 1: 0.69 |

*(ଉତ୍ସ: 26 ଟି ପରୀକ୍ଷା ଯାଞ୍ଚ ହୋଇଥିବା କଲେଜ)*

ଅଣଶିକ୍ଷକ ପଦବୀ ବର୍ଷ ବର୍ଷ ଧରି ଖାଲି ପଡ଼ିଥିଲା ଓ ବୃଦ୍ଧି ହେଉଥିଲା ଏହାଦ୍ୱାରା ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଅନୁପାତ ହ୍ରାସ ପାଇଥିଲା । ଅଫିସ୍ ପ୍ରଶାସନରେ ଗୁରୁତ୍ୱପୂର୍ଣ୍ଣ ସହାୟତା କାର୍ଯ୍ୟ କରୁଥିବା ଅଣଶିକ୍ଷକ କର୍ମଚାରୀଙ୍କ ଅଭାବ ଯଥା, ଲାବୋରେଟୋରୀ, ସେବକ, ଲାଇବ୍ରେରୀ ସେବକ ଇତ୍ୟାଦି ମଧ୍ୟ ଉଚ୍ଚଶିକ୍ଷା ଅନୁଷ୍ଠାନରେ ଶିକ୍ଷାର ଗୁଣବତ୍ତା ଉପରେ ପ୍ରଭାବ ପକାଇଥାଏ ।

ପରୀକ୍ଷା ଯାଞ୍ଚ ହୋଇଥିବା କଲେଜଗୁଡ଼ିକରେ ଯେପରି ଦେଖାଯାଇଥିଲା ଯେ କେତେକ ଅଣଶିକ୍ଷାଦାନ କାର୍ଯ୍ୟ ଶିକ୍ଷକଙ୍କ ଦ୍ୱାରା କରାଯାଉଛି, ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ବିପୁଳ ଖାଲି ପଦବୀ ହେତୁ ଉଚ୍ଚଶିକ୍ଷା ଅନୁଷ୍ଠାନର ମୂଳ ଶିକ୍ଷାଦାନ କାର୍ଯ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ।

## 5.6 ଆର୍ଥିକ ପରିଚାଳନା

ଓଡ଼ିଶା ସରକାର ରାଜ୍ୟ ବଜେଟରୁ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଶିକ୍ଷାଦାନ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ଦରମା ଏବଂ ସରକାରୀ ମହାବିଦ୍ୟାଳୟଗୁଡ଼ିକର ଖର୍ଚ୍ଚକୁ ପୂରଣ କରିବା ପାଇଁ ଅନୁଦାନ ପ୍ରଦାନ କରନ୍ତି । ରାଜ୍ୟ ବଜେଟ ବ୍ୟତୀତ ରାଜ୍ୟ ବିଶ୍ୱବିଦ୍ୟାଳୟଏବଂ ସରକାରୀ କଲେଜଗୁଡ଼ିକ ଏମ୍‌ଏଚ୍‌ଆର୍‌ଡି ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ର ସହାୟତା ଗ୍ରହଣ କରନ୍ତି ।

### 5.6.1 ରାଜ୍ୟ ବଜେଟ୍ ଅଧିନରେ ପାଣ୍ଠି

ଓଡ଼ିଶା ବଜେଟ୍ ମାନୁଆଲ (ଓବିଏମ୍) ଅନୁଯାୟୀ, ଗୋଟିଏ ବିଷୟ ଉପରେ ଖର୍ଚ୍ଚର ଆକଳନରେ ପ୍ରଦାନ କରାଯାଇଥିବା ରାଶି ସେହି ରାଶି ହେବା ଆବଶ୍ୟକ ଯାହା ସେହି ବର୍ଷରେ ଖର୍ଚ୍ଚ ହୋଇପାରିବ । ଏକ ଆକଳନରେ ସଞ୍ଚୟ, ଏହା ଉପରେ ଅଧିକ ଆର୍ଥିକ ଅନିୟମିତତା ସୃଷ୍ଟି କରେ ।

ରାଜ୍ୟ ବଜେଟରୁ 2014-19 ମଧ୍ୟରେ ରାଜ୍ୟ ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକୁ ପ୍ରଦାନ କରାଯାଇଥିବା ବର୍ଷ-ଅନୁଯାୟୀ ପାଣ୍ଠିର ସ୍ଥିତି ନିମ୍ନ ସାରଣୀରେ ଦର୍ଶାଯାଇଛି:

*ସାରଣୀ 5.8: ରାଜ୍ୟ ବଜେଟରୁ ପାଣ୍ଠି (କୋଟି ଟଙ୍କା)*

| ବର୍ଷ | ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକ ପାଇଁ ବଜେଟ | ମଞ୍ଜୁର ହୋଇଥିବା ରାଶି | | | ଖର୍ଚ୍ଚ | ସଂଚୟ/ ଅଧିକ (ପ୍ରତିଶତ) |
|---|---|---|---|---|---|---|
| | | ରାଜ୍ୟ ବିଶ୍ୱବିଦ୍ୟାଳୟ | ମହାବିଦ୍ୟାଳୟ | ସମୁଦାୟ ମଞ୍ଜୁର ହୋଇଥିବା ରାଶି | | |
| 2014-15 | 1,784.00 | 304.24 | 1,479.76 | 1,784.00 | 1,615.93 | 168.07 (9.42) |
| 2015-16 | 1,788.85 | 326.08 | 1,462.77 | 1,788.85 | 1,670.64 | 118.21 (6.60) |
| 2016-17 | 1,921.50 | 306.52 | 1,614.98 | 1,921.50 | 1,765.62 | 155.88 (8.11) |
| 2017-18 | 1,799.40 | 359.05 | 1,440.35 | 1,799.40 | 1,557.84 | 241.56 (13.42) |
| 2018-19 | 1,992.01 | 409.38 | 1,582.63 | 1,992.01 | 1,724.06 | 267.95(13.45 ) |
| ମୋଟ | **9,285.76** | **1705.27** | **7,580.49** | **9,285.76** | **8,334.09** | **951.67 (10.25)** |

*(ଉତ୍ସ: ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବଜେଟ୍ ଦଲିଲ/ସୂଚନା)*

ଏହା ଲକ୍ଷ୍ୟ କରାଯାଇଥିଲା ଯେ2014-19 ମଧ୍ୟରେ 951.67 କୋଟି ଟଙ୍କା ସଂଚୟ ହୋଇଥିଲା । ଏହି ସମୟ ମଧ୍ୟରେ ଆବଣ୍ଟିତ ପାଣ୍ଠିର ବାର୍ଷିକ ସଂଚୟ 6.60 ପ୍ରତିଶତରୁ 13.45 ପ୍ରତିଶତ ମଧ୍ୟରେ ରହିଥିଲା । ସଂଚୟ ପରିମାଣ ମୁଖ୍ୟତଃ ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ, ଉଚ୍ଚଶିକ୍ଷାର ମଜବୁତ୍ ଏବଂ କଲେଜ କର୍ମଚାରୀଙ୍କ ବେତନ ଇତ୍ୟାଦି ଥିଲା ।

ଏପରିକି ରାଜ୍ୟରେ ଉଚ୍ଚଶିକ୍ଷାର ବିକାଶ ପାଇଁ ଆବଣ୍ଟିତ ପାଣ୍ଠି ବ୍ୟବହାର କରାଯାଇ ନଥିଲା । ଉଦାହରଣ ସ୍ୱରପ, 2014-19 ମଧ୍ୟରେ କଲେଜଗୁଡ଼ିକରେ ଗଣାତ୍ମକ ଶିକ୍ଷାର ଆଧୁନିକୀକରଣ ପାଇଁ ବିଭାଗ 74 କୋଟି ଟଙ୍କାର ବ୍ୟବସ୍ଥା କରିଥିଲା । ଏହି ବ୍ୟବସ୍ଥା ମଧ୍ୟରୁ କେବଳ 27.60 କୋଟି ଟଙ୍କା (37 ପ୍ରତିଶତ) ଖର୍ଚ୍ଚ ହୋଇଛି ଯାହାଦ୍ୱାରା 46.40 କୋଟି ଟଙ୍କା ସଂଚୟ ହୋଇଥିଲା । ରାଜ୍ୟରେ 79.50 ପ୍ରତିଶତ କଲେଜ ନାକ୍ ଦ୍ୱାରା ମାନ୍ୟତା ପାଇନଥିଲେ ଏବଂ ବିଭାଗରେ ବଣ୍ଟିତ ପାଣ୍ଠି ବ୍ୟବହାର ନକରିବା ରାଜ୍ୟରେ ଉଚ୍ଚଶିକ୍ଷାର ଗୁଣବତ୍ତା ସୁନିଶ୍ଚିତ କରିବାର ଉଦାସୀନତା ଦର୍ଶାଏ ।

ସରକାର କହିଲେ (ସେପ୍ଟେମ୍ବର 2020) ଯେ, କୌଣସି ସ୍କିମ୍ ସମ୍ବନ୍ଧରେ ବଜେଟ୍ ବ୍ୟବସ୍ଥାକୁ ସର୍ବୋଚ୍ଚ ମୂଲ୍ୟରେ ରଖିବା, ବିଭାଗର ଅଧିକାର ଅଟେ ଯାହା ଦ୍ୱାରା ମଧ ବର୍ଷର ଆବଶ୍ୟକତା/ ଜରୁରୀକାଳୀନ ଉଠାଣ ସହଜ ହୋଇପାରିବ । ବର୍ଷ ବର୍ଷ ଧରି ସ୍ଥାୟୀ ସଂଚୟ ଓଡ଼ିଶା ବଜେଟ୍ ମାନୁଆଲ ନିୟମକୁ ଉଲ୍ଲଂଘନ କରୁଥିବାରୁ ଏହି ଉତ୍ତର ଯଥାର୍ଥ ନୁହେଁ ।

### 5.6.2 ରୁସା ଅଧିନରେ ପାଇଥିବା ପାଣ୍ଠି

2013 ରେ ଆରମ୍ଭ ହୋଇଥିବା ରୁସା ଯୋଜନା ହେଉଛି ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକର ଗୁଣବତ୍ତା ଉନ୍ନତି ଏବଂ ସେମାନଙ୍କର ବିଦ୍ୟମାନ କ୍ଷମତାକୁ ବଢାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । ଯାହାଦ୍ୱାରା ସେମାନେ ଗତିଶୀଳ, ଚାହିଦାଚାଳିତ, ଗୁଣାତ୍ମକ ସଚେତନ, କାର୍ଯ୍ୟକ୍ଷମ ଏବଂ ଆଗକୁ ଦେଖାଯାଉଥିବା ଏବଂ ସ୍ଥାନୀୟରେ ଘଟୁଥିବା ଦ୍ରୁତ ଅର୍ଥନୈତିକ ଏବଂ ରାଜ୍ୟ, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ବୈଷୟିକ ବିକାଶ ପାଇଁ ପ୍ରତିକ୍ରିୟାଶୀଳ ହୋଇପାରିବେ । ଏହି ଯୋଜନାରେ କେବଳ ସରକାରୀ ଏବଂ ସରକାରୀ ସହାୟତା ପ୍ରାପ୍ତ ରାଜ୍ୟ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକ ମୁକ୍ତ ବିଶ୍ୱବିଦ୍ୟାଳୟ ଏବଂ ମେଡିକାଲ୍, କୃଷି, ପ୍ରାଣୀଚିକିତ୍ସା ଶିକ୍ଷା ଇତ୍ୟାଦି ପ୍ରଦାନ କରୁଥିବା ଅନୁଷ୍ଠାନକୁ ବାଦ୍ ଦେଇ ଓଡ଼ିଶା କ୍ଷେତ୍ରରେ ଏହି ଯୋଜନା ପାଇଁ କେନ୍ଦ୍ର ରାଜ୍ୟ ଅର୍ଥ 60:40 ଅନୁପାତରେ ରହିଥିଲା ।

ଓଡ଼ିଶା ପାଇଁ ରୁସା-1 ଅଧୀନରେ 2014-20 ଅବଧି ପାଇଁ ଏମ୍ଏଚ୍ଆରଡି ମୋଟ 896 କୋଟିଟଙ୍କା[9] ଅନୁମୋଦନ କରିଛି । ରାଜ୍ୟ ସରକାର ରୁସା 1 ଅଧୀନରେ 2014-20 ମଧ୍ୟରେ 680 କୋଟି ଟଙ୍କା ଅନୁମୋଦିତ ଖର୍ଚ୍ଚରୁ ମୋଟ 523.16 କୋଟି ଟଙ୍କା (76.93 ପ୍ରତିଶତ) ପ୍ରଦାନ କରିଛନ୍ତି । ସେହିଭଳି ରୁସା 2 ଅଧୀନରେ 2018-20 ମଧ୍ୟରେ 216 କୋଟି ଟଙ୍କାର ଅନୁମୋଦିତ ଖର୍ଚ୍ଚ ବିରୋଧରେ 99.6 କୋଟି ଟଙ୍କା (46.11 ପ୍ରତିଶତ) ଉଚ୍ଚଶକ୍ଷା ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରାଯାଇଥିଲା ।

#### 5.6.2.1 ରାଜ୍ୟ ସରକାରଙ୍କ ଦ୍ୱାର ରୁସା ପାଣ୍ଠି ପ୍ରଦାନ କରିବାରେ ବିଳମ୍ବ

ପ୍ରକଳ୍ପର ଶୀଘ୍ର କାର୍ଯ୍ୟାନ୍ୱୟନ ପାଇଁ ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ପଡ଼ିବ । ଏହା ମଧ ବିସ୍ତୃତ ଭାବେ ପରିଶିଷ୍ଟ 4 ରେ ଲକ୍ଷ୍ୟ କରାଯାଇଥିଲା ଯେ 52 ଦିନରୁ 329 ଦିନ ପର୍ଯ୍ୟନ୍ତ ବିଳମ୍ବରେ ଅନୁଷ୍ଠାନଗୁଡ଼ିକୁ ଏହି ପାଣ୍ଠି ପ୍ରଦାନ କରାଯାଇଥିଲା ।

ଏହିପରିପ୍ରେକ୍ଷୀରେ ଛଅଟି ଶିକ୍ଷାଗତ ପଛୁଆ ଜିଲ୍ଲାରେ[10] ମଡେଲ ଡିଗ୍ରୀ କଲେଜ (ଏମ୍ଡିସି) ପ୍ରକଳ୍ପକୁ ବିସ୍ତୃତ ଭାବେ ବିଶ୍ଲେଷଣ କରାଯାଇଥିଲା । ଏହି ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ଅବଦାନ (ପ୍ରଥମ କିସ୍ତି) ଭାବରେ 21 ଅଗଷ୍ଟ 2018 ରେ ଏମ୍ଏଚ୍ଆର୍ଡିରୁ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା 21.60 କୋଟି ଟଙ୍କା ଗ୍ରହଣ କରାଯାଇଥିଲା । କିନ୍ତୁ ଏହି ପାଣ୍ଠି ରାଜ୍ୟ ସରକାରଙ୍କ ଦ୍ୱାରା 16 ଜୁଲାଇ 2019 ଅର୍ଥାତ୍ 329 ଦିନର ବ୍ୟବଧାନ ପରେ 14.40 କୋଟି

---

[9] ରୁସା-1 ଅଧିନରେ 2014-15ରୁ2017-18ଅବଧି ପାଇଁ 680 କୋଟି ଟଙ୍କା ଏବଂ ରୁସା-2 ଅଧିନରେ 2018-19 ରୁ 2019-20 ଅବଧି ପାଇଁ 216 କୋଟି ଟଙ୍କା

[10] ବଲାଙ୍ଗିର, ଢେଙ୍କାନାଳ, ଗଜପତି, କଳାହାଣ୍ଡି, କନ୍ଧମାଳ ଏବଂ କୋରାପୁଟ

ଟଙ୍କାର ଅବଦାନ ପ୍ରଦାନ କରାଯାଇଥିଲା । ଫଳସ୍ୱରୂପ, ରୁସା-2 ପାଇଁ 31 ମାର୍ଚ୍ଚ 2020 ର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ମଡେଲ ଡିଗ୍ରୀ କଲେଜଗୁଡ଼ିକର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇପାରି ନଥିଲା ।

ଦ୍ୱିତୀୟ କିସ୍ତିର ପ୍ରଦାନ ପ୍ରଥମ କିସ୍ତି ପାଇଁ ଉପଯୋଗିତା ପ୍ରମାଣ ପତ୍ର ଦାଖଲ ଉପରେ ନିର୍ଭର କରେ । ସେପ୍ଟେମ୍ବର 2020 ସୁଦ୍ଧା ଛଅଟି କଲେଜ ମଧ୍ୟରୁ କୌଣସିଟିରେ ନିର୍ମାଣ କାର୍ଯ୍ୟ[11] ଶେଷ ହୋଇନଥିଲା । ଏହିପରି କାର୍ଯ୍ୟକାରିତା ଅବଧି ମାର୍ଚ୍ଚ 2020 ସୁଦ୍ଧା ସମାପ୍ତ ହୋଇସାରିଥିବାରୁ ରୁସା ପାଣ୍ଠିର ଦ୍ୱିତୀୟ କିସ୍ତି ଲାଭ କରିବାର ସୁଯୋଗ ସୁଦୂର ଥିଲା ।

ସରକାର କହିଛନ୍ତି (ସେପ୍ଟେମ୍ବର 2020) ଯେ, ସମସ୍ତ କାରବାର ଇଣ୍ଟିଗ୍ରେଟେଡ୍ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ ଏବଂ (ଆଇଏଫ୍ଏମ୍ଏସ୍) ଏବଂ ପବ୍ଲିକ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (ପିଏଫ୍ଏମ୍ଏସ୍) ପୋର୍ଟାଲ୍ ମାଧ୍ୟମରେ କରାଯାଇଥାଏ ଏବଂ ପୋର୍ଟାଲଗୁଡ଼ିକ ସଠିକ ଭାବରେ କାର୍ଯ୍ୟ ନକଲେ ପାଣ୍ଠି ପ୍ରଦାନ କରିବାରେ ବିଳମ୍ବ ହୁଏ । ଏଥିସହ ଏହା ମଧ୍ୟ କୁହାଯାଇଛି ଯେ ଜମି ସମସ୍ୟା ହେତୁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ (ଏମ୍ଏଚ୍ଆରଡ଼ି) ରୁ ମିଳିଥିବା ପାଣ୍ଠି (20.60 କୋଟି ଟଙ୍କା) ପୂର୍ବରୁ ପ୍ରଦାନ କରାଯାଇପାରିଲା ନାହିଁ । ସରକାରଙ୍କର ଏହି ଉତ୍ତର ସନ୍ତୋଷଜନକ ନୁହେଁ କାରଣ ପ୍ରକଳ୍ପର ଅନୁମୋଦନ ପୂର୍ବରୁ ଜମି ସମସ୍ୟାକୁ ଭଲ ଭାବରେ ସମାଧାନ କରିବାର ଉଚିତ୍ ଥିଲା ଏବଂ ଆଇଏଫ୍ଏମ୍ଏସ୍ ଏବଂ ପିଏଫ୍ଏମ୍ଏସ୍ ପୋର୍ଟାଲର କାର୍ଯ୍ୟକ୍ଷମ ନହେବା ଏତେ ବିଳମ୍ବ ହେବାର କାରଣ ହୋଇପାରିବ ନାହିଁ ।

### *5.6.3 ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ବାର୍ଷିକ ହିସାବ ପ୍ରସ୍ତୁତ ନକରିବା*

ଓୟୁଏଫ୍ଏସ୍ 1990 ର ଅଧିନିୟମ 165 ରେ ପ୍ରଦାନ କରାଯାଇଛି ଯେ ବିଶ୍ୱବିଦ୍ୟାଳୟର ହିସାବ ଗୁଡ଼ିକ ଅର୍ଥନିୟନ୍ତ୍ରକଙ୍କ ଦ୍ୱାରା ପ୍ରସ୍ତୁତ ହେବ ଏବଂ ଆଇନ୍ ଏବଂ ଅଧିନିୟମରେ ଥିବା ବ୍ୟବସ୍ଥା ଅନୁଯାୟୀ ଅର୍ଥ କମିଟି, ସିନେଟ୍ ଏବଂ ସିଣ୍ଡିକେଟ୍ ସମ୍ମୁଖରେ ରଖାଯିବ । ଅଧିକନ୍ତୁ, ୟୁନିଭର୍ସିଟି ଆକାଉଣ୍ଟସ୍ ମାନୁଆଲ୍, 1987ର ନିୟମ 20 ଯେ ହିସାବ ଗୁଡ଼ିକର ବାର୍ଷିକ ବିବରଣୀ ରସିଦ୍ ଏବଂ ଦେୟ ହିସାବ, ଆୟ ଏବଂ ବ୍ୟୟ ହିସାବ ଏବଂ ସମ୍ପତ୍ତି ଏବଂ ଦାୟିତ୍ୱର ବିବରଣୀ ଧାରଣ କରିବା ଆବଶ୍ୟକ କରେ । ଉଭୟ ବାର୍ଷିକ ହିସାବ ଏବଂ ଆୟ ଏବଂ ବ୍ୟୟ ବିବରଣୀ ପ୍ରତ୍ୟେକ ଆର୍ଥିକ ବର୍ଷ ଶେଷରେ ପ୍ରସ୍ତୁତ କରିବା ଆବଶ୍ୟକ ।

ଅଡିଟ୍ ଲକ୍ଷ୍ୟ କରିଛି ଯେ ଉତ୍କଳ ବିଶ୍ୱବିଦ୍ୟାଳୟ2014-19 ମଧ୍ୟରେ ଏହାର ଏକୀଭୂତ ବାର୍ଷିକ ଖାତା ପ୍ରସ୍ତୁତ କରିନାହିଁ । ବାର୍ଷିକ ହିସାବ ଗୁଡ଼ିକ ପ୍ରସ୍ତୁତ ନହେବା ହେତୁ ବିଶ୍ୱବିଦ୍ୟାଳୟ ଏହାର ବାଲାନ୍ସ ସୀଟ୍, ପ୍ରାପ୍ତି ଓ ଦେୟ ବିବରଣୀ, ଆୟ ଏବଂ ବ୍ୟୟ ବିବରଣୀ ଦର୍ଶାଇବା ସ୍ଥିତିରେ ନଥିଲା ଯେଉଁଥିପାଇଁ ଆକାଉଣ୍ଟ ଗୁଡ଼ିକର ପ୍ରକୃତ ଏବଂ ସ୍ୱଚ୍ଛ ଦୃଶ୍ୟ ସୁନିଶ୍ଚିତ ହୋଇପାରିଲା ନାହିଁ ।

**ସଂକ୍ଷିପ୍ତ ସାର ଏବଂ ସୁପାରିଶ ଗୁଡ଼ିକ**

2008-09 ପରଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ସିନେଟ୍ କାର୍ଯ୍ୟ କରୁନଥିଲା । ଯୋଜନା ପାଇଁ ଦାୟୀ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ (ଓଏସ୍ଏଚ୍ଇସି) ଉଚ୍ଚଶିକ୍ଷା ଯୋଜନା ପ୍ରସ୍ତୁତ କରିନଥିଲା । ମାର୍ଚ୍ଚ 2019 ସୁଦ୍ଧା 883 ଟି କଲେଜ ମଧ୍ୟରୁ ମାତ୍ର 181 ଟି କଲେଜ (20.50 ପ୍ରତିଶତ) ନାକ୍‌ର ମାନ୍ୟତା ପାଇଥିବାରୁ ରାଜ୍ୟସ୍ତରୀୟ ଗୁଣବତ୍ତା ନିଶ୍ଚିତକରଣ ସେଲ୍ (ଏସ୍ଏଲ୍କ୍ୟୁଏସି) ପ୍ରଭାବହୀନ ବୋଲି ଦର୍ଶାଏ । ଅଧିକନ୍ତୁ, ସ୍ୱୀକୃତିପ୍ରାପ୍ତ କଲେଜଗୁଡ଼ିକର କେବଳ 4.42 ପ୍ରତିଶତ (181 ମଧ୍ୟରୁ 8) 'ଏ' ଗ୍ରେଡ୍ ହାସଲ କରିଛନ୍ତି, ଯାହାର ରାଜ୍ୟର ଉଚ୍ଚଶିକ୍ଷା ବିଭାଗରେ ଶିକ୍ଷାର ଗୁଣବତ୍ତା ବୃଦ୍ଧି ପାଇଁ ଅଧିକ ପ୍ରୟାସର ଆବଶ୍ୟକତାକୁ ଦର୍ଶାଉଛି । କେବଳ 20 ଟି ପରୀକ୍ଷା ଯାଞ୍ଚ ହୋଇଥିବା କଲେଜ ଗୁଡ଼ିକ ଆଭ୍ୟନ୍ତରୀଣ ଗୁଣବତ୍ତା ସୁନିଶ୍ଚିତ ସେଲ୍ (ଆଇକ୍ୟୁଏସି) ପାଇଁ ୟୁଜିସିରୁ ପାଣ୍ଠି ପାଇଥିଲେ ଏବଂ ଏହାର ବ୍ୟବହାର ମାତ୍ର 63 ପ୍ରତିଶତ ଥିଲା । ଏହା ବ୍ୟତୀତ ଦୁର୍ବଳ ଖର୍ଚ୍ଚ ଦକ୍ଷତା, ଏହି ମହାବିଦ୍ୟାଳୟଗୁଡ଼ିକ ମଧ୍ୟ ସେମାନଙ୍କୁ ଦିଆଯାଇଥିବା କାର୍ଯ୍ୟ ଗୁଡ଼ିକ କରିବାରେ ବିଫଳ ହୋଇଥିଲେ । ଦୁଇଟି ପରୀକ୍ଷା ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟ, ଅଧୀନରେ ଥିବା 14 ଟି କଲେଜ ମଧ୍ୟରୁ କୌଣସିଟି ଯାହାର ସ୍ୱୟଂଶାସନ ସ୍ଥିତି ଅତିକ୍ରମ କରିସାରିଛି, ସ୍ୱୟଂଶାସିତ ସ୍ଥିତିକୁ ନବୀକରଣ କରିନାହାନ୍ତି । ପୁରାତନ ବିଶ୍ୱବିଦ୍ୟାଳୟଗୁଡ଼ିକର ଭାର ବହନ ହ୍ରାସ କରିବାର ଲକ୍ଷ୍ୟ ହାସଲ ହୋଇପାରିଲା ନାହିଁ କାରଣ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ 100 ରୁ ଅଧିକ ଅନୁବନ୍ଧିତ ମହାବିଦ୍ୟାଳୟ ରହିଥିଲା ।

---

[11] ନିର୍ମାଣ କାର୍ଯ୍ୟର ସ୍ଥିତି- ବଲାଙ୍ଗିର ମୂଳଭିତ୍ତିକ କାର୍ଯ୍ୟ, ଢେଙ୍କାନାଳ-ପ୍ରଥମ ମହଲା କାର୍ଯ୍ୟ ସମାପ୍ତ ଓ ଦ୍ୱିତୀୟ ମହଲା କାର୍ଯ୍ୟ ଚାଲୁଛି, ଗଜପତି-ତଳମହଲା ଛାତ ପର୍ଯ୍ୟନ୍ତ, କନ୍ଧମାଳ-ପ୍ଲିନ୍ଥ ପର୍ଯ୍ୟନ୍ତ, କୋରାପୁଟ-ତଳମହଲା କାର୍ଯ୍ୟ ଚାଲୁଛି, କଳାହାଣ୍ଡି-ତଳମହଲା ଛାତ କାର୍ଯ୍ୟ ଚାଲୁଛି

# ଅଧ୍ୟାୟ 5
# ଶାସନ ଏବଂ ପରିଚାଳନା

ନେତୃତ୍ୱ ଏବଂ ଶାସନ ଉଚ୍ଚଶିକ୍ଷା ଅନୁଷ୍ଠାନ(ଏଚଇଆଇ)ଗୁଡ଼ିକର ସମସ୍ତ ଦିଗକୁ ଗଭୀର ଭାବରେ ପ୍ରଭାବିତ କରିଥାଏ । ଯଦିଓ ନିଜ ଭିତରେ ଉତ୍ତମ ଶାସନ ଏବଂ ପରିଚାଳନା ଉଚ୍ଚଶିକ୍ଷାରେ ହାସଲ ହେବାକୁ ଥିବା ଫଳାଫଳ ନୁହେଁ, ଏହିପରି ଫଳାଫଳ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସମସ୍ତ ପ୍ରୟାସର ଫଳପ୍ରଦତା ନିର୍ଣ୍ଣୟ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ବିଶ୍ୱାସ କରାଯାଏ ଯେ ଗୁଣାତ୍ମକ ଶିକ୍ଷା ଏବଂ ଅନୁସନ୍ଧାନ ଏକ ପୋଷଣ ସଂସ୍କୃତିରେ ବୌଦ୍ଧିକ ଉଦ୍ଭାବନ ଆବଶ୍ୟକ କରେ ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ଶାସନ ବ୍ୟବସ୍ଥା ଏହି ସଂସ୍କୃତି ନିର୍ଣ୍ଣୟ କରେ ।

ଉଚ୍ଚଶିକ୍ଷା ଅନୁଷ୍ଠାନ ଶାସନ ବ୍ୟବସ୍ଥାର ବିଭିନ୍ନ ଉପାଦନ ଏବଂ ପଦ୍ଧତି ମାଧ୍ୟମରେ ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କରେ ଶାସନ ଏବଂ ପରିଚାଳନାର ସ୍ଥିତି ଏବଂ ମନୋନୀତ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ସେଗୁଡ଼ିକ କେତେ ପରିମାଣରେ କାର୍ଯ୍ୟକାରୀ ହୋଇଛି, ତାହାର ସ୍ଥିତିକୁ ଆକଳନ କରିବାକୁ ନିମ୍ନଲିଖିତ ଅଡିଟ୍ ଉଦ୍ଦେଶ୍ୟ ପ୍ରସ୍ତୁତ କରାଯାଇଥିଲା ।

**ଅଡିଟ୍ ଉଦ୍ଦେଶ୍ୟ:ଉଚ୍ଚଶିକ୍ଷା ବ୍ୟବସ୍ଥାର ଶାସନ ଏବଂ ପରିଚାଳନା ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଥିଲା କି ?**

ବିଭିନ୍ନ କାରଣଗୁଡ଼ିକର ଅବଦାନ ନିଶ୍ଚିତ କରେ ଯେ ଏକ ଉଚ୍ଚଶିକ୍ଷାର ଶାସନ ଏବଂ ପରିଚାଳନା କଳ୍ପିତ କରାଯାଇ ଏବଂ କାର୍ଯ୍ୟକାରୀ ହେଉଛି ଯାହା ଉଚ୍ଚଶିକ୍ଷା ଫଳାଫଳ ହାସଲ ପାଇଁ ପ୍ରୟାସକୁ ପ୍ରଭାବଶାଳୀ ଭାବରେ ତଦାରଖ କରେ । ମହାବିଦ୍ୟାଳୟଗୁଡ଼ିକର ସହଭାଗିତା, ବିଶ୍ୱବିଦ୍ୟାଳୟଗୁଡ଼ିକ ଉପରେ ସହଭାଗିତାର ଭାର, ସାଧୀନତା ପ୍ରତି ଦିଆଯାଉଥିବା ଉତ୍ସାହ, ଗୁଣାତ୍ମକ ନିଶ୍ଚିତତା ଏବଂ ପର୍ଯ୍ୟାପ୍ତ ପାଣ୍ଠି ମହତ୍ୱ ହାସଲ କରେ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ଲକ୍ଷ୍ୟ ଦିଗରେ ଅଗ୍ରଗତି କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ । ଉଚ୍ଚଶିକ୍ଷା ଅନୁଷ୍ଠାନରେ ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଶାସନ ଏବଂ ପରିଚାଳନାର ଲକ୍ଷ୍ୟ ଏବଂ ଏହାର କାରଣ, ପଦ୍ଧତି ଏବଂ ଏହି ଲକ୍ଷ୍ୟ ହାସଲ କରିବାରେ ସହଯୋଗ କରୁଥିବା ପ୍ରଣାଳୀଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କକୁ ନିମ୍ନଲିଖିତ ପ୍ରତିନିଧିତ୍ୱ ମାଧ୍ୟମରେ ବୁଝିହେବ :




ଏକ ଉଚ୍ଚଶିକ୍ଷା ଅନୁଷ୍ଠାନର ଶାସନ ଏବଂ ପରିଚାଳନା ସଂରଚନାଗୁଡ଼ିକର କାର୍ଯ୍ୟକାରିତା ଏହାର ମୂଲ୍ୟାଙ୍କନ ଫଳାଫଳରେ ସ୍ୱୀକୃତି, ର‍୍ୟାଙ୍କିଙ୍ଗ୍ ପଦ୍ଧତି ଏବଂ ଆର୍ଥିକ ପରିଚାଳନାର ବିଜ୍ଞତା ଦ୍ୱାରା ପ୍ରତିଫଳିତ ହୁଏ ।

## 5.1 ଶାସନ

ଏକ ଉଚ୍ଚଶିକ୍ଷା ଅନୁଷ୍ଠାନର ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ନିଶ୍ଚିତ କରିବାକୁ ପ୍ରଭାବଶାଳୀ ଶାସନ ଗଠନ ଏବଂ ପ୍ରକ୍ରିୟା ଜରୁରୀ । ସ୍ୱଚ୍ଛ ନୀତି ଏବଂ ଦକ୍ଷ ନୀତି ସଂସ୍ଥାଗୁଡ଼ିକର କାର୍ଯ୍ୟକୁ ପ୍ରଭାବଶାଳୀ କରିବାରେ ସାହାଯ୍ୟ କରେ । ଶାସନର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଯଥା ପରିବର୍ତ୍ତନ ପାଇଁ ପ୍ରତିକ୍ରିୟାଶୀଳତା ଏବଂ ଆଗକୁ ଦେଖିପାରିବାର ମନୋଭାବ ଭବିଷ୍ୟତର ଆବଶ୍ୟକତାକୁ ଅନୁଷ୍ଠାନର ଲକ୍ଷ୍ୟ ସହିତ ମେଳ କରିବାରେ ସାହାଯ୍ୟ କରେ ।

ରାଜ୍ୟ ବିଭାଗରେ ଏବଂ ଅନୁଷ୍ଠାନ ସ୍ତରରେ ଶାସନ ବ୍ୟବସ୍ଥାର ଅସ୍ତିତ୍ୱ ଏବଂ କାର୍ଯ୍ୟକାରିତା ଏହି ବିଭାଗରେ ଆଲୋଚନା କରାଯାଇଛି ।

### 5.1.1 ରାଜ୍ୟ ସ୍ତରୀୟ ଶାସନ

ରାଜ୍ୟ ସ୍ତରରେ ଶାସନ ପାଇଁ ଆନୁଷ୍ଠାନିକ ପ୍ରଣାଳୀରେ ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଏବଂ ରାଜ୍ୟ ସ୍ତରୀୟ ଗୁଣବତ୍ତା ନିଶ୍ଚିତତା ସେଲ୍ ଗଠନ କରାଯାଇଛି । ସେମାନଙ୍କର କାର୍ଯ୍ୟକଳାପ ସହିତ ଜଡ଼ିତ ଅଡିଟ୍ ଫଳାଫଳଗୁଡ଼ିକ ନିମ୍ନ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

#### 5.1.1.1 ରାଜ୍ୟ ଉଚ୍ଚଶିକ୍ଷା ପରିଷଦ

ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ଦଲିଲର ଅନୁଚ୍ଛେଦ 21.308 ରେ ଦର୍ଶାଯାଇଛି ଯେ ରାଜ୍ୟରେ ଉଚ୍ଚଶିକ୍ଷାର ଯୋଜନାବଦ୍ଧ ତଥା ସମନ୍ୱିତ ବିକାଶର ନେତୃତ୍ୱ ନେବା ପାଇଁ ପ୍ରତ୍ୟେକ ରାଜ୍ୟ ଏକ ଉଚ୍ଚଶିକ୍ଷା ପରିଷଦ (ଏସଏଚଇସି) ଗଠନ କରିବା ବାଞ୍ଛନୀୟ । ରାଜ୍ୟରେ ଉଚ୍ଚଶିକ୍ଷାର ଯୋଜନାବଦ୍ଧ ତଥା ସମନ୍ୱିତ ବିକାଶ ପାଇଁ ରୁସା ମଧ୍ୟ ଏହି ପରିଷଦ ଗଠନକୁ ଅନୁମୋଦିତ କରେ ।

ଓଡ଼ିଶା ସରକାର 9 ମଇ 2014 ରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ (ଓଏସ୍ଏଚଇସି) ସଂକଳ୍ପ ସଂଖ୍ୟା-10494 ରେ ପ୍ରତିଷ୍ଠା କରିଥିଲେ । ଏହି ସଂସ୍ଥାର ସ୍ଥାପନା, ଅକ୍ଟୋବର 2017 ରେ ଓଏସ୍ଏଚଇସି ଅଧିନିୟମ ପ୍ରଣୟନ ହେବା ସହିତ ଆନୁଷ୍ଠାନିକ ହୋଇଥିଲା । ଓଏସ୍ଏଚଇସି ଅଧିନିୟମ ଅନୁଯାୟୀ ଏବଂ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା /ରୁସାର ନିର୍ଦ୍ଦେଶାବଳୀ, ଓଏସଏଚଇସି ଅଧିନିୟମ ଅନୁଯାୟୀ ରାଜ୍ୟ ଉଚ୍ଚଶିକ୍ଷା ଯୋଜନା (ଦୃଷ୍ଟିକୋଣ ଯୋଜନା, ବାର୍ଷିକ ଯୋଜନା ଏବଂ ବଜେଟ୍ ଯୋଜନା), ସର୍ବୋଚ୍ଚ ସଂସ୍ଥା, ନିୟାମକ ଅନୁଷ୍ଠାନ ଏବଂ ସରକାରଙ୍କ ମଧ୍ୟରେ ସମନ୍ୱୟ ରାଜ୍ୟ ଅନୁଷ୍ଠାନଗୁଡ଼ିକର ମାନଦଣ୍ଡ ଏବଂ ପ୍ରମୁଖ କାର୍ଯ୍ୟଦକ୍ଷତା ସୂଚକ(କେପିଆଇ) ଆଧାରରେ ମୂଲ୍ୟାଙ୍କନ, ଆର୍ଥିକ ଅନୁଷ୍ଠାନଗୁଡ଼ିକ ପାଇଁ ନୀତି ପ୍ରଣୟନ କରିବା, ଉଚ୍ଚଶିକ୍ଷା ଉପରେ ଡାଟାବ୍ୟାଙ୍କ ରକ୍ଷଣାବେକ୍ଷଣ, ଗୁଣବତ୍ତା ସୁନିଶ୍ଚିତତା ଇତ୍ୟାଦି ଓଏସଏଚଇସିର କାର୍ଯ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ।

2018-19 ରେ ସମସ୍ତ ବିଶ୍ୱବିଦ୍ୟାଳୟ ପାଇଁ ସାଧାରଣ ସ୍ନାତକ ସିଲାବସ୍, ପରୀକ୍ଷା ସଂସ୍କାର, ନାକ ସ୍ୱୀକୃତି, ସ୍ନାତକୋତ୍ତର ପାଇଁ ସାଧାରଣ ଆଡମିଶନ ଇତ୍ୟାଦି ବିଷୟରେ ଆଲୋଚନା ପାଇଁ ପାଞ୍ଚଟି ବୈଠକ ଅନୁଷ୍ଠିତ ହୋଇଥିଲା ।

ଅଡିଟ୍ ଅବଲୋକନ କଲା ଯେ ଓଏସ୍ଏଚଇସି କୌଣସି ରାଜ୍ୟ ଉଚ୍ଚଶିକ୍ଷା ଯୋଜନା ଯେଭଳି ଦୃଷ୍ଟିକୋଣ ଯୋଜନା ଏବଂ ଉଚ୍ଚଶିକ୍ଷାର ବିକାଶ ପାଇଁ ବଜେଟ ଯୋଜନା ପ୍ରସ୍ତୁତ କରିନଥିଲା । ମୁଖ୍ୟ କାର୍ଯ୍ୟଦକ୍ଷତା ସୂଚକ (କେପିଆଇ) ଉପରେ ଆଧାରିତ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକର ଅନୁସନ୍ଧାନ ପ୍ରୋଗ୍ରାମର ଉତ୍ପାଦକତା ମାପିବା ଏବଂ ଅଧ୍ୟାପକଙ୍କ ଗୁଣବତ୍ତା ବୃଦ୍ଧି ପାଇଁ ମାନଦଣ୍ଡ ଏବଂ ପଦ୍ଧତି ନିର୍ଦ୍ଦିଷ୍ଟ କରିବା, ଉଚ୍ଚଶିକ୍ଷା ଅନୁଷ୍ଠାନର ମାନ୍ୟତା ଏବଂ ମାନଦଣ୍ଡ ପାଇଁ ଏକାଡେମିକ୍ ଗୁଣର ଆଦର୍ଶ ନିର୍ଦ୍ଦିଷ୍ଟ କରିବା ଇତ୍ୟାଦି କାର୍ଯ୍ୟ କରାଯାଇ ନଥିଲା ।

ତେଣୁ, ଯୋଜନା ଏବଂ ସଂସ୍କାର ମାଧ୍ୟମରେ ଏକ ପ୍ରତିଯୋଗିତାମୂଳକ ବିଶ୍ୱ ପରିବେଶରେ ରାଜ୍ୟରେ ଉଚ୍ଚଶିକ୍ଷା ଏବଂ ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବା ପାଇଁ ଓଏସଏଚଇସି ସୃଷ୍ଟି କରିବାର ଉଦ୍ଦେଶ୍ୟ ମୁଖ୍ୟତଃ ପୂରଣ ହୋଇପାରିନଥିଲା ।

ସରକାର କହିଲେ (ସେପ୍ଟେମ୍ବର 2020) ଯେ ଓଏସ୍ଏଚ୍ଇସି ପ୍ରାରମ୍ଭିକ ଅବସ୍ଥାରେ ଅଛି ଏବଂ ଅଧିକରୁ ଅଧିକ ନୀତିଗତ ବିଷୟ ଏହା ଦ୍ୱାରା ଧୀରେ ଧୀରେ ସମାଧାନ ହେବ । ପ୍ରକୃତ କଥା, ରାଜ୍ୟରେ ଉଚ୍ଚଶିକ୍ଷାର ବିକାଶ ପାଇଁ ଓଏସ୍ଏଚ୍ଇସି ଗଠନ ହେବାର ପାଞ୍ଚ ବର୍ଷ ପରେ ମଧ୍ୟ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରି ନାହିଁ ।

#### 5.1.1.2 ଗୁଣବତ୍ତା ନିଶ୍ଚିତତା କକ୍ଷ

ନାକ୍ ମାନୁଆଲ ଏକ ରାଜ୍ୟସ୍ତରୀୟ ଗୁଣବତ୍ତା ନିଶ୍ଚିତତା ସେଲ୍ (ଏସ୍ଏଲ୍କ୍ୟୁଏସି) ଏବଂ ଅନୁଷ୍ଠାନ ସ୍ତରରେ ଏକ ଆଭ୍ୟନ୍ତରୀଣ ଗୁଣବତ୍ତା ସୁନିଶ୍ଚିତତା ସେଲ୍ (ଆଇକ୍ୟୁଏସି) ର ଗଠନକୁ ସୁପାରିଶ କରେ । ଏହାର ଭୂମିକା ହେଉଛି ଉଚ୍ଚଶିକ୍ଷା ଅନୁଷ୍ଠାନ (ଏଚଇଆଇ) ର ଏକାଡେମିକ୍ ଏବଂ ପ୍ରଶାସନିକ କାର୍ଯ୍ୟଦକ୍ଷତାକୁ ଉନ୍ନତି କରିବା ଏବଂ ଗୁଣାତ୍ମକ ସଂସ୍କୃତିର ଆଭ୍ୟନ୍ତରୀଣକରଣ ମାଧ୍ୟମରେ ଗୁଣାତ୍ମକ ବୃଦ୍ଧି ଦିଗରେ ଆନୁଷ୍ଠାନିକ କାର୍ଯ୍ୟକଳାପ ପାଇଁ ପଦକ୍ଷେପକୁ ପ୍ରୋତ୍ସାହିତ କରିବା ପାଇଁ ସଚେତନତା, ସ୍ଥିର ଏବଂ ଅନୁଗାମୀ ପ୍ରୋଗ୍ରାମିଂ କାର୍ଯ୍ୟ ପାଇଁ ଏକ ଗୁଣାତ୍ମକ ବ୍ୟବସ୍ଥା ବିକାଶ କରିବା । ରାଜ୍ୟ ସ୍ତରୀୟ ଗୁଣବତ୍ତା ନିଶ୍ଚିତତା ସେଲର ଭୂମିକ ହେଉଛି ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକରେ ଆଭ୍ୟନ୍ତରୀଣ ଗୁଣବତ୍ତା ସୁନିଶ୍ଚିତ ସେଲ୍ ଗୁଡ଼ିକର କାର୍ଯ୍ୟକଳାପ ଉପରେ ନଜର ରଖିବା ଏବଂ ନାକ୍

ସହିତ ପରାମର୍ଶରେ ପ୍ରସ୍ତୁତ ଏକ ପର୍ଯ୍ୟାପ୍ତ ଜ୍ଞାନ ଯୋଜନା ଉପରେ ଆଧାର କରି ସେମାନଙ୍କ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରଦାନ କରିବାକୁ ପ୍ରେରଣା ଦେବା । ସ୍ୱୀକୃତି ପ୍ରକ୍ରିୟା ପାଇଁ ଏସ୍ଏଲ୍‌କ୍ୟୁଏସି ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକ ଏବଂ ନାକ୍ ମଧ୍ୟରେ ଏକ ନୋଡାଲ୍ ଏଜେନ୍ସି ଭାବରେ କାର୍ଯ୍ୟ କରିବ । ସ୍ୱୀକୃତି ପ୍ରକ୍ରିୟାରେ, ନାକ ରାଜ୍ୟ ସ୍ତରୀୟ ଗୁଣବତ୍ତା ନିଶ୍ଚିତତା ସେଲର ଅସ୍ତିତ୍ୱ ଏବଂ କାର୍ଯ୍ୟକାରିତାକୁ ଗୁରୁତ୍ୱ ଦେଇଥାଏ ।

ଏହି ପ୍ରସଙ୍ଗରେ, ଅଡିଟ୍ ନିମ୍ନଲିଖିତ ପଏଣ୍ଟଗୁଡ଼ିକ ଅବଲୋକନ କଲା:

**(କ) ରାଜ୍ୟ ସ୍ତରୀୟ ଗୁଣବତ୍ତା ନିଶ୍ଚିତତା ସେଲ୍:** ଏସ୍ଏଲ୍‌କ୍ୟୁଏସି ଜୁଲାଇ 2002 ରେ ପ୍ରତିଷ୍ଠିତ ହୋଇଥିଲା ଏବଂ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକରେ ନାକ ସ୍ୱୀକୃତି କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଜାନୁଆରୀ 2015 ରେ ଆହୁରି ଶକ୍ତିଶାଳୀ କରାଯାଇଥିଲା । ନାକ୍ ସ୍ୱୀକୃତି ବିଷୟରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକୁ ସଚେତନତା ସୃଷ୍ଟି କରିବା ପାଇଁ ରାଜ୍ୟ ସ୍ତରୀୟ ଗୁଣବତ୍ତା ନିଶ୍ଚିତତା ସେଲ୍ 2015-17 ମଧ୍ୟରେ କେବଳ ଚାରିଟି କର୍ମଶାଳା/ ସେମିନାର ଆୟୋଜନ କରିଥିଲା । ସ୍ପଷ୍ଟ ହୁଏ ଯେ ଓଡ଼ିଶାର 883 ମହାବିଦ୍ୟାଳୟ ମଧ୍ୟରୁ କେବଳ 181(20.50 ପ୍ରତିଶତ) ନାକ୍ ମାନ୍ୟତା ପାଇଥିବାରୁ ମାର୍ଚ୍ଚ 2019 ନିଶ୍ଚିତତା ସେଲ୍ ଦ୍ୱାରା ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଏହା ସ୍ପଷ୍ଟ ହୋଇଛି ଯେ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକର ଗୁଣବତ୍ତା ବୃଦ୍ଧି ପାଇଁ କାର୍ଯ୍ୟକଳାପଗୁଡ଼ିକ ଅଳ୍ପ ସମୟରେ କରାଯାଇଥିଲା ଏବଂ ଏହା ଲକ୍ଷ୍ୟ କରାଯାଇଥିଲା ଯେ 2017-19 ମଧ୍ୟରେ ସେପରି କୌଣସି କାର୍ଯ୍ୟକଳାପ କରାଯାଇନାହିଁ । ମହାବିଦ୍ୟାଳୟଗୁଡ଼ିକରେ ଆଭ୍ୟନ୍ତରୀଣ ଗୁଣବତ୍ତା ସୁନିଶ୍ଚିତ ସେଲ୍ ଗୁଡ଼ିକର ଖରାପ କାର୍ଯ୍ୟ (ନିମ୍ନ ପାରାରେ ବିସ୍ତୃତ ଭାବେ ବର୍ଣ୍ଣିତ) ଏହା ମଧ୍ୟ ସୂଚିତ କରେ ଯେ ଗୁଣାତ୍ମକ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପାଇଁ ରାଜ୍ୟ ସ୍ତରୀୟ ଗୁଣବତ୍ତା ନିଶ୍ଚିତତା ସେଲ୍ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକ ଉପରେ ନଜର ରଖିନଥିଲା ।

**(ଖ) ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍:** ଉତ୍କଳ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍ 2008 ପରଠାରୁ କାର୍ଯ୍ୟ କରୁଛି । ୟୁଜିସି ନିର୍ଦ୍ଦେଶାବଳୀ ଅନୁଯାୟୀ, ବାର୍ଷିକ ଗୁଣବତ୍ତା ନିଶ୍ଚିତତା ରିପୋର୍ଟ (ଏକ୍ୟୁଏଆର) ଆଭ୍ୟନ୍ତରୀଣ ଗୁଣବତ୍ତା ସୁନିଶ୍ଚିତ ସେଲ୍ ଦ୍ୱାରା ନାକ, ଏସ୍ଏଲ୍‌କ୍ୟୁଏସି ଏବଂ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟକୁ ଗୁଣବତ୍ତା ନିଶ୍ଚିତତା ଉଦ୍ଦେଶ୍ୟରେ ଦାଖଲ କରାଯିବା କଥା । ଏହା ଦେଖାଗଲା ଯେ ବିଶ୍ୱବିଦ୍ୟାଳୟ, ବାର୍ଷିକ ଗୁଣବତ୍ତା ନିଶ୍ଚିତତା ରିପୋର୍ଟ 2018-19 ପାଇଁ ଦାଖଲ କରିନାହିଁ । 2016-17 ପର୍ଯ୍ୟନ୍ତ ବାର୍ଷିକ ଗୁଣବତ୍ତା ନିଶ୍ଚିତତା ରିପୋର୍ଟ ମଧ୍ୟ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟରେ ପ୍ରଦର୍ଶିତ ହୋଇନାହିଁ ।

ନାକ୍ ଅନୁଯାୟୀ ଦ୍ୱିତୀୟ, ତୃତୀୟ କିମ୍ବା ପରବର୍ତ୍ତୀ ଚକ୍ର ସ୍ୱୀକୃତି ଦେବା ପାଇଁ ସର୍ବନିମ୍ନ ଆନୁଷ୍ଠାନିକ ଆବଶ୍ୟକତା (ଏମଆଇଆର) ହେଉଛି ଏକ କାର୍ଯ୍ୟକ୍ଷମ ଆଇକ୍ୟୁଏସି ଏବଂ ଓକ୍ୟୁଏଆର ର ସମୟାନୁବର୍ତ୍ତୀ ଦାଖଲ । ଏହିପରି, ବାର୍ଷିକ ଗୁଣବତ୍ତା ନିଶ୍ଚିତତା ରିପୋର୍ଟ ଗୁଡ଼ିକ ଦାଖଲ ନକରିବା ବିଶ୍ୱବିଦ୍ୟାଳୟର ପରବର୍ତ୍ତୀ ସ୍ୱୀକୃତି ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ । ଏହା ଲକ୍ଷ୍ୟ କରାଯାଇଥିଲା ଯେ ଉତ୍କଳ ବିଶ୍ୱବିଦ୍ୟାଳୟର ଆଇକ୍ୟୁଏସି ଏହାର ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡ଼ିକରେ ଆଇକ୍ୟୁଏସିର କାର୍ଯ୍ୟ ସମ୍ବନ୍ଧୀୟ କୌଣସି ସୂଚନା ଉପରେ ନଜର ରଖିନଥିଲା ।

ସେହିପରି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍ ଯଦିଓ ସେପ୍ଟେମ୍ବର 2009 ରେ ଗଠିତ ହୋଇଥିଲା, ଏହା ସଠିକ୍ ଭାବରେ କାର୍ଯ୍ୟ କରୁନଥିଲା । ଏହା ବିଶ୍ୱବିଦ୍ୟାଳୟର ଶିକ୍ଷାଦାନ/ ଶିକ୍ଷଣ ପ୍ରକ୍ରିୟା, ସଂରଚନା, କାର୍ଯ୍ୟର ଫଳାଫଳ, କାର୍ଯ୍ୟ ପ୍ରଣାଳୀର ସମୀକ୍ଷା କିମ୍ବା ଗୁଣବତ୍ତା ଏବଂ ଗୁଣାତ୍ମକ ଆନଷ୍ଠାନିକ ପ୍ରକ୍ରିୟା ଉପରେ ଅଭିଭାବକ ଏବଂ ଅନ୍ୟ ହିତାଧୀକାରୀଙ୍କଠାରୁ ମତାମତ ନେଇନଥିଲା । 2018-19 ପାଇଁ ବାର୍ଷିକ ଗୁଣବତ୍ତା ନିଶ୍ଚିତତା ରିପୋର୍ଟ ନାକ୍‌କୁ ଦିଆଯାଇ ନଥିଲା ଏବଂ 2016-17 ପର୍ଯ୍ୟନ୍ତ ଏହି ରିପୋର୍ଟ ବିଶ୍ୱବିଦ୍ୟାଳୟ ୱେବସାଇଟରେ ପ୍ରଦର୍ଶିତ ହୋଇନଥିଲା । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ ପରି ଏସ୍ଏଲ୍‌କ୍ୟୁଏସି ସହିତ ପୂର୍ବ ଏବଂ ପରବର୍ତ୍ତୀ ସ୍ୱୀକୃତି ଗୁଣବତ୍ତା ମୂଲ୍ୟାଙ୍କନ କିମ୍ବା ମହାବିଦ୍ୟାଳୟ ସମ୍ବନ୍ଧୀୟ ଆଇକ୍ୟୁଏସି ତଥ୍ୟ ବଜାୟ ରଖିବାରେ ଏସ୍ଏଲ୍‌କ୍ୟୁଏସି ସହିତ ଯୋଗାଯୋଗ କରିନଥିଲା ।

32 ଟି ପରୀକ୍ଷା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟଗୁଡ଼ିକ କ୍ଷେତ୍ରରେ, କେବଳ 19 ଟି ମହାବିଦ୍ୟାଳୟ ଗୁଡ଼ିକରେ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍ ଥିଲା । ଏହା, କିନ୍ତୁ ଲକ୍ଷ୍ୟ କରାଯାଇଥିଲା ଯେ ଏହି 19 ଟି ମହାବିଦ୍ୟାଳୟରେ ଥିବା ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍ ସଠିକ୍ ଭାବରେ କାର୍ଯ୍ୟ କରୁନଥିଲା । ମହାବିଦ୍ୟାଳୟ ଗୁଡ଼ିକରେ ଗୁଣବତ୍ତା ବୃଦ୍ଧି କାର୍ଯ୍ୟକଳାପର ଯୋଜନା, ମାର୍ଗଦର୍ଶନ ଏବଂ ମନିଟରିଂ ପାଇଁ

ଆଇକ୍ୟୁଏସି ର ତ୍ରୟମାସିକ ବୈଠକ ସାତଟି ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇନଥିଲା । ଯେଉଁ ସମସ୍ତ 19 ଟି ମହାବିଦ୍ୟାଳୟରେ ଆଇକ୍ୟୁଏସି ବିଦ୍ୟମାନ ଥିଲା ସେଠାରେ ଗୁଣାତ୍ମକ ନିଶ୍ଚିତତା କାର୍ଯ୍ୟକଳାପ ଯେପରିକି ଶିକ୍ଷାଦାନ ଏବଂ ଶିକ୍ଷଣ ପ୍ରକ୍ରିୟାର ସମୀକ୍ଷା, ଛାତ୍ର/ ପିତାମାତାଙ୍କଠାରୁ ମତାମତ ପାଇବା, ଶିକ୍ଷାନୁଷ୍ଠାନ ପାଇଁ ଗୁଣାତ୍ମକ ମାନଦଣ୍ଡ/ ପାରାମିଟରର ବିକାଶ ଏବଂ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକଳାପ ପରିଚାଳନା ଇତ୍ୟାଦି କାର୍ଯ୍ୟ କରାଯାଇନଥିଲା ।

ଏହି 19 ଟି ମଧ୍ୟରୁ କେବଳ ନଅଟି ମହାବିଦ୍ୟାଳୟ ନାକ୍ କୁ ଏକ୍ୟୁଏଆର ଦାଖଲ କରିଥିଲେ । ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ୍ ପ୍ରତିଷ୍ଠା ପାଇଁ ୟୁଜିସିରୁ ପ୍ରାପ୍ତ ହୋଇଥିବା ପାଣ୍ଠି ମଧ ସଂପୂର୍ଣ୍ଣ ଭାବରେ ଖର୍ଚ୍ଚ ହୋଇନଥିଲା । 32 ଟି ମହାବିଦ୍ୟାଳୟ ମଧ୍ୟରୁ 20 ଟି ଅନୁଦାନ ପାଇଥିବା 60 ଲକ୍ଷ ଟଙ୍କା ମଧ୍ୟରୁ କେବଳ 37.91 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା ଏବଂ ବଳକା ପରିମାଣ 22.09 ଲକ୍ଷ ଟଙ୍କା ୟୁଜିସିକୁ ଫେରସ୍ତ କରାଯାଇଛି । ତେଣୁ, ଏହି ମହାବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ନିଶ୍ଚିତତା ଉପାୟ ସନ୍ତୋଷଜନକ ନଥିଲା କାରଣ ମାର୍ଚ୍ଚ 2019 ସୁଦ୍ଧା ଏହି 32 ଟି ମହାବିଦ୍ୟାଳୟ ମଧ୍ୟରୁ କେବଳ 12 ଟି (38 ପ୍ରତିଶତ) ନାକ୍ ମାନ୍ୟତା ପାଇଥିଲେ ।

ଏହିପରି, ଆଭ୍ୟନ୍ତରୀଣ ମାଧ୍ୟମରେ ଗୁଣବତ୍ତା ସଂସ୍କୃତିର ବୃଦ୍ଧି ଦ୍ୱାରା ରାଜ୍ୟର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଏକାଡେମିକ୍ ଏବଂ ପ୍ରଶାସନିକ କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବା ପାଇଁ ଏସ୍ଏଲ୍କ୍ୟୁଏସି ଏବଂ ଆଇକ୍ୟୁଏସିର କାର୍ଯ୍ୟକାରିତା ପ୍ରଭାବୀ ନଥିଲା ।

ସରକାର କହିଥିଲେ (ସେପ୍ଟେମ୍ବର 2020) ଯେ ଏସ୍ଏଲ୍କ୍ୟୁଏସିର କାର୍ଯ୍ୟ ଓଏଚଇପିଇଇ[1] ର ଓଏସ୍ଏଚ୍ଇସି[2], ପିଟିସି[3] ଏବଂ ପିଏମୟୁ ମଧ୍ୟରେ ବଣ୍ଟନ କରାଯାଇଥିଲା । ତେଣୁ, ଏହାର କାର୍ଯ୍ୟକାରିତା ହ୍ରାସ ପାଇନଥିଲା, ବରଂ ଏହାକୁ ବିବିଧ ଏବଂ ବିକେନ୍ଦ୍ରୀକରଣ କରାଯାଇଥିଲା, ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କରେ ଆଇକ୍ୟୁଏସି ର ନବୀକରଣ ପାଇଁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିବାକୁ ସୁନିଶ୍ଚିତ କରିଥିଲେ । ଆଇକ୍ୟୁଏସି ଗୁଡ଼ିକର ମନିଟରିଂ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କର ସ୍ୱୀକୃତି ପାଇଁ ଏସ୍ଏଲ୍କ୍ୟୁଏସି ମୁଖ୍ୟ ଏଜେନ୍ସି ହୋଇଥିବାରୁ ଏହାର ଉତ୍ତର ଗ୍ରହଣୀୟ ନୁହେଁ, ଯେହେତୁ ରାଜ୍ୟରେ ବହୁତ କମ୍ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଥିଲା । ଓଏସ୍ଏଚଇସି ଏବଂ ଓଏଚ୍ଇପିଇଇ, ଯେଉଁ ଏଜେନ୍ସିଗୁଡ଼ିକରେ ଏସ୍ଏଲ୍କ୍ୟୁଏସି କାର୍ଯ୍ୟ ବଣ୍ଟନ କରାଯାଇଛି ବୋଲି ଦାବି କରିଛନ୍ତି, ଉଚ୍ଚଶିକ୍ଷା ଅନୁଷ୍ଠାନ ମାନଙ୍କର ସ୍ୱୀକୃତି ଉପରେ ନଜର ରଖିବାରେ ସେମାନଙ୍କର କୌଣସି ଭୂମିକା ନାହିଁ । ଫଳସ୍ୱରୂପ, ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ସଂଖ୍ୟା ବର୍ଷ ବର୍ଷ ଧରି କମ୍ ରହିଛି ।

### 5.1.2 ଅନୁଷ୍ଠାନ ସ୍ତରର ଶାସନତନ୍ତ୍ର

ବିଶ୍ୱବିଦ୍ୟାଳୟ ସ୍ତରରେ ଶାସନ ପରିଚାଳନା ସଂସ୍ଥା (ସିନେଟ୍, ସିଣ୍ଡିକେଟ୍ ଇତ୍ୟାଦି) ଦ୍ୱାରା ଗୁଣାତ୍ମକ ନିଶ୍ଚିତତା ପ୍ରଣାଳୀ, ଅନୁବନ୍ଧ ପ୍ରକ୍ରିୟା ଇତ୍ୟାଦି ଏକ ବିସ୍ତୃତ ଉପାୟରେ କରାଯାଇଥାଏ ।

#### *5.1.2.1 ପରିଚାଳନା ସମିତି*

ସିନେଟ୍, ସିଣ୍ଡିକେଟ୍, ଏକାଡେମିକ୍ ପରିଷଦ, ବୋର୍ଡ ଅଫ୍ ଷ୍ଟଡି ଏବଂ କଲେଜ ଡେଭଲପମେଣ୍ଟ କାଉନସିଲ୍(ସିଡିସି) ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକଳାପ ପାଇଁ ଭିନ୍ନ ଭିନ୍ନ ପରିଚାଳନାକାରୀ ସଂସ୍ଥା । ଏହି ସଂସ୍ଥାଗୁଡ଼ିକରେ ଗଠନ ଏବଂ କାର୍ଯ୍ୟକାରିତା ସମ୍ବନ୍ଧୀୟ ବ୍ୟବସ୍ଥା ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ (ଓୟୁ ଅଧିନିୟମ), 1989 ଏବଂ ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରଥମ ନିୟମ (ଓୟୁଏଫ୍ଏସ୍) 1990 ରେ ଉଲ୍ଲେଖ କରାଯାଇଛି ।

ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ସିନେଟ୍ ଏବଂ ସିଡିସିର କାର୍ଯ୍ୟ ବିଷୟରେ ଅଡିଟ୍ ନିମ୍ନଲିଖିତ ବିଷୟ ଅବଲୋକନ କଲା:

[1] ଉତ୍କର୍ଷତା ଏବଂ ସମାନତା ପାଇଁ ଓଡ଼ିଶା ଉଚ୍ଚଶିକ୍ଷା କାର୍ଯ୍ୟକ୍ରମର ପ୍ରୋଜେକ୍ଟ ମନିଟରିଂ ୟୁନିଟ୍

[2] ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ

[3] କାର୍ଯ୍ୟଦକ୍ଷତା ଟ୍ରାକିଂ ସେଲ୍

**(କ) ସିନେଟର କାର୍ଯ୍ୟ:**ଓୟୁ ଅଧିନିୟମ1989 ର ଧାରା 9(1) ବିଧାନ ପରିବର୍ତ୍ତନ 34 ର ନିୟମ ଅନୁଯାୟୀ, ସିନେଟ୍ ହେଉଛି ବିଶ୍ୱବିଦ୍ୟାଳୟର ଶୀର୍ଷ ପରିଷଦ ଯିଏକି ନିୟମ ତିଆରି/ ସଂଶୋଧନ / ଅନୁରୂପ ଏବଂ ବିବେଚନା କରିବା ଏବଂ ବାତିଲ କରିବା ଏବଂ ବାର୍ଷିକ ରିପୋର୍ଟରେ ଥିବା ପ୍ରସ୍ତାବ ଗୁଡ଼ିକୁ ବିଚାର ଏବଂ ପାସ୍ କରିବା ଏବଂ ଅନ୍ୟାନ୍ୟ ଆର୍ଥିକ ଆକଳନ, ଇତ୍ୟାଦି କରିଥାଏ ।

ଉତ୍କଳ ବିଶ୍ୱବିଦ୍ୟାଳୟରେ ଏହା ଦେଖାଯାଇଥିଲା ଯେ 2008-09 ପରେ ସିନେଟ୍ ଅଚଳ ହୋଇଯାଇଥିଲା । ଏହା କାର୍ଯ୍ୟକ୍ଷମ ନହେବା ହେତୁ ବିଶ୍ୱବିଦ୍ୟାଳୟର ନୀତି ଏବଂ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା ହୋଇପାରିଲା ନାହିଁ ।

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ, ରେକର୍ଡରୁ ଦେଖାଯାଇଥିଲା ଯେ ସିନେଟ୍ ବିଦ୍ୟମାନ ଥିଲା ଏବଂ କାର୍ଯ୍ୟ କରୁଥିଲା ।

**(ଖ) ମହାବିଦ୍ୟାଳୟ ବିକାଶ ପରିଷଦର କାର୍ଯ୍ୟ କରିବା:** ଓୟୁଏଫ୍ଏସ୍, 1990 (ଅନୁଚ୍ଛେଦ 253.1) ଅନୁସାରେ ବିଶ୍ୱବିଦ୍ୟାଳୟରେ ଏକ କଲେଜ ଉନ୍ନୟନ ପରିଷଦ (ସିଡିସି) ଗଠନ ଧାର୍ଯ୍ୟ କରିଛି, ଯାହାର କାମ ହେଲା, ମନିଟରିଂ ଏବଂ ମୂଲ୍ୟାଙ୍କନ ସହିତ ମହାବିଦ୍ୟାଳୟଗୁଡ଼ିକର ସଠିକ୍ ଯୋଜନା ତଥା ସମନ୍ୱିତ ବିକାଶ ପାଇଁ ଏକ ନୀତି ପ୍ରସ୍ତୁତ କରିବା, ବିଶ୍ୱବିଦ୍ୟାଳୟକୁ ଯୁକ୍ତିଯୁକ୍ତକରଣ, ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରିତା ବିଷୟରେ ପରାମର୍ଶ, ମହାବିଦ୍ୟାଳୟଗୁଡ଼ିକର ଅନୁବନ୍ଧିତ ନୀତି ଏବଂ ମହାବିଦ୍ୟାଳୟଗୁଡ଼ିକୁ ୟୁଜିସି ଅନୁଦାନର ଠିକ୍ ସମୟରେ ରିଲିଜ୍ ହେବା ଏବଂ ଏହାର ଉପଯୁକ୍ତ ଉପଯୋଗକୁ ସୁନିଶ୍ଚିତ କରିବା । ନିୟମ 253(2) ଆହୁରି ଧାର୍ଯ୍ୟ କରିଛି ଯେ ବିଭିନ୍ନ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟକଳାପକୁ କାର୍ଯ୍ୟକାରୀ କରିବା ପାଇଁ କମିଟି ବର୍ଷକୁ ଅତି କମରେ ଦୁଇ ଥର ବୈଠକ କରିବ ।

ଅଡିଟ୍‌ରେ ଦେଖାଗଲା ଯେ ଉଭୟ ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟରେ ମହାବିଦ୍ୟାଳୟ ବିକାଶ ପରିଷଦ ପର୍ଯ୍ୟାପ୍ତ ସଂଖ୍ୟକ ସଭା କରିନଥିଲେ । ମହାବିଦ୍ୟାଳୟ ବିକାଶ ପରିଷଦ 10 ଗୋଟି ସଭାର ଆବଶ୍ୟକତା ଥିବାବେଳେ, 2014-19 ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟରେ କେବଳ ଦୁଇଟି ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ପାଞ୍ଚଟି ବୈଠକ ଅନୁଷ୍ଠିତ ହୋଇଥିଲା । ଅଧିକନ୍ତୁ, ଅନୁଦାନର ଠିକ୍ ସମୟରେ ଉପଯୋଗକୁ ସୁନିଶ୍ଚିତ କରିବା ପାଇଁ ୟୁଜିସିରୁ ପାଣ୍ଠି ପାଇଥିବା ମହାବିଦ୍ୟାଳୟଗୁଡ଼ିକର କାର୍ଯ୍ୟକଳାପର ସିଡିସି ପର୍ଯ୍ୟାୟ ସମୀକ୍ଷା କରିବା ଦରକାର ଥିଲା । ଏହା ଦେଖାଗଲା ଯେ ଉତ୍କଳ କିମ୍ବା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ମହାବିଦ୍ୟାଳୟ ବିକାଶ ପରିଷଦ ଗୁଡ଼ିକ କାର୍ଯ୍ୟକଳାପର କୌଣସି ସମୀକ୍ଷା କରିନାହାନ୍ତି କିମ୍ବା ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡ଼ିକରେ ଉନ୍ନତି ପାଇଁ ସୁପାରିଶ କରିନାହାନ୍ତି ।

### *5.1.2.2 ମହାବିଦ୍ୟାଳୟ ସହବନ୍ଧନ*

ଓୟୁଏଫ୍ଏସ୍ 1990 (ଧାରା 171, 172 ଏବଂ 173) କଲେଜଗୁଡ଼ିକର ସହବନ୍ଧନ ପାଇଁ ବ୍ୟବସ୍ଥା ରଖିଥିଲା । ଏହି ନିୟମ ଅନୁଯାୟୀ, ମହାବିଦ୍ୟାଳୟରେ ଉପଯୁକ୍ତ ଶ୍ରେଣୀଗୃହ, ସୁସଜ୍ଜିତ ଲାବୋରେଟୋରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ପୃଥକ ସାଧାରଣ କୋଠରୀ, କ୍ରୀଡ଼ା ସୁବିଧା ଇତ୍ୟାଦି ରହିବା ଆବଶ୍ୟକ । ୟୁଜିସି (ବିଶ୍ୱବିଦ୍ୟାଳୟ ଦ୍ୱାରା କଲେଜ ଗୁଡ଼ିକର ସହବନ୍ଧନ) ରେଗୁଲେସନ୍, 2009 ଏକ କଲେଜର ଅନୁବନ୍ଧିତତାକୁ ଏହାର ସ୍ୱୀକୃତି, ସହଭାଗିତା ଏବଂ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟର ସୁବିଧା ଭାବରେ ବ୍ୟାଖ୍ୟା କରେ । ନିର୍ଦ୍ଦେଶାବଳୀ ଉପରେ ଆଧାର କରି, ବିଶ୍ୱବିଦ୍ୟାଳୟଗୁଡ଼ିକ ପ୍ରତ୍ୟକ୍ଷ ଯାଞ୍ଚ ଆଧାରରେ ଅନୁବନ୍ଧିତ ହେବା ପୂର୍ବରୁ ମହାବିଦ୍ୟାଳୟକୁ ଏକ ଦଳ ପଠାଇ ଅନୁଦାନ ପ୍ରଦାନ କରନ୍ତି । ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ଯାଞ୍ଚ ସମୟରେ, ରାଜ୍ୟ ସରକାର କିମ୍ବା ବେସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ସଂପୃକ୍ତ ମହାବିଦ୍ୟାଳୟର (ଅନୁବନ୍ଧିତତା) ବିଲ୍ଡିଂ, ସଂପୂର୍ଣ୍ଣ ସଜିତ ଲାବୋରେଟୋରୀ, ଉପଯୁକ୍ତ ଆସବାବପତ୍ର, ପର୍ଯ୍ୟାପ୍ତ ନାଗରିକ ସୁବିଧା ଇତ୍ୟାଦି ସମ୍ବନ୍ଧରେ ପୂର୍ବ ନିର୍ଦ୍ଧାରିତ ଆବଶ୍ୟକତା ପୂରଣ କରିବ, ଯେପରିକି ନିୟମାବଳୀରେ ଉଲ୍ଲେଖ କରାଯାଇଛି ।

32 ଗୋଟି ପରୀକ୍ଷା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟ ମଧ୍ୟରୁ 30 ଗୋଟି ମହାବିଦ୍ୟାଳୟ 2000 ବର୍ଷ ପୂର୍ବରୁ ସେମାନଙ୍କର ସହବନ୍ଧନ ସ୍ଥିତି ପାଇଥିଲେ । ଓୟୁଏଫ୍ଏସ 1990 ନିୟମ ଅନୁଯାୟୀ, ମନୋନୀତ ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ୱାରା ଦିଆଯାଇଥିବା ସୂଚନା ଉପରେ ଆଧାର କରି ଅଡିଟ୍ ଦ୍ୱାରା କେତେକ ଆବଶ୍ୟକୀୟ ଭିତ୍ତିଭୂମିର ଉପଲବ୍ଧତା/ ଉପସ୍ଥିତି ଏବଂ ଏହି ପରୀକ୍ଷା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟଗୁଡ଼ିକରେ ସଂପୃକ୍ତ

ମାନଦଣ୍ଡକୁ ପାଳନ କରିବା ପାଇଁ ମୂଲ୍ୟାଙ୍କନ କରାଯାଇଥିଲା । 32 ଗୋଟି ମହାବିଦ୍ୟାଳୟରେ ମିଳିତ ପ୍ରତ୍ୟକ୍ଷ ଯାଞ୍ଚ କରାଯାଇଥିଲା ଏବଂ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଉଲ୍ଲେଖ କରାଯାଇଥିଲା :

- ***ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ଉପଯୁକ୍ତ ଭିତ୍ତିଭୂମିର ଅଭାବ:*** ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ଓୟୁଏଫ୍ଏସ୍ 1990 ରେ ଧାର୍ଯ୍ୟ କରାଯାଇଥିବା ପରି ଭିତ୍ତିଭୂମି ରହିବା ଉଚିତ୍ । ଉଭୟ ମନୋନୀତ ବିଶ୍ୱବିଦ୍ୟାଳୟ ସହିତ ଜଡ଼ିତ ଯାଞ୍ଚ କଲେଜଗୁଡ଼ିକରେ ଉପଲବ୍ଧ ଭିତ୍ତିଭୂମି ସୁବିଧାଗୁଡ଼ିକର ଅଭାବ ନିମ୍ନ ସାରଣୀରେ ଦିଆଯାଇଛି :

*ସାରଣୀ 5.1: ଭିତ୍ତିଭୂମି ଅଭାବ ଥିବା ଅନୁବନ୍ଧିତ ସ୍ଥିତି ସହିତ ମହାବିଦ୍ୟାଳୟ ସଂଖ୍ୟା*

| କ୍ର.ସଂ | ଭିତ୍ତିଭୂମି | ମହାବିଦ୍ୟାଳୟ ସଂଖ୍ୟା | |
|---|---|---|---|
| | | ଉତ୍କଳ ବିଶ୍ୱବିଦ୍ୟାଳୟ | ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ |
| 1. | ସୀମା ପ୍ରାଚୀରର ଅଭାବ | 5 | 2 |
| 2. | ଡ୍ରେନେଜ ସୁବିଧା ନାହିଁ | 8 | 3 |
| 3. | ଆସବାବପତ୍ରର ଅଭାବ | 3 | - |
| 4. | ରାମ୍ପ୍ ସୁବିଧାର ଅଭାବ | 17 | 7 |
| 5. | ଶ୍ରେଣୀଗୃହର ଅଭାବ | 9 | 1 |
| 6. | ଅଡିଟୋରିୟମ/ ସେମିନାର ହଲର ଅଭାବ | 9 | 3 |
| 7. | ପର୍ଯ୍ୟାପ୍ତ କ୍ରୀଡ଼ା ସୁବିଧାର ଅଭାବ | 5 | 1 |
| 8. | ଶୌଚାଳୟର ଅଭାବ | 1 | - |
| 9. | ବିଶୁଦ୍ଧ ପିଇବା ପାଣିର ଅଭାବ | 3 | 1 |
| 10 | ମହାବିଦ୍ୟାଳୟ ୱେବସାଇଟର ଅଭାବ | 4 | 1 |

*(ଉତ୍ସ: ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)*

ଉପର ସାରଣୀରୁ ଦେଖାଗଲା ଯେ ଅନୁବନ୍ଧିତ ସ୍ଥିତି ଥିବା ମହାବିଦ୍ୟାଳୟଗୁଡ଼ିକରେ ଅନୁବନ୍ଧିତ ମାନ୍ୟତା ପାଇବା ପାଇଁ ଆବଶ୍ୟକ ବାଧତାମୂଳକ ମୌଳିକ ଭିତ୍ତିଭୂମିରେ ଅଭାବ ଥିଲା । ଅଧିକନ୍ତୁ, ସମ୍ପୃକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକ ଅନୁବନ୍ଧିତ ନିର୍ଦ୍ଦେଶାବଳୀ ଅନୁଯାୟୀ ଆବଶ୍ୟକ ଭିତ୍ତିଭୂମି ଉପଲବ୍ଧତାର ଯାଞ୍ଚ ପାଇଁ କୌଣସି ସମୟ ଉପଯୋଗୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ।

**ଏକ ଦୃଷ୍ଟାନ୍ତ**

କଳିଙ୍ଗ କଲେଜ ଅଫ୍ କମର୍ସ ହେଉଛି ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏକ ପରୀକ୍ଷିତ ଆବାସିକ ବେସରକାରୀ ମହାବିଦ୍ୟାଳୟ । ଉତ୍କଳ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, (ଅଗଷ୍ଟ 2010) ଏହି ମହାବିଦ୍ୟାଳୟକୁ ସର୍ତ୍ତମୂଳକ ଅନୁବନ୍ଧ ପ୍ରଦାନ କରିଥିଲେ । ଆଞ୍ଚଳିକ ନିର୍ଦ୍ଦେଶକ (ଆରଡି) ଭୁବନେଶ୍ୱର କିନ୍ତୁ ଅଗଷ୍ଟ 2016 ରୁ ଏହି ମହାବିଦ୍ୟାଳୟକୁ ସ୍ଥାୟୀ ମାନ୍ୟତା ପ୍ରଦାନ କରିଥିଲେ । ଏହା ଜଣାପଡ଼ିଥିଲା ଯେ ଏହି ମହାବିଦ୍ୟାଳୟକୁ ଏହାର ମୂଳ କ୍ୟାମ୍ପସ୍ ବଦଳରେ ଏକ ଭଡ଼ା ଘରେ ଚାଲୁଥିଲା ଯାହା ଉପରେ ଅନୁବନ୍ଧ ଆଧାର କରାଯାଇଥିଲା । ଅଧିକନ୍ତୁ, ଅଡିଟୋରିୟମ, ଖେଳ ପଡ଼ିଆ, ସୀମା ପ୍ରାଚୀର ଏବଂ ପର୍ଯ୍ୟାପ୍ତ ଆସବାବପତ୍ର ପରି ଅନ୍ୟ ସୁବିଧା ବିନା ମହାବିଦ୍ୟାଳୟ କାର୍ଯ୍ୟ କରୁଥିଲା । ଓୟୁଏଫ୍ଏସ୍ 1990 ର ଧାରା 198 ଅନୁଯାୟୀ ମହାବିଦ୍ୟାଳୟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ, ଛଅ ମାସ ମଧ୍ୟରେ ସର୍ତ୍ତଗୁଡ଼ିକ ପାଳନ ନକରିବା ଏବଂ ଏହାର ଅବସ୍ଥାନ, କାର୍ଯ୍ୟର ସ୍ଥିତି ଏବଂ ଭିତ୍ତିଭୂମି ଉପଲବ୍ଧତା ଯାଞ୍ଚ ନକରି ଆଞ୍ଚଳିକ ନିର୍ଦ୍ଦେଶକ ଭୁବନେଶ୍ୱର ଏହାକୁ ସ୍ଥାୟୀ ମାନ୍ୟତା ପ୍ରଦାନ କରିଥିଲେ । ଅଡିଟ୍ ତାରିଖ (ଜାନୁଆରୀ 2020) ପର୍ଯ୍ୟନ୍ତ ମହାବିଦ୍ୟାଳୟ ଭଡ଼ା ଗୃହରେ ଚାଲୁଥିଲା ।



ଏକ ଭଡ଼ା ଘରେ କଲେଜ କାର୍ଯ୍ୟ କରୁଛି

- **ୱେବସାଇଟରେ ମହାବିଦ୍ୟାଳୟ ତଥ୍ୟର ଅଦ୍ୟତନ ଅଭାବ-** ଦୁଇଟି ପରୀକ୍ଷା ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ସେମାନଙ୍କ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ସବିଶେଷ ତଥ୍ୟ, ଯେପରିକି ପାଠ୍ୟକ୍ରମ, ବିଷୟ, ସିଟ୍ ଇତ୍ୟାଦି ନିଜ ୱେବସାଇଟରେ ଅପଲୋଡ୍ କରିନାହାନ୍ତି । ବିଶ୍ୱବିଦ୍ୟାଳୟଗୁଡ଼ିକ ଅନୁବନ୍ଧ ତଥ୍ୟକୁ ହାତଲେଖା ଭାବରେ ପରିଚାଳନା କରୁଥିଲେ ଏବଂ କୌଣସି ସଂପୃକ୍ତ ମହାବିଦ୍ୟାଳୟର ପ୍ରକୃତ ସମୟ ସ୍ଥିତିକୁ ଉପଭୋକ୍ତାଙ୍କୁ ଦେଖାଇବାକୁ କୌଣସି ଡାଟାବେସ୍ ରକ୍ଷଣାବେକ୍ଷଣ କରିନଥିଲେ । ତେଣୁ ଛାତ୍ର ଏବଂ ଅନ୍ୟ ହିତାଧିକାରୀମାନେ ଆଡମିଶନ ନେବା ପୂର୍ବରୁ ମହାବିଦ୍ୟାଳୟର ଅନୁବନ୍ଧିତ ସ୍ଥିତି ବିଷୟରେ ଅବଗତ ହୋଇପାରୁନଥିଲେ ।

ସରକାର ଦର୍ଶାଇଲେ (ସେପ୍ଟେମ୍ବର 2020) ଯେ ଏହା ଏସ୍ଏଏମ୍ଏସ୍ ରେ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ସୂଚନା ଦେଉଛି । ତେବେ ଯାଞ୍ଚ ପରେ, ଅଡିଟ୍ ଦ୍ୱାରା ଏହା ଦର୍ଶାଗଲା ଯେ ଏସ୍ଏଏମ୍ଏସ୍ ଡାଟାବେସରେ ମହାବିଦ୍ୟାଳୟ ସମ୍ବନ୍ଧୀୟ କୌଣସି ତଥ୍ୟ ଉପଲବ୍ଧ ନାହିଁ । ମହାବିଦ୍ୟାଳୟଗୁଡ଼ିକ ସମ୍ବନ୍ଧୀୟ ସମ୍ୟକ ଧାରଣା ଦେବା ପାଇଁ ବିଶ୍ୱବିଦ୍ୟାଳୟ ୱେବସାଇଟରେ ସହଜରେ ଉପଲବ୍ଧ ହେବା ଉଚିତ୍ । ସରକାର ଏହି ସତ୍ୟକୁ ଗ୍ରହଣ କରିଛନ୍ତି ଏବଂ "ନିଜ ମହାବିଦ୍ୟାଳୟକୁ ଜାଣ" ପୋର୍ଟାଲରେ ସୂଚନା ଅପଡେଟ୍ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ନିଶ୍ଚିତ କରିଛନ୍ତି ।

## 5.2 ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ସ୍ୱୟଂଶାସନ

ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଆଧାର କରି ବର୍ଦ୍ଧିତ ସମ୍ବଳ ସହାୟତା ମାଧ୍ୟମରେ ରାଜ୍ୟ ବିଶ୍ୱବିଦ୍ୟାଳୟ ଏବଂ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକୁ ଅଧିକ ସ୍ୱୟଂ ଶାସିତ ଏବଂ କାର୍ଯ୍ୟକ୍ଷମ ନମନୀୟତା ପ୍ରଦାନ କରାଯାଇଛି । ଅଧିକନ୍ତୁ, ରୁସା ସତନ୍ତ୍ର ଆବଶ୍ୟକତା ଉପରେ ନିର୍ଭର କରି ସଂପୂର୍ଣ୍ଣ ସ୍ୱୟଂଶାସନ ସହିତ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ଅନୁଷ୍ଠାନଗୁଡ଼ିକର ନିର୍ଦ୍ଦିଷ୍ଟ ହସ୍ତକ୍ଷେପ ଯୋଜନା ଦ୍ୱାରା ଅଧିକ ସ୍ୱାଧୀନତା ପାଇଁ ଯୋଜନା କରିଛି ।

ୟୁଜିସି ଅନୁଯାୟୀ, ଏହା ଦ୍ୱାରା ପ୍ରାରମ୍ଭରେ ଛଅ ବର୍ଷ ପାଇଁ ଅର୍ଥ ଏବଂ ସ୍ୱୟଂଶାସନର ସ୍ଥିତି ପ୍ରଦାନ କରାଯିବ । ସମାପ୍ତି ତାରିଖର ଛଅ ମାସ ପୂର୍ବରୁ ସଂପୃକ୍ତ ମହାବିଦ୍ୟାଳୟ ସମ୍ପ୍ରସାରଣ ପାଇଁ ନିର୍ଦ୍ଦିଷ୍ଟ ଫର୍ମାଟରେ ପ୍ରସ୍ତାବ ଦାଖଲ କରିବା ଉଚିତ୍ । ଏହା ବ୍ୟତୀତ 10 ପ୍ରତିଶତ ମହାବିଦ୍ୟାଳୟକୁ ଅନୁବନ୍ଧିତ ଢାଞ୍ଚାରୁ ବିଚ୍ଛିନ୍ନ କରି ସ୍ୱୟଂଶାସନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଥିଲା ।

ମାର୍ଚ୍ଚ 2019 ସୁଦ୍ଧା 883 ଟି ମହାବିଦ୍ୟାଳୟ ମଧ୍ୟରୁ କେବଳ 35 ଟି (3.96 ପ୍ରତିଶତ) ମହାବିଦ୍ୟାଳୟ ଓଡ଼ିଶାରେ ସ୍ୱୟଂଶାସିତ ମାନ୍ୟତା ପାଇଛି । ଦୁଇଟି ପରୀକ୍ଷା ଯାଞ୍ଚ ବିଶ୍ୱବିଦ୍ୟାଳୟ ଅଧୀନରେ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକର ସ୍ଥିତି ନିମ୍ନ ସାରଣୀରେ ଦିଆଯାଇଛି:

***ସାରଣୀ5.2: ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟ ଗୁଡ଼ିକର ସ୍ୱୟଂ ଶାସନର ସ୍ଥିତି***

| ବିଶ୍ୱବିଦ୍ୟାଳୟର ନାମ | ଅନୁବନ୍ଧିତ ମହାବିଦ୍ୟାଳୟର ସଂଖ୍ୟା | ସମୁଦାୟ ସ୍ୱୟଂଶାସନ ମହାବିଦ୍ୟାଳୟର ସଂଖ୍ୟା (ପ୍ରତିଶତ) | ସ୍ୱୟଂଶାସନ ଅତିକ୍ରାନ୍ତ ହୋଇଥିବା ସ୍ୱୟଂଶାସିତ ମହାବିଦ୍ୟାଳୟ ସଂଖ୍ୟା |
|---|---|---|---|
| ଉତ୍କଳ ବିଶ୍ୱବିଦ୍ୟାଳୟ | 304 | 17 (6) | 11 |
| ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ | 83 | 3 (4) | 3 |
| **ମୋଟ** | **387** | **20 (5)** | **14** |

***(ଉତ୍ସ: ଏଆଇଏସ୍ଏଚ୍ଇ ଏବଂ ୟୁଜିସି ୱେବସାଇଟ)***

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ ଦୁଇଟି ମନୋନୀତ ବିଶ୍ୱବିଦ୍ୟାଳୟରେ 387 ଅନୁବନ୍ଧିତ ମହାବିଦ୍ୟାଳୟ ମଧ୍ୟରୁ କେବଳ 20 ଟି ମହାବିଦ୍ୟାଳୟ (ପାଞ୍ଚ ପ୍ରତିଶତ) ସ୍ୱୟଂଶାସିତ ମାନ୍ୟତା ପାଇଛନ୍ତି । ଏହି 20 ଟି ମଧ୍ୟରୁ 14 ଟି ମହାବିଦ୍ୟାଳୟ ସ୍ୱୟଂଶାସନ ଅବଧି ଶେଷ ହୋଇଥିଲା । 2016-17 ପୂର୍ବରୁ ଛଅଟି ମହାବିଦ୍ୟାଳୟ ସେମାନଙ୍କର ସ୍ୱୟଂଶାସିତ ସ୍ଥିତି ହରାଇଥିଲେ । ୟୁଜିସି ଗାଇଡଲାଇନ୍ ଅନୁଯାୟୀ ସ୍ୱୟଂଶାସନ

ପ୍ରଦାନ ପାଇଁ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ସ୍ୱୟଂଶାସିତ ସ୍ଥିତି ନବୀକରଣ ହୋଇନଥିଲା, ତେଣୁ ଭିତ୍ତିଭୂମି ଏବଂ ଶିକ୍ଷାଗତ ବିକାଶ ହୋଇପାରି ନଥିଲା ।

ସରକାର ପ୍ରକାଶ କରିଛନ୍ତି (ସେପ୍ଟେମ୍ବର 2020) ଯେ ନୂତନ ମହାବିଦ୍ୟାଳୟଗୁଡ଼ିକୁ ସ୍ୱୟଂଶାସନ ମାନ୍ୟତା ପ୍ରଦାନ କିମ୍ବା 2012-13 ରୁ 2018-19 ମଧ୍ୟରେ ବିଦ୍ୟମାନ ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକୁ ସ୍ୱୟଂଶାସନ ନବୀକରଣ ପାଇଁ ଯୋଗ୍ୟତା ଅବସ୍ଥାରେ ଅନେକ ପରିବର୍ତ୍ତନ ଘଟିଛି । ପ୍ରକୃତ କଥା ହେଉଛି, ୟୁଜିସି ନିର୍ଦ୍ଦେଶାବଳୀ (2018) କାର୍ଯ୍ୟକାରୀ ହେବା ପୂର୍ବରୁ ମଧ୍ୟ ମହାବିଦ୍ୟାଳୟଗୁଡ଼ିକୁ ନବୀକରଣ କିମ୍ବା ସ୍ୱୟଂଶାସନ କ୍ଷମତା ପ୍ରଦାନ ପାଇଁ ସରକାର ପ୍ରଭାବଶାଳୀ ପଦକ୍ଷେପ ନେଇ ନାହାଁନ୍ତି । ଫଳସ୍ୱରୂପ, ଅନିବନ୍ଧିତ ମହାବିଦ୍ୟାଳୟଗୁଡ଼ିକର 10 ପ୍ରତିଶତ ଆବଶ୍ୟକତା ଥିବାବେଳେ ମାତ୍ର 3.96 ପ୍ରତିଶତ ସ୍ୱୟଂଶାସନ କ୍ଷମତା ପାଇଥିଲେ ।

ଯେଉଁଠାରେ ସ୍ୱୟଂଶାସନ ସ୍ଥିତି ପୂର୍ବରୁ ଚାଲିଯାଇଛି ଏବଂ ଯେଉଁ ମହାବିଦ୍ୟାଳୟଗୁଡ଼ିକର ସ୍ୱୟଂଶାସନ ନବୀକରଣ ଯୋଗ୍ୟ, ସେହି କ୍ଷେତ୍ରରେ ସରକାର ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିବା ଉଚିତ୍ । ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ଭିତ୍ତିଭୂମି ଏବଂ ଶିକ୍ଷାଗତ ବିକାଶକୁ ଉତ୍ସାହିତ କରାଯିବା ଉଚିତ୍ ଯାହାଦ୍ୱାରା ସେମାନେ ସ୍ୱୟଂଶାସନ ମାନ୍ୟତା ପାଇବାକୁ ଯୋଗ୍ୟ ହୋଇପାରିବେ ।

## 5.3 ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ ଚାପ ହ୍ରାସ

ଉଚ୍ଚଶିକ୍ଷାରେ ଅନ୍ତର୍ଭୁକ୍ତ ଏବଂ ଗୁଣାତ୍ମକ ବିସ୍ତାର ଉପରେ ରିପୋର୍ଟର ପାରା 7.1.15(ଗ) ଅନୁଯାୟୀ, ଅନୁବନ୍ଧିତ କଲେଜଗୁଡ଼ିକର ଭାରରୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ମୁକ୍ତ କରିବା ପାଇଁ କେନ୍ଦ୍ରୀୟ ଏବଂ ରାଜ୍ୟ ବିଶ୍ୱବିଦ୍ୟାଳୟ ଅଧିନିୟମ ଅନୁସାରେ କାର୍ଯ୍ୟଗୁଡ଼ିକର ପ୍ରଭାବଶାଳୀ ଗଠନମୂଳକ ଆଧୁନିକୀକରଣ କରାଯିବା ଆବଶ୍ୟକ । କାର୍ଯ୍ୟଗୁଡ଼ିକର ସଂଶୋଧନ ମାଧ୍ୟମରେ ଶିକ୍ଷା ଅନୁଷ୍ଠାନମାନଙ୍କ ମଧ୍ୟରେ ଦକ୍ଷ ଶାସନ ଏବଂ ଉତ୍ତରଦାୟିତ୍ୱ ସହିତ ପ୍ରଭାବଶାଳୀ ସ୍ୱୟଂଶାସନ ସ୍ଥିତି ସହଜ ହେବା ଉଚିତ୍ । ରୁସା ନିର୍ଦ୍ଦେଶାବଳୀ ଅନୁଯାୟୀ, ଏକ ବିଶ୍ୱବିଦ୍ୟାଳୟରେ ଅନୁବନ୍ଧିତ ମହାବିଦ୍ୟାଳୟ ସଂଖ୍ୟା 100 ରେ ସୀମିତ ରହିବା ଉଚିତ୍ ବୋଲି କୁହାଯାଇଛି ।

ବର୍ତ୍ତମାନ, ଓଡ଼ିଶାରେ ତିନିଟି ପୁରୁଣା ବିଶ୍ୱବିଦ୍ୟାଳୟ ସହିତ 12 ଟି ସାଧାରଣ ବିଶ୍ୱବିଦ୍ୟାଳୟ ରହିଛି । ଏହି ତିନିଟି ପୁରାତନ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ସଂଖ୍ୟା ନିମ୍ନ ସାରଣୀରେ ଦିଆଯାଇଛି:

*ସାରଣୀ 5.3: ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟ ସଂଖ୍ୟା*

| କ୍ର.ସଂ. | ବିଶ୍ୱବିଦ୍ୟାଳୟର ନାମ | ସଂସ୍ଥାପନର ବର୍ଷ | ସହବନ୍ଧିତ ମହାବିଦ୍ୟାଳୟ ସଂଖ୍ୟା |
|---|---|---|---|
| 1 | ଉତ୍କଳ ବିଶ୍ୱବିଦ୍ୟାଳୟ | 1943 | 304 |
| 2 | ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ | 1967 | 132 |
| 3 | ସମ୍ବଲପୁର ବିଶ୍ୱବିଦ୍ୟାଳୟ | 1967 | 217 |
| 4 | ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ | 1998 | 83 |

*(ଉତ୍ସ: ଏସ୍‌ଏଏମ୍‌ଏସ୍ ଡାଟାବେସ୍ ଏବଂ ଏଆଇଏସଏଚ୍‌ଇ ରିପୋର୍ଟ)*

ଉପରୋକ୍ତ ତିନିଟି ବିଶ୍ୱବିଦ୍ୟାଳୟ 100 ରୁ ଅଧିକ ଅନୁବନ୍ଧିତ ମହାବିଦ୍ୟାଳୟ ସହିତ କାର୍ଯ୍ୟ କରୁଥିଲା । 2014-19 ମଧ୍ୟରେ ଚାରିଟି ପୁରାତନ ମହାବିଦ୍ୟାଳୟକୁ[4] ବିଶ୍ୱବିଦ୍ୟାଳୟକୁ ନବୀକରଣ କରିବା ପରେ ମଧ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର କାର୍ଯ୍ୟଭାର ହ୍ରାସ ହୋଇନଥିଲା, କାରଣ ଚାରିଟି ନୂତନ ବିଶ୍ୱବିଦ୍ୟାଳୟ ମଧ୍ୟରୁ ତିନିଟି

[4] (i) ରେଭେନ୍ସା ମହାବିଦ୍ୟାଳୟ, କଟକ; (ii) ରମାଦେବୀ ମହାବିଦ୍ୟାଳୟ, ଭୁବନେଶ୍ୱର; (iii) ଖଲ୍ଲିକୋଟ ମହାବିଦ୍ୟାଳୟ, ବ୍ରହ୍ମପୁର; (iv) ଗଙ୍ଗାଧର ମେହେର ମହାବିଦ୍ୟାଳୟ, ସମ୍ବଲପୁର

ସହବନ୍ଧନ କ୍ଷମତା ବିନା ଏକକ ଉତ୍କଳ ବିଶ୍ୱବିଦ୍ୟାଳୟ ଥିଲା । ଯାହାହେଉ, ଉତ୍ତର ଓଡ଼ିଶା ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ସଂଖ୍ୟା ରୁସା ନିର୍ଦ୍ଦେଶାବଳୀ ଅନୁଯାୟୀ ଧାର୍ଯ୍ୟ ହୋଇଥିବା 100 ମହାବିଦ୍ୟାଳୟ ମାନଦଣ୍ଡ ମଧ୍ୟରେ ଥିଲା ।

ସରକାର କହିଛନ୍ତି (ସେପ୍ଟେମ୍ବର 2020) ଯେ ଗବେଷଣା ଏବଂ ନବସୃଜନ ପାଇଁ ପ୍ରେରଣା ଯୋଗାଇବା ପାଇଁ ଏକକ ବିଶ୍ୱବିଦ୍ୟାଳୟ ଗଠନ କରାଯାଇଥିଲା । ପ୍ରକୃତ କଥା ହେଲା ଯେ, ଅବଶିଷ୍ଟ ବିଶ୍ୱବିଦ୍ୟାଳୟଗୁଡ଼ିକର ଭାର ନିର୍ଦ୍ଧାରିତ ମାନଦଣ୍ଡ ଠାରୁ ବହୁ ଅଧିକ ଅଟେ ଯେଉଁଥି ପାଇଁ ସରକାର ଏହି ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ ।

## 5.4 ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକର ରାଙ୍କିଙ୍ଗ୍ ଏବଂ ମାନ୍ୟତା

ଉଚ୍ଚଶିକ୍ଷାରେ ଅନ୍ତର୍ଭୁକ୍ତ ଏବଂ ଗୁଣାତ୍ମକ ବିସ୍ତାର ଉପରେ ରିପୋର୍ଟର ଅନୁଚ୍ଛେଦ 3.5.3(କ) ଅନୁଯାୟୀ, ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ଦ୍ରୁତ ବିସ୍ତାର ଏବଂ ସେମାନଙ୍କର ଗ୍ରହଣ କ୍ଷମତା ଏକକାଳୀନ ଗୁଣବତ୍ତା ସୁନିଶ୍ଚିତ କରିବାରେ ସକ୍ଷମ ହୋଇନାହିଁ । ଶିକ୍ଷାଦାନ, ଗବେଷଣା ଏବଂ ସଂପୃକ୍ତ ପ୍ରଣାଳୀରେ ଅଗ୍ରସର ହେବା ପାଇଁ ଗୁଣାତ୍ମକ ସାଧାରଣ ରୂପରେଖ ଗୁଡ଼ିକ ନିରନ୍ତର ଧ୍ୟାନ ଏବଂ ନୀତି ଆବଶ୍ୟକ କରେ ।

ୟୁଜିସି ଦେଶର ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ସେମାନଙ୍କର ପର୍ଯ୍ୟାୟ ମୂଲ୍ୟାଙ୍କନ, ସ୍ୱୀକୃତି ଏବଂ ବିକାଶ ଅନୁଦାନର ମୂଲ୍ୟାଙ୍କନ ଏବଂ ମାନ୍ୟତା ଦେବା ପାଇଁ ଅନୁରୋଧ କରୁଛି । ଅଧିକନ୍ତୁ, ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକ, ଯଦି ସେମାନଙ୍କର ଅତିକମରେ ଦୁଇ ବ୍ୟାଚ୍ ଛାତ୍ରଛାତ୍ରୀ ସ୍ନାତକ କିମ୍ବା ଛଅ ବର୍ଷ ପର୍ଯ୍ୟନ୍ତ ରହିଥିବାର ରେକର୍ଡ ଅଛି, ତେବେ ନାକ୍ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରକ୍ରିୟା ପାଇଁ ଆବେଦନ କରିବାକୁ ଯୋଗ୍ୟ ଅଟନ୍ତି ।

ଅଡିଟ୍‌ରେ ଦେଖାଗଲା ଯେ 12 ଟି ରାଜ୍ୟ ବିଶ୍ୱବିଦ୍ୟାଳୟ ମଧ୍ୟରୁ ପାଞ୍ଚଟି[5] ଅଡିଟ୍ ତାରିଖ (ନଭେମ୍ବର 2019) ପର୍ଯ୍ୟନ୍ତ ନାକ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇନାହିଁ । ସେହିଭଳି, 883 ସାଧାରଣ ଷ୍ଟ୍ରିମ୍ ମହାବିଦ୍ୟାଳୟ ମଧ୍ୟରୁ 702(80 ପ୍ରତିଶତ) ନାକ୍ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ନୁହେଁ ଯାହା ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକର ସ୍ୱୀକୃତି ପ୍ରାପ୍ତ ସ୍ଥିତି ତଥା ଏସଏଲକ୍ୟୁଏସି ର କାର୍ଯ୍ୟରେ ଅନ୍ତର ପ୍ରତିଫଳିତ ହୋଇଥିଲା ଯାହାର କାର୍ଯ୍ୟ ମହାବିଦ୍ୟାଳୟ ଗୁଡ଼ିକୁ ସ୍ୱୀକୃତି ପାଇଁ ଆବେଦନ କରିବା ପାଇଁ ଉତ୍ସାହିତ କରିବାର ଥିଲା । ମନିଟରିଂ ନକରିବା ହେତୁ, ପୂର୍ବ ସ୍ୱୀକୃତି ପାଇଥିବା 65 ମହାବିଦ୍ୟାଳୟ ଦ୍ୱିତୀୟ ଚକ୍ର ପାଇଁ ନାକ୍ ପାଖରେ ଆବେଦନ କରିନଥିଲେ ଯେଉଁଥିପାଇଁ ତାଙ୍କର ସ୍ୱୀକୃତିପ୍ରାପ୍ତ ସ୍ଥିତି ଅତିକ୍ରାନ୍ତ ହୋଇଯାଇଥିଲା ।

ରାଜ୍ୟରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକର ମାନ୍ୟତା ସ୍ଥିତିର ବିବରଣୀ ନିମ୍ନରେ ଦିଆଯାଇଥିବା ସାରଣୀରେ ଦିଆଯାଇଛି :

*ସାରଣୀ5.4: ରାଜ୍ୟରେ ନାକ୍ ସ୍ୱୀକୃତି ପ୍ରାପ୍ତ ଉଚ୍ଚଶିକ୍ଷା ଅନୁଷ୍ଠାନ ସଂଖ୍ୟା*

| କ୍ରମିକ ସଂଖ୍ୟା | ଅନୁଷ୍ଠାନର ପ୍ରକାର (କେବଳ ସାଧାରଣ ପାଠ୍ୟବିଭାଗ) | ଉଚ୍ଚଶିକ୍ଷା ଅନୁଷ୍ଠାନର ସଂଖ୍ୟା (2018-19) | ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ | ଉଚ୍ଚଶିକ୍ଷା ଅନୁଷ୍ଠାନର ଗ୍ରେଡ୍ | | | | |
|---|---|---|---|---|---|---|---|---|
| | | | | A+ | A | B++/B+ | B | C |
| 1 | ରାଜ୍ୟ ବିଶ୍ୱବିଦ୍ୟାଳୟ | 12 | 7 | 1 | 3 | 3/0 | 0 | 0 |
| 2 | କେନ୍ଦ୍ରୀୟ/ ବୈଷୟିକ ବିଶ୍ୱବିଦ୍ୟାଳୟ | 11 | 5 | 1 | 2 | 1/0 | 1 | 0 |
| 3 | ବେସରକାରୀ ବିଶ୍ୱବିଦ୍ୟାଳୟ | 5 | 3 | 3 | 0 | 0 | 0 | 0 |
| 4 | ସରକାରୀ ମହାବିଦ୍ୟାଳୟ(ସାଧାରଣ) | 49 | 23 | 0 | 6 | 4/7 | 5 | 1 |
| 5 | ବେସରକାରୀ ମହାବିଦ୍ୟାଳୟ (ସାଧାରଣ) | 834 | 158 | 0 | 2 | 12/21 | 94 | 29 |
| | **ମୋଟ** | **911**[6] | **196** | **5** | **13** | **20/28** | **100** | **30** |

*(ଉତ୍ସ: ଏସ୍ଏଏମ୍ଏସ୍ ଏବଂ ନାକ୍ ୱେବସାଇଟ୍)*

---

[5] ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

[6] 911 ଟି ଏଚ୍ଇଆଇ ମଧ୍ୟରେ 28 ଟି ବିଶ୍ୱବିଦ୍ୟାଳୟ ଏବଂ 883 ମହାବିଦ୍ୟାଳୟ ଅନ୍ତର୍ଭୁକ୍ତ

ମାର୍ଚ୍ଚ 2019 ସୁଦ୍ଧା ଦୁଇଟି ପରୀକ୍ଷା ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟରେ ସହବନ୍ଧନ ଏବଂ ସ୍ୱୀକୃତିର ସ୍ଥିତି ନିମ୍ନ ସାରଣୀରେ ଦିଆଯାଇଛି:

*ସାରଣୀ 5.5: ଦୁଇଟି ପରୀକ୍ଷା ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟ ଅଧିନରେ ଥିବା କଲେଜଗୁଡ଼ିକର ସହବନ୍ଧନ ଏବଂ ସ୍ୱୀକୃତି ସ୍ଥିତି*

| ବିଶ୍ୱବିଦ୍ୟାଳୟର ନାମ | ଅନୁବନ୍ଧିତ ମହାବିଦ୍ୟାଳୟ ସଂଖ୍ୟା | ନାକ୍ ଦ୍ୱାରା ମାନ୍ୟତା ପ୍ରାପ୍ତ ମହାବିଦ୍ୟାଳୟ ସଂଖ୍ୟା | ମହାବିଦ୍ୟାଳୟ ଯାହାର ମାନ୍ୟତା ଅତିକ୍ରାନ୍ତ ହୋଇଛି |
|---|---|---|---|
| ଉତ୍କଳ ବିଶ୍ୱବିଦ୍ୟାଳୟ | 304 | 78 | 21 |
| ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ | 83 | 19 | 7 |

*(ଉତ୍ସ: ଏସଏଏମ୍ଏସ୍ ଏବଂ ନାକ୍ ୱେବସାଇଟ୍)*

ରାଜ୍ୟରେ ନିମ୍ନ ସ୍ତରର ମାନ୍ୟତା ଭିତ୍ତିଭୂମି, ଶିକ୍ଷାଦାନ ଏବଂ ଶିକ୍ଷା ପ୍ରକ୍ରିୟା, ପାଠ୍ୟକ୍ରମ ପରିକଳ୍ପନା, ଶିକ୍ଷାଦାନ ଏବଂ ଗବେଷଣାରେ କାର୍ଯ୍ୟରତ କର୍ମଚାରୀ, ଲାଇବ୍ରେରୀ ପୁସ୍ତକ ଇତ୍ୟାଦି କ୍ଷେତ୍ରରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଅଭାବକୁ ସୂଚିତ କରେ । ଯେହେତୁ ରୁସା କେବଳ ନାକ ସ୍ୱୀକୃତିପ୍ରାପ୍ତ ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କୁ ପାଣ୍ଠି ମଞ୍ଜୁର କରୁଥିଲା, ଏହି ଅଣ-ମାନ୍ୟତା ପ୍ରାପ୍ତ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକ ରୁସା ଯୋଜନାର (2014-19) ଅନୁଦାନରୁ ବଞ୍ଚିତ ହୋଇଥିଲେ । 2014-19 ମଧ୍ୟରେ 883 ମହାବିଦ୍ୟାଳୟ ମଧ୍ୟରୁ କେବଳ 145 ମହାବିଦ୍ୟାଳୟ (16.42 ପ୍ରତିଶତ) ରୁସା ପାଣ୍ଠି ପାଇଲେ । ଏହା ଦେଖାଗଲା ଯେ ସ୍ୱୀକୃତି ସ୍ଥିତିକୁ ଜାରି ରଖିବା ଏବଂ ନୂତନ ମହାବିଦ୍ୟାଳୟଗୁଡ଼ିକୁ ନାକ ସ୍ୱୀକୃତି ଅଧୀନକୁ ଆଣିବା ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ କରାଯାଇ ନାହିଁ । ଏପରିକି ଦୁଇଟି ବିଶ୍ୱବିଦ୍ୟାଳୟର 25 ଟି ଉଚ୍ଚଶିକ୍ଷା ପ୍ରତିଷ୍ଠାନ[7] ଯାହା 2012 ରେ ନିଜର ମାନ୍ୟତା ହରାଇଥିଲା, ମାର୍ଚ୍ଚ 2020 ସୁଦ୍ଧା ଏହାକୁ ପୁନସ୍ଥାପିତ କରିପାରିଲେ ନାହିଁ ।

ସରକାର ଦର୍ଶାଇଲେ (ସେପ୍ଟେମ୍ବର 2020) ଯେ ସ୍ୱୀକୃତି ହାର ବୃଦ୍ଧି ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନିଆଯାଉଛି ଏବଂ ନାକ୍ ଗ୍ରେଡ୍‌କୁ ଏହାର କିଛି ଆର୍ଥିକ ସହାୟତା ସହିତ ମହାବିଦ୍ୟାଳୟ ସହିତ ଯୋଡ଼ାଯାଉଛି । ଏହାର ଉତ୍ତର ହୃଦବୋଧ ଜନକ ନୁହେଁ କାରଣ ରାଜ୍ୟରେ କେବଳ 20.50 ପ୍ରତିଶତ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ମାନଙ୍କର ନାକ୍ ମାନ୍ୟତା ଥିଲା ।

ଅଧିକରୁ ଅଧିକ ମହାବିଦ୍ୟାଳୟ ନାକ୍ ମାନ୍ୟତା ପାଇବା ପାଇଁ ସରକାର ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିବା ଉଚିତ୍, କାରଣ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ହେଉଛି ସମୁଦାୟ ଗୁଣବତ୍ତା ହାସଲ କରିବା ପାଇଁ ଉପକରଣ ଏବଂ ଏହି ପ୍ରକ୍ରିୟାରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଶକ୍ତି ଏବଂ ଦୁର୍ବଳତାକୁ ଚିହ୍ନଟ କରାଯାଇଥାଏ । ସ୍ୱୀକୃତି ପ୍ରକ୍ରିୟାରେ, ଅନୁଷ୍ଠାନଗୁଡ଼ିକ ମଧ୍ୟ ସମ୍ଭାବ୍ୟ ଶକ୍ତି କାରକକୁ ବଢାଇବାକୁ ଉପଯୁକ୍ତ ହସ୍ତକ୍ଷେପ ମାଧ୍ୟମରେ ତ୍ରୁଟି ସୁଧାରିବାରେ ସାହାଯ୍ୟ କରନ୍ତି ।

### 5.4.1 ଜାତୀୟ ଅନୁଷ୍ଠାନ ରାଙ୍କିଙ୍ଗ୍ ଫ୍ରେମୱାର୍କ (ଏନଆଇଆରଏଫ୍) ସ୍ଥିତି

ନ୍ୟାସନାଲ୍ ଇନଷ୍ଟିଚ୍ୟୁସନାଲ୍ ରାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ (ଏନ୍ଆଇଆର୍ଏଫ୍) ଏମ୍ଏଚ୍ଆର୍ଡି ଦ୍ୱାରା ଅନୁମୋଦନ ହରାଇଥିଲା ଏବଂ 29 ସେପ୍ଟେମ୍ବର 2015 ରେ ଆରମ୍ଭ କରାଯାଇଥିଲା । ଏହି ଢାଞ୍ଚା ସମଗ୍ର ଦେଶରେ ଅନୁଷ୍ଠାନ ମାନ୍ୟତା ପାଇବା ପାଇଁ ଏକ ପଦ୍ଧତିକୁ ବର୍ଣ୍ଣନା କରେ । ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଅନୁଷ୍ଠାନଗୁଡ଼ିକର ମାନ୍ୟତା ପାଇଁ ବ୍ୟାପକ ପାରାମିଟରଗୁଡ଼ିକ ଚିହ୍ନଟ କରିବାକୁ ଏମ୍ଏଚ୍ଆରଡି ଦ୍ୱାରା ସ୍ଥାପିତ ଏକ କୋର କମିଟି ବିଭିନ୍ନ ସୁପାରିଶଗୁଡ଼ିକୁ ଗ୍ରହଣ ବ୍ୟାପକ ବୁଝାମଣାରୁ କରି ଚିହ୍ନଟ କରିଥିଲେ । ପାରାମିଟରଗୁଡ଼ିକ ବ୍ୟାପକ ଭାବରେ "ଶିକ୍ଷାଦାନ", "ଶିକ୍ଷା" ଏବଂ "ସମ୍ବଳ", "ଅନୁସନ୍ଧାନ" ଏବଂ "ବୃତ୍ତିଗତ ଅଭ୍ୟାସ", "ସ୍ନାତକୋତ୍ତର ଫଳାଫଳ", "ପ୍ରସାରଣ ଏବଂ ଅନ୍ତର୍ଭୁକ୍ତତା" ଏବଂ "ଧାରଣା" ଗୁଡ଼ିକୁ ଅନ୍ତର୍ଭୁକ୍ତ କରେ ।

ଏନ୍ଆଇଆର୍ଏଫ୍ ର୍‍ୟାଙ୍କିଙ୍ଗ୍‌ରୁ (2016 ରେ ଆରମ୍ଭ ହୋଇଥିଲା), ଦେଖାଗଲା ଯେ 2016-19 ମଧ୍ୟରେ ପ୍ରଥମ 100 ମଧ୍ୟରେ ଓଡ଼ିଶାର କୌଣସି ରାଜ୍ୟ ବିଶ୍ୱବିଦ୍ୟାଳୟ ସ୍ଥାନିତ ହୋଇ ନଥିଲା । 2018 ରେ ଉତ୍କଳ ବିଶ୍ୱବିଦ୍ୟାଳୟ 101 ରୁ 150 ମଧ୍ୟରେ ଏବଂ 2019 ରେ 151 ରୁ 200 ମାନ୍ୟତା ମଧ୍ୟରେ ସ୍ଥାନିତ ହୋଇଥିଲା ।

[7] ଉତ୍କଳ ବିଶ୍ୱବିଦ୍ୟାଳୟ: 18 ଏଚ୍ଇଆଇ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ: ସାତ ଏଚ୍ଇଆଇ

ଅନ୍ୟପକ୍ଷରେ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ମଧ୍ୟ ଏହି ସମୟ ମଧ୍ୟରେ ଶ୍ରେଷ୍ଠ 200 ବିଶ୍ୱବିଦ୍ୟାଳୟ ମଧ୍ୟରେ ନଥିଲା । ଅବଶ୍ୟ, ରାଜ୍ୟର ଦୁଇଟି ବେସରକାରୀ ବିଶ୍ୱବିଦ୍ୟାଳୟ[8] କ୍ରମାଗତ ଭାବରେ ପ୍ରଥମ 100 ପଦବୀରେ ମଧ୍ୟରେ ସ୍ଥାନିତ ହେଲା । ଅଧିକନ୍ତୁ, 2016-19 ମଧ୍ୟରେ ଏନ୍ଆଇଆରଏଫ୍ ର୍ୟାଙ୍କିଙ୍ଗ୍‌ରେ ରାଜ୍ୟର କୌଣସି ମହାବିଦ୍ୟାଳୟ ସ୍ଥାନ ପାଇଲା ନାହିଁ । ଦୁଇଟି ରାଜ୍ୟ ବେସରକାରୀ ବିଶ୍ୱବିଦ୍ୟାଳୟର ମାନ୍ୟତା ସହିତ ଦୁଇଟି ପରୀକ୍ଷା ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟ ଗୁଡ଼ିକର ତୁଳନା ତଳେ ଦିଆଗଲା :

***ସାରଣୀ5.6:2016-2019 ଅବଧି ପାଇଁ ଏନ୍ଆଇଆରଏଫ୍ ରେ ରାଜ୍ୟର ଦୁଇଟି ବେସରକାରୀ ବିଶ୍ୱବିଦ୍ୟାଳୟ ସହିତ ଦୁଇଟି ପରୀକ୍ଷା ଯାଞ୍ଚ ବିଶ୍ୱବିଦ୍ୟାଳୟର ସ୍ଥିତି***

| Name of the University | 2016 | 2017 | 2018 | 2019 |
|---|---|---|---|---|
| ଉତ୍କଳ ବିଶ୍ୱବିଦ୍ୟାଳୟ | ଏନ୍ଆର୍ | ଏନ୍ଆର୍ | 101-150 | 151-200 |
| ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ | ଏନ୍ଆର୍ | ଏନ୍ଆର୍ | ଏନ୍ଆର୍ | ଏନ୍ଆର୍ |
| କୀଟ୍ ଭୁବନେଶ୍ୱର | 53 | 49 | 42 | 31 |
| ସୋଆ ଭୁବନେଶ୍ୱର | 16A | 20 | 24 | 24 |




*(ଉତ୍ସ: ଏନ୍ଆଇଆରଏଫ୍ ୱେବସାଇଟ୍)*

ଯେହେତୁ ଏନ୍ଆଇଆର୍ଏଫ୍ ର୍ୟାଙ୍କିଙ୍ଗ୍ ବିଭିନ୍ନ ଗୁଣାତ୍ମକ ପାରାମିଟରକୁ ବିଚାର କରି ଅନୁଷ୍ଠାନର ସ୍ଥିତିକୁ ପ୍ରତଫଳିତ କରିଥାଏ, 100 ଟି ରାଙ୍କ୍ ମଧ୍ୟରେ ରାଜ୍ୟରେ କୌଣସି ଅନୁଷ୍ଠାନ ସ୍ଥାନିତ ନହେବା, କାର୍ଯ୍ୟଦକ୍ଷତା ଦୃଷ୍ଟିରୁ ରାଜ୍ୟରେ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ଖରାପ ସ୍ଥିତିକୁ ଦର୍ଶାଉଥିଲା । ଏନ୍ଆଇଆରଏଫ୍ ର୍ୟାଙ୍କିଙ୍ଗ୍‌ରେ ସେମାନଙ୍କ ସ୍ଥିତିରେ ଉନ୍ନତି ଆଣିବା ପାଇଁ ରାଜ୍ୟର ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକ ପ୍ରଭାବଶାଳୀ ପଦକ୍ଷେପ ନେବା ଆବଶ୍ୟକ ।

ସରକାର ଦର୍ଶାଇଛନ୍ତି (ସେପ୍ଟେମ୍ବର 2020) ଯେ ଗତ କିଛି ବର୍ଷ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ , ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟ ର୍ୟାଙ୍କ୍ ମଧ୍ୟରେ ଥିଲା, କିନ୍ତୁ 100 ମଧ୍ୟରେ ନୁହେଁ । ଏନ୍ଆଇଆରଏଫ୍ 2020 ର୍ୟାଙ୍କିଙ୍ଗରେ, ଉତ୍କଳ ବିଶ୍ୱବିଦ୍ୟାଳୟ100 ମଧ୍ୟରେ, ଅର୍ଥାତ୍ 96 ତମ ମାନ୍ୟତା ପାଇଛି । ତଥାପି, ଉତ୍କଳ ବିଶ୍ୱବିଦ୍ୟାଳୟକୁ ର୍ୟାଙ୍କିଙ୍ଗ୍‌ରେ ଉନ୍ନତି ଆଣିବା ପାଇଁ ଚେଷ୍ଟା ଜାରି ରଖିବାକୁ ଥିବାବେଳେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ଏହାର ର୍ୟାଙ୍କିଙ୍ଗ୍‌ରେ ଉନ୍ନତି ଆଣିବା ପାଇଁ ଏହାର କାର୍ଯ୍ୟଦକ୍ଷତାକୁ ଯଥେଷ୍ଟ ଉନ୍ନତ କରିବାକୁ ପଡ଼ିବ ।

## 5.5 ଅଣ ଶିକ୍ଷକ କର୍ମଚାରୀ

ରୁସା ନିର୍ଦ୍ଦେଶାବଳୀରେ ଦର୍ଶାଯାଇଛି ଯେ ଉଚ୍ଚଶିକ୍ଷା ଅନୁଷ୍ଠାନରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ମଧ୍ୟରେ ଅନୁପାତ 1:1.1 ହେବା ଉଚିତ୍ । ଡିଗ୍ରୀ କଲେଜଗୁଡ଼ିକରେ ଅଣଶିକ୍ଷକ କର୍ମଚାରୀ ପଦବୀ ପାଇଁ ରାଜ୍ୟର କୌଣସି ନିର୍ଦ୍ଦିଷ୍ଟ ନୀତି ନାହିଁ ।

ଅଡିଟ୍‌ରୁ ଜଣାପଡ଼ିଛି ଯେ ଓଡ଼ିଶା ସରକାର ରାଜ୍ୟର ସମସ୍ତ 49 ଟି ସରକାରୀ ଡିଗ୍ରୀ କଲେଜରେ ଅଣଶିକ୍ଷକ କର୍ମଚାରୀଙ୍କ ଖାଲି ପଦବୀକୁ ଆକଳନ କରିଛନ୍ତି । 774 ଟି ଅଣଶିକ୍ଷକ ପଦବୀଗୁଡ଼ିକର ଅନୁମୋଦିତ ପଦବୀ ବିପକ୍ଷରେ କେବଳ 306 ଜଣ କର୍ମଚାରୀ ଥିଲେ ଏବଂ ଅବଶିଷ୍ଟ 466 (60 ପ୍ରତିଶତ) ପଦବୀ ମାର୍ଚ୍ଚ 2019 ସୁଦ୍ଧା ଖାଲି ପଡ଼ିଥିଲା । ଅଣସରକାରୀ ସହାୟକ ମହାବିଦ୍ୟାଳୟରେ ଅଣଶିକ୍ଷକ କର୍ମଚାରୀଙ୍କ ସ୍ଥିତିକୁ ସରକାର ଆକଳନ କରିନଥିଲେ ।

32 ଟି ପରୀକ୍ଷା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟ ମଧ୍ୟରୁ 26 ଟି ମହାବିଦ୍ୟାଳୟ ଅଣଶିକ୍ଷକ କର୍ମଚାରୀଙ୍କ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଅଣଶିକ୍ଷକ କର୍ମଚାରୀଙ୍କ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ 2014-19 ମଧ୍ୟରେ

[8] କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍‌ନୋଲୋଜି (କେଆଇଆଇଟି) ଏବଂ ଶିକ୍ଷା ଓ ଅନୁସନ୍ଧାନ (ଏସ୍ଓଏ)

ଏହା 28 ରୁ 35 ପ୍ରତିଶତ ଏହି କଲେଜଗୁଡ଼ିକରେ ଖାଲି ପଡ଼ିଥିଲା ଯାହାକି ନିମ୍ନରେ ଦିଆଯାଇଥିବା ସାରଣୀରେ ବର୍ଣ୍ଣନା କରାଯାଇଛି:

*ସାରଣୀ5.7: 26 ଟି ପରୀକ୍ଷା ଯାଞ୍ଚ ହୋଇଥିବା କଲେଜରେ ଅଣଶିକ୍ଷକ କର୍ମଚାରୀଙ୍କ ସ୍ଥିତିରେ ଅନୁମୋଦିତ ପଦବୀ*

| ବର୍ଷ | ଅଣଶିକ୍ଷକ କର୍ମଚାରୀଙ୍କ ଅନୁମୋଦିତ ପଦବୀ | କାର୍ଯ୍ୟରତ ପଦବୀ ସଂଖ୍ୟା | ଖାଲି ପଦବୀ (ପ୍ରତିଶତ) | ରହିଥିବା ଶିକ୍ଷକ କର୍ମଚାରୀ | ଶିକ୍ଷକ ଓ ଅଣଶିକ୍ଷକ ଅନୁପାତ |
|---|---|---|---|---|---|
| 2014-15 | 607 | 441 | 166 (27) | 558 | 1: 0.79 |
| 2015-16 | 607 | 434 | 173 (29) | 538 | 1: 0.81 |
| 2016-17 | 620 | 430 | 190 (31) | 563 | 1: 0.76 |
| 2017-18 | 620 | 418 | 203 (33) | 605 | 1: 0.69 |
| 2018-19 | 620 | 401 | 219 (35) | 580 | 1: 0.69 |

*(ଉତ୍ସ: 26 ଟି ପରୀକ୍ଷା ଯାଞ୍ଚ ହୋଇଥିବା କଲେଜ)*

ଅଣଶିକ୍ଷକ ପଦବୀ ବର୍ଷ ବର୍ଷ ଧରି ଖାଲି ପଡ଼ିଥିଲା ଓ ବୃଦ୍ଧି ହେଉଥିଲା ଏହାଦ୍ୱାରା ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଅନୁପାତ ହ୍ରାସ ପାଇଥିଲା । ଅଫିସ୍ ପ୍ରଶାସନରେ ଗୁରୁତ୍ୱପୂର୍ଣ୍ଣ ସହାୟତା କାର୍ଯ୍ୟ କରୁଥିବା ଅଣଶିକ୍ଷକ କର୍ମଚାରୀଙ୍କ ଅଭାବ ଯଥା, ଲାବୋରେଟୋରୀ, ସେବକ, ଲାଇବ୍ରେରୀ ସେବକ ଇତ୍ୟାଦି ମଧ୍ୟ ଉଚ୍ଚଶିକ୍ଷା ଅନୁଷ୍ଠାନରେ ଶିକ୍ଷାର ଗୁଣବତ୍ତା ଉପରେ ପ୍ରଭାବ ପକାଇଥାଏ ।

ପରୀକ୍ଷା ଯାଞ୍ଚ ହୋଇଥିବା କଲେଜଗୁଡ଼ିକରେ ଯେପରି ଦେଖାଯାଇଥିଲା ଯେ କେତେକ ଅଣଶିକ୍ଷାଦାନ କାର୍ଯ୍ୟ ଶିକ୍ଷକଙ୍କ ଦ୍ୱାରା କରାଯାଉଛି, ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ବିପୁଳ ଖାଲି ପଦବୀ ହେତୁ ଉଚ୍ଚଶିକ୍ଷା ଅନୁଷ୍ଠାନର ମୂଳ ଶିକ୍ଷାଦାନ କାର୍ଯ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ।

## 5.6 ଆର୍ଥିକ ପରିଚାଳନା

ଓଡ଼ିଶା ସରକାର ରାଜ୍ୟ ବଜେଟରୁ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଶିକ୍ଷାଦାନ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ଦରମା ଏବଂ ସରକାରୀ ମହାବିଦ୍ୟାଳୟଗୁଡ଼ିକର ଖର୍ଚ୍ଚକୁ ପୂରଣ କରିବା ପାଇଁ ଅନୁଦାନ ପ୍ରଦାନ କରନ୍ତି । ରାଜ୍ୟ ବଜେଟ ବ୍ୟତୀତ ରାଜ୍ୟ ବିଶ୍ୱବିଦ୍ୟାଳୟଏବଂ ସରକାରୀ କଲେଜଗୁଡ଼ିକ ଏମ୍‌ଏଚ୍‌ଆର୍‌ଡି ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ର ସହାୟତା ଗ୍ରହଣ କରନ୍ତି ।

### 5.6.1 ରାଜ୍ୟ ବଜେଟ୍ ଅଧିନରେ ପାଣ୍ଠି

ଓଡ଼ିଶା ବଜେଟ୍ ମାନୁଆଲ (ଓବିଏମ୍) ଅନୁଯାୟୀ, ଗୋଟିଏ ବିଷୟ ଉପରେ ଖର୍ଚ୍ଚର ଆକଳନରେ ପ୍ରଦାନ କରାଯାଇଥିବା ରାଶି ସେହି ରାଶି ହେବା ଆବଶ୍ୟକ ଯାହା ସେହି ବର୍ଷରେ ଖର୍ଚ୍ଚ ହୋଇପାରିବ । ଏକ ଆକଳନରେ ସଞ୍ଚୟ, ଏହା ଉପରେ ଅଧିକ ଆର୍ଥିକ ଅନିୟମିତତା ସୃଷ୍ଟି କରେ ।

ରାଜ୍ୟ ବଜେଟରୁ 2014-19 ମଧ୍ୟରେ ରାଜ୍ୟ ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକୁ ପ୍ରଦାନ କରାଯାଇଥିବା ବର୍ଷ-ଅନୁଯାୟୀ ପାଣ୍ଠିର ସ୍ଥିତି ନିମ୍ନ ସାରଣୀରେ ଦର୍ଶାଯାଇଛି:

*ସାରଣୀ5.8: ରାଜ୍ୟ ବଜେଟରୁ ପାଣ୍ଠି (କୋଟି ଟଙ୍କା)*

| ବର୍ଷ | ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକ ପାଇଁ ବଜେଟ | ମଞ୍ଜୁର ହୋଇଥିବା ରାଶି | | | ଖର୍ଚ୍ଚ | ସଂଚୟ/ ଅଧିକ (ପ୍ରତିଶତ) |
|---|---|---|---|---|---|---|
| | | ରାଜ୍ୟ ବିଶ୍ୱବିଦ୍ୟାଳୟ | ମହାବିଦ୍ୟାଳୟ | ସମୁଦାୟ ମଞ୍ଜୁର ହୋଇଥିବା ରାଶି | | |
| 2014-15 | 1,784.00 | 304.24 | 1,479.76 | 1,784.00 | 1,615.93 | 168.07 (9.42) |
| 2015-16 | 1,788.85 | 326.08 | 1,462.77 | 1,788.85 | 1,670.64 | 118.21 (6.60) |
| 2016-17 | 1,921.50 | 306.52 | 1,614.98 | 1,921.50 | 1,765.62 | 155.88 (8.11) |
| 2017-18 | 1,799.40 | 359.05 | 1,440.35 | 1,799.40 | 1,557.84 | 241.56 (13.42) |
| 2018-19 | 1,992.01 | 409.38 | 1,582.63 | 1,992.01 | 1,724.06 | 267.95(13.45 ) |
| **ମୋଟ** | **9,285.76** | **1705.27** | **7,580.49** | **9,285.76** | **8,334.09** | **951.67 (10.25)** |

*(ଉତ୍ସ: ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବଜେଟ୍ ଦଲିଲ/ସୂଚନା)*

ଏହା ଲକ୍ଷ୍ୟ କରାଯାଇଥିଲା ଯେ2014-19 ମଧ୍ୟରେ 951.67 କୋଟି ଟଙ୍କା ସଂଚୟ ହୋଇଥିଲା । ଏହି ସମୟ ମଧ୍ୟରେ ଆବଣ୍ଟିତ ପାଣ୍ଠିର ବାର୍ଷିକ ସଂଚୟ 6.60 ପ୍ରତିଶତରୁ 13.45 ପ୍ରତିଶତ ମଧ୍ୟରେ ରହିଥିଲା । ସଂଚୟ ପରିମାଣ ମୁଖ୍ୟତଃ ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ, ଉଚ୍ଚଶିକ୍ଷାର ମଜବୁତ୍ ଏବଂ କଲେଜ କର୍ମଚାରୀଙ୍କ ବେତନ ଇତ୍ୟାଦି ଥିଲା ।

ଏପରିକି ରାଜ୍ୟରେ ଉଚ୍ଚଶିକ୍ଷାର ବିକାଶ ପାଇଁ ଆବଣ୍ଟିତ ପାଣ୍ଠି ବ୍ୟବହାର କରାଯାଇ ନଥିଲା । ଉଦାହରଣ ସ୍ୱରପ, 2014-19 ମଧ୍ୟରେ କଲେଜଗୁଡ଼ିକରେ ଗଣାତ୍ମକ ଶିକ୍ଷାର ଆଧୁନିକୀକରଣ ପାଇଁ ବିଭାଗ 74 କୋଟି ଟଙ୍କାର ବ୍ୟବସ୍ଥା କରିଥିଲା । ଏହି ବ୍ୟବସ୍ଥା ମଧ୍ୟରୁ କେବଳ 27.60 କୋଟି ଟଙ୍କା (37 ପ୍ରତିଶତ) ଖର୍ଚ୍ଚ ହୋଇଛି ଯାହାଦ୍ୱାରା 46.40 କୋଟି ଟଙ୍କା ସଂଚୟ ହୋଇଥିଲା । ରାଜ୍ୟରେ 79.50 ପ୍ରତିଶତ କଲେଜ ନାକ୍ ଦ୍ୱାରା ମାନ୍ୟତା ପାଇନଥିଲେ ଏବଂ ବିଭାଗରେ ବଣ୍ଟିତ ପାଣ୍ଠି ବ୍ୟବହାର ନକରିବା ରାଜ୍ୟରେ ଉଚ୍ଚଶିକ୍ଷାର ଗୁଣବତ୍ତା ସୁନିଶ୍ଚିତ କରିବାର ଉଦାସୀନତା ଦର୍ଶାଏ ।

ସରକାର କହିଲେ (ସେପ୍ଟେମ୍ବର 2020) ଯେ, କୌଣସି ସ୍କିମ୍ ସମ୍ବନ୍ଧରେ ବଜେଟ୍ ବ୍ୟବସ୍ଥାକୁ ସର୍ବୋଚ୍ଚ ମୂଲ୍ୟରେ ରଖିବା, ବିଭାଗର ଅଧିକାର ଅଟେ ଯାହା ଦ୍ୱାରା ମଧ ବର୍ଷର ଆବଶ୍ୟକତା/ ଜରୁରୀକାଳୀନ ଉଠାଣ ସହଜ ହୋଇପାରିବ । ବର୍ଷ ବର୍ଷ ଧରି ସ୍ଥାୟୀ ସଂଚୟ ଓଡ଼ିଶା ବଜେଟ୍ ମାନୁଆଲ ନିୟମକୁ ଉଲ୍ଲଂଘନ କରୁଥିବାରୁ ଏହି ଉତ୍ତର ଯଥାର୍ଥ ନୁହେଁ ।

### 5.6.2 *ରୁସା ଅଧିନରେ ପାଇଥିବା ପାଣ୍ଠି*

2013 ରେ ଆରମ୍ଭ ହୋଇଥିବା ରୁସା ଯୋଜନା ହେଉଛି ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକର ଗୁଣବତ୍ତା ଉନ୍ନତି ଏବଂ ସେମାନଙ୍କର ବିଦ୍ୟମାନ କ୍ଷମତାକୁ ବଢାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । ଯାହାଦ୍ୱାରା ସେମାନେ ଗତିଶୀଳ, ଚାହିଦାଚାଳିତ, ଗୁଣାତ୍ମକ ସଚେତନ, କାର୍ଯ୍ୟକ୍ଷମ ଏବଂ ଆଗକୁ ଦେଖାଯାଉଥିବା ଏବଂ ସ୍ଥାନୀୟରେ ଘଟୁଥିବା ଦ୍ରୁତ ଅର୍ଥନୈତିକ ଏବଂ ରାଜ୍ୟ, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ବୈଷୟିକ ବିକାଶ ପାଇଁ ପ୍ରତିକ୍ରିୟାଶୀଳ ହୋଇପାରିବେ । ଏହି ଯୋଜନାରେ କେବଳ ସରକାରୀ ଏବଂ ସରକାରୀ ସହାୟତା ପ୍ରାପ୍ତ ରାଜ୍ୟ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକ ମୁକ୍ତ ବିଶ୍ୱବିଦ୍ୟାଳୟ ଏବଂ ମେଡିକାଲ୍, କୃଷି, ପ୍ରାଣୀଚିକିତ୍ସା ଶିକ୍ଷା ଇତ୍ୟାଦି ପ୍ରଦାନ କରୁଥିବା ଅନୁଷ୍ଠାନକୁ ବାଦ୍ ଦେଇ ଓଡ଼ିଶା କ୍ଷେତ୍ରରେ ଏହି ଯୋଜନା ପାଇଁ କେନ୍ଦ୍ର ରାଜ୍ୟ ଅର୍ଥ 60:40 ଅନୁପାତରେ ରହିଥିଲା ।

ଓଡ଼ିଶା ପାଇଁ ରୁସା-1 ଅଧୀନରେ 2014-20 ଅବଧି ପାଇଁ ଏମ୍ଏଚ୍ଆରଡି ମୋଟ 896 କୋଟିଟଙ୍କା[9] ଅନୁମୋଦନ କରିଛି । ରାଜ୍ୟ ସରକାର ରୁସା 1 ଅଧୀନରେ 2014-20 ମଧ୍ୟରେ 680 କୋଟି ଟଙ୍କା ଅନୁମୋଦିତ ଖର୍ଚ୍ଚରୁ ମୋଟ 523.16 କୋଟି ଟଙ୍କା (76.93 ପ୍ରତିଶତ) ପ୍ରଦାନ କରିଛନ୍ତି । ସେହିଭଳି ରୁସା 2 ଅଧୀନରେ 2018-20 ମଧ୍ୟରେ 216 କୋଟି ଟଙ୍କାର ଅନୁମୋଦିତ ଖର୍ଚ୍ଚ ବିରୋଧରେ 99.6 କୋଟି ଟଙ୍କା (46.11 ପ୍ରତିଶତ) ଉଚ୍ଚଶକ୍ଷା ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରାଯାଇଥିଲା ।

#### 5.6.2.1 *ରାଜ୍ୟ ସରକାରଙ୍କ ଦ୍ୱାର ରୁସା ପାଣ୍ଠି ପ୍ରଦାନ କରିବାରେ ବିଳମ୍ବ*

ପ୍ରକଳ୍ପର ଶୀଘ୍ର କାର୍ଯ୍ୟାନ୍ୱୟନ ପାଇଁ ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ପଡ଼ିବ । ଏହା ମଧ ବିସ୍ତୃତ ଭାବେ ପରିଶିଷ୍ଟ 4 ରେ ଲକ୍ଷ୍ୟ କରାଯାଇଥିଲା ଯେ 52 ଦିନରୁ 329 ଦିନ ପର୍ଯ୍ୟନ୍ତ ବିଳମ୍ବରେ ଅନୁଷ୍ଠାନଗୁଡ଼ିକୁ ଏହି ପାଣ୍ଠି ପ୍ରଦାନ କରାଯାଇଥିଲା ।

ଏହିପରିପ୍ରେକ୍ଷୀରେ ଛଅଟି ଶିକ୍ଷାଗତ ପଛୁଆ ଜିଲ୍ଲାରେ[10] ମଡେଲ ଡିଗ୍ରୀ କଲେଜ (ଏମ୍ଡିସି) ପ୍ରକଳ୍ପକୁ ବିସ୍ତୃତ ଭାବେ ବିଶ୍ଳେଷଣ କରାଯାଇଥିଲା । ଏହି ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ଅବଦାନ (ପ୍ରଥମ କିସ୍ତି) ଭାବରେ 21 ଅଗଷ୍ଟ 2018 ରେ ଏମ୍ଏଚ୍ଆର୍ଡିରୁ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା 21.60 କୋଟି ଟଙ୍କା ଗ୍ରହଣ କରାଯାଇଥିଲା । କିନ୍ତୁ ଏହି ପାଣ୍ଠି ରାଜ୍ୟ ସରକାରଙ୍କ ଦ୍ୱାରା 16 ଜୁଲାଇ 2019 ଅର୍ଥାତ୍ 329 ଦିନର ବ୍ୟବଧାନ ପରେ 14.40 କୋଟି

[9] ରୁସା-1 ଅଧିନରେ 2014-15ରୁ2017-18ଅବଧି ପାଇଁ 680 କୋଟି ଟଙ୍କା ଏବଂ ରୁସା-2 ଅଧିନରେ 2018-19 ରୁ 2019-20 ଅବଧି ପାଇଁ 216 କୋଟି ଟଙ୍କା

[10] ବଲାଙ୍ଗିର, ଢେଙ୍କାନାଳ, ଗଜପତି, କଳାହାଣ୍ଡି, କନ୍ଧମାଳ ଏବଂ କୋରାପୁଟ

ଟଙ୍କାର ଅବଦାନ ପ୍ରଦାନ କରାଯାଇଥିଲା । ଫଳସ୍ୱରୂପ, ରୁସା-2 ପାଇଁ 31 ମାର୍ଚ୍ଚ 2020 ର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ମଡେଲ ଡିଗ୍ରୀ କଲେଜଗୁଡ଼ିକର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇପାରି ନଥିଲା ।

ଦ୍ୱିତୀୟ କିସ୍ତିର ପ୍ରଦାନ ପ୍ରଥମ କିସ୍ତି ପାଇଁ ଉପଯୋଗିତା ପ୍ରମାଣ ପତ୍ର ଦାଖଲ ଉପରେ ନିର୍ଭର କରେ । ସେପ୍ଟେମ୍ବର 2020 ସୁଦ୍ଧା ଛଅଟି କଲେଜ ମଧ୍ୟରୁ କୌଣସିଟିରେ ନିର୍ମାଣ କାର୍ଯ୍ୟ[11] ଶେଷ ହୋଇନଥିଲା । ଏହିପରି କାର୍ଯ୍ୟକାରିତା ଅବଧି ମାର୍ଚ୍ଚ 2020 ସୁଦ୍ଧା ସମାପ୍ତ ହୋଇସାରିଥିବାରୁ ରୁସା ପାଣ୍ଠିର ଦ୍ୱିତୀୟ କିସ୍ତି ଲାଭ କରିବାର ସୁଯୋଗ ସୁଦୂର ଥିଲା ।

ସରକାର କହିଛନ୍ତି (ସେପ୍ଟେମ୍ବର 2020) ଯେ, ସମସ୍ତ କାରବାର ଇଣ୍ଟିଗ୍ରେଟେଡ୍ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ ଏବଂ (ଆଇଏଫ୍ଏମ୍ଏସ୍) ଏବଂ ପବ୍ଲିକ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (ପିଏଫ୍ଏମ୍ଏସ୍) ପୋର୍ଟାଲ୍ ମାଧ୍ୟମରେ କରାଯାଇଥାଏ ଏବଂ ପୋର୍ଟାଲଗୁଡ଼ିକ ସଠିକ ଭାବରେ କାର୍ଯ୍ୟ ନକଲେ ପାଣ୍ଠି ପ୍ରଦାନ କରିବାରେ ବିଳମ୍ବ ହୁଏ । ଏଥିସହ ଏହା ମଧ୍ୟ କୁହାଯାଇଛି ଯେ ଜମି ସମସ୍ୟା ହେତୁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ (ଏମ୍ଏଚ୍ଆରଡ଼ି) ରୁ ମିଳିଥିବା ପାଣ୍ଠି (20.60 କୋଟି ଟଙ୍କା) ପୂର୍ବରୁ ପ୍ରଦାନ କରାଯାଇପାରିଲା ନାହିଁ । ସରକାରଙ୍କର ଏହି ଉତ୍ତର ସନ୍ତୋଷଜନକ ନୁହେଁ କାରଣ ପ୍ରକଳ୍ପର ଅନୁମୋଦନ ପୂର୍ବରୁ ଜମି ସମସ୍ୟାକୁ ଭଲ ଭାବରେ ସମାଧାନ କରିବାର ଉଚିତ୍ ଥିଲା ଏବଂ ଆଇଏଫ୍ଏମ୍ଏସ୍ ଏବଂ ପିଏଫ୍ଏମ୍ଏସ୍ ପୋର୍ଟାଲର କାର୍ଯ୍ୟକ୍ଷମ ନହେବା ଏତେ ବିଳମ୍ବ ହେବାର କାରଣ ହୋଇପାରିବ ନାହିଁ ।

### 5.6.3 ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ବାର୍ଷିକ ହିସାବ ପ୍ରସ୍ତୁତ ନକରିବା

ଓୟୁଏଫ୍ଏସ୍ 1990 ର ଅଧିନିୟମ 165 ରେ ପ୍ରଦାନ କରାଯାଇଛି ଯେ ବିଶ୍ୱବିଦ୍ୟାଳୟର ହିସାବ ଗୁଡ଼ିକ ଅର୍ଥନିୟନ୍ତ୍ରକଙ୍କ ଦ୍ୱାରା ପ୍ରସ୍ତୁତ ହେବ ଏବଂ ଆଇନ୍ ଏବଂ ଅଧିନିୟମରେ ଥିବା ବ୍ୟବସ୍ଥା ଅନୁଯାୟୀ ଅର୍ଥ କମିଟି, ସିନେଟ୍ ଏବଂ ସିଣ୍ଡିକେଟ୍ ସମ୍ମୁଖରେ ରଖାଯିବ । ଅଧିକନ୍ତୁ, ୟୁନିଭର୍ସିଟି ଆକାଉଣ୍ଟସ୍ ମାନୁଆଲ୍, 1987ର ନିୟମ 20 ଯେ ହିସାବ ଗୁଡ଼ିକର ବାର୍ଷିକ ବିବରଣୀ ରସିଦ୍ ଏବଂ ଦେୟ ହିସାବ, ଆୟ ଏବଂ ବ୍ୟୟ ହିସାବ ଏବଂ ସମ୍ପତ୍ତି ଏବଂ ଦାୟିତ୍ୱର ବିବରଣୀ ଧାରଣ କରିବା ଆବଶ୍ୟକ କରେ । ଉଭୟ ବାର୍ଷିକ ହିସାବ ଏବଂ ଆୟ ଏବଂ ବ୍ୟୟ ବିବରଣୀ ପ୍ରତ୍ୟେକ ଆର୍ଥିକ ବର୍ଷ ଶେଷରେ ପ୍ରସ୍ତୁତ କରିବା ଆବଶ୍ୟକ ।

ଅଡିଟ୍ ଲକ୍ଷ୍ୟ କରିଛି ଯେ ଉତ୍କଳ ବିଶ୍ୱବିଦ୍ୟାଳୟ2014-19 ମଧ୍ୟରେ ଏହାର ଏକୀଭୂତ ବାର୍ଷିକ ଖାତା ପ୍ରସ୍ତୁତ କରିନାହିଁ । ବାର୍ଷିକ ହିସାବ ଗୁଡ଼ିକ ପ୍ରସ୍ତୁତ ନହେବା ହେତୁ ବିଶ୍ୱବିଦ୍ୟାଳୟ ଏହାର ବାଲାନ୍ସ ସୀଟ୍, ପ୍ରାପ୍ତି ଓ ଦେୟ ବିବରଣୀ, ଆୟ ଏବଂ ବ୍ୟୟ ବିବରଣୀ ଦର୍ଶାଇବା ସ୍ଥିତିରେ ନଥିଲା ଯେଉଁଥିପାଇଁ ଆକାଉଣ୍ଟ ଗୁଡ଼ିକର ପ୍ରକୃତ ଏବଂ ସ୍ୱଚ୍ଛ ଦୃଶ୍ୟ ସୁନିଶ୍ଚିତ ହୋଇପାରିଲା ନାହିଁ ।

**ସଂକ୍ଷିପ୍ତ ସାର ଏବଂ ସୁପାରିଶ ଗୁଡ଼ିକ**

2008-09 ପରଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ସିନେଟ୍ କାର୍ଯ୍ୟ କରୁନଥିଲା । ଯୋଜନା ପାଇଁ ଦାୟୀ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ (ଓଏସ୍ଏଚ୍ଇସି) ଉଚ୍ଚଶିକ୍ଷା ଯୋଜନା ପ୍ରସ୍ତୁତ କରିନଥିଲା । ମାର୍ଚ୍ଚ 2019 ସୁଦ୍ଧା 883 ଟି କଲେଜ ମଧ୍ୟରୁ ମାତ୍ର 181 ଟି କଲେଜ (20.50 ପ୍ରତିଶତ) ନାକ୍ର ମାନ୍ୟତା ପାଇଥିବାରୁ ରାଜ୍ୟସ୍ତରୀୟ ଗୁଣବତ୍ତା ନିଶ୍ଚିତକରଣ ସେଲ୍ (ଏସ୍ଏଲ୍କ୍ୟୁଏସି) ପ୍ରଭାବହୀନ ବୋଲି ଦର୍ଶାଏ । ଅଧିକନ୍ତୁ, ସ୍ୱୀକୃତିପ୍ରାପ୍ତ କଲେଜଗୁଡ଼ିକର କେବଳ 4.42 ପ୍ରତିଶତ (181 ମଧ୍ୟରୁ 8) 'ଏ' ଗ୍ରେଡ୍ ହାସଲ କରିଛନ୍ତି, ଯାହାର ରାଜ୍ୟର ଉଚ୍ଚଶିକ୍ଷା ବିଭାଗରେ ଶିକ୍ଷାର ଗୁଣବତ୍ତା ବୃଦ୍ଧି ପାଇଁ ଅଧିକ ପ୍ରୟାସର ଆବଶ୍ୟକତାକୁ ଦର୍ଶାଉଛି । କେବଳ 20 ଟି ପରୀକ୍ଷା ଯାଞ୍ଚ ହୋଇଥିବା କଲେଜ ଗୁଡ଼ିକ ଆଭ୍ୟନ୍ତରୀଣ ଗୁଣବତ୍ତା ସୁନିଶ୍ଚିତ ସେଲ୍ (ଆଇକ୍ୟୁଏସି) ପାଇଁ ୟୁଜିସିରୁ ପାଣ୍ଠି ପାଇଥିଲେ ଏବଂ ଏହାର ବ୍ୟବହାର ମାତ୍ର 63 ପ୍ରତିଶତ ଥିଲା । ଏହା ବ୍ୟତୀତ ଦୁର୍ବଳ ଖର୍ଚ୍ଚ ଦକ୍ଷତା, ଏହି ମହାବିଦ୍ୟାଳୟଗୁଡ଼ିକ ମଧ୍ୟ ସେମାନଙ୍କୁ ଦିଆଯାଇଥିବା କାର୍ଯ୍ୟ ଗୁଡ଼ିକ କରିବାରେ ବିଫଳ ହୋଇଥିଲେ । ଦୁଇଟି ପରୀକ୍ଷା ଯାଞ୍ଚ ହୋଇଥିବା ବିଶ୍ୱବିଦ୍ୟାଳୟ, ଅଧୀନରେ ଥିବା 14 ଟି କଲେଜ ମଧ୍ୟରୁ କୌଣସିଟି ଯାହାର ସ୍ୱୟଂଶାସନ ସ୍ଥିତି ଅତିକ୍ରମ କରିସାରିଛି, ସ୍ୱୟଂଶାସିତ ସ୍ଥିତିକୁ ନବୀକରଣ କରିନାହାନ୍ତି । ପୁରାତନ ବିଶ୍ୱବିଦ୍ୟାଳୟଗୁଡ଼ିକର ଭାର ବହନ ହ୍ରାସ କରିବାର ଲକ୍ଷ୍ୟ ହାସଲ ହୋଇପାରିଲା ନାହିଁ କାରଣ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ 100 ରୁ ଅଧିକ ଅନୁବନ୍ଧିତ ମହାବିଦ୍ୟାଳୟ ରହିଥିଲା ।

---

[11] ନିର୍ମାଣ କାର୍ଯ୍ୟର ସ୍ଥିତି- ବଲାଙ୍ଗିର ମୂଳଭିତ୍ତିକ କାର୍ଯ୍ୟ, ଢେଙ୍କାନାଳ-ପ୍ରଥମ ମହଲା କାର୍ଯ୍ୟ ସମାପ୍ତ ଓ ଦ୍ୱିତୀୟ ମହଲା କାର୍ଯ୍ୟ ଚାଲୁଛି, ଗଜପତି-ତଳମହଲା ଛାତ ପର୍ଯ୍ୟନ୍ତ, କନ୍ଧମାଳ-ପ୍ଲିନ୍ଥ ପର୍ଯ୍ୟନ୍ତ, କୋରାପୁଟ-ତଳମହଲା କାର୍ଯ୍ୟ ଚାଲୁଛି, କଳାହାଣ୍ଡି-ତଳମହଲା ଛାତ କାର୍ଯ୍ୟ ଚାଲୁଛି

2014-19 ମଧ୍ୟରେ ରାଜ୍ୟ ବଜେଟ ଅଧିନରେ ପାଣ୍ଠିର କ୍ରମାଗତ ସଂଚୟ ରହିଥିଲା ଏବଂ ବାର୍ଷିକ ସଂଚୟ ହାର 6.60 ରୁ 13.45 ପ୍ରତିଶତ ମଧ୍ୟରେ ରହିଥିଲା । ରୁସା ପାଣ୍ଠି ପ୍ରଦାନ କରିବାରେ ବିଳମ୍ବ ହୋଇଥିଲା । ରୁସା-1 ରେ ରାଜ୍ୟ ସରକାର ଅନୁମୋଦିତ ଖର୍ଚ୍ଚର 77 ପ୍ରତିଶତ ପ୍ରଦାନ କରିଥିବା ବେଳେ ରୁସା-2 ରେ ଅନୁମୋଦିତ ଖର୍ଚ୍ଚର 46 ପ୍ରତିଶତ ପ୍ରଦାନ କରିଛନ୍ତି ।

**ସୁପାରିଶ:**

- ନାକ୍ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନଗୁଡ଼ିକର ସଂଖ୍ୟା ବୃଦ୍ଧି କରିବାକୁ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ସ୍ୱୀକୃତି ଏବଂ ଏହାର ଲାଭ ବିଷୟରେ ଅବଗତ କରାଇବା ପାଇଁ ରାଜ୍ୟ ସ୍ତରୀୟ ଗୁଣବତ୍ତା ନିଶ୍ଚିତତା ସେଲ୍ ଦ୍ୱାରା ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ।
- ଯେଉଁ କଲେଜ ଗୁଡ଼ିକରେ ସ୍ୱୀକୃତି ଶେଷ ହୋଇଯାଇଛି ସେହି କଲେଜ ଗୁଡ଼ିକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ।
- ରାଜ୍ୟ ଦ୍ୱାରା (ଓଏସ୍ଏଚ୍ଇସି ମାଧ୍ୟମରେ) ମୁଖ୍ୟ କାର୍ଯ୍ୟ ଦକ୍ଷତା ସୂଚକାଙ୍କ ଉପରେ ଆଧାର କରି ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକର ପର୍ଯ୍ୟବେକ୍ଷଣ ପାଇଁ ଯୋଜନା ପ୍ରସ୍ତୁତ କରି ଉଚ୍ଚଶିକ୍ଷାର ଗୁଣାତ୍ମକ ମାନର ଉନ୍ନତି ପାଇଁ ପ୍ରଭାବଶାଳୀ ପର୍ଯ୍ୟବେକ୍ଷଣ ଆବଶ୍ୟକ ।



ଭୁବନେଶ୍ୱର
ତାରିଖ: 20 May 2021

**(ସ୍ମୃତି)**

**ମହାଲେଖାକାର (ଲେଖାପରୀକ୍ଷା-1)**
**ଓଡ଼ିଶା**

ପ୍ରତିସ୍ୱାକ୍ଷର



ନୂଆ ଦିଲ୍ଲୀ
ତାରିଖ: 3 Jun 2021

**(ଗିରିଶ ଚନ୍ଦ୍ର ମୁର୍ମୁ)**

**ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାଲେଖାସମୀକ୍ଷକ**

# ପରିଶିଷ୍ଟ

# ପରିଶିଷ୍ଟ 1

## (ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.6.2 )

### ଉଚ୍ଚଶିକ୍ଷାର ଫଳାଫଳ ସମୀକ୍ଷାର ପ୍ରମୁଖ ଫଳାଫଳ ସୂଚକାଙ୍କ ତାଲିକା

| ସୂଚକ ସଂଖ୍ୟା | ମୁଖ୍ୟ ସୂଚକ | ସୂଚକର ଲବ | ସୂଚକର ହର | ସୂତ୍ର |
|---|---|---|---|---|
| 1. | ଉଚ୍ଚ ଅଧ୍ୟୟନରେ ଛାତ୍ର ପ୍ରଗତିର ଶତକଡ଼ା ବୃଦ୍ଧି (ପୂର୍ବ ସ୍ନାତକ ଶ୍ରେଣୀ) 2018-19 ମଧ୍ୟରେ | ଉଚ୍ଚଶିକ୍ଷା ପାଇଁ ଅଗ୍ରସର ହେଉଥିବା ଛାତ୍ରଛାତ୍ରୀମାନଙ୍କର ମୋଟ ସଂଖ୍ୟା | ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଅନ୍ତିମ ବର୍ଷର ଛାତ୍ରମାନଙ୍କ ସଂଖ୍ୟା | |
| 2. | 2014-19 ମଧ୍ୟରେ ରାଜ୍ୟ/ ଜାତୀୟ/ ଆନ୍ତର୍ଜାତୀୟ ସ୍ତରର ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ହାରାହାରି ପ୍ରତିଶତ (ଏନ୍ଇଟି/ ଏସ୍ଏଲ୍ଇଟି/ ଗେଟ୍/ ଜିମ୍ୟାଟ୍/ ସିଏଟି/ ଜିଆରଇ/ ଟିଓଇଏଫ୍ଏଲ୍/ ସିଭିଲ୍ ସର୍ଭିସେସ୍/ ରାଜ୍ୟ ସରକାରୀ ପରୀକ୍ଷା | ଗୋଟିଏ ବର୍ଷରେ ସର୍ବସାଧାରଣ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ସଂଖ୍ୟା | ସେହି ବର୍ଷ ମୋଟ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ | ହାରାହାରି ପ୍ରତିଶତ = (5 ବର୍ଷର ଶତକଡ଼ା) /5 |
| 3. | ବିଷୟଗୁଡ଼ିକର ଶତକଡ଼ା ଯେଉଁଠାରେ 2014-19 ମଧ୍ୟରେ ପାଠ୍ୟକ୍ରମ ସଂଶୋଧନ କରାଯାଇଥିଲା | ବିଷୟଗୁଡ଼ିକର ସଂଖ୍ୟା ଯେଉଁଥିରେ 2014-19 ମଧ୍ୟରେ ପାଠ୍ୟକ୍ରମ ସଂଶୋଧିତ ହୋଇଥିଲା | 2014-19 ମଧ୍ୟରେ ବିଶ୍ୱବିଦ୍ୟାଳୟରେ ପ୍ରଦାନ କରାଯାଇଥିବା ମୋଟ କାର୍ଯ୍ୟକ୍ରମ ସଂଖ୍ୟା | - |
| 4. | 2014-19 ମଧ୍ୟରେ ନିଯୁକ୍ତି/ ଉଦ୍ୟୋଗୀ/ ଦକ୍ଷତା ବିକାଶ ଉପରେ ଧ୍ୟାନ ଦେଉଥିବା ପାଠ୍ୟକ୍ରମର ହାରାହାରି ପ୍ରତିଶତ | ଏକ ନିର୍ଦ୍ଦିଷ୍ଟ ବର୍ଷରେ ନିଯୁକ୍ତି କିମ୍ବା ଉଦ୍ୟୋଗୀତା କିମ୍ବା ଦକ୍ଷତା ବିକାଶ ଉପରେ ଧ୍ୟାନ ଦେଉଥିବା ପାଠ୍ୟକ୍ରମ ସଂଖ୍ୟା | ସମସ୍ତ ପ୍ରୋଗ୍ରାମରେ ପାଠ୍ୟକ୍ରମ ସଂଖ୍ୟା | ହାରାହାରି ପ୍ରତିଶତ = (5 ବର୍ଷର ଶତକଡ଼ା) /5 |
| 5. | 2014-19 ମଧ୍ୟରେ ମୂଲ୍ୟଯୁକ୍ତ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କ ହାରାହାରି ପ୍ରତିଶତ | ଏକ ବର୍ଷ ମଧ୍ୟରେ ମୂଲ୍ୟଯୁକ୍ତ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ସଂଖ୍ୟା | ନିର୍ଦ୍ଦିଷ୍ଟ ବର୍ଷରେ ଛାତ୍ରଛାତ୍ରୀ ସଂଖ୍ୟା | ହାରାହାରି ପ୍ରତିଶତ = (5 ବର୍ଷର ଶତକଡ଼ା) /5 |
| 6. | 2014-19 ମଧ୍ୟରେ ପ୍ରଦାନ କରାଯାଇଥିବା ସମସ୍ତ ପ୍ରୋଗ୍ରାମଗୁଡ଼ିକରେ ସମୁଦାୟ ପାଠ୍ୟକ୍ରମ ମଧ୍ୟରୁ ନୂତନ ପାଠ୍ୟକ୍ରମର ଶତକଡ଼ା | 2014-19 ମଧ୍ୟରେ ଆରମ୍ଭ ହୋଇଥିବା ନୂତନ ପାଠ୍ୟକ୍ରମର ସଂଖ୍ୟା | 2014-19 ମଧ୍ୟରେ ଦିଆଯାଇଥିବା ପାଠ୍ୟକ୍ରମ ସଂଖ୍ୟା | - |
| 7. | 2018-19 ମଧ୍ୟରେ ଲର୍ନିଂ ମ୍ୟାନେଜମେଣ୍ଟ ସିଷ୍ଟମ (ଏଲଏମଏସ୍), ଇ-ଲର୍ନିଂ ଉତ୍ସ ଇତ୍ୟାଦି ସହିତ ପ୍ରଭାବଶାଳୀ ଶିକ୍ଷାଦାନ ପାଇଁ ଆଇସିଟି ବ୍ୟବହାର କରୁଥିବା ଶିକ୍ଷକଙ୍କ ଶତକଡ଼ା | 2018-19 ମଧ୍ୟରେ ଆଇସିଟି ବ୍ୟବହାର କରୁଥିବା ଶିକ୍ଷକଙ୍କ ଶତକଡ଼ା | 2018-19 ମଧ୍ୟରେ ମୋଟ ଶିକ୍ଷକଙ୍କ ସଂଖ୍ୟା | - |
| 8. | ଶିଳ୍ପ-ଏକାଡେମୀ ସଂଯୋଗର ପରିମାଣ କେତେ ? | 2014-19 ମଧ୍ୟରେ ଜାତୀୟ/ ଆନ୍ତର୍ଜାତୀୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ, ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ, ଶିଳ୍ପ ଇତ୍ୟାଦି ସହିତ କାର୍ଯ୍ୟକ୍ଷମ ଏମ୍ଓୟୁ ସଂଖ୍ୟା | - | - |

# ପରିଶିଷ୍ଟ 2

## *(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.6.2 )*

## ଉଚ୍ଚଶିକ୍ଷାର ଫଳାଫଳ ସମୀକ୍ଷାର ଇନପୁଟ୍-ଆଉଟପୁଟ୍ ସୂଚକାଙ୍କ ତାଲିକା

| ସୂଚକ ସଂଖ୍ୟା | ମୁଖ୍ୟ ସୂଚକ | ସୂଚକର ଲବ | ସୂଚକର ହର | ସୂତ୍ର |
|---|---|---|---|---|
| 1. | 2014-19 ମଧ୍ୟରେ ବାହାରିଥିବା ଛାତ୍ରଛାତ୍ରୀଙ୍କ ହାରାହାରି ପ୍ରତିଶତ | ଗୋଟିଏ ବର୍ଷରେ ବିଦାୟୀ ଛାତ୍ରଛାତ୍ରୀମାନଙ୍କ ନିଯୋଜନ ସଂଖ୍ୟା | ସେହି ବର୍ଷ ବିଦାୟୀ ଛାତ୍ରଛାତ୍ରୀ ସଂଖ୍ୟା | ହାରାହାରି ପ୍ରତିଶତ = (5 ବର୍ଷର ଶତକଡ଼ା) /5 |
| 2. | 2018-19 ମଧ୍ୟରେ ଛାତ୍ରଛାତ୍ରୀମାନଙ୍କ ହାରାହାରି ପାସ୍ ପ୍ରତିଶତ | ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଅନ୍ତିମ ବର୍ଷର ଛାତ୍ରଛାତ୍ରୀମାନଙ୍କର ମୋଟ ସଂଖ୍ୟା | ପରୀକ୍ଷାରେ ଉପସ୍ଥିତ ଥିବା ଅନ୍ତିମ ବର୍ଷର ମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟା | |
| 3. | 2014-19 ମଧ୍ୟରେ ଦିଆଯାଉଥିବା ପରିବର୍ତ୍ତନ ଜୀବନ ଶୈଳୀ ଏବଂ ପରିବର୍ତ୍ତନ ପ୍ରଦାନ କରୁଥିବା ମୂଲ୍ୟଯୁକ୍ତ ପାଠ୍ୟକ୍ରମଗୁଡ଼ିକର ସଂଖ୍ୟା | 2014-19 ମଧ୍ୟରେ ଦିଆଯାଉଥିବା ପରିବର୍ତ୍ତନ ଜୀବନ ଶୈଳୀ ଏବଂ ପରିବର୍ତ୍ତନ ପ୍ରଦାନ କରୁଥିବା ମୂଲ୍ୟଯୁକ୍ତ ପାଠ୍ୟକ୍ରମଗୁଡ଼ିକର ସଂଖ୍ୟା | - | - |
| 4. | 2018-19 ମଧ୍ୟରେ ଫିଲ୍ଡ ପ୍ରୋଜେକ୍ଟ/ ଇଣ୍ଟର୍ନସିପ୍ କରୁଥିବା ଛାତ୍ରଛାତ୍ରୀଙ୍କ ପ୍ରତିଶତ | 2018-19 ମଧ୍ୟରେ ଫିଲ୍ଡ ପ୍ରୋଜେକ୍ଟ/ ଇଣ୍ଟର୍ନସିପ୍ କରୁଥିବା ଛାତ୍ରଛାତ୍ରୀଙ୍କ ପ୍ରତିଶତ | 2018-19 ମଧ୍ୟରେ ଅନୁଷ୍ଠାନରେ ନାମ ଲେଖାଇଥିବା ମୋଟ ଛାତ୍ରଛାତ୍ରୀ ସଂଖ୍ୟା | - |
| 5. | ପ୍ରୋଗ୍ରାମଗୁଡ଼ିକର ଶତକଡ଼ା ଯେଉଁଥିରେ 2018-19 ମଧ୍ୟରେ ସିବିସିଏସ୍ କାର୍ଯ୍ୟକାରୀ କରାଯାଇଛି | 2018-19 ମଧ୍ୟରେ ସିବିସିଏସ୍ ପ୍ରୟୋଗ କରିଥିବା କାର୍ଯ୍ୟକ୍ରମ ସଂଖ୍ୟା | 2018-19 ମଧ୍ୟରେ ପ୍ରଦାନ କରାଯାଇଥିବା ମୋଟ କାର୍ଯ୍ୟକ୍ରମଗୁଡ଼ିକ | |
| 6. | 2018-19 ମଧ୍ୟରେ ନିର୍ଦ୍ଦିଷ୍ଟ ଛାତ୍ରଛାତ୍ରୀ ଶିକ୍ଷକ ଅନୁପାତ ଅନୁଯାୟୀ ଶିକ୍ଷକଙ୍କ ଉପଲବ୍ଧତା | 2018-19 ମଧ୍ୟରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା | 2018-19 ମଧ୍ୟରେ ପୂର୍ଣ୍ଣ ସମୟ ଉପଲବ୍ଧ ଶିକ୍ଷକଙ୍କ ସଂଖ୍ୟା | - |
| 7. | 2014-19 ମଧ୍ୟରେ ପିଏଚ୍‌ଡି ସହିତ ପୂର୍ଣ୍ଣକାଳୀନ ଶିକ୍ଷକଙ୍କ ହାରାହାରି ପ୍ରତିଶତ | ଗୋଟିଏ ବର୍ଷରେ ପିଏଚ୍‌ଡି ସହିତ ପୂର୍ଣ୍ଣ ସମୟ ଶିକ୍ଷକଙ୍କ ସଂଖ୍ୟା | ସେହି ବର୍ଷ ପୂର୍ଣ୍ଣକାଳୀନ ଶିକ୍ଷକଙ୍କ ସଂଖ୍ୟା | ହାରାହାରି ପ୍ରତିଶତ = (5 ବର୍ଷର ଶତକଡ଼ା) /5 |
| 8. | 2014-19 ମଧ୍ୟରେ ରାଜ୍ୟ, ଜାତୀୟ, ଆନ୍ତର୍ଜାତୀୟ ସ୍ତରରେ ପୁରସ୍କାର, ସ୍ୱୀକୃତି, ଫେଲୋସିପ୍ ପାଇଥିବା ପୂର୍ଣ୍ଣକାଳୀନ ଶିକ୍ଷକଙ୍କ ଶତକଡ଼ା | ଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟ/ ଜାତୀୟ/ ଆନ୍ତର୍ଜାତୀୟ ସ୍ତରରୁ ପୁରସ୍କାର ଗ୍ରହଣ କରିଥିବା ପୂର୍ଣ୍ଣକାଳୀନ ଶିକ୍ଷକଙ୍କ ସଂଖ୍ୟା | ଗତ ପାଞ୍ଚ ବର୍ଷ ମଧ୍ୟରେ ହାରାହାରି ପୂର୍ଣ୍ଣକାଳୀନ ଶିକ୍ଷକଙ୍କ ସଂଖ୍ୟା | |
| 9. | 2014-19 ମଧ୍ୟରେ ସମ୍ମିଳନୀ / କର୍ମଶାଳାରେ ଯୋଗଦେବା ଏବଂ ବୃତ୍ତିଗତ ସଂସ୍ଥାଗୁଡ଼ିକର ସଦସ୍ୟତା ଶୁଳ୍କ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଶିକ୍ଷକଙ୍କ ହାରାହାରି ଶତକଡ଼ା | ସମ୍ମିଳନୀ / କର୍ମଶାଳାରେ ଯୋଗଦେବା ଏବଂ ଏକ ବର୍ଷ ମଧ୍ୟରେ ବୃତ୍ତିଗତ ସଂସ୍ଥାଗୁଡ଼ିକର ସଦସ୍ୟତା ଶୁଳ୍କ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଶିକ୍ଷକଙ୍କ ସଂଖ୍ୟା | ସେହି ବର୍ଷ ପୂର୍ଣ୍ଣକାଳୀନ ଶିକ୍ଷକଙ୍କ ସଂଖ୍ୟା | ହାରାହାରି ପ୍ରତିଶତ = (5 ବର୍ଷର ଶତକଡ଼ା) /5 |

| ସୂଚକ ସଂଖ୍ୟା | ମୁଖ୍ୟ ସୂଚକ | ସୂଚକର ଲବ | ସୂଚକର ହର | ସୂତ୍ର |
|---|---|---|---|---|
| 10. | 2014-19 ମଧ୍ୟରେ ବୃତ୍ତିଗତ ବିକାଶ କାର୍ଯ୍ୟକ୍ରମ ଯଥା ଓରିଏଣ୍ଟେସନ୍ ପ୍ରୋଗ୍ରାମ, ରିଫ୍ରେସର ପାଠ୍ୟକ୍ରମ, ସ୍ୱଳ୍ପକାଳୀନ ପାଠ୍ୟକ୍ରମ, ଅଧ୍ୟାପନା ବିକାଶ କାର୍ଯ୍ୟକ୍ରମ ଇତ୍ୟାଦିରେ ଯୋଗଦେଉଥିବା ଶିକ୍ଷକମାନଙ୍କର ହାରାହାରି ଶତକଡ଼ା | ଗୋଟିଏ ବର୍ଷରେ ଏହିପରି କାର୍ଯ୍ୟକ୍ରମରେ ଯୋଗଦେଉଥିବା ଶିକ୍ଷକକର୍ମଚାରୀଙ୍କ ସଂଖ୍ୟା | ସେହି ବର୍ଷ ପୂର୍ଣ୍ଣକାଳୀନ ଶିକ୍ଷକଙ୍କ ସଂଖ୍ୟା | ହାରାହାରି ପ୍ରତିଶତ = (5 ବର୍ଷର ଶତକଡ଼ା) /5 |
| 11. | 2014-19 ମଧ୍ୟରେ ଏକ ଅନୁଷ୍ଠାନକୁ ଦିଆଯାଇଥିବା ପେଟେଣ୍ଟ ସଂଖ୍ୟା | 2014-19 ମଧ୍ୟରେ ଏକ ଅନୁଷ୍ଠାନକୁ ଦିଆଯାଇଥିବା ପେଟେଣ୍ଟ ସଂଖ୍ୟା | - | - |
| 12. | 2014-19 ମଧ୍ୟରେ ୟୁଜିସି ୱେବସାଇଟ ବିଜ୍ଞପ୍ତି ପତ୍ରିକାରେ ପ୍ରତି ଶିକ୍ଷକଙ୍କ ଗବେଷଣା ନିବନ୍ଧ ସଂଖ୍ୟା | 2014-19 ମଧ୍ୟରେ ୟୁଜିସି ବିଜ୍ଞପ୍ତି ପତ୍ରିକାରେ ପ୍ରକାଶନ ସଂଖ୍ୟା | 2014-19 ମଧ୍ୟରେ ହାରାହାରି ପୂର୍ଣ୍ଣକାଳୀନ ଶିକ୍ଷକଙ୍କ ସଂଖ୍ୟା | - |
| 13. | 2014-19 ମଧ୍ୟରେ ଉନ୍ନତ ଅଧ୍ୟୟନ/ ଗବେଷଣା ପାଇଁ ଆନ୍ତର୍ଜାତୀୟ ଫେଲୋସିପ୍ ପ୍ରଦାନ କରାଯାଇଥିବା ଶିକ୍ଷକଙ୍କ ସଂଖ୍ୟା | 2014-19 ମଧ୍ୟରେ ଉନ୍ନତ ଅଧ୍ୟୟନ/ ଗବେଷଣା ପାଇଁ ଆନ୍ତର୍ଜାତୀୟ ଫେଲୋସିପ୍ ପ୍ରଦାନ କରାଯାଇଥିବା ଶିକ୍ଷକମାନଙ୍କ ସଂଖ୍ୟା | | |
| 14. | 2014-19 ମଧ୍ୟରେ ଲକ୍ଷ୍ୟ ସହିତ ମୋଟ ନାମଲେଖା ଅନୁପାତରେ ବୃଦ୍ଧି | ଏକ ନିର୍ଦ୍ଦିଷ୍ଟ ବର୍ଷରେ ରାଜ୍ୟର ସମସ୍ତ ପ୍ରକାର ଏଚଇଆଇରେ ଆଡମିଶନ ହୋଇଥିବା ମୋଟ ଛାତ୍ରଛାତ୍ରୀ ସଂଖ୍ୟା | ସେହି ବର୍ଷରେ ରାଜ୍ୟର 18-23 ବର୍ଷର ଜନସଂଖ୍ୟା | - |
| 15. | 2014-19 ମଧ୍ୟରେ ସର୍ବଭାରତୀୟ ଅନୁପାତ/ ଲକ୍ଷ୍ୟଗୁଡ଼ିକ ସହିତ ବର୍ଗ ଅନୁଯାୟୀ ମୋଟ ନାମଲେଖା ଅନୁପାତରେ ବୃଦ୍ଧି | ଏକ ନିର୍ଦ୍ଦିଷ୍ଟ ବର୍ଷରେ ସମସ୍ତ ପ୍ରକାରର ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଆଡମିଶନ ହୋଇଥିବା ବର୍ଗ ଅନୁଯାୟୀ ଛାତ୍ରଛାତ୍ରୀ ସଂଖ୍ୟା | ସେହି ବର୍ଷରେ ନିର୍ଦ୍ଦିଷ୍ଟ ବର୍ଗର 18-23 ବର୍ଷର ଜନସଂଖ୍ୟା | - |
| 16 | ଗତ ପାଞ୍ଚ ବର୍ଷ ମଧ୍ୟରେ ସରକାର ପ୍ରଦାନ କରିଥିବା ଛାତ୍ରବୃତ୍ତି ଏବଂ ଫ୍ରିସିପ୍ ଦ୍ୱାରା ଉପକୃତ ହୋଇଥିବା ଛାତ୍ରଛାତ୍ରୀଙ୍କ ହାରାହାରି ଶତକଡ଼ା | ଏକ ନିର୍ଦ୍ଦିଷ୍ଟ ବର୍ଷରେ ସରକାର ପ୍ରଦାନ କରିଥିବା ଛାତ୍ରବୃତ୍ତି ଏବଂ ଫ୍ରିସିପ୍ ଦ୍ୱାରା ଉପକୃତ ହୋଇଥିବା ଛାତ୍ର ସଂଖ୍ୟା | ସେହି ବର୍ଷରେ ନାମ ଲେଖାଇଥିବା ମୋଟ ଛାତ୍ରଛାତ୍ରୀ ସଂଖ୍ୟା | ହାରାହାରି ପ୍ରତିଶତ = (5 ବର୍ଷର ଶତକଡ଼ା) /5 |
| 17. | 2018-19 ମଧ୍ୟରେ ସ୍ମାର୍ଟ ଶ୍ରେଣୀ, ଲର୍ନିଂ ମ୍ୟାନେଜମେଣ୍ଟ ସିଷ୍ଟମ (ଏଲଏମଏସ) ଇତ୍ୟାଦି ସୁବିଧା ଥିବା ଶ୍ରେଣୀଗୃହ/ ସେମିନାର ହଲ୍ ଗୁଡ଼ିକର ଶତକଡ଼ା | ଆଇସିଟି ସୁବିଧା ଥିବା ଶ୍ରେଣୀଗୃହ ଏବଂ ସେମିନାର ହଲଗୁଡ଼ିକର ସଂଖ୍ୟା | ଅନୁଷ୍ଠାନର ଶ୍ରେଣୀଗୃହ ଏବଂ ସେମିନାର ହଲ୍ ଗୁଡ଼ିକର ମୋଟ ସଂଖ୍ୟା | - |
| 18. | 2018-19 ମଧ୍ୟରେ ଛାତ୍ରଛାତ୍ରୀ-କମ୍ପ୍ୟୁଟର ଅନୁପାତ | ମୋଟ ଛାତ୍ରଛାତ୍ରୀ ସଂଖ୍ୟା | କାର୍ଯ୍ୟ କରୁଥିବା କମ୍ପ୍ୟୁଟର ସଂଖ୍ୟା | - |
| 19. | 2014-19 ମଧ୍ୟରେ ଭିତ୍ତିଭୂମି ବୃଦ୍ଧି ପାଇଁ ଦରମାକୁ ବାଦ୍ ଦେଇ ବଜେଟ୍ ଆବଣ୍ଟନର ହାରାହାରି ପ୍ରତିଶତ | ଭିତ୍ତିଭୂମି ବୃଦ୍ଧି ପାଇଁ ଖର୍ଚ୍ଚ | ସେହି ବର୍ଷ ଦରମାକୁ ବାଦ୍ ଦେଇ ମୋଟ ବଜେଟ୍ ଆବଣ୍ଟନ | ହାରାହାରି ପ୍ରତିଶତ = (5 ବର୍ଷର ଶତକଡ଼ା) /5 |

# ପରିଶିଷ୍ଟ 3
## *(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 4.4.1.1)*

## ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ ଗୁଡ଼ିକରେ କମ୍ପ୍ୟୁଟରର ଉପଲବ୍ଧତା ଓ ଛାତ୍ରଛାତ୍ରୀ କମ୍ପ୍ୟୁଟର ଅନୁପାତରେ ବିବରଣ

| କ୍ରମିକ ସଂଖ୍ୟା | ମହାବିଦ୍ୟାଳୟର ନାମ | ବର୍ଷ | ସମୁଦାୟ କାର୍ଯ୍ୟ କରୁଥିବା କମ୍ପ୍ୟୁଟରଗୁଡ଼ିକ | ଛାତ୍ର କମ୍ପ୍ୟୁଟର ଅନୁପାତ |
|---|---|---|---|---|
| 1 | ଆଞ୍ଚଳିକ ମହାବିଦ୍ୟାଳୟ ଗଡ଼ିଆ, ମୟୁରଭଞ୍ଜ | 2018-19 | 12 | 47:1 |
| 2 | ବାରିପଦା ମହାବିଦ୍ୟାଳୟ ବାରିପଦା, ମୟୁରଭଞ୍ଜ | 2018-19 | 24 | 31:1 |
| 3 | ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦୁଝର | 2018-19 | 28 | 58:1 |
| 4 | ଯଶିପୁର ମହାବିଦ୍ୟାଳୟ, ଯଶିପୁର, ମୟୁରଭଞ୍ଜ | 2018-19 | 8 | 33:1 |
| 5 | କପ୍ତିପଦା ମହାବିଦ୍ୟାଳୟ, ମୟୁରଭଞ୍ଜ | 2018-19 | 0 | 0 |
| 6 | ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ, ଖୁଣ୍ଟା, ମୟୁରଭଞ୍ଜ | 2018-19 | 6 | 127:1 |
| 7 | ରଘୁନାଥ ମହାବିଦ୍ୟାଳୟ, କାଦଡିହା, ମୟୁରଭଞ୍ଜ | 2018-19 | 0 | 0 |
| 8 | ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ, ଉଦୟପୁର, କେନ୍ଦୁଝର | 2018-19 | 0 | 0 |
| 9 | ଏ.ଏସ୍. ମହାବିଦ୍ୟାଳୟ, ବାଲିଆ, ଯାଜପୁର | 2018-19 | 0 | 0 |
| 10 | ଅଳକା ମହାବିଦ୍ୟାଳୟ, ଅନନ୍ତବଟ, ଜଗତସଂହପୁର | 2018-19 | 2 | 516:1 |
| 11 | ବାପୁଜୀ ମହାବିଦ୍ୟାଳୟ, ଛେଣ୍ଡିପଦା, ଅନୁଗୁଳ | 2018-19 | 0 | 0 |
| 12 | ମଡେଲ ଡିଗ୍ରୀ ମହାବିଦ୍ୟାଳୟ, ନୟାଗଡ଼ | 2018-19 | 7 | 135:1 |
| 13 | ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ | 2018-19 | 43 | 35:1 |
| 14 | ଗତିଶ୍ୱର ମହାବିଦ୍ୟାଳୟ, ମାଳିସାହି, ନୟାଗଡ଼ | 2018-19 | 0 | 0 |
| 15 | ଗୋପିନାଥ ଦେବ ଡିଗ୍ରୀ ମହାବିଦ୍ୟାଳୟ, ପ୍ରତାପ ପୁରୁଷୋତ୍ତମପୁର | 2018-19 | 0 | 0 |
| 16 | ଗୋବିନ୍ଦପୁର ମହାବିଦ୍ୟାଳୟ, ସାଇଲୋ, ଗୋବିନ୍ଦପୁର, କଟକ | 2018-19 | 5 | 347:1 |
| 17 | ଜନତା ମହାବିଦ୍ୟାଳୟ, ସାତମାଇଲ, ଢେଙ୍କାନାଳ | 2018-19 | 10 | 69:1 |
| 18 | କଳିଙ୍ଗ କଲେଜ ଅଫ୍ କମର୍ସ ସାମନ୍ତରାପୁର, ଭୁବନେଶ୍ୱର | 2018-19 | 10 | 15:1 |
| 19 | କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା | 2018-19 | 87 | 28:1 |
| 20 | ଏଲ୍.ବି. ମହାବିଦ୍ୟାଳୟ, ଆୟତପୁର, କେନ୍ଦ୍ରାପଡ଼ା | 2018-19 | 0 | 0 |
| 21 | ଏମ୍.ଏ. ମହାବିଦ୍ୟାଳୟ, ନେମାଳ, କଟକ | 2018-19 | 6 | 98:1 |
| 22 | ନାଚୁଣୀ ମହାବିଦ୍ୟାଳୟ, ନାଚୁଣୀ, ଖୋର୍ଦ୍ଧା | 2018-19 | 8 | 148:1 |
| 23 | ପାରାଦୀପ ମହାବିଦ୍ୟାଳୟ, ପାରାଦୀପ, ଜଗତସିଂହପୁର | 2018-19 | 12 | 107:1 |
| 24 | ପରମାନନ୍ଦ ମହାବିଦ୍ୟାଳୟ, ବୋଲଗଡ଼, ଖୋର୍ଦ୍ଧା | 2018-19 | 5 | 192:1 |
| 25 | ଆର୍ ଡି ଚିଲିକା ମହାବିଦ୍ୟାଳୟ, ଚିଲିକା, ନୂଆପଡ଼ା, ପୁରୀ | 2018-19 | 7 | 71:1 |
| 26 | ଆର୍.ଏମ୍.ଡି ବିଜ୍ଞାନ ଏବଂ ଶିକ୍ଷା ମହାବିଦ୍ୟାଳୟ, ପଟିଆ, ଭୁବନେଶ୍ୱର | 2018-19 | 18 | 61:1 |
| 27 | ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର | 2018-19 | 58 | 23:1 |
| 28 | ଏସ୍.ଏମ୍.ଏସ୍ ମହାବିଦ୍ୟାଳୟ, ଚିତ୍ରକାରସାହି, ପୁରୀ | 2018-19 | 0 | 0 |
| 29 | ସାହସପୁର ମହାବିଦ୍ୟାଳୟ, ବାଲିଚନ୍ଦ୍ରପୁର, ଯାଜପୁର | 2018-19 | 0 | 0 |
| 30 | ଠାକୁର ନିଗମାନନ୍ଦ ମହାବିଦ୍ୟାଳୟ, ନିଗମ ବିହାର, ବାବର, କେନ୍ଦ୍ରାପଡ଼ା | 2018-19 | 0 | 0 |
| 31 | ୟୁଜି ମହାବିଦ୍ୟାଳୟ, ଖମାର, ଅନୁଗୁଳ | 2018-19 | 10 | 99:1 |
| 32 | ବ୍ୟାସ ନଗର ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର ରୋଡ, ଯାଜପୁର | 2018-19 | 16 | 139:1 |
| | | ମୋଟ | **382** | |

*(ଉତ୍ସ: ମନୋନୀତ ମହାବିଦ୍ୟାଳୟ ଗୁଡ଼ିକ ଦ୍ୱାରା ପ୍ରଦାନ ତଥ୍ୟ)*

# ପରିଶିଷ୍ଟ 4
## (ଦ୍ରଷ୍ଟବ୍ୟ ଅନୁଚ୍ଛେଦ 5.6.2.1)

**ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ରାଜ୍ୟ ସରକାରଙ୍କ ଦ୍ୱାରା ରୂସା ପାଣ୍ଠି ପ୍ରଦାନ କରିବାରେ ବିଳମ୍ବ ସମ୍ବନ୍ଧୀୟ ବିବରଣ**

(ପରିମାଣ କୋଟି ଟଙ୍କାରେ)

| କ୍ରମିକ ସଂଖ୍ୟା | ଅନୁଷ୍ଠାନଗୁଡ଼ିକର ନାମ | ଉପାଦାନର ନାମ ଯେଉଁଥିରେ କେନ୍ଦ୍ରୀୟ ଅଂଶ ପ୍ରାପ୍ତ କରାଯାଇଥିଲା | କେନ୍ଦ୍ରୀୟ ଅଂଶ ପ୍ରାପ୍ତ କରିବାର ତାରିଖ | ପ୍ରାପ୍ତ ହୋଇଥିବା କେନ୍ଦ୍ରୀୟ ଅଂଶର ପରିମାଣ | ରାଜ୍ୟ ଦ୍ୱାରା ପ୍ରଦାନ କରାଯାଉଥିବା ଅଂଶର ପରିମାଣ | ପ୍ରଦାନ କରାଯାଇଥିବା ମୋଟ ରାଶି | ବିଶ୍ୱବିଦ୍ୟାଳୟ/ ମହାବିଦ୍ୟାଳୟଗୁଡ଼ିକୁ ପ୍ରଦାନ କରାଯାଇଥିବା ମୋଟ ରାଶିର ତାରିଖ | ପାଣ୍ଠି ପ୍ରଦାନ କରିବାରେ ବିଳମ୍ବ (ଦିନରେ) |
|---|---|---|---|---|---|---|---|---|
| 1 | ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ, ତାଳଚେର | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 23-03-2019 | 0.60 | 0.40 | 1.00 | 16-08-2019 | 146 |
| 2 | ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ, ଟିଟିଲାଗଡ଼, ବଲାଙ୍ଗିର | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |
| 3 | ରେମୁଣା ଡିଗ୍ରୀ ମହାବିଦ୍ୟାଳୟ, ରେମୁଣା, ବାଲେଶ୍ୱର | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |
| 4 | ସରସ୍ୱତୀ ଡିଗ୍ରୀ ମହାବିଦ୍ୟାଳୟ, ଅନନ୍ତପୁର, ବାଲେଶ୍ୱର | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |
| 5 | ଖଇରା ଡିଗ୍ରୀ ମହାବିଦ୍ୟାଳୟ, ଖଇରା, ବାଲେଶ୍ୱର | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |
| 6 | ଡକ୍ଟର ଯଦୁନାଥ ଡିଗ୍ରୀ ମହାବିଦ୍ୟାଳୟ, ରସଲପୁର, ବାଲେଶ୍ୱର | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |
| 7 | ଡକ୍ଟର ହରେକୃଷ୍ଣ ମହତାବ ଡିଗ୍ରୀ ମହାବିଦ୍ୟାଳୟ, କୁପାରୀ, ବାଲେଶ୍ୱର | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |
| 8 | ମୋହନ ସୁବୁଦ୍ଧି ଡିଗ୍ରୀ ମହାବିଦ୍ୟାଳୟ, ବଡ଼ମ୍ବା, କଟକ | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |
| 9 | ୟୁ.ଏନ୍. ସ୍ୱୟଂଶାସିତ ମହାବିଦ୍ୟାଳୟ, ଅଡ଼ଶପୁର, କଟକ | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |
| 10 | ଓଡ଼ାପଡ଼ା ପି.ଏସ୍. ଡିଗ୍ରୀ ମହାବିଦ୍ୟାଳୟ, ହିନ୍ଦୋଳ ରୋଡ, ଢେଙ୍କାନାଳ | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |

| କ୍ରମିକ ସଂଖ୍ୟା | ଅନୁଷ୍ଠାନଗୁଡ଼ିକର ନାମ | ଉପାଦାନର ନାମ ଯେଉଁଥିରେ କେନ୍ଦ୍ରୀୟ ଅଂଶ ପ୍ରାପ୍ତ କରାଯାଇଥିଲା | କେନ୍ଦ୍ରୀୟ ଅଂଶ ପ୍ରାପ୍ତ କରିବାର ତାରିଖ | ପ୍ରାପ୍ତ ହୋଇଥିବା କେନ୍ଦ୍ରୀୟ ଅଂଶର ପରିମାଣ | ରାଜ୍ୟ ଦ୍ୱାରା ପ୍ରଦାନ କରାଯାଉଥିବା ଅଂଶର ପରିମାଣ | ପ୍ରଦାନ କରାଯାଇଥିବା ମୋଟ ରାଶି | ବିଶ୍ୱବିଦ୍ୟାଳୟ/ ମହାବିଦ୍ୟାଳୟଗୁଡ଼ିକୁ ପ୍ରଦାନ କରାଯାଇଥିବା ମୋଟ ରାଶିର ତାରିଖ | ପାଣ୍ଠି ପ୍ରଦାନ କରିବାରେ ବିଳମ୍ବ (ଦିନରେ) |
|---|---|---|---|---|---|---|---|---|
| 11 | ଜୀରାଳ ଡିଗ୍ରୀ ମହାବିଦ୍ୟାଳୟ, ଜୀରାଳ | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |
| 12 | ସାଇନ୍ସ ସ୍ୱୟଂଶାସିତ ମହାବିଦ୍ୟାଳୟ, ହିଞ୍ଜିଳିକାଟୁ, ଗଞ୍ଜାମ | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |
| 13 | ସିଟି ଡିଗ୍ରୀ ମହାବିଦ୍ୟାଳୟ, ବ୍ରହ୍ମପୁର | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |
| 14 | ଏସ୍.ଭି.ଏମ୍. ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁର | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |
| 15 | ବରୁଣେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ, ଅରେଇ, ଯାଜପୁର | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |
| 16 | ସାଧୁ ଗୌଡେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ, କଣିକାପଡ଼ା, ଯାଜପୁର | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |
| 17 | କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |
| 18 | ପି.ଏନ୍. ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |
| 19 | ଶିଶୁ ଅନନ୍ତ ଡିଗ୍ରୀ ମହାବିଦ୍ୟାଳୟ, ବାଲିପାଟଣା | କଲେଜଗୁଡ଼ିକୁ ଭିତ୍ତିଭୂମି ଅନୁଦାନ | 12-06-2018 | 0.60 | 0.40 | 1.00 | 03-08-2018 | 52 |
| 20 | ମଡେଲ ଡିଗ୍ରୀ ମହାବିଦ୍ୟାଳୟ, ବଲାଙ୍ଗିର | ନୂତନ ମଡେଲ ଡିଗ୍ରୀ କଲେଜ ପ୍ରତିଷ୍ଠା | 21-08-2018 | 3.60 | 2.40 | 6.00 | 16-07-2019 | 329 |
| 21 | ମଡେଲ ଡିଗ୍ରୀ ମହାବିଦ୍ୟାଳୟ, ଢେଙ୍କାନାଳ | ନୂତନ ମଡେଲ ଡିଗ୍ରୀ କଲେଜ ପ୍ରତିଷ୍ଠା | 21-08-2018 | 3.60 | 2.40 | 6.00 | 16-07-2019 | 329 |
| 22 | ମଡେଲ ଡିଗ୍ରୀ ମହାବିଦ୍ୟାଳୟ, ଗଜପତି | ନୂତନ ମଡେଲ ଡିଗ୍ରୀ କଲେଜ ପ୍ରତିଷ୍ଠା | 21-08-2018 | 3.60 | 2.40 | 6.00 | 16-07-2019 | 329 |
| 23 | ମଡେଲ ଡିଗ୍ରୀ ମହାବିଦ୍ୟାଳୟ, କଳାହାଣ୍ଡି | ନୂତନ ମଡେଲ ଡିଗ୍ରୀ କଲେଜ ପ୍ରତିଷ୍ଠା | 21-08-2018 | 3.60 | 2.40 | 6.00 | 16-07-2019 | 329 |
| 24 | ମଡେଲ ଡିଗ୍ରୀ ମହାବିଦ୍ୟାଳୟ, କନ୍ଧମାଳ | ନୂତନ ମଡେଲ ଡିଗ୍ରୀ କଲେଜ ପ୍ରତିଷ୍ଠା | 21-08-2018 | 3.60 | 2.40 | 6.00 | 16-07-2019 | 329 |
| 25 | ମଡେଲ ଡିଗ୍ରୀ ମହାବିଦ୍ୟାଳୟ, କୋରାପୁଟ | ନୂତନ ମଡେଲ ଡିଗ୍ରୀ କଲେଜ ପ୍ରତିଷ୍ଠା | 21-08-2018 | 3.60 | 2.40 | 6.00 | 16-07-2019 | 329 |
| 26 | ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ମନୋନୀତ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗୁଣବତ୍ତା ଏବଂ ଉତ୍କୃଷ୍ଟତା ବୃଦ୍ଧି | 11-10-2018 | 25.00 | 16.67 | 41.67 | 07-02-2019 | 119 |

*(ଉତ୍ସ: ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଦିଆଯାଇଥିବା ତଥ୍ୟ)*

# ଶବ୍ଦକୋଷ

# ଶବ୍ଦକୋଷ

| | |
|---|---|
| ଏଆଇସିଟିଇ | ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ |
| ଏଆଇଏସ୍‌ଏଚ୍‌ଇ | ସର୍ବଭାରତୀୟ ଉଚ୍ଚଶିକ୍ଷା ସର୍ଭେ |
| ଏଆଇୟୁ | ଭାରତୀୟ ବିଶ୍ୱବିଦ୍ୟାଳୟ ସଂଗଠନ |
| ଏକ୍ୟୁଏଆର୍ | ବାର୍ଷିକ ଗୁଣବତ୍ତା ନିଶ୍ଚିତତା ରିପୋର୍ଟ |
| ବିଓଏସ୍ | ବୋର୍ଡ ଅଫ୍ ଷ୍ଟଡିଜ୍ |
| ସିଏଟି | ସାଧାରଣ ଆଡମିଶନ ପରୀକ୍ଷା |
| ସିବିସିଏସ୍ | ପସନ୍ଦ ଆଧାରିତ କ୍ରେଡିଟ୍ ସିଷ୍ଟମ୍ |
| ସିସିସି | କ୍ୟାରିୟର କାଉନସେଲିଂ ସେଲ୍ |
| ସିଡିସି | କଲେଜ ବିକାଶ ପରିଷଦ |
| ସିଇଡିସି | ସମ୍ପ୍ରଦାୟ ଶିକ୍ଷା ବିକାଶ କକ୍ଷ |
| ସିଓଇ | ପରୀକ୍ଷା ନିୟନ୍ତ୍ରକ |
| ସିଓଏଫ୍ | ବିତ୍ତ ନିୟନ୍ତ୍ରକ |
| ଡିଡିସିଇ | ଦୂର ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ |
| ଡିଏଚ୍‌ଇ | ଉଚ୍ଚଶିକ୍ଷା ବିଭାଗ |
| ଇଓସି | ସମାନ ସୁଯୋଗ ସେଲ୍ |
| ଏଫ୍‌ୱାଇପି | ପଞ୍ଚବାର୍ଷିକ ଯୋଜନା |
| ଜିଇଆର୍ | ମୋଟ ନାମଲେଖା ଅନୁପାତ |
| ଜିଏମ୍‌ଏଟି | ସ୍ନାତକ ପରିଚାଳନା ଆଡମିଶନ ପରୀକ୍ଷା |
| ଜିଆର୍‌ଇ | ସ୍ନାତକ ରେକର୍ଡ ପରୀକ୍ଷା |
| ଏଚ୍‌ଇଆଇ | ଉଚ୍ଚଶିକ୍ଷା ପ୍ରତିଷ୍ଠାନ |
| ଆଇସିଟି | ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟା |
| ଆଇଏଫ୍‌ଏମ୍‌ଏସ୍ | ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା |
| ଆଇଏଲ୍‌ଓ | ଆନ୍ତର୍ଜାତୀୟ ଶ୍ରମ ସଂଗଠନ |
| ଆଇକ୍ୟୁଏସି | ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା କକ୍ଷ |
| କେପିଆଇ | ମୁଖ୍ୟ କାର୍ଯ୍ୟଦକ୍ଷତା ସୂଚକ |
| ଏଲ୍‌ଏମ୍‌ଏସ୍ | ଶିକ୍ଷା ପରିଚାଳନା ପ୍ରଣାଳୀ |
| ଏମ୍‌ଡିସି | ଆଦର୍ଶ ସ୍ନାତକ ମହାବିଦ୍ୟାଳୟ |
| ଏମ୍‌ଏଚ୍‌ଆର୍‌ଡି | ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ |
| ଏମ୍‌ଆଇଏସ୍ | ପରିଚାଳନା ସୂଚନା ପ୍ରଣାଳୀ |
| ଏମ୍‌ଓୟୁ | ବୁଝାମଣା ପତ୍ର |
| ନାକ୍ (ଏନ୍‌ଏଏସି) | ଜାତୀୟ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପରିଷଦ |
| ଏନ୍‌ଇପି | ଜାତୀୟ ଶିକ୍ଷା ନୀତି |
| ଏନ୍‌ଇଟି | ଜାତୀୟ ଯୋଗ୍ୟତା ପରୀକ୍ଷା |
| ଏନ୍‌ଆଇଆର୍‌ଏଫ୍ | ଜାତୀୟ ଅନୁଷ୍ଠାନ ମାନ୍ୟତା ଢାଞ୍ଚା |
| ଏନ୍‌ଆଇଟିଆଇ | ଭାରତର ରୂପାନ୍ତର ପାଇଁ ଜାତୀୟ ଅନୁଷ୍ଠାନ |
| ଏନ୍‌ଓୟୁ | ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ |
| ଓବିସି | ଅନ୍ୟାନ୍ୟ ପଛୁଆ ଶ୍ରେଣୀ |
| ଓବିଏମ୍ | ଓଡ଼ିଶା ବଜେଟ୍ ମାନୁଆଲ |
| ଓଇଆର୍ | ଓଡ଼ିଶା ଶିକ୍ଷା (ବେସରକାରୀ ମହାବିଦ୍ୟାଳୟର ପ୍ରତିଷ୍ଠା, ସ୍ୱୀକୃତି ଏବଂ ପରିଚାଳନା) ନିୟମ |
| ଓଏସ୍‌ଏଚ୍‌ଇସି | ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ |
| ଓୟୁ | ଓଡ଼ିଶା ବିଶ୍ୱବିଦ୍ୟାଳୟ |

| | |
|---|---|
| ଓୟୁଏଫ୍‌ଏସ୍ | ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରଥମ ନିୟମ |
| ପିଏଫ୍‌ଏମ୍‌ଏସ୍ | ସାର୍ବଜନିକ ଆର୍ଥିକ ପରିଚାଳନା ବ୍ୟବସ୍ଥା |
| ପିଜି | ସ୍ନାତକୋତ୍ତର |
| ପିଏମ୍‌ୟୁ | ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ |
| ପିଟିସି | କାର୍ଯ୍ୟଦକ୍ଷତା ଟ୍ରାକିଂ ସେଲ୍ |
| ପିଡବ୍ଲୁଡି | ଅକ୍ଷମତା ଥିବା ବ୍ୟକ୍ତି ବା ଦିବ୍ୟାଙ୍ଗ |
| ଆର୍‌ଡି | ଆଞ୍ଚଳିକ ନିର୍ଦ୍ଦେଶକ |
| ଆର୍‌ଏଫ୍‌ଆଇଡି | ରେଡିଓ ଫ୍ରିକ୍ୱେନ୍ସି ଚିହ୍ନଟ ଉପକରଣ |
| ଆରୟୁଏସ୍‌ଏ (ରୁସା) | ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ |
| ଏସ୍‌ଏଏମ୍‌ଏସ୍ | ଛାତ୍ର ଶୈକ୍ଷିକ ପରିଚାଳନା ବ୍ୟବସ୍ଥା |
| ଏସ୍‌ଡିଜି | ସ୍ଥାୟୀ ବିକାଶ ଲକ୍ଷ୍ୟ |
| ଏସ୍‌ଏଚ୍‌ଇସି | ରାଜ୍ୟ ଉଚ୍ଚଶିକ୍ଷା ପରିଷଦ |
| ଏସ୍‌ଏଲ୍‌ଇଟି | ରାଜ୍ୟ ସ୍ତର ଯୋଗ୍ୟତା ପରୀକ୍ଷା |
| ଏସ୍‌ଏଲ୍‌କ୍ୟୁଏସି | ରାଜ୍ୟ ସ୍ତର ଗୁଣବତ୍ତା ନିଶ୍ଚିତତା କକ୍ଷ |
| ଏସ୍‌ଏସ୍‌ଆର୍ | ଆତ୍ମ ଅଧ୍ୟୟନ ରିପୋର୍ଟ |
| ଏସ୍‌ଟିଆର୍ | ଛାତ୍ର ଶିକ୍ଷକ ଅନୁପାତ |
| ଟିଓଇଏଫ୍‌ଏଲ୍ | ବିଦେଶୀ ଭାଷା ଭାବରେ ଇଂରାଜୀ ପରୀକ୍ଷା |
| ୟୁଜି | ସ୍ନାତକ |
| ୟୁଜିସି | ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ |
| ୟୁଏନ୍‌ଡିପି | ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ |
| ୟୁପିଏସ୍‌ସି | କେନ୍ଦ୍ର ଲୋକସେବା ଆୟୋଗ |
| ୟୁୟୁ | ଉତ୍କଳ ବିଶ୍ୱବିଦ୍ୟାଳୟ |
| ଭିସି | କୁଳପତି |

© ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ

www.saiindia.gov.in

www.agodisha.gov.in